DHARITRI
51 Years

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧/୨୦୨୫ (୧୪ ପୃଷ୍ଠା) Bhubaneswar, Friday, August 1/2025 Page 14 ₹ 7.00

୫୧ଶ ଭାଗ ୨୪୭ ସଂଖ୍ୟା। www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 247 ମୂଲ୍ୟ ₹୭/-


# ଭାରତୀୟ ଅର୍ଥନୀତି ମୃତ: ଟ୍ରମ୍ପ୍

**ଆମେରିକାର ଅନିଚ୍ଛା ଓ ଚାପ ସତ୍ତ୍ୱେ ରୁଷିଆଠାରୁ ଭାରତ ବିପୁଳ ତୈଳ, ପ୍ରତିରକ୍ଷା ସାମଗ୍ରୀ କିଣିବାରେ ଲାଗିଛି। ଏଥିରେ ଅତିଷ୍ଠ ହୋଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଭାରତ ଉପରେ ୨୫% ଟାରିଫ୍ (ଆମଦାନୀ ଶୁଳ୍କ) ଏବଂ ଜରିମାନା ଲଗାଇଥିଲେ। ଏହାର କିଛି ଘଣ୍ଟା ପରେ ଟ୍ରମ୍ପ୍ ରୁଷୀୟ ଏବଂ ଭାରତୀୟ ଅର୍ଥନୀତିକୁ ମୃତ ବୋଲି ଅଭିହିତ କରିଛନ୍ତି। ଭାରତ ରୁଷିଆ ସହ କ'ଣ କରୁଛି ତାହାକୁ ଆମେରିକା ଖାତିର କରୁନାହିଁ। ସେମାନେ ମିଳିତ ଭାବେ ନିଜ ମୃତ ଅର୍ଥନୀତିକୁ ନିମ୍ନଗାମୀ କରି ବୁଡ଼ିଯାଆନ୍ତୁ, ଏଥିରେ ଆମେରିକାର କୌଣସି ପରବାୟ ନାହିଁ ବୋଲି ସେ କହିଛନ୍ତି। ଗୁରୁବାର ଟ୍ରମ୍ପ୍ ଏଭଳି ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇବା ସହ ଭାରତ ଉପରେ ଚାପ ସୃଷ୍ଟି ପାଇଁ ସବୁ ପ୍ରକାର ଉଦ୍ୟମ କରିଛନ୍ତି। ତଦନୁଯାୟୀ ଭାରତର ପାରମ୍ପରିକ ଶତ୍ରୁ ରାଷ୍ଟ୍ର ଭାବେ ପରିଚିତ ପଡ଼ୋଶୀ ପାକିସ୍ତାନ ସହ ଆମେରିକା ତୈଳ କାରବାର କରିବ ବୋଲି ଟ୍ରମ୍ପ୍ ଘୋଷଣା କରିଛନ୍ତି। ସେହିପରି ଇରାନ ସହ ତୈଳ କାରବାର କରୁଥିବା ୬ ଭାରତୀୟ କମ୍ପାନୀ ଉପରେ ଆମେରିକା କଟକଣା ଲଗାଇଛି। ଭାରତୀୟ ତଥ୍ୟାଭିଜ୍ଞ ମହଲ ଏସବୁକୁ ୨୪ ଘଣ୍ଟା ମଧ୍ୟରେ ଟ୍ରମ୍ପ୍ ୩ଟି ବଡ଼ ପ୍ରହାର ବୋଲି କହିବା ସହ ଏଥିଯୋଗୁ ଦେଶର ଅର୍ଥନୀତି ଓ ସୁରକ୍ଷା ପ୍ରଭାବିତ ହେବା ଆଶଙ୍କା କରୁଛି। ରୁଷିଆ, ଚାଇନା ସଦସ୍ୟ ଥିବା 'ବ୍ରିକ୍ସ' ରାଷ୍ଟ୍ରଗୋଷ୍ଠୀକୁ ଆମେରିକା ବିରୋଧ କରିବା ସହ ଡଲାର ବିରୋଧୀଙ୍କୁ ତଳିତଳାନ୍ତ କରିଦେବୁ ବୋଲି ଟ୍ରମ୍ପ୍ ଖୋଲା ଧମକ ଦେଇଛନ୍ତି। ଏଭଳିସ୍ଥଳେ ଭାରତ 'ବ୍ରିକ୍ସ'ର ସଦସ୍ୟ ଥିବାରୁ ନୂଆଦିଲ୍ଲୀ ଏବେ ୱାଶିଂଟନର ଟାର୍ଗେଟ୍‌କୁ ଆସିଯାଇଥିବା ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ମଙ୍ଗଳବାର ଲୋକ ସଭାରେ 'ଅପରେଶନ ସିନ୍ଦୂର' ବିତର୍କ ବେଳେ ଯେଉଁ ଢଙ୍ଗରେ ଆମେରିକାର ଭୂମିକା ସମ୍ପର୍କରେ କହିଥିଲେ, ତାହା ଟ୍ରମ୍ପ୍‌ଙ୍କୁ କ୍ରୋଧାନ୍ୱିତ କରିଦେଇଛି ବୋଲି କେତେକେ ମତ ଦେଇଛନ୍ତି।**



ଡୋନାଲ୍ଡ ଟ୍ରମ୍ପ୍

ୱାଶିଂଟନ୍/ନୂଆଦିଲ୍ଲୀ,୩୧।୭(ପି.ଟି./ରଏଟର୍ସ)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ କହିଛନ୍ତି, ସେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରଠୁ ଭାରତ ସହ ଆମେରିକା ଖୁବ୍ କମ୍ ବ୍ୟବସାୟ କରିଛି। ଭାରତର ଟାରିଫ୍ ବିଶ୍ୱରେ ସର୍ବାଧିକ। ରୁଷିଆ ସହ ଆମେରିକା ପ୍ରାୟ କିଛି ବ୍ୟବସାୟ କରିନାହିଁ। ଏହି ଧାରା ସେମିତି ଚାଲିଥାଉ ଏବଂ ନିଜକୁ ଏବେ ମଧ୍ୟ ରୁଷିଆ ରାଷ୍ଟ୍ରପତି ବୋଲି ମନେକରୁଥିବା ପୂର୍ବତନ ବିଫଳ ରାଷ୍ଟ୍ରପତି ଡିମିଟ୍ରି ମେଡ୍‌ଭେଡେଭ୍‌ଙ୍କୁ କୁହ, ସେ ତାଙ୍କ କଥା ଶୁଣନ୍ତୁ। ମେଡ୍‌ମେଡେଭ୍ ଅତ୍ୟନ୍ତ ବିପଜ୍ଜନକ ଭୂଖଣ୍ଡକୁ ପ୍ରବେଶ କରୁଛନ୍ତି ବୋଲି ଟ୍ରମ୍ପ୍ ସମାଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଟ୍ରେଡ୍ ଡିଲ୍ ପାଇଁ ମୂଳଚାଲ କରିବା ଲାଗି ଆମେରିକାର ଏକ ବାଣିଜ୍ୟିକ ଚୁକ୍ତି ଟିମ୍ ଅଗଷ୍ଟ ୨୫ରେ ଭାରତ ଗସ୍ତ କରୁଥିବା ନେଇ ମଙ୍ଗଳବାର ଭାରତୀୟ ଅଧିକାରୀମାନେ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଏଆଇ ବନ୍ଧୁ ନୁହେଁ

## ପାକ୍ ସହ ତୈଳ ଚୁକ୍ତିରେ ସ୍ୱାକ୍ଷର କଲେ ଟ୍ରମ୍ପ୍

ନ୍ୟୁୟର୍କ/ଇସ୍‌ଲାମାବାଦ,୩୧।୭

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ବିରୋଧରେ ବାଣିଜ୍ୟ କ୍ଷେତ୍ରରେ କେବଳ କଠୋର ପଦକ୍ଷେପ ଘୋଷଣା କରିନାହାନ୍ତି, ବରଂ ସେ ଭାରତର ଶତ୍ରୁରାଷ୍ଟ୍ର ପାକିସ୍ତାନକୁ ସୁହାଇଲା ଭଳି କାର୍ଯ୍ୟ ମଧ୍ୟ କରିଛନ୍ତି। ଟ୍ରମ୍ପ୍ ଗୁରୁବାର ପାକିସ୍ତାନ ସହ ଏକ ଅଏଲ୍ ଡିଲ୍‌ରେ ସ୍ୱାକ୍ଷର କରିଥିବା ନେଇ ଘୋଷଣା କରିଛନ୍ତି। ଦକ୍ଷିଣ ଭାରତୀୟ ରାଷ୍ଟ୍ର ପାକିସ୍ତାନର ବୃହତ୍ ତୈଳ ଭଣ୍ଡାରକୁ ବିକଶିତ କରିବା ଦିଗରେ ୱାଶିଂଟନ୍ କାର୍ଯ୍ୟ କରିବ। ଏପରି ଦିନ ଆସିବ, ଯେତେବେଳେ ପାକିସ୍ତାନ ମଧ୍ୟ ଭାରତକୁ ତୈଳ ବିକ୍ରି କରିପାରେ ବୋଲି ଟ୍ରମ୍ପ୍ କହିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି, ପାକିସ୍ତାନ ସହ ଆମେରିକା ଏବେ ଏକ ଡିଲ୍‌ରେ ସ୍ୱାକ୍ଷର କରିଛି। ତଦନୁସାରେ ଇସ୍‌ଲାମାବାଦ ଓ ୱାଶିଂଟନ୍ ମିଳିତ ଭାବେ ପାକିସ୍ତାନର ତୈଳ ଭଣ୍ଡାରଗୁଡ଼ିକୁ ବିକଶିତ କରିବେ। ଏହି ସହଭାଗିତାର ☞ ପୃଷ୍ଠା-୪

## ୬ ଭାରତୀୟ କମ୍ପାନୀ ଉପରେ କଟକଣା ଲଗାଇଲା ଆମେରିକା

ଇରାନୀୟ ପେଟ୍ରୋକେମିକାଲ ଉତ୍ପାଦ କ୍ରୟକରି ସେଗୁଡ଼ିକୁ ବିକୁଥିବା ଭାରତର ୬ଟି କମ୍ପାନୀ ଉପରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ କଟକଣା ଲଗାଇଛନ୍ତି। ଇରାନ ଶାସକ ଏହାର ଅସ୍ଥିରତା ସୃଷ୍ଟିକାରୀ କାର୍ଯ୍ୟରେ ପାଣ୍ଠି ବିନିଯୋଗ ପାଇଁ ମଧ୍ୟପ୍ରାଚ୍ୟରେ ଇନ୍ଧନ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଆସିଛନ୍ତି। ବିଦେଶରେ ଆତଙ୍କବାଦକୁ ସମର୍ଥନ ସହ ଏହାର ନିଜ ଲୋକଙ୍କ ଉପରେ ଅତ୍ୟାଚାର ପାଇଁ ଇରାନୀୟ ଶାସକ ବ୍ୟବହାର କରୁଥିବା ରାଜସ୍ୱ ଉତ୍ସକୁ ବନ୍ଦ କରିବା ☞ ପୃଷ୍ଠା-୪

## ଦେଶ ସ୍ୱାର୍ଥରେ ପଦକ୍ଷେପ ନିଆଯିବ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୨୫% ଟିକସ କଷିବା ପରେ ଗୁରୁବାର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତର ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ସବୁ ପ୍ରକାର ପଦକ୍ଷେପ ନେବେ। ଟ୍ରମ୍ପ୍‌ଙ୍କ ନୂଆ ଟାରିଫ୍ ଲାଗୁ ହେବାକୁ ଦିନେ ବାକି ଥିବାବେଳେ ସଂସଦର ମୌସୁମୀ ଅଧିବେଶନରେ ଲୋକ ସଭାରେ ଗୋୟଲ ନିଜ ☞ ପୃଷ୍ଠା-୪



ପୀୟୂଷ ଗୋୟଲ


This is an advertisement for information purpose and is not a prospectus announcement.

ICL FINCORP LIMITED

SECURED, REDEEMABLE NON-CONVERTIBLE DEBENTURES NCD

CREDIT RATING CRISIL BBB-/ STABLE

ICL Join ICL, Grow with us

ICL Fincorp

UP TO DOUBLE RETURNS IN 70 MONTHS*

*BASED ON EFFECTIVE YIELD ON CUMULATIVE BASIS UNDER OPTION X, 70 MONTHS, TDS AS APPLICABLE.

ISSUE OPENS ON: JULY 31, 2025 (THURSDAY) ISSUE CLOSES ON: AUGUST 13, 2025 (WEDNESDAY)*

*The Issue shall remain open for subscription on Working Days from 10:00 a.m. to 5:00 p.m. (Indian Standard Time), during the period indicated above, except that the Issue may close on such earlier date or extended date as may be decided by the Board of directors or debenture issue committee of our Company, subject to relevant approvals (subject to a minimum period of two working days and a maximum period of 10 working days from the date of opening of this Issue). In the event of an early closure or extension of the Issue, our Company shall ensure that notice of such early closure or extension is given to the prospective investors through an advertisement in a national daily newspaper and a regional daily newspaper in Tamil Nadu where the registered office is located, with wide circulation on or before such earlier date or extended date of closure. Application Forms for the Issue will be accepted only from 10:00 a.m. to 5:00 p.m. (Indian Standard Time) or such extended time as may be permitted by the Stock Exchange, on Working Days during the Issue Period. On the Issue Closing Date, Application Forms will be accepted only between 10:00 a.m. to 3:00 p.m. and uploaded until 5:00 p.m. (Indian Standard Time) or such extended time as may be permitted by the Stock Exchange.

Issue Structure: (For detailed Issue Structure refer Prospectus dated July 25, 2025)

| | |
|---|---|
| Face value : ₹ 1,000 each | Minimum application size : ₹ 10,000 (10 NCDs) & in multiples of 1 NCD thereafter |
| Tenure (months) : 13, 24, 36, 60 and 70 | |
| Schemes : 10 schemes with 10 ISINs | Payout options : Monthly, Annually & Cumulative |

THE ISSUE

PUBLIC ISSUE BY OUR COMPANY OF 10,00,000 SECURED, REDEEMABLE, NON-CONVERTIBLE DEBENTURES OF FACE VALUE OF ₹1,000 EACH, ("NCDS") AT PAR, FOR AN AMOUNT UP TO ₹5,00,000 THOUSAND ("BASE ISSUE SIZE") WITH AN OPTION TO RETAIN OVERSUBSCRIPTION OF UP TO ₹5,00,000 THOUSAND, AGGREGATING UP TO ₹10,00,000 THOUSAND, (HEREINAFTER REFERRED TO AS THE "ISSUE SIZE"). THE ISSUE IS BEING MADE PURSUANT TO THE PROVISIONS OF SECURITIES AND EXCHANGE BOARD OF INDIA (ISSUE AND LISTING OF NON-CONVERTIBLE SECURITIES) REGULATIONS, 2021, AS AMENDED, THE COMPANIES ACT, 2013 AND RULES MADE THEREUNDER TO THE EXTENT NOTIFIED AND THE SEBI MASTER CIRCULAR AS AMENDED FROM TIME TO TIME. THE ISSUE IS NOT PROPOSED TO BE UNDERWRITTEN.

| COUPON RATE: (MONTHLY OPTIONS) | OPTION IV | OPTION III | OPTION II | OPTION I |
|---|---|---|---|---|
| | 12.00*% PER ANNUM 60 MONTHS | 11.50*% PER ANNUM 36 MONTHS | 11.00*% PER ANNUM 24 MONTHS | 10.50*% PER ANNUM 13 MONTHS |

*Indicating coupon rates for monthly options only. Refer Prospectus dated July 25, 2025 to view effective yield for monthly, annually and cumulative options.

To Know More: Visit Nearest ICL Fincorp Branch | To Download Application: Visit www.iclfincorp.com
For Enquiries: Call +91 85890 20137, +91 85890 20186

Reg. Office: Plot No: C308, Door No: 66/40, 4th Avenue, Ashok Nagar, Chennai- 600 083, Tamil Nadu, India.
Corp. Office: ICL Fincorp Limited, Main Road, Irinjalakuda, Thrissur-680121, Kerala, India.
Branches: Kerala | Tamil Nadu | Andhra Pradesh | Telangana | Karnataka | Maharashtra | Odisha | Gujarat | West Bengal iclfincorp



DSPL - 188

ସତ୍ୟମେବ ଜୟତେ

ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

### ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ ଅବଧି ୧୪ ଅଗଷ୍ଟକୁ ବୃଦ୍ଧି

**ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ**

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC), ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, **ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

**ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ**

ପଞ୍ଜିକରଣର ଶେଷ ତାରିଖ
**୧୪ ଅଗଷ୍ଟ ୨୦୨୫**

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/13/0031/2526

## ପିଏମ୍-କିଷାନ ସମ୍ମାନ ନିଧି: ୨ରେ କିସ୍ତି ପାଇବେ ୯.୭ କୋଟି ଚାଷୀ

**ନୂଆଦିଲ୍ଲୀ, ୩୧।୭**

ପ୍ରଧାନମନ୍ତ୍ରୀ କିଷାନ୍ ସମ୍ମାନ ନିଧି (ପିଏମ୍-କିଷାନ)ର ୨୦ତମ କିସ୍ତିକୁ ଆସନ୍ତା ୨ ତାରିଖରେ ଜାରି କରାଯିବ। ଉତ୍ତରପ୍ରଦେଶର ବାରାଣସୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ ପିଏମ-କିଷାନର ୨୦ତମ କିସ୍ତିକୁ ଜାରି କରିବେ। ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ସମୀକ୍ଷା କରିବା ପାଇଁ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ବୁଧବାର ନୂଆଦିଲ୍ଲୀଠାରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପିଏମ୍-କିଷାନର ୨୦ତମ କିସ୍ତିରେ ୯.୭ କୋଟି ଚାଷୀଙ୍କ ନିକଟକୁ ୨୦ ହଜାର ୫୦୦ କୋଟି ଟଙ୍କା ହସ୍ତାନ୍ତର କରାଯିବ। ୨୦୧୯ରେ ପିଏମ୍-କିଷାନ ଯୋଜନା ଆରମ୍ଭ ହେବା ପରଠାରୁ ଏବେସୁଦ୍ଧା ୧୯ଟି କିସ୍ତି ମାଧ୍ୟମରେ ଯୋଗ୍ୟ ଚାଷୀଙ୍କ ଆକାଉଣ୍ଟକୁ ୩.୬୯ ଲକ୍ଷ କୋଟି ଟଙ୍କା ପଠାଯାଇସାରିଛି।



ରୁଷିଆ ଆକ୍ରମଣରେ ୟୁକ୍ରେନ୍‌ର କିଭ୍‌ସ୍ଥିତ ଏକ ଆପାର୍ଟମେଣ୍ଟ ଧ୍ୱଂସ ହୋଇଯାଇଥିବାବେଳେ ଭଗ୍ନାବଶେଷ ତଳୁ ନିଜ ପୁଅଙ୍କୁ ଉଦ୍ଧାର କରି ଅଣାଯିବାକୁ ଅପେକ୍ଷା କରିଛନ୍ତି ଜଣେ ମହିଳା।

## ନିର୍ବାଚନ ପୂର୍ବରୁ ଏନ୍‌ଡିଏ ଛାଡ଼ିଲେ ଓପିଏସ୍

**ଚେନ୍ନାଇ, ୩୧।୭**



ଓ ପନୀରସେଲ୍‌ଭାମ୍

ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏକ ନାଟକୀୟ ରାଜନୈତିକ ଘଟଣାକ୍ରମରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେରୁ ବହିଷ୍କୃତ ନେତା ଓ ପନୀରସେଲ୍‌ଭାମ୍ (ଓପିଏସ୍) ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛାଡ଼ିବା ନେଇ ଗୁରୁବାର ଘୋଷଣା କରିଛନ୍ତି। ପ୍ରାତଃ ଭ୍ରମଣ ବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ସହ ଭେଟ ପରେ ଓପିଏସ୍ ଏଭଳି ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଗୋଷ୍ଠୀ ବିଜୟଙ୍କ ତାମିଲାଗା ଭେଟ୍ରି କାଝାଗାମ୍ ଦଳ ସହ ମେଣ୍ଟ କରିବା ନେଇ ଓପିଏସ୍ ସଙ୍କେତ ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ତାମିଲନାଡୁର ଗଙ୍ଗାଇକୋଣ୍ଡା ଚୋଲପୁରମ୍ ଗସ୍ତରେ ଯାଇଥିବାବେଳେ ଓପିଏସ୍ ତାଙ୍କୁ ପତ୍ର ଲେଖି ଭେଟିବା ପାଇଁ ଆପଏଣ୍ଟମେଣ୍ଟ ଚାହିଁଥିଲେ। ତେବେ ତାଙ୍କୁ ଏଥିପାଇଁ ଅନୁମତି ମିଳି ନ ଥିଲା। ଏହି ଘଟଣା ପରେ ସେ ସର୍ବଶିକ୍ଷା ଅଭିଯାନ ପାଣ୍ଠି ପ୍ରଦାନରେ ବିଳମ୍ବକୁ ନେଇ ସୋସିଆଲ ମିଡିଆରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏନ୍‌ଡିଏ ସହ ସମ୍ପର୍କ ଶେଷ ହୋଇଥିବା ଓପିଏସ୍‌ଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ମନ୍ତ୍ରୀ ପୁନ୍ନୁତି ଏସ୍ ରାମଚନ୍ଦ୍ରନ ସ୍ପଷ୍ଟ କରିଛନ୍ତି। ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଓପିଏସ୍ ସାରା ରାଜ୍ୟ ଗସ୍ତ କରିବେ। ଏବେ କୌଣସି ଦଳ ସହ ତାଙ୍କ ଗୋଷ୍ଠୀର ମେଣ୍ଟ ନାହିଁ। ନିର୍ବାଚନ ନିକଟତର ହେଲେ ମେଣ୍ଟ ସମ୍ପର୍କରେ ନିଷ୍ପତ୍ତି ନେବୁ ବୋଲି ସେ କହିଛନ୍ତି।

## ମାଲେଗାଁଓ ବିସ୍ଫୋରଣ ମାମଲା

# ୭ ଅଭିଯୁକ୍ତ ଦୋଷମୁକ୍ତ



ପ୍ରଜ୍ଞା ସିଂ ଠାକୁର



**ନୂଆଦିଲ୍ଲୀ, ୩୧।୭**

୨୦୦୮ର ମାଲେଗାଁଓ ବୋମା ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ)ର ଏକ ସ୍ୱତନ୍ତ୍ର ଅଦାଲତ ଗୁରୁବାର ପୂର୍ବତନ ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁର ଏବଂ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପ୍ରସାଦ ପୁରୋହିତଙ୍କ ସମେତ ସମସ୍ତ ୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ୨୦୦୮ ସେପ୍ଟେମ୍ବର ୨୯ ତାରିଖ ପବିତ୍ର ରମଜାନ ମାସ ଅବସରରେ ମହାରାଷ୍ଟ୍ରରେ ମାଲେଗାଁଓସ୍ଥିତ ଏକ ମସ୍‌ଜିଦ ନିକଟରେ ମୋଟରସାଇକେଲ୍‌ରେ ଖଞ୍ଜା ଯାଇଥିବା ବୋମା ବିସ୍ଫୋରଣ ହେବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଥିଲେ। ରାୟ ଘୋଷଣା କରି ଏନ୍‌ଆଇଏ କୋର୍ଟର ସ୍ୱତନ୍ତ୍ର ବିଚାରପତି କହିଛନ୍ତି, ଅଭିଯୋଗ ପକ୍ଷ ଠୋସ୍ ପ୍ରମାଣ ଯୋଗାଡ଼ କରିବାରେ ବିଫଳ ହୋଇଛନ୍ତି। ସେଥିପାଇଁ ସନ୍ଦେହର ସୁବିଧା ପାଇବାକୁ ଅଭିଯୁକ୍ତ ହକ୍‌ଦାର। ଅଭିଯୋଗ ପକ୍ଷ ଯେଉଁ ପ୍ରମାଣ ଉପସ୍ଥାପନ କରିଛନ୍ତି, ସେଥିରେ ତାଳମେଳ ରହୁ ନ ଥିବା ଅଦାଲତ କହିଛନ୍ତି। ମାଲେଗାଁଓ ବିସ୍ଫୋରଣ ପଛରେ ଦୃଢ଼ ସନ୍ଦେହ ରହିଥାଇପାରେ। କିନ୍ତୁ କେବଳ ସନ୍ଦେହ ଅଭିଯୁକ୍ତମାନଙ୍କୁ ଦଣ୍ଡିତ କରିବା ପାଇଁ ଯଥେଷ୍ଟ ନୁହେଁ। ସେମାନଙ୍କୁ ଦୋଷୀସାବ୍ୟସ୍ତ କରିବା ପାଇଁ ଉଚ୍ଚ ଡିଗ୍ରୀର ସନ୍ଦେହ ପର୍ଯ୍ୟାପ୍ତ ନୁହେଁ। ସେଥିପାଇଁ ସନ୍ଦେହର ସୁବିଧା ସେମାନଙ୍କୁ ଦିଆଯାଇଛି। ଆତଙ୍କବାଦର କୌଣସି ଧର୍ମ ନାହିଁ। ତେବେ ନୈତିକତା ଆଧାରରେ ଦୋଷୀସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ପାଖାପାଖି ୧୭ ବର୍ଷର ଏହି ମାମଲାରେ ଦୀର୍ଘଦିନର ତଦନ୍ତ ଓ ଶୁଣାଣି ପରେ ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଅଭିଯୋଗରେ ଲ୍ୟୁଟ୍‌ନାଣ୍ଟ କଲୋନେଲ ପୁରୋହିତ, ପ୍ରଜ୍ଞା ଠାକୁର, ଅବସରପ୍ରାପ୍ତ ମେଜର ରମେଶ ଉପାଧ୍ୟାୟ, ଅଜୟ ରାହିରକର, ସୁଧାକର ଦ୍ୱିବେଦୀ, ସୁଧାକର ଚତୁର୍ବେଦୀ ଏବଂ ସମୀର କୁଲ୍‌କର୍ଣ୍ଣୀଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ), ମହାରାଷ୍ଟ୍ର ସଂଗଠିତ ଅପରାଧ ନିୟନ୍ତ୍ରଣ ଆଇନ (ମକୋକା) ଏବଂ ଆଇପିସିର ବ୍ୟବସ୍ଥା ଅନୁଯାୟୀ ବିଚାର ଚାଲିଥିଲା। ବିସ୍ଫୋରଣରେ ସାମିଲ ଥିବା ମୋଟରସାଇକେଲ ପ୍ରଜ୍ଞା ଠାକୁରଙ୍କର ବୋଲି କୌଣସି ପ୍ରମାଣ ମିଳି ନ ଥିଲା। ବିସ୍ଫୋରଣର ୨ ବର୍ଷ ପୂର୍ବରୁ ପ୍ରଜ୍ଞା ସାଧ୍ୱୀ ହେବା ସହ ସମସ୍ତ ଭୌତିକ ସାମଗ୍ରୀ ତ୍ୟାଗ କରିଥିଲେ ବୋଲି କୋର୍ଟ କହିଛନ୍ତି।

## ‘ହିନ୍ଦୁ ଆତଙ୍କବାଦ’ କଂଗ୍ରେସର ଷଡ଼ଯନ୍ତ୍ର

### ସୋନିଆ, ରାହୁଲ କ୍ଷମା ମାଗିବା ଆବଶ୍ୟକ: ଭାଜପା

**ନୂଆଦିଲ୍ଲୀ, ୩୧।୭ (ପି.ଟି.)**



ରବିଶଙ୍କର ପ୍ରସାଦ

ମାଲେଗାଁଓ ବିସ୍ଫୋରଣ ମାମଲାରେ ସମସ୍ତ ୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯାଇଥିବାରୁ ଭାଜପା ଉକ୍ତ ରାୟକୁ ସ୍ୱାଗତ କରିଛି। ଗୈରିକ ଦଳ ଓ ନରେନ୍ଦ୍ର ମୋଦିଙ୍କ ଉତ୍ଥାନକୁ ରୋକିବା ଏବଂ ମୁସଲମାନ ଭୋଟବ୍ୟାଙ୍କକୁ ତୁଷ୍ଟ କରିବା ପାଇଁ ତତ୍କାଳୀନ କ୍ଷମତାରେ ଥିବା କଂଗ୍ରେସ ‘ହିନ୍ଦୁ ଆତଙ୍କବାଦ’ ସୂତ୍ର ସୃଷ୍ଟି କରିଥିଲା ବୋଲି ଭାଜପା ଗୁରୁବାର ଅଭିଯୋଗ କରିଛି। ଦୋଷମୁକ୍ତ ହୋଇଥିବା ଭାଜପାର ପୂର୍ବତନ ଏମ୍‌ପି ପ୍ରଜ୍ଞା ସିଂ ଠାକୁର ଏବଂ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପ୍ରସାଦ ପୁରୋହିତଙ୍କ ସମେତ ସମସ୍ତଙ୍କୁ କ୍ଷତିପୂରଣ ଦିଆଯିବା ସହ ସେମାନଙ୍କ ବିରୋଧରେ ମିଥ୍ୟା ପ୍ରମାଣ ଯୋଡ଼ିଥିବା ଓ ନିର୍ଯ୍ୟାତନା ଦେଇଥିବା ଅଭିଯୋଗକାରୀ ପକ୍ଷ କ୍ଷମା ମାଗନ୍ତୁ ବୋଲି ଭାଜପା ନେତା ରବିଶଙ୍କର ପ୍ରସାଦ ଦାବି କରିଛନ୍ତି। ସେହିପରି ଯେଉଁ ଅଫିସରମାନେ ନିର୍ଦ୍ଦୋଷଙ୍କୁ ମାମଲାରେ ଫସାଇବା ସହ ନିର୍ଯ୍ୟାତନା ଦେଇଥିଲେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି। ଭୋଟବ୍ୟାଙ୍କର ତୁଷ୍ଟୀକରଣ ପାଇଁ କଂଗ୍ରେସ ଯେକୌଣସି ସ୍ତରକୁ ଯାଇପାରେ। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଏହା କଂଗ୍ରେସର ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା ବୋଲି ରବିଶଙ୍କର କହିଛନ୍ତି। ହିନ୍ଦୁ ଆତଙ୍କବାଦ ସଂଗଠନ ଓ ଗୈରିକ ଆତଙ୍କବାଦ ଅଭିଯୋଗ ଲଦି ଦେବା ପାଇଁ କଂଗ୍ରେସ ଚଳାଇଥିବା ଷଡ଼ଯନ୍ତ୍ର ପଣ୍ଡ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ଉପରେ ପ୍ରଶ୍ନକୁ ଏଡ଼ାଇଯାଇ ଭାରତୀୟ ଅର୍ଥନୀତି ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟକୁ ନେଇ କେନ୍ଦ୍ରକୁ ସମାଲୋଚନା କରୁଥିବା ରବିଶଙ୍କର ଅଭିଯୋଗ କରିଛନ୍ତି।

## ରାଜପଥରେ ହଠାତ୍ ବ୍ରେକ୍ ଦେବା ଅବହେଳା: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୩୧।୭**

କାର୍‌ରେ ଯିବାବେଳେ ହର୍ନ ନ ବଜାଇ ହଠାତ୍ ବ୍ରେକ୍ ମାରିବା ଡ୍ରାଇଭରଙ୍କ ଅବହେଳା। ଏଥିଯୋଗୁ ସଡ଼କ ଦୁର୍ଘଣଟା ଘଟିଲେ ଚାଳକଙ୍କୁ ଦାୟୀ କରାଯିବ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ୍ ସୁଧାଂଶୁ ଧୂଲିଆ ଏବଂ ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଜଣେ ଡ୍ରାଇଭର ବେପରୁଆ ଭାବେ ରାଜପଥ ମଝିରେ ଗାଡ଼ି ରଖିପାରିବେ ନାହିଁ। ଜରୁରୀ ସମୟରେ ମଧ୍ୟ ଏପରି କଲେ ସଡ଼କରେ ଅନ୍ୟମାନଙ୍କ ପ୍ରତି ବିପଦ ରହିଥିବାରୁ ତାକୁ ଯଥାର୍ଥ ବୋଲି କୁହାଯିବ ନାହିଁ। ଦ୍ରୁତଗତିରେ ଯାଉଥିବା ଚାଳକଙ୍କ ଉତ୍ତରଦାୟିତ୍ୱ ରହୁଛି ଯେ, ସେ ତାଙ୍କ ପଛରେ ଧାଉଁଥିବା ଅନ୍ୟ ଯାନବାହନଗୁଡ଼ିକୁ ୱାର୍ନିଂ କିମ୍ବା ସିଗ୍ନାଲ ଦେଇ ନିଜ ଗାଡ଼ିରେ ବ୍ରେକ୍ ଦେବେ। ୨୦୧୭ ଜାନୁଆରୀ ୭ରେ ଘଟିଥିବା ଏକ ଦୁର୍ଘଟଣା ଯୋଗୁ ଇଞ୍ଜିନିୟରିଂ ଛାତ୍ର ଏସ୍. ମହମ୍ମଦ ହାକିମ୍ ନିଜ ବାମଗୋଡ଼ ହରାଇଥିଲେ। ଏହି ମାମଲାରେ ଶୀର୍ଷ ଅଦାଲତ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

## ଚଳିତବର୍ଷ ୮ ବିମାନ ଦୁର୍ଘଟଣାରେ ଯାଇଛି ୨୭୪ ଜୀବନ

**ନୂଆଦିଲ୍ଲୀ, ୩୧।୭**

ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୮ଟି ବିମାନ ଦୁର୍ଘଟଣାରେ ୨୭୪ ଜଣଙ୍କ ଜୀବନ ଯାଇଥିବା କେନ୍ଦ୍ର ସରକାର ଗୁରୁବାର କହିଛନ୍ତି। ଜୁନ୍ ୧୨ରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ବ୍ୟତୀତ ୩ଟି ପ୍ରଶିକ୍ଷଣ ବିମାନ ଏବଂ ୪ଟି ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଲୋକ ସଭାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ ଏହା କହିଛନ୍ତି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଦୁର୍ଘଟଣାଗୁଡ଼ିକର କାରଣ ସମ୍ପର୍କରେ ତଦନ୍ତ ଚଳାଇଥିବା ସେ କହିଛନ୍ତି। ଏପ୍ରିଲ ୨୨ରେ ଗୁଜରାଟରେ ଏକ ହେଲିକପ୍ଟର ଦୁର୍ଘଟଣାରେ ଜଣେ ଏବଂ ମେ' ୮ରେ ଉତ୍ତରାଖଣ୍ଡରେ ହେଲିକପ୍ଟର ଦୁର୍ଘଟଣାରେ ୬ ଜଣ ପ୍ରାଣ ହରାଇଥିଲେ। ଜୁନ୍ ୧୫ରେ ଉତ୍ତରାଖଣ୍ଡରେ ଆଉ ଏକ ହେଲିକପ୍ଟର ଦୁର୍ଘଟଣାରେ ୭ ଜଣଙ୍କ ଜୀବନ ଯାଇଥିଲା। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୮୧ ଜଣ ଆହତ ହୋଇଥିଲେ। ଏହାକୁ ମିଶାଇ ମୋଟ ୮ ଦୁର୍ଘଟଣାରେ ୮୪ ଜଣ ଆହତ ହୋଇଥିବା ମନ୍ତ୍ରୀ କହିଛନ୍ତି।

## ପୁଷ୍ପେନ୍ଦ୍ର ସିଂ ହେବେ ସେନା ଉପାଧ୍ୟକ୍ଷ



**ନୂଆଦିଲ୍ଲୀ, ୩୧।୭ (ପି.ଟି.)**

ଲ୍ୟୁଟ୍‌ନାଣ୍ଟ ଜେନେରାଲ ପୁଷ୍ପେନ୍ଦ୍ର ସିଂ ଭାରତର ପରବର୍ତ୍ତୀ ସେନା ଉପାଧ୍ୟକ୍ଷ ହେବେ। ଆସନ୍ତା ୧ରୁ ସେ ଏହି ପଦ ଗ୍ରହଣ କରିବେ। ସେ ଗତ ଜୁଲାଇ ୧ରୁ ସେନା ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏନ୍.ଏସ୍. ରାଜା ସୁବ୍ରମଣିଙ୍କର ସ୍ଥାନ ନେବେ। ସେ ଭାରତୀୟ ସାମରିକ ଏକାଡେମୀର ପୂର୍ବତନ ଛାତ୍ର ହୋଇଥିବାବେଳେ ନିଜ ୩୫ ବର୍ଷର କ୍ୟାରିୟରରେ ଭାରତୀୟ ସେନାର ଅପରେଶନ ପବନ, ଅପରେଶନ ମେଘଦୂତ, ଅପରେଶନ ରକ୍ଷକ, ଅପରେଶନ ଅର୍ଚ୍ଚିଡ୍ ଆଦିରେ ଅଂଶଗ୍ରହଣ କରିଛନ୍ତି। ଅନ୍ୟପକ୍ଷେ, ନୌସେନା ଉପମୁଖ୍ୟ ଭାଇସ୍ ଆଡମିରାଲ କୃଷ୍ଣା ସ୍ୱାମୀନାଥନ ପଶ୍ଚିମ ନୌସେନା କମାଣ୍ଡର ପରବର୍ତ୍ତୀ ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ହେବେ। ଗତ ମେ ୧ରେ ସେ ନୌସେନା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

## ଏସ୍‌ଆଇଆର୍: ସଂସଦ ଦିନକ ପାଇଁ ମୁଲତବୀ

**ନୂଆଦିଲ୍ଲୀ, ୩୧।୭ (ପି.ଟି.)**

ବିହାରରେ ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ପ୍ରତ୍ୟାହାର ଦାବିରେ ବିରୋଧୀ ହଟ୍ଟଗୋଳ ଜାରି ରଖିବାରୁ ପାର୍ଲାମେଣ୍ଟର ଉଭୟ ଗୃହକୁ ଗୁରୁବାର ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ରାଜ୍ୟ ସଭାରେ ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ କ୍ରମାଗତ ଭାବେ ଗୃହକୁ ଅଚଳ କରିଥିଲେ। ଅପରାହ୍ନରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଆମେରିକାର ଟାରିଫ ଘୋଷଣା ପ୍ରସଙ୍ଗରେ ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ଭାରତ ଆବଶ୍ୟକ ପଦକ୍ଷେପ ନେବ ବୋଲି କହିବା ପରେ ଗୃହକୁ ମୁଲତବୀ ରଖାଯାଇଥିଲା। ଏହା ପୂର୍ବରୁ ଅପରେଶନ ସିନ୍ଦୂର ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ତରକୁ ବିପକ୍ଷ ଦଳର ସଦସ୍ୟମାନେ ବିରୋଧ କରି ହୋହଲ୍ଲା କରିବାରୁ ରାଜ୍ୟ ସଭାକୁ ୩ ଥର ମୁଲତବୀ ରଖାଯାଇଥିଲା। ଲୋକ ସଭାରେ ମଧ୍ୟ ଅନୁରୂପ ଭାବେ ବିହାର ଏସ୍‌ଆଇଆର୍‌କୁ ନେଇ ବିରୋଧୀ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।



ସଂସଦର ମୌସୁମୀ ଅଧିବେଶନ ବେଳେ ଗୁରୁବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ୱାୟନାଡ୍ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

## ବୈଷୟିକ ତ୍ରୁଟି: ଏୟାର ଇଣ୍ଡିଆ ବିମାନର ଉଡ଼ାଣ ବାତିଲ

**ନୂଆଦିଲ୍ଲୀ, ୩୧।୭**

ଦିଲ୍ଲୀ ବିମାନବନ୍ଦରରୁ ଗୁରୁବାର ଲଣ୍ଡନ ଯିବାକୁ ଥିବା ଏୟାରଇଣ୍ଡିଆର ବୋଇଂ ୭୮୭-୯ ବିମାନରେ ବୈଷୟିକ ତ୍ରୁଟି ଦେଖାଦେବାରୁ ଏହାର ଉଡ଼ାଣକୁ ବାତିଲ କରିଦିଆଯାଇଛି। ବୈଷୟିକ ସମସ୍ୟା ପରେ ଏଆଇ୨୦୧୭ ବିମାନକୁ ସତର୍କତାମୂଳକ ଯାଞ୍ଚ ପାଇଁ ବେ'କୁ ଫେରାଇ ନିଆଯାଇଛି। ତ୍ରୁଟି ଜଣାପଡ଼ିବା ପରେ କକ୍‌ପିଟ୍ କ୍ରିଉ ଉଡ଼ାଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।

## ମୌସୁମୀ ଦ୍ୱିତୀୟାର୍ଦ୍ଧରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ

**ନୂଆଦିଲ୍ଲୀ, ୩୧।୭**

ଚଳିତ ମୌସୁମୀ ଋତୁର ଦ୍ୱିତୀୟାର୍ଦ୍ଧ ଅର୍ଥାତ୍ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଗୁରୁବାର ପୂର୍ବାନୁମାନ କରିଛି। ଅଗଷ୍ଟରେ ଉତ୍ତର-ପୂର୍ବାଞ୍ଚଳ ଏବଂ ପୂର୍ବ ଭାରତର ଆଖପାଖ ଅଞ୍ଚଳକୁ ଛାଡ଼ିଦେଲେ ଦେଶର ଅଧିକାଂଶ ସ୍ଥାନରେ ସ୍ୱାଭାବିକ ବୃଷ୍ଟିପାତ ହେବ ବୋଲି ଆଶା କରାଯାଉଥିବା ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏକ ଅନ୍‌ଲାଇନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିସହିତ ସେପ୍ଟେମ୍ବରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ। ମୌସୁମୀର ପ୍ରଥମାର୍ଦ୍ଧ ଅର୍ଥାତ୍ ଜୁନ୍ ଓ ଜୁଲାଇରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବାବେଳେ ହିମାଚଳପ୍ରଦେଶ ଭଳି କେତେକ ରାଜ୍ୟରେ ଅଚାନକ ବନ୍ୟା ଦେଖାଦେଇଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସାରା ଦେଶରେ ମୋଟାମୋଟି ଭାବେ ଦୀର୍ଘକାଳୀନ ହାରାହାରି ୪୨୨.୮ ମିଲିମିଟରର ୧୦୬ ପ୍ରତିଶତ ବୃଷ୍ଟିପାତ ହୋଇପାରେ।

ଜୁନ୍ ୧ରୁ ଜୁଲାଇ ୩୧ ମଧ୍ୟରେ ସ୍ୱାଭାବିକ ବୃଷ୍ଟିପାତ ୪୪୫.୮ ମିଲିମିଟର ହୋଇଥିବାବେଳେ ଗତ ୨ ମାସରେ ୪୭୪.୩ ମିଲିମିଟର ବର୍ଷା ହୋଇଛି, ଯାହା ୬ ପ୍ରତିଶତ ଅଧିକ। ଏହି ସମୟ ମଧ୍ୟରେ ୬୨୪ ଥର ଅତ୍ୟଧିକ ବୃଷ୍ଟିପାତ ଏବଂ ୭୬ ଥର ଅତି ଭୀଷଣ ବୃଷ୍ଟିପାତ ଘଟଣା ଘଟିଛି, ଯାହା କି ଗତ ୫ ବର୍ଷ ମଧ୍ୟରେ ସବୁଠୁ କମ୍।

**ଫୁରସତ୍**


## ଚର୍ଚ୍ଚାରେ ସଲମାନ



**ମୁମ୍ବାଇ**

ବଲିଉଡ ପରେ ନୂଆ ଇନିଂସ ଆରମ୍ଭ କରିବେ ଭାଇଜାନ୍। ସେଇଟି ହେଲା ରାଜନୀତି। କିଛି ଏଭଳି ଚର୍ଚ୍ଚା ଏବେ ବଢ଼ିବାରେ ଲାଗିଛି। ଏହା ପଛରେ ରହିଛି ସୁପରଷ୍ଟାର ସଲମାନଙ୍କ ଏକ ପୋଷ୍ଟ। ଆଗକୁ ମହାରାଷ୍ଟ୍ରରେ ବିଏମ୍‌ସିର ନିର୍ବାଚନ ହେବାକୁ ଯାଉଛି। ଏମିତିରେ ସଲମାନ ରାଜନୀତିକୁ ଓହ୍ଲାଇପାରନ୍ତି ବୋଲି କୁହାଯାଉଛି।

ସଲମାନ ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଷ୍ଟୋରୀ ଶେୟାର କରିଛନ୍ତି। ପୋଷ୍ଟରେ ଏକ ଫଟୋ ରହିଛି, ଯାହାକି ଆନିମେଟେଡ୍। ଫଟୋରେ ଚେହେରା ନଜର ଆସୁ ନ ଥିଲେ ହେଁ ତାଙ୍କର ହାତର ବ୍ରେସଲେଟ୍ ନଜର ଆସୁଛି। ସେ ହାତ ମଧ୍ୟ ଯୋଡ଼ିଛନ୍ତି। ଫଟୋରେ ଲେଖାଯାଇଛି ଯେ ନୂଆ ମଇଦାନରେ ଦେଖାହେବା। ବାସ୍ ଏହାକୁ ନେଇ ଏବେ ଚର୍ଚ୍ଚା ବଢ଼ିବାରେ ଲାଗିଛି। କହିରଖୁଛୁ ଯେ ବଲିଉଡ ସହ ଦକ୍ଷିଣ ଭାରତର ଅନେକେ କଳାକାର ରାଜନୀତିକୁ ଓହ୍ଲାଇ ସାରିଛନ୍ତି। ଏବେ ସଲମାନ ସେଭଳି କିଛି କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଅପରପକ୍ଷେ କିଛି ସଲମାନଙ୍କ ଏଭଳି ପୋଷ୍ଟ ପଛରେ ବିଗ୍‌ବସ୍‌କୁ ନେଇ ପ୍ରମୋଶନ ଥାଇପାରେ ବୋଲି କହୁଛନ୍ତି। ତେବେ ଏହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।




# ମୋଦିଙ୍କ ୭୫ତମ ଜନ୍ମଦିନରେ ଓଡ଼ିଶାରେ ଲାଗିବ ୭୫ ଲକ୍ଷ ଗଛ

## ପ୍ରଧାନମନ୍ତ୍ରୀଙ୍କ ପାଇଁ ଓଡ଼ିଶାବାସୀଙ୍କ ସବୁଠୁ ବଡ଼ ଉପହାର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୭ (ସୁନୀତ ମିଶ୍ର)

ଚଳିତ ବର୍ଷ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୫ ବର୍ଷରେ ପ୍ରଦାର୍ପଣ କରିବେ। ଦେଶ ପ୍ରତି, ବିଶେଷକରି ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଅନେକ ଅବଦାନ ରହିଛି। ଗତ ବର୍ଷ ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନରେ ଓଡ଼ିଶା ଆସି ସୁଭଦ୍ରା ଯୋଜନା ଆରମ୍ଭ କରିଥିଲେ। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା, ଓଡ଼ିଶାବାସୀଙ୍କ ପ୍ରତି ସଦିଚ୍ଛାର ସମ୍ମାନ ଜଣାଇ ଏକ୍ ପେଡ୍ ମା କେ ନାମ୍ ଅଭିଯାନରେ ସେପ୍ଟେମ୍ବର ୧୭ରେ ୭୫ ଲକ୍ଷ ଗଛ ଲାଗିବ। ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ସର୍ବଶ୍ରେଷ୍ଠ ଉପହାର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଲୋକସେବା ଭବନରେ ଏକ୍ ପେଡ୍ ମା କେ ନାମ୍ ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତାକରି ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା 'ଏକ୍ ପେଡ୍ ମା କେ ନାମ୍ ' ଅଭିଯାନ ଆରମ୍ଭ ହୋଇଥିଲା। ଚଳିତବର୍ଷ ଜୁନ୍ ୫ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହାର ଦ୍ୱିତୀୟ ସଂସ୍କରଣ ଏକ ପେଡ୍ ମା କେ ନାମ୍ ୨.୦ ଚାଲିବ। ୨ୟ ସଂସ୍କରଣର ଏହି କାର୍ଯ୍ୟକ୍ରମରେ ସର୍ବନିମ୍ନ ୭.୫ କୋଟି ଚାରା ରୋପଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଗତବର୍ଷ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତା'ର ଲକ୍ଷ୍ୟ ଅତିକ୍ରମକରି ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଏ ବର୍ଷ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି ଏବଂ ତା' ସହିତ କେବଳ ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲାଗିବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଙ୍ଗଲ ବିଭାଗ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଏଥିରେ ପ୍ରମୁଖ ଦାୟିତ୍ୱ ରହିଥିଲେ ମଧ୍ୟ ଏହି ପ୍ରକ୍ରିୟାକୁ ଆହୁରି ବ୍ୟାପକ କରିବା ପାଇଁ ଉକ୍ତ ଅଭିଯାନରେ ବିଭିନ୍ନ ସରକାରୀ ବିଭାଗ ସହ ପିଏସ୍‌ୟୁ, ଏନ୍‌ଜିଓ, ବିଭିନ୍ନ ଯୁବସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଅଧିକରୁ ଅଧିକ ସାମିଲ କରାଯିବାର ଆବଶ୍ୟକତା ରହିଛି। ପଞ୍ଚାୟତ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିପାଇଁ ବ୍ୟାପକ ପ୍ରଚାରପ୍ରସାର କରିବା ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରଚାରପ୍ରସାର ଅତ୍ୟନ୍ତ ପ୍ରଭାବୀ ଢଙ୍ଗରେ ହେବା ଉଚିତ। ପ୍ରଚାରପ୍ରସାର କେବଳ ଏକ କାର୍ଯ୍ୟକ୍ରମର ନୁହେଁ, ଏହା ପରିବେଶ ସୁରକ୍ଷା ପାଇଁ ଏକ ଜନ ଆନ୍ଦୋଳନ ହେବା ଉଚିତ ବୋଲି ସେ ମତ ଦେଇଥିଲେ। କେବଳ ଗଛ ଲଗାଇଦେଲେ ହେବ ନାହିଁ, ଏହି ଗଛକୁ କିଭଳି ଉତ୍ତମ ଭବିଷ୍ୟତ ମିଳିବ ତା'ର ମଧ୍ୟ ଦାୟିତ୍ୱ ନେବା ଆବଶ୍ୟକ। ଚାରାରୋପଣ ପରେ ଏହାର ରକ୍ଷଣାବେକ୍ଷଣ ଓ ଯତ୍ନ ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ଏବଂ ଜନସାଧାରଣ ଦାୟିତ୍ୱବାନ୍ ହେବା ଆବଶ୍ୟକ। ଏଥିସହ ଚାରାରୋପଣର ଫଟୋ ଓ ଡାଟା ମେରି ଲାଇଫ୍ ପୋର୍ଟାଲରେ ଅପ୍‌ଲୋଡ୍ କରାଯିବା ପାଇଁ ସେ କହିଥିଲେ। ଚାରାରୋପଣ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ପଞ୍ଚାୟତ ଅଧିକାରୀମାନେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଏହାର ତଦାରଖ କରିବେ। ଭଲ ପ୍ରଦର୍ଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ପୁରସ୍କାର ବ୍ୟବସ୍ଥା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ଯେଉଁ ଅଞ୍ଚଳରେ ଯେଉଁ ଫଳ ଭଲ ଉତ୍ପାଦନ ହେଉଛି ସେହିଭଳି ଚାରା ଲୋକମାନଙ୍କୁ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଏକ୍ ପେଡ୍ ମା କେ ନାମ୍-୨.୦

- ଅଭିଯାନର ଦ୍ୱିତୀୟ ସଂସ୍କରଣରେ ଏ ବର୍ଷ ଲାଗିବ ୭.୫ କୋଟି ଗଛ
- ପଞ୍ଚାୟତ ସ୍ତରରେ ଅଧିକରୁ ଅଧିକ ଚାରାରୋପଣ ପାଇଁ ପିଇଓମାନଙ୍କୁ ଦାୟିତ୍ୱ

# ହାତୀ ଆକ୍ରମଣରେ ୩ ମୃତ

## ରେଞ୍ଜର, ବନପାଳ ନିଲମ୍ବିତ

ସାତମାଇଲ, ୩୧।୭ (ସୁଶାନ୍ତ ପତି)

ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ରାସୋଳ ସେକ୍ସନ ବାଘଧରିଆ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଛି। ଏ ନେଇ ଅଞ୍ଚଳବାସୀ ମୃତଦେହ ରଖି ରାସ୍ତାରୋକୋ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। କର୍ତ୍ତବ୍ୟରେ ଅବହେଳା ଦର୍ଶାଇ ବନପାଳ ଦାୟିତ୍ୱରେ ଥିବା ଲୁସ୍ମିତା ସିଂଙ୍କୁ ଢେଙ୍କାନାଳ ଡିଏଫଓ ସୁମିତ କୁମାର କର କାର୍ଯ୍ୟରୁ ନିଲମ୍ବିତ କରିଥିବାବେଳେ ରାଜ୍ୟ ସରକାର ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି।

ପ୍ରକାଶ ଯେ, ଗୁରୁବାର ଭୋର ସମୟରେ ପୋଖରୀକୁ ଶୌଚ ହେବା ପାଇଁ ଗ୍ରାମର ବେଣୁଧର ସାହୁଙ୍କ ସ୍ତ୍ରୀ ଶଶୀ ସାହୁ (୬୪) ଯାଇଥିବା ସମୟରେ ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ଏହି ଘଟଣା ଦେଖି ସେହି ଗ୍ରାମର କରୁଣାକର ଦେହୁରୀ (୬୬) ଦୌଡ଼ି ପଳାଇଯିବାକୁ ଚେଷ୍ଟା କରୁଥିବା ସମୟରେ ତାଙ୍କୁ ମଧ୍ୟ ଦନ୍ତାହାତୀ ଆକ୍ରମଣ କରିଥିଲା। ପରେ ହାତୀଟି ନଳକୂପରୁ ପାଣି ଆଣିବାକୁ ଆସିଥିବା ପ୍ରଦ୍ୟୁମ୍ନ ଦେହୁରୀଙ୍କ ସ୍ତ୍ରୀ ଝୁଲଣ ଦେହୁରୀ (୫୪)ଙ୍କୁ ରାସ୍ତାରେ କଚାଡି ମାରିଥିଲା। ଘଟଣାସ୍ଥଳରେ କରୁଣାକର ଦେହୁରୀ ଓ ତାଙ୍କ ସମ୍ପର୍କୀୟ ଭାଇବୋହୂ ଝୁଲଣ ଦେହୁରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଆହତ ଶଶୀ ସାହୁଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମବାସୀଙ୍କ ସହ ଅଞ୍ଚଳର ବହୁ ଜନସାଧାରଣ ପୁରୁଣାକଟକ-ସମ୍ବଲପୁର ରାସ୍ତାର ସାତମାଇଲ ଛକ ନିକଟରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ।

ହାତୀ ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ଖବର ଦିଆଯାଇଥିଲେ ମଧ୍ୟ ବିଳମ୍ବରେ ପୋଲିସ ଓ ବନାଞ୍ଚଳ ଅଧିକାରୀ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣା ସ୍ଥଳରେ ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲୀପ କୁମାର ସେଠୀ, ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଗ୍ରାମରେ ଲାଇଟ୍ ଲଗାଇବା, ଆତଙ୍କ ଚଳାଇଥିବା ଦନ୍ତାହାତୀଙ୍କୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଇବା ଆଦି ଦାବିଗୁଡ଼ିକୁ ଶୀଘ୍ର ପୂରଣ କରାଯିବାକୁ ପ୍ରତିଶ୍ରୁତି ଦେବା ସହିତ ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ରେଡକ୍ରସରୁ ୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନାକୁ ପଠାଇଥିଲେ। ଫଳରେ ରାସ୍ତା ଅବରୋଧ ହଟିଥିଲା। ଢେଙ୍କାନାଳ ଏମପି ରୁଦ୍ର ନାରାୟଣ ପାଣି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଜିଲାପାଳ ଆଶିଷ ପାଟିଲ ଓ ଡିଏଫଓ ସୁମିତ କୁମାରଙ୍କ ସହ ବିଶଦ ଆଲୋଚନା କରି ପ୍ରତ୍ୟେକ ପରିବାରକୁ କିପରି ତୁରନ୍ତ ସମସ୍ତ ପ୍ରକାର ସହଯୋଗ ମିଳିପାରିବ ଆଲୋଚନା କରିଛନ୍ତି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ କ୍ଷତିଗ୍ରସ୍ତ ୩ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ଆଲୋଚନା କରିଛନ୍ତି । ତେବେ କର୍ତ୍ତବ୍ୟରେ ଅବହେଳା ପାଇଁ ରାସୋଳ ବନପାଳ ଦାୟିତ୍ୱରେ ଥିବା ଲୁସ୍ମିତା ସିଂଙ୍କୁ ଢେଙ୍କାନାଳ ଡିଏଫଓ ସୁମିତ କୁମାର କର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

ଅନୁଗୁଳ ସାତକୋଶିଆ ଅଭୟାରଣ୍ୟ ଆରସିସିଏଫଙ୍କ ରିପୋର୍ଟ କ୍ରମେ ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି।

# ଜୟପୁରରୁ ଦିଆଯିବ ସୁଭଦ୍ରା ୩ୟ କିସ୍ତି ଟଙ୍କା

ଭୁବନେଶ୍ୱର, ୩୧।୭(ସୁନୀତ ମିଶ୍ର)

ହିତାଧିକାରୀଙ୍କୁ ସୁଭଦ୍ରାର ତୃତୀୟ କିସ୍ତି ଅଗଷ୍ଟ ୯ରେ ପ୍ରଦାନ କରିବେ ସରକାର। କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏକକାଳୀନ ସୁଭଦ୍ରା ଟଙ୍କା ମିଳିବ। କୋରାପୁଟ ଜିଲା ଜୟପୁରରୁ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ସରକାର ବାଣ୍ଟିବେ। ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ସୁଭଦ୍ରା ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ ଷ୍ଟିୟରିଂ କମିଟି ବୈଠକରେ ଆଲୋଚନା ହୋଇଛି ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ଦୃତିବାସ ରାଉତ ଗୁରୁବାର ସୂଚନା ଦେଇଛନ୍ତି। ଆଗକୁ ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ନୂଆ ଯୋଡ଼ାଯିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଲୋକଙ୍କ ଫିଡ୍‌ବ୍ୟାକ୍ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସୁଭଦ୍ରା ଟଙ୍କା ମହିଳାମାନେ କିପରି ବ୍ୟବହାର କରୁଛନ୍ତି ଏହା ଉପରେ ମତାମତ ନେବାକୁ ଷ୍ଟିୟରିଂ କମିଟିରେ ନିଷ୍ପତ୍ତି ହୋଇଛି। ଏହା ସହ ୨୧ ବର୍ଷ ବୟସ ହୋଇଥିବା ହିତାଧିକାରୀ ପରେ ନୂଆକରି ସାମିଲ ହେବେ। ମାର୍ଚ୍ଚ ୩୦ ସୁଦ୍ଧା ୬୦ ବର୍ଷ ଅତିକ୍ରମ କରିଥିବା ହିତାଧିକାରୀ ଯୋଜନାରୁ ବାଦ୍ ପଡ଼ିବେ ବୋଲି ସଚିବ ସୂଚନା ଦେଇଛନ୍ତି।

## ବାଦ୍ ପଡ଼ିଥିବା ୨ ଲକ୍ଷ ହିତାଧିକାରୀଙ୍କୁ ଆଉ ଆବେଦନ କରିବାକୁ ପଡ଼ିବନି: ଉପମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ସମୀକ୍ଷା ଜାରି ରହିଛି। ୧୨ ଦିନ ହେଲା ରାଜ୍ୟର ବିଭିନ୍ନ ଜିଲାରେ ସମୀକ୍ଷା ଚାଲିଛି। ବୁଧବାର ସୁଦ୍ଧା ୭ ହଜାର ସୁଭଦ୍ରା ହିତାଧିକାରୀଙ୍କ ମତାମତ ସଂଗ୍ରହ ହୋଇଛି। ମାସକ ମଧ୍ୟରେ ୨୨ ହଜାର ସୁଭଦ୍ରା ହିତାଧିକାରୀଙ୍କ ମତାମତ ନେବାକୁ ଟାର୍ଗେଟ ରହିଛି। ଆମ ହାତରେ ଆହୁରି ୧୮ଦିନର ସମୟ ରହିଛି। ଠିକ୍ ସମୟରେ ଟାର୍ଗେଟ ପୂରଣ ହୋଇଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି, ମହିଳା ଓ ଶିଶୁଙ୍କ ବିକାଶ ପାଇଁ ଲୋକସେବା ଭବନରୁ ହେଉଥିବା ଯୋଜନା ଅଙ୍ଗନୱାଡି ସ୍ତରରେ ପହଞ୍ଚୁଛି କି ନାହିଁ ତା'ର ମନିଟରିଂ ଅଧିକାରୀ କରିବେ। ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ୨ ଲକ୍ଷ ମହିଳାଙ୍କୁ ଆଉ ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ। ତଥ୍ୟ ପୁଣି ଯାଞ୍ଚକରି ଯେଉଁମାନେ ଯୋଗ୍ୟ ବିବେଚିତ ହେବେ ସେମାନଙ୍କୁ ସୁଭଦ୍ରା ଟଙ୍କା ସରକାର ଦେବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜୟ ଓଡ଼ିଶା ଓ ମା' ମଙ୍ଗଳା ୟୁଥ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମା' ମଙ୍ଗଳା ୟୁଥ୍ କ୍ଲବ, ବୁଦ୍ଧେଶ୍ୱରୀ କଲୋନୀ, ସମୟ:ସକାଳ ୯ଟା।
- ସିପିଆଇର ରାଜ୍ୟ ପରିଷଦ ବୈଠକ, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସାଧନା କଲ୍‌ଚରାଲ୍ ଏକାଡ଼େମୀ ପକ୍ଷରୁ ଗୁରୁ ସୁଧାକର ସାହୁ ପୁରସ୍କାର ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମହାନଦୀ ଜଳ ବିବାଦର ଆପୋସ ସମାଧାନ ସଂକ୍ରାନ୍ତରେ ଆଲୋଚନା ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍ ୯, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଓଡ଼ିଶା ସିଆର୍‌ପି.ସିଏମ୍.ଆସୋସିଏଶନ୍ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ କନ୍‌ଭେନ୍‌ଶନ୍, ପାନ୍ଥନିବାସ, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ୬୬୨(+୨୦+୩) ଅନୁଦାନପ୍ରାପ୍ତ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଆଙ୍ଗଲିଆ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ମ୍ୟୁଜିକ୍ ହେରିଟେଜ୍ ୪ର୍ଥ ବାର୍ଷିକ ଉତ୍ସବ, ସ୍ଥାନ:ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ପଶ୍ଚିମାଞ୍ଚଳ ଏକତାମଞ୍ଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ତଥା ସମ୍ବଲପୁରୀ ଦିନ୍ ଉତ୍ସବ, ସ୍ଥାନ:ଭାରତୀୟ ବିଦ୍ୟାଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ରାମଚରିତ ମାନସ ସାମୁହିକ ପାଠ, ସ୍ଥାନ: ଧବଳେଶ୍ୱର ପୀଠ ପଞ୍ଚମୁଖୀ ହନୁମାନ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ପୁରୀ ବନଖଣ୍ଡ ବିଭାଗ ପକ୍ଷରୁ ୭୬ତମ ବନ ମହୋତ୍ସବ ସମାରୋହ, ସ୍ଥାନ: ହଂସପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସର, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ପଥପ୍ରାନ୍ତ ଶୋଭାଯାତ୍ରା ଓ ଗଣବିକ୍ଷୋଭ, ସ୍ଥାନ: ଡାକଘର ସମ୍ମୁଖ, ବସ୍ତା, ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସିମୁଳିଆ କଲେଜ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ନାଗରିକ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ: କେନ୍ଦୁଝର ଅଡଟୋରିୟମ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ପାଟଣା ବ୍ଲକ୍ ସଭାଗୃହ, ସମୟ: ଅପରାହ୍ନ ୨ଟା ୩୦।

## ମୟୂରଭଞ୍ଜ

- ହ୍ୟାଣ୍ଡିଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା,ସ୍ଥାନ:ଶୁଭଶ୍ରୀ ରେସିଡେନ୍ସ ସ୍କୁଲ, ବାରିପଦା,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ଶତବାର୍ଷିକୀ ସଭା କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ପୋଲିସ ପକ୍ଷରୁ ପୋଶ୍ ଆଇନ ସଚେତନତା, ସ୍ଥାନ: ବାଲିଗୁଡ଼ା ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିଗୁଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୩ଟା।

## ଢେଙ୍କାନାଳ

- ଭାଜପା ପକ୍ଷରୁ କଂଗ୍ରେସ ଓ ବିଜେଡି ବିରୋଧରେ ବିକ୍ଷୋଭ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା୩୦।

## ଅନୁଗୋଳ

- ସାମାଜିକ ସୁରକ୍ଷା ପେନ୍‌ସନ୍‌କୁ ନେଇ ବ୍ୟାଙ୍କ ଓ ପୋଷ୍ଟ ଅଫିସ ଅଧିକାରୀଙ୍କ ସହ ବୈଠକ, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟ ଶୁଭାରମ୍ଭ, ସ୍ଥାନ:ନୟାଗଡ଼ ପଠାଣୀ ସାମାନ୍ତ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଧିଷ୍ଠାନ ଉତ୍ସବ, ସ୍ଥାନ:ରୋଟାରୀ କ୍ଲବ ନୟାଗଡ଼, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷୀ ହାଟ ଉଦ୍‌ଘାଟନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଚନ୍ଦ୍ରପୁର ସଭା ଗୃହ,ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଜିଲାପାଳଙ୍କ ପୌରସଂସ୍ଥା କାର୍ଯ୍ୟାଳୟ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୪ ଟା।

## କୋରାପୁଟ

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୮ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାଂସ୍କୃତିକ ସମାଜ ଆୟୋଜନରେ ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ : ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମର ମଞ୍ଚପୂଜା, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର

- ବଲାଙ୍ଗୀର ଜିଲା କୃଷକ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆକାଶ ନେଶନାଲ ଟେଲେଣ୍ଟ ହଣ୍ଟ ଏକ୍‌ଜାମ୍ ଶୁଭାରମ୍ଭ ଉତ୍ସବ, ସ୍ଥାନ: ଦମୟନ୍ତୀ ହାଇଟ୍‌ସ୍, ରାଜେନ୍ଦ୍ର କଲେଜ ଛକ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ରାଉରକେଲା

- ମୁଣ୍ଡା ସମାଜ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମିଟକୁନ୍ଦରୀ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ରାଉରକେଲା ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଜିଲାସ୍ତରୀୟ ସମ୍ବଲପୁରୀ ଦିନ ପାଳନ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ସକାଳ ୯ଟା।
- ସମ୍ବଲପୁରୀ ଦିନ ପାଳନ, ସ୍ଥାନ: କୋଶଳ ସ୍କୁଲ, ନୂଆଁ ଖଇରପାଲି ଏବଂ ବ୍ଲକ ଅଫିସ ସମ୍ମୁଖ, ଅତାବିରା, ସମୟ:ସକାଳ ୯ଟା ୩୦ ଏବଂ ଅପରାହ୍ନ ୧ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବରଗଡ଼,ସମୟ: ସକାଳ ୯ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ:ସରକାରୀ ହାଇସ୍କୁଲ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।
- ରାଇସ୍ ମିଲର୍ସ ଆସୋସିଏଶନର ଖବରଦାତା ସମ୍ମିଳନୀ,ସ୍ଥାନ: ହୋଟେଲ ଗଣପତି, ବରଗଡ଼,ସମୟ:ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ଇନ୍ଦ୍ର ପୂଜା, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ନାରୀ ସୁରକ୍ଷାକୁ ନେଇ ଛାତ୍ର ବିଜେଡିର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଘୁମୁରା ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ରାଙ୍କିଂ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: ଇନଡୋର ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୯ଟା।
- ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଫାଇନାଲ ମ୍ୟାଚ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁର ନିତ୍ୟ ଯୋଗ କମିଟି ତରଫରୁ ସମ୍ବଲପୁରୀ ଦିନ୍ ପାଳନ, ସ୍ଥାନ : ବୀରମହାରାଜପୁର କଲେଜ ପଡ଼ିଆ, ସମୟ: ସକାଳ ୬ଟା୩୦।
- ତରଭା ବଡବନ୍ଧ ଧବଳେଶ୍ୱର ମନ୍ଦିରରେ ରୁଦ୍ରାଭିଷେକ ଓ ଭଜନ ପରିବେଷଣ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ବିନିକା ଭୀମ ଭୋଇ ସେବା ଫାଉଣ୍ଡେସନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ:ନାରାୟଣୀ ମନ୍ଦିର ପ୍ରାଙ୍ଗଣ ଓ ଉର୍ଲେ ପାପକ୍ଷୟ ରାସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନରେ ସମ୍ବଲପୁରୀ ଦିନ୍ ପାଳନ ଉତ୍ସବ, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭା ଗୃହ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗୋଦାମ ପଡ଼ା, ସମୟ: ସନ୍ଧ୍ୟା ୬ଟା।

# ପାଣି ବଦଳରେ ଯନ୍ତ୍ରୀଙ୍କୁ ପିଆଇଲେ ପରିସ୍ରା

**ପାରଳାଖେମୁଣ୍ଡି/ଆର.ଉଦୟଗିରି, ୩୧।୭**
**(ଗିରିଧାରୀ ପରିଚ୍ଛା/ମନୋଜ ପାତ୍ରୀ)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ଆରଡବ୍ଲ୍ୟୁଏସ୍ଏସ୍‌ରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପାଣି ବଦଳରେ ପରିସ୍ରା ପିଇବାକୁ ଦିଆଯାଇଥିବା ଏବେ ଲୋକଲୋଚନକୁ ଆସିଛି। ଆରଡବ୍ଲ୍ୟୁଏସ୍ଏସ୍‌ରେ ନୂତନ କନିଷ୍ଠ ଯନ୍ତ୍ରୀ ଭାବେ ସଚିନ କୁମାର ଗୌଡ଼ ଏଠାରେ ଗତ ୨୨ ତାରିଖରେ କାର୍ଯ୍ୟରେ ଯୋଗଦେଇଥିଲେ। ତାଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସରେ ରହିଥିଲେ। ୨୩ରେ ସେ ଖାଇସାରିବା ପରେ ତାଙ୍କ ପାଇଁ ରହିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପିଇବାକୁ ପାଣି ମାଗିଥିଲେ। ସେ ପାଣି ଆଣି ଦେବା ପରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ତାହା ପିଇଥିଲେ। ମାତ୍ର ଏହି ପାଣି ଖାରିଆ ଲାଗିବାରୁ ସେ ପାଖରେ ଥିବା ଅନ୍ୟ ୨ ଜଣଙ୍କୁ ମଧ୍ୟ ପିଇବାକୁ ଦେଇଥିଲେ। ଏହା ଖାରିଆ ଲାଗୁଥିବା ସେମାନେ ମଧ୍ୟ କହିବାରୁ କନିଷ୍ଠଯନ୍ତ୍ରୀ ଗୌଡ଼ ଏହି ପାଣିକୁ ପରୀକ୍ଷା ପାଇଁ ଦେଇଥିଲେ। ଏ ସମ୍ପର୍କରେ ସେ ନିଜ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। ଗୁରୁବାର ଏହାର ରିପୋର୍ଟ ଆସିଛି। ଏହା ପାଣି ନୁହେଁ ପରିସ୍ରା ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ପରେ କନିଷ୍ଠଯନ୍ତ୍ରୀ ଗୌଡ଼ ଏହି ରିପୋର୍ଟକୁ ଭିତ୍ତିକରି ଆର. ଉଦୟଗିରି ଥାନାରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଆର. ଉଦୟଗିରି ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗକୁ ଗୁରୁତର ସହ ନିଆଯାଇ ଏହାର ତଦନ୍ତ ଜାରି ରହିଛି। ନଂ. ୮୦/୨୬ରେ ଏକ ମାମଲା ରୁଜୁ ହୋଇଛି। କିଏ କାହିଁକି ଏପରି କଲେ ଏବଂ କନିଷ୍ଠ ଯନ୍ତ୍ରୀ ଦେଇଥିବା ରିପୋର୍ଟକୁ ଅନୁଧ୍ୟାନ କରାଯାଉଛି। ଯିଏ ଦୋଷୀ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ପରୀକ୍ଷା ପରେ ଆସିଥିବା ରିପୋର୍ଟ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମୁଗୁନି ପଥର ପଡ଼ିଛି,**
**କେତେ ଘଷି ମାଜି ହେଉ ଲୋ ସୁନ୍ଦରୀ**
**ତୋ ପାଇଁ ପୁରୁଷ ଝୁରୁଛି।**

ଝିଅ ଯଦି ସୁନ୍ଦରୀ ବୋଲି ବେଶି ଫୁଲେଇ ହୁଏ, ତା' ସୁନ୍ଦରତା ପ୍ରତି ସାଙ୍ଗସାଥୀ ମହଲରେ ଅଧିକ ଚର୍ଚ୍ଚାର ବିଷୟ ହୋଇଯାଏ। ଥଟ୍ଟା ପରିହାସରେ ଦେଖେଇ ଶିଖେଇ ଅନେକ ଅକୁହା କଥା କୁହାଯାଉଥିବାର ଜଣାଯାଇଥାଏ। ସ୍ନାନରତା ଯୁବତୀର ରୂପ ଲାବଣ୍ୟକୁ ଚିକ୍କଣ କରି ରଖିବାର ମାନ ପ୍ରତି ଅନ୍ୟ ଜଣେ ଯୁବତୀର ଟାହିଟାପରା ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମନରେ ନାହିଁ କି ମାଳରେ ନାହିଁ,**
**ଭଜି ଭଜି କରି ପାଇବୁ କାହିଁ ?**

ନିରନ୍ତର ଏକାଗ୍ର ଚିତ୍ତରେ ଧ୍ୟାନ ନ ରଖିଲେ ପ୍ରଭୁକୃପା ମିଳିପାରି ନ ଥାଏ। ଏଭଳି ସ୍ଥଳେ ଶୁଭଫଳ ପ୍ରାପ୍ତି ହେବା ନିହାତି ଅସମ୍ଭବ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଭାରତୀୟ ଅର୍ଥନୀତି...

ସ୍ପଷ୍ଟ କରିଥିଲେ। ଏହାର ଦିନକ ପରେ ଟ୍ରମ୍ପ ଭାରତ ଉପରେ ଅଗଷ୍ଟ ୧ରୁ ୨୫% ଟାରିଫ୍ ଲଗାଇବାକୁ ଘୋଷଣା କରିଥିଲେ। ଏହାବାଦ୍ ରୁଷିଆଠାରୁ କ୍ରୁଡ୍ ଅଏଲ୍ ଓ ସାମରିକ ଉପକରଣ କିଣୁଥିବାରୁ ଭାରତ ଉପରେ ଏକ ଅନିର୍ଦ୍ଦିଷ୍ଟ ଜରିମାନା ମଧ୍ୟ ଲଗାଯିବ ବୋଲି ଟ୍ରମ୍ପ ଘୋଷଣା କରିଥିଲେ।

ୟୁକ୍ରେନ୍ ଯୁଦ୍ଧ ଚାଲିଥିବାବେଳେ ଭାରତ ରୁଷିଆଠାରୁ ସର୍ବାଧିକ ଯୁଦ୍ଧାସ୍ତ୍ର କିଣିଥିବାବେଳେ ତୈଳ କ୍ରୟ କ୍ଷେତ୍ରରେ ଚାଇନା ପରେ ଦ୍ୱିତୀୟ ବଡ଼ ରାଷ୍ଟ୍ର। ୟୁକ୍ରେନ୍‌ରେ ରୁଷୀୟ ସୈନ୍ୟ ସାଧାରଣ ଜନତାଙ୍କୁ ହତ୍ୟା କରୁଥିବାବେଳେ ଭାରତ ମସ୍କୋ ସହ ବ୍ୟବସାୟିକ ଘନିଷ୍ଠତା ବଢ଼ାଇବା ଯୁଦ୍ଧକୁ ଇନ୍ଧନ ଦେବା ସଦୃଶ ବୋଲି ଟ୍ରମ୍ପ ଏହା ପୂର୍ବରୁ ଅନେକ ଥର ସମାଲୋଚନା କରିଥିଲେ। ତେଣୁ ଭାରତକୁ ରୁଷିଆ ସହ ବାଣିଜ୍ୟିକ ସମ୍ପର୍କର ବହୁମୂଲ୍ୟ ଦେବାକୁ ପଡ଼ିଛି ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଟ୍ରମ୍ପ ଜାପାନ, ବ୍ରିଟେନ୍ ଓ ୟୁରୋପୀୟ ସଂଘ (ଇୟୁ) ଉପରେ ଏପରି ପକାଇଥିବାରୁ ତାଙ୍କ ସଦ୍ୟ ଘୋଷଣାକୁ ନୂଆଦିଲ୍ଲୀ ଉପରେ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ଏକ କୌଶଳ ବୋଲି ବିବେଚନା କରାଯାଉଛି।

ଟ୍ରମ୍ପ ଲଗାତର ଭାବେ ଦୁଇଦିନ ଧରି ଭାରତ ବିରୋଧୀ ଆଭିମୁଖ୍ୟକୁ କଠୋରକରି ଟାଣପଣ ଦେଖାଇଥିବାବେଳେ ତାଙ୍କ ମନ୍ତବ୍ୟକୁ ନେଇ ଦେଶ ଭିତରେ କେନ୍ଦ୍ର ସରକାର ସମାଲୋଚିତ ହୋଇଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଭାରତୀୟ ଅର୍ଥନୀତି ମୃତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ବ୍ୟତୀତ ସମସ୍ତେ ଜାଣନ୍ତି। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦେଶର ଅର୍ଥନୀତି, ପ୍ରତିରକ୍ଷା ଓ ବହିର୍ବ୍ୟାପାର ନୀତିକୁ ନଷ୍ଟ କରିଦେଇଛି। ପାର୍ଲାମେଣ୍ଟ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରି କଂଗ୍ରେସ ନେତା ରାହୁଲ ଆହୁରି କହିଛନ୍ତି, ଟ୍ରମ୍ପ ଭାରତୀୟ ଅର୍ଥନୀତିକୁ 'ଡେଡ୍' କହିବା ଯୁକ୍ତିଯୁକ୍ତ। ଭାରତୀୟ ଅର୍ଥନୀତି ମୃତ ବୋଲି ସମସ୍ତେ ଜାଣନ୍ତି। ମୋଦି ଦେଶର ଅର୍ଥନୀତିକୁ ହତ୍ୟା କରିଛନ୍ତି। ଆଦାନୀ-ମୋଦି ସହଭାଗିତା, ବିମୁଦ୍ରୀକରଣ, ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି, ବିଫଳତାର ସମାହାର, ଏମ୍‌ଏସ୍‌ଏମ୍‌ଇ ଧ୍ୱସ୍ତବିଧ୍ୱସ୍ତ ହୋଇଯିବା ଏବଂ କୃଷକମାରଣ ନୀତି ଯୋଗୁ ଏପରି ହୋଇଛି। ତେବେ ଆମେରିକା ସହ ଭାରତର ଟ୍ରେଡ୍ ଡିଲ୍ ହେବ, ଯାହାକୁ ଟ୍ରମ୍ପ ଚୂଡ଼ାନ୍ତ କରିବେ। ଟ୍ରମ୍ପ ଯାହା କହିବେ ମୋଦି ତାହା କରିବେ। ତେବେ ଟ୍ରମ୍ପ ସତ କହିଥିବାରୁ ରାହୁଲ ଖୁସି ଥିବା ଜଣାଇଛନ୍ତି। ମୋଦି ମଙ୍ଗଳବାର ଲୋକ ସଭାରେ ଭାଷଣ ଦେବାବେଳେ ଟ୍ରମ୍ପ କିମ୍ବା ଚାଇନାର ନାମ କାହିଁକି ଉଲ୍ଲେଖ କରି ନ ଥିଲେ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପଙ୍କ ମନ୍ତବ୍ୟକୁ ସମର୍ଥନ କରିଥିବାରୁ ଭାଜପା ରାହୁଲଙ୍କୁ ସମାଲୋଚନା କରିଛି। ଭାରତକୁ ମିଳିଥିବା ସଫଳତା, ଦେଶବାସୀଙ୍କ ଆଶାଆକାଂକ୍ଷା ଓ ଜାତୀୟ ହିତ ଦୃଷ୍ଟିରୁ ଟ୍ରମ୍ପଙ୍କ କଥାକୁ ରାହୁଲ ଦୋହରାଇବା ଏକ ଲଜ୍ଜାଜନକ ବିଷୟ ବୋଲି ଶାସକ ଦଳ ନିନ୍ଦା କରିଛି।

### ପାକ୍ ସହ ତୈଳ...

ନେତୃତ୍ୱ କେଉଁ ତୈଳ କମ୍ପାନୀ ନେବ, ତାହା ଚୟନ କରିବା ପ୍ରକ୍ରିୟାରେ ଆମେ ରହିଛୁ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ ଏହି ଘୋଷଣାକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ଏକ ଐତିହାସିକ ବାଣିଜ୍ୟ ଚୁକ୍ତି ବୋଲି ଅଭିହିତ କରିଛନ୍ତି। ଏହି ଡିଲ୍ ଯୋଗୁ ଉଭୟ ପକ୍ଷ ମଧ୍ୟରେ ସହଯୋଗ ବୃଦ୍ଧି ହେବ ବୋଲି ଶେହବାଜ୍ ଆଶାବ୍ୟକ୍ତ କରିବା ସହ ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରେଡିଓ ପାକିସ୍ତାନ ଅନୁସାରେ ପାକିସ୍ତାନର ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ ଏବଂ ଆମେରିକା ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ୍‌ଙ୍କ ମଧ୍ୟରେ ଏହି ଡିଲ୍ ସମ୍ପନ୍ନ ହୋଇଛି।

ସୂଚନାଯୋଗ୍ୟ, ପାକିସ୍ତାନ ନିଜ ଭୂଖଣ୍ଡର ଉପକୂଳରେ ତୈଳ ଭଣ୍ଡାର ମହଜୁଦ ଥିବା ନେଇ ଦୀର୍ଘଦିନ ଧରି ଦାବି କରିଆସିଛି। ତେବେ ସେଥିରୁ ତୈଳ ଉତ୍ତୋଳନ କରିବା ଦିଗରେ କୌଣସି ଅଗ୍ରଗତି ହୋଇନାହିଁ। ଏହାସତ୍ତ୍ୱେ ପାକିସ୍ତାନ ଏହି ଭଣ୍ଡାରଗୁଡ଼ିକୁ ଦେଖାଇ ଅନେକ ନିବେଶକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଉଦ୍ୟମ ଚଳାଇଛି। ପାକିସ୍ତାନ ବର୍ତ୍ତମାନ ନିଜ ଶକ୍ତି ଚାହିଦା ମେଣ୍ଟାଇବା ପାଇଁ ମଧ୍ୟପ୍ରାଚ୍ୟରୁ ତୈଳ ଆମଦାନୀ କରୁଛି।

### ୬ ଭାରତୀୟ କମ୍ପାନୀ...

ନିମନ୍ତେ ଆମେରିକା ଏବେ ପଦକ୍ଷେପ ନେଉଛି ବୋଲି ଏହାର ପରରାଷ୍ଟ୍ର ବିଭାଗ କହିଛି। ଆମେରିକୀୟ କଟକଣାର ସମ୍ମୁଖୀନ ହୋଇଥିବା ଭାରତୀୟ କମ୍ପାନୀଗୁଡ଼ିକ ହେଲେ କାଞ୍ଚନ ପଲିମର୍ସ, ଆଲକେମିକାଲ ସଲ୍ୟୁଶନ୍ସ, ରାମନିକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କମ୍ପାନୀ, ଜୁପିଟର ଡାଏ କେମ୍ ପ୍ରା. ଲି., ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲି. ଏବଂ ପର୍ସିଷ୍ଟେଣ୍ଟ ପେଟ୍ରୋକେମ୍ ପ୍ରା.ଲି.।

ଇରାନୀୟ ପେଟ୍ରୋଲିୟମ, ପେଟ୍ରୋଲିୟମ ଉତ୍ପାଦ ଏବଂ ପେଟ୍ରୋକେମିକାଲ ବାଣିଜ୍ୟରେ ସାମିଲ ଥିବା ବିଶ୍ୱର ୨୦ଟି ସଂସ୍ଥା ଉପରେ ଆମେରିକା କଟକଣା ଲଗାଇଥିବା ପରରାଷ୍ଟ୍ର ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ୱାଶିଂଟନର କଟକଣା ବିପଦ ସତ୍ତ୍ୱେ ଯେଉଁ ଦେଶ ଇରାନରୁ ତେଲ କିମ୍ବା ପେଟ୍ରୋକେମିକାଲ କିଣିବେ, ସେମାନଙ୍କୁ ଆମେରିକା ସହ ବ୍ୟବସାୟ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଭାରତୀୟ କମ୍ପାନୀ କାଞ୍ଚନ ପଲିମର୍ସ ୨୦୨୪ ଫେବୃଆରୀରୁ ଜୁଲାଇ ମଧ୍ୟରେ ୟୁଏଇରେ ଥିବା ଟାନାଇସ୍ ଟ୍ରେଡିଂଠାରୁ ୧୩ ନିୟୁତ ଡଲାର ମୂଲ୍ୟର ପଲିଇଥାଇଲିନ୍ ସମେତ ଇରାନୀୟ ମୂଳ ପେଟ୍ରୋକେମିକାଲ ଉତ୍ପାଦ ଆମଦାନୀ ଓ କ୍ରୟ କରିଥିଲା। ସେହିପରି ଅନ୍ୟତମ ଭାରତୀୟ ପେଟ୍ରୋକେମିକାଲ ଟ୍ରେଡିଂ କମ୍ପାନୀ ଆଲକେମିକାଲ ସଲ୍ୟୁଶନ୍ସ ୨୦୨୪ ଜାନୁଆରୀରୁ ଡିସେମ୍ବର ମଧ୍ୟରୁ ୮୪ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଇରାନୀୟ ମୂଳ ପେଟ୍ରୋକେମିକାଲ ସାମଗ୍ରୀ ବିଭିନ୍ନ କମ୍ପାନୀଠାରୁ କିଣିଥିଲା। ୨୦୨୪ ଜାନୁଆରୀରୁ ୨୦୨୫ ଜାନୁଆରୀ ମଧ୍ୟରେ ରାମନିକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କମ୍ପାନୀ ୨୨ ନିୟୁତ ଡଲାର ମୂଲ୍ୟର ମିଥାନୋଲ ଏବଂ ଟୋଲୁଇନ୍ ସମେତ ଇରାନୀୟ ପେଟ୍ରୋକେମିକାଲ ଉତ୍ପାଦ ଆମଦାନୀ ଓ କ୍ରୟ କରିଥିଲା। ସେହିପରି ଜୁପିଟର ଡାଏ କେମ୍ ପ୍ରାଇଭେଟ୍ ଲି. ୨୦୨୪ ଜାନୁଆରୀରୁ ୨୦୨୫ ଜାନୁଆରୀ ମଧ୍ୟରେ ୪୯ ନିୟୁତ ଡଲାରରୁ ଅଧିକ ମୂଲ୍ୟର ଇରାନୀୟ ମୂଳ ପେଟ୍ରୋକେମିକାଲ୍ ପ୍ରଡକ୍ଟ କିଣିଥିବାବେଳେ ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲି. ଏବଂ ପର୍ସିଷ୍ଟେଣ୍ଟ ପେଟ୍ରୋକେମ୍ ପ୍ରା.ଲି. ଗତବର୍ଷ ଯଥାକ୍ରମେ ୫୧ ନିୟୁତ ଡଲାର ଏବଂ ୧୪ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଇରାନୀୟ ପେଟ୍ରୋକେମିକାଲ କିଣିଥିଲେ।

### ଦେଶ ସ୍ୱାର୍ଥରେ...

ଆହୁ ଏହା ଉପରେ ବକ୍ତବ୍ୟ ରଖିଛନ୍ତି। କେନ୍ଦ୍ର ସରକାର ଏହି ଟାରିଫ୍ ଘୋଷଣାର ସମ୍ଭାବ୍ୟ ପ୍ରଭାବ ଉପରେ ଅନୁଧ୍ୟାନ କରୁଛନ୍ତି। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଯାହା ଆବଶ୍ୟକ ସବୁ କରାଯିବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରୁ ମହତ୍ କାମରେ ଅର୍ଥ ବିନିଯୋଗ କରିବେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ ସକାଶେ ଦୂରଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚକର୍ତ୍ତୃପକ୍ଷଙ୍କଠାରୁ ଆଶାନୁଯାୟୀ ସାହାଯ୍ୟ ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। କ୍ରମଶଃ ଦୂରେଇ ଯାଉଥିବା କୌଣସି ଆତ୍ମୀୟଙ୍କ ପାଇଁ ମନ ଛଟପଟ ହୋଇପାରେ।

**ବୃଷ** - ତୃତୀୟସ୍ଥ ବୁଧାଦିତ୍ୟ ଯୋଗ ହେତୁ ଯାହା ମନେ ମନେ ଭାବୁଛନ୍ତି ତାହାକୁ ଯଥାଶୀଘ୍ର ଆରମ୍ଭ କରିନେବା ଭଲ ହେବ। ଅନ୍ୟମାନଙ୍କ ସାହାଯ୍ୟ ସହଯୋଗର ମଧ୍ୟ ଅଭାବ ରହିବ ନାହିଁ। ପରିସ୍ଥିତିରେ ପଡି କର୍ମକ୍ଷେତ୍ରରେ ଦାୟିତ୍ୱ ହାତକୁ ନେଇ ଚିନ୍ତିତ ରହିପାରନ୍ତି । ପୁରାତନ ରୋଗର ପ୍ରାଦୁର୍ଭାବ ବଢିବା କାରଣରୁ ମାନସିକ ଦୁର୍ବଳତା ଅନୁଭବ କରିବେ।

**ମିଥୁନ** - ରାଶିରେ ଗୁରୁଶୁକ୍ର ଥିବାରୁ ସକାଳୁ ଘର ପାଇଁ କୌଣସି କାମରେ ମନଦେଇ କର୍ମକ୍ଷେତ୍ର ପାଇଁ ପ୍ରସ୍ତୁତ ହେବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବଢାଇବା ଚେଷ୍ଟା କଲେ ମଧ୍ୟ ସେମାନେ ଅସ୍ୱୀକାର କରିପାରନ୍ତି। ପ୍ରଶାସନିକ କିମ୍ବା ପରିଚାଳନାଗତ ତ୍ରୁଟି ସୁଧାରିବା ଚେଷ୍ଟା ଅବ୍ୟାହତ ରହିବ। ଯାତ୍ରାରେ ଲକ୍ଷ୍ୟ ହାସଲ ସାଙ୍ଗକୁ ବ୍ୟବସାୟିକ ସଫଳତା ମିଳିବ।

**କର୍କଟ** - ଆଜି ଭାଗ୍ୟକର୍ମାଧିପଙ୍କ ସଂଯୋଗରୁ କିଛି ନୂଆ କାମ ଆରମ୍ଭ କରିବାକୁ ଚିନ୍ତା କରିବେ। ଅଭାବ ନ ଥିଲେ ମଧ୍ୟ ଖୋଲା ମନନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହେବେ। ବିବାଦୀୟ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି ପରିବାରରେ ସମସ୍ୟାର ଆଶଙ୍କା ରହିଛି।

**ସିଂହ** - ରାଶିରେ କେତୁ ଆପଣଙ୍କ ଦୈହିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି ପ୍ରତିକୂଳ ପ୍ରଭାବ ପକାଇପାରେ। ନିଜ ଲୋକଙ୍କ ବ୍ୟତୀତ ଅନ୍ୟଜାତିର ବ୍ୟକ୍ତି ସହାୟତା କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ସନ୍ତାନଙ୍କର କିଛି ରହିଥିବା ସମସ୍ୟାର ସମାଧାନ ସକାଶେ ବ୍ୟସ୍ତତା ବଢିପାରେ।

**କନ୍ୟା** - ଆଜିର ଦ୍ୱିତୀୟ ଚନ୍ଦ୍ର ଆପଣଙ୍କୁ ଅର୍ଥଲାଭ, ଯାତ୍ରାରେ ସଫଳତା ସାଙ୍ଗକୁ ବ୍ୟବସାୟରେ ଲାଭବାନ୍ କରାଇବ। ପରିସ୍ଥିତିରେ ସାମ୍ନା କରିବାକୁ ଯାଇ ବନ୍ଧୁଙ୍କ ସାହାଯ୍ୟ ସହଯୋଗ କରିପାରନ୍ତି। ପିଲାଙ୍କ ପାଇଁ ଜଞ୍ଜାଳ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ । ଶତ୍ରୁତା କରୁଥିବା ଲୋକମାନେ ହଠାତ୍ ନିଜର ଫାଇଦା ହାସଲ ପାଇଁ ଅପଚେଷ୍ଟା କରିବେ।

**ତୁଳା** - କର୍ମାଧିପତି ରାଶିରେ ଅବସ୍ଥାନ କରିଥିବାରୁ କୌଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇପାରନ୍ତି। ଦୀର୍ଘଦିନରୁ ବନ୍ଧୁଙ୍କ ନିକଟରୁ ପାଇ ନ ଥିବା ବକେୟା ଆଜି ପାଇବାର ସମ୍ଭାବନା ରହିଛି। ବିଷାଦିତ ମନ ସାଙ୍ଗକୁ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ଆଶା ରହିଛି।

**ବିଛା** - ମଙ୍ଗଳ ଏକାଦଶରେ ରହି ଆପଣଙ୍କୁ ଆର୍ଥିକ ସହାୟତା କିମ୍ବା ଜମିଜମା କ୍ରୟବିକ୍ରୟ କ୍ଷେତ୍ରରେ ସାହାଯ୍ୟ କରିବେ। ଅଟକି ରହିଥିବା କାମର ପୁନଃ ଆରମ୍ଭ ସାଙ୍ଗକୁ ବନ୍ଧୁଙ୍କ ସହ ଆଲୋଚନାରୁ ଖୁସି ହେବେ। ଶିଳ୍ପ,ବାଣିଜ୍ୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ସବୁକଥାରେ ହଁ ଭରିବାକୁ ବାଧ୍ୟ ହେବେ।

**ଧନୁ** - ରାଶିକୁ ବୃହସ୍ପତି ଓ ଶୁକ୍ରଙ୍କ ପୂର୍ଣ୍ଣଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ଲକ୍ଷ୍ୟ ହାସଲ କରିବେ। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନୋଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ଚେଷ୍ଟା କରିପାରନ୍ତି। ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ପଦକ୍ଷେପ ନେଇପାରିବେ ନାହିଁ। ଆଶା କରିଥିବା ଦିଗରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ।

**ମକର** - ସପ୍ତମସ୍ଥ ରବି ଓ ବୁଧ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା, ସଭାସମିତି, କର୍ମାରମ୍ଭ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରୁ ଗୁଜବ ଶୁଣି ମନ ବିଚଳିତ ରହିବ। ଅତୀତ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି। କର୍ମକ୍ଷେତ୍ରରେ ବୁଦ୍ଧିଜିବୀମାନଙ୍କ ନିକଟରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାର ଆଶା କରାଯାଇପାରେ।

**କୁମ୍ଭ** - ଚତୁର୍ଥସ୍ଥାନ ଶନି ଦୃଷ୍ଟିରେ ଥିବାରୁ ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ଯୋଗୁ ମନ ଅଶାନ୍ତ ରହିବ। ଲକ୍ଷ୍ୟହୀନ ଭ୍ରମଣ ହେତୁକ ସାମୟିକ କ୍ଳାନ୍ତି ଓ ଅବସାଦ ଅନୁଭବ କରିବେ। ବନ୍ଧୁମାନଙ୍କ ନିକଟରୁ କିଛି ଖରାପ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ରୋଗଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ମିଳିବ।

**ମୀନ** - ଶନିଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ଜଣେ ବିଜାତୀୟ ବ୍ୟକ୍ତି ନିଜ ଆଡୁ ସାହାଯ୍ୟ କରିବାକୁ ଆଗେଇ ଆସିବେ। ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ। ସଭାସମିତିରେ, ଆଲୋଚନା ପରିସରରେ, ରାଜନୈତିକ ସ୍ଥିତିରେ, ପ୍ରଶାସନିକ ସ୍ତରରେ ଆଶା ପୂରଣ ହେବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ।

ଆଜି ଅଗଷ୍ଟ ୧ ତାରିଖ, ବିଶ୍ୱ ସ୍ତନ୍ୟପାନ ସପ୍ତାହ ଆରମ୍ଭ, ଲୋକମାନ୍ୟ ତିଳକଙ୍କ ତିରୋଧାନ ଦିବସ, ଶ୍ରାବଣ କୃଷ୍ଣ ଅଷ୍ଟମୀ ଶୁକ୍ରବାର। ରାଶିନକ୍ଷତ୍ର- ସ୍ୱାତୀ/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୬ ଗତେ, ଘ.୦୬।୧୭ ମଧ୍ୟେ, ଘ.୦୭।୦୯ ଗତେ, ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୬ ଗତେ, ଘ.୧୧।୫୨ ମଧ୍ୟେ ରାହୁ କାଳ ।

# ମନ୍ତ୍ରୀଙ୍କ ପରଫର୍ମାନ୍ସ ରିପୋର୍ଟ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

## ନିର୍ଦ୍ଦିଷ୍ଟ ଫର୍ମାଟରେ ଦେବେ ସବୁ ସଚିବ: ମୁଖ୍ୟ ସଚିବ

ଭୁବନେଶ୍ୱର,୩୧।୭ (ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାର ୧ବର୍ଷ ଭିତରେ କ'ଣ ସବୁ ସଫଳତା ହାସଲ କରିଛି, ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ କେତେ କାର୍ଯ୍ୟକାରୀ ହୋଇଛି ଓ କେଉଁ ଆହ୍ୱାନମାନ ରହିଛି ସେହି ସମ୍ବନ୍ଧୀୟ ରିପୋର୍ଟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ ବିଭାଗଠାରୁ ଲୋଡ଼ିଛନ୍ତି। ଏସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମୁଖ୍ୟଶାସନ ସଚିବ ମନୋଜ କୁମାର ଆହୁଜା ସମସ୍ତ ବିଭାଗର ସଚିବଙ୍କୁ ବ୍ୟକ୍ତିଗତ ଭାବେ ନୋଟ୍‌ଶିଟ୍ ଲେଖି ଅବଗତ କରାଇଛନ୍ତି।

ମୁଖ୍ୟସଚିବ ମନୋଜ ଆହୁଜା ପ୍ରଦାନ କରିଥିବା ନୋଟ୍ ଶିଟ୍‌ରେ ଉଲ୍ଲେଖ କରିଛନ୍ତି, ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ନିର୍ଦ୍ଦିଷ୍ଟ ଫର୍ମାଟରେ ଚିକିନିଖି ଭାବେ ଜାଣିବାକୁ ଚାହୁଁଛନ୍ତି। ଚଳିତବର୍ଷ ମେ' ସୁଦ୍ଧା ବିଭାଗରେ ନିୟମିତ ସମୀକ୍ଷା କରାଯାଇଛି କି ନାହିଁ, ଏହାସହିତ ସରକାରଙ୍କ ପକ୍ଷରୁ ପ୍ରଣୟନ ହେଉଥିବା କାର୍ଯ୍ୟକ୍ରମର ମୂଲ୍ୟାୟନ ରିପୋର୍ଟ ଦେବାକୁ ସେ ଦର୍ଶାଇଛନ୍ତି। ଏହାସହିତ ବିଭାଗୀୟ ମନ୍ତ୍ରୀମାନେ ନିୟମିତ ଭାବେ ସମୀକ୍ଷା କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ରହିଛି। ତେବେ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ ବେଳେ ବିଶେଷକରି ୧୦ଟି ଦିଗରେ ଅବଗତ କରାଇବାକୁ ମୁଖ୍ୟମନ୍ତ୍ରୀ ଇଚ୍ଛା ପ୍ରକାଶ କରିଛନ୍ତି।

ମୁଖ୍ୟସଚିବ ଦର୍ଶାଇଛନ୍ତି ଯେ, ବିଭାଗ ପକ୍ଷରୁ କ'ଣ ସବୁ ପ୍ରମୁଖ ପ୍ରତିଶ୍ରୁତି ପୂରଣ କରିବାକୁ ରହିଥିଲା ଏବଂ କେଉଁ ବୃହତ୍ ଯୋଜନା କାର୍ଯ୍ୟକାରୀ ହେଉଛି ଓ ତା'ର ସ୍ଥିତି ମେ' ସୁଦ୍ଧା କ'ଣ ରହିଛି ; ସେଗୁଡ଼ିକୁ ୩ଟି ସ୍ଲାଇଡ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବାକୁ ହେବ। ତଥ୍ୟ ପ୍ରଦାନ ବେଳେ ସରକାରଙ୍କ ବଜେଟର ସର୍ତ୍ତ କ'ଣ ରହିଥିଲା ଏବଂ କେତେ ପରିମାଣର କାର୍ଯ୍ୟକାରିତା ହୋଇଛି ତାହାକୁ ଦର୍ଶାଇବାକୁ ପଡ଼ିବ। ସେହିପରି ଯଦି ସରକାରଙ୍କ ପକ୍ଷରୁ ଯୋଜନା କାର୍ଯ୍ୟକାରୀ ବେଳେ କୌଣସି ଆହ୍ୱାନ କିମ୍ବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ତେବେ ତାକୁ ଚେକ୍ ଆଣ୍ଡ୍ ବାଲାନ୍ସ ନୀତିରେ ନିଷ୍ପତ୍ତି ନେବାକୁ ହେବ। ଏହାସହିତ ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କିଭଳି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ସେଥିପାଇଁ ବାର୍ଷିକ ଖସଡ଼ା ପ୍ରସ୍ତୁତ କରିବା ନେଇ ଦର୍ଶାଇବାକୁ ପଡ଼ିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ସେହିପରି ବିଭାଗ ପକ୍ଷରୁ ଯୋଜନାର କାର୍ଯ୍ୟକାରିତା କେତେଦୂର ହୋଇଛି ତା'ର ମୂଲ୍ୟାୟନ ସଂକ୍ରାନ୍ତରେ ଚିକିନିଖି ତଥ୍ୟ ଦେବାକୁ ପଡ଼ିବ। ଏହାସହିତ ଯଦି ବିଭାଗ ପକ୍ଷରୁ କୌଣସି 'ଭିଜିଟ୍' ହୋଇଥାଏ ତା'ର ପୂର୍ଣ୍ଣାଙ୍ଗ ବିବରଣୀ ଦେବା ସହିତ କେଉଁ ଜିଲାରେ କେତେ ତାରିଖରେ ଭିଜିଟ୍ ଏବଂ ବୈଠକ ହୋଇଥିଲା ତା'ର ମଧ୍ୟ ତଥ୍ୟ ଦେବାକୁ ହେବ ବୋଲି ନୋଟ୍ ଶିଟ୍ ଜରିଆରେ ଉଲ୍ଲେଖ କରାଯାଇଛି।

ମୁଖ୍ୟସଚିବ ଆହୁରି ଦର୍ଶାଇଛନ୍ତି, ଜନସାଧାରଣଙ୍କ ଅଭିଯୋଗ ଶୁଣାଣିକୁ ବିଭାଗ ଗୁରୁତ୍ୱ ଦେଉଛି କି ନାହିଁ ତା'ର ସାପ୍ତାହିକ ରିପୋର୍ଟ ଦେବାକୁ ପଡ଼ିବ। କେତେ ଅଭିଯୋଗ ସପ୍ତାହକ ମଧ୍ୟରେ, କେତେ ୨ରୁ ୩ ସପ୍ତାହ ଏବଂ କେତେ ୩ରୁ ୭ସପ୍ତାହ ଭିତରେ ହୋଇଛି ତାହା ଦର୍ଶାଇବାକୁ ହେବ। ଏପରି କି ସପ୍ତାହକୁ କେତେ ଅଭିଯୋଗ ବକେୟା ରହିଯାଉଛି ତା'ର ତଥ୍ୟ ମଧ୍ୟ ଦେବାକୁ ହେବ। ବିଭାଗ ପକ୍ଷରୁ ପ୍ରଶାସନକୁ ଗତିଶୀଳ କରିବା ଲାଗି କ'ଣ ସବୁ ନୂତନ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଛି ଏବଂ ଆଗାମୀ ଦିନରେ ହେବାକୁ ରହିଛି, ସେସବୁକୁ ସ୍ଲାଇଡ୍ ମାଧ୍ୟମରେ ଜଣାଇବାକୁ କୁହାଯାଇଛି। ବିଶେଷକରି ସାମାଜିକ ଗଣମାଧ୍ୟମରେ ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ବିଭାଗର ସମ୍ପୃକ୍ତି ରହିଥିବ, ତାହାକୁ ହିଁ ସ୍ଲାଇଡ୍‌ରେ ଦେବାକୁ ହେବ। ଏଥିସହିତ ସାମାଜିକ ଗଣମାଧ୍ୟମକୁ ବିଭାଗ କେତେଦୂର ଗୁରୁତ୍ୱ ଦେଉଛି ସେ ସଂକ୍ରାନ୍ତରେ ମୁଖ୍ୟସଚିବ ମନୋଜ ଆହୁଜା ସମସ୍ତ ସଚିବଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି।

# ସରକାରଙ୍କୁ ତଦନ୍ତ ରିପୋର୍ଟ ଦେଲେ ଉନ୍ନୟନ ଆୟୁକ୍ତ

ଭୁବନେଶ୍ୱର,୩୧।୭ (ରବିନାରାୟଣ ଜେନା)


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ତଦନ୍ତ ରିପୋର୍ଟ ପ୍ରଦାନ କରୁଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବେଳେ ହୋଇଥିବା ଦଳାଚକଟାଜନିତ ମୃତ୍ୟୁ ଘଟଣାର ତଦନ୍ତ ରିପୋର୍ଟ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ଉନ୍ନୟନ ଆୟୁକ୍ତ ୨ଟି ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଗୋଟିଏ ପୁସ୍ତକରେ ପୂର୍ଣ୍ଣାଙ୍ଗ ବିବରଣୀ ରହିଥିବାବେଳେ ଅନ୍ୟଟିରେ ଏହାର ସାରାଂଶ(ସିନୋପ୍‌ସିସ୍) ରହିଛି। ତଦନ୍ତ ରିପୋର୍ଟରେ କ'ଣ ରହିଛି ଏବଂ କାହାକୁ ଦାୟୀ କରାଯାଇଛି ସେନେଇ ଉନ୍ନୟନ ଆୟୁକ୍ତ ଚିକିନିଖି ଦର୍ଶାଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ ଉକ୍ତ ତଦନ୍ତ ରିପୋର୍ଟକୁ ଆଧାର କରି କେଉଁମାନଙ୍କ ବିରୋଧରେ କେବେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ଗୁରୁବାର ଅପରାହ୍ନରେ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ରିପୋର୍ଟ ସନ୍ଧ୍ୟା ସୁଦ୍ଧା ସରକାରଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ସେ କହିଥିଲେ, ଘଟଣା ସମ୍ପର୍କରେ ଚିକିନିଖି ରିପୋର୍ଟ ପ୍ରଦାନ କରାଯାଇଛି। ମାତ୍ର ରିପୋର୍ଟରେ କ'ଣ ରହିଛି ତାହା କେବଳ ସରକାର ହିଁ କହିପାରିବେ। ତେବେ ଚଳିତବର୍ଷ ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭକ୍ତଙ୍କ ଦର୍ଶନ ବେଳେ ଦଳାଚକଟା ଘଟଣା ଯୋଗୁ ୩ଜଣଙ୍କ ପ୍ରାଣହାନି ହୋଇଥିବାବେଳେ ୫୦ରୁ ଅଧିକ ଆହତ ହୋଇଥିଲେ। ଏହି ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହିତ ଗ୍ରହଣ କରି ଏହାର ତଦନ୍ତଭାର ଉନ୍ନୟନ ଆୟୁକ୍ତଙ୍କୁ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଚଳିତମାସ ୩୦ ସୁଦ୍ଧା ଏହାର ତଦନ୍ତ ରିପୋର୍ଟ ଦେବାକୁ ଉନ୍ନୟନ ଆୟୁକ୍ତଙ୍କୁ କୁହାଯାଇଥିଲା।

**ରଥଯାତ୍ରା ଦଳାଚକଟା ମୃତ୍ୟୁ ପ୍ରସଙ୍ଗ**

**କିଏ ଦାୟୀ: ତାକୁ ନେଇ ବଢୁଛି ସସ୍‌ପେନ୍ସ**

ସୂଚନାଯୋଗ୍ୟ, ଚଳିତବର୍ଷ ରଥଯାତ୍ରା ଦଳାଚକଟା ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷର ବାତାବରଣ ଦେଖାଦେବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ସମସ୍ତ ଜଗନ୍ନାଥପ୍ରେମୀଙ୍କୁ କ୍ଷମାପ୍ରାର୍ଥନା କରିଥିଲେ। ଏହାସହିତ ରଥଯାତ୍ରା ବିଶୃଙ୍ଖଳା ପାଇଁ ପୁରୀ ଜିଲାପାଳ ଓ ଏସ୍‌ପିଙ୍କୁ ବଦଳି କରାଯିବା ସହିତ ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ ଅଜୟ ପାଢ଼ୀଙ୍କୁ ଦାୟିତ୍ୱରେ ଅବହେଳା ଯୋଗୁ ନିଲମ୍ବନ କରାଯାଇଥିଲା। ଏହାବାଦ୍ ଆଉ କେତେକ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଚଳିତମାସ ପହିଲାରେ ପୁରୀରେ ରଥଯାତ୍ରା ଶୃଙ୍ଖଳା ନେଇ ଏକ ସୁରକ୍ଷା ବୈଠକ କରି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

# ଚାଷୀ ପଞ୍ଜୀକରଣରେ ଅସୁବିଧା ଥିଲେ ଫୋନ୍ କର: ମନ୍ତ୍ରୀ

ଭୁବନେଶ୍ୱର,୩୧।୭(ସୁନୀତ ମିଶ୍ର)

ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆହୁରି ସରଳୀକରଣ ହୋଇଛି। ବର୍ତ୍ତମାନ ଯାଏ ୩ ଲକ୍ଷ ୩୮ ହଜାର ୭୩୫ ଜଣ ଚାଷୀ ପଞ୍ଜୀକରଣ କରିସାରିଲେଣି। ଗତବର୍ଷ ଏହି ସମୟରେ ୩ ଲକ୍ଷ ୪୮ ହଜାର ଚାଷୀ ପଞ୍ଜୀକରଣ କରିଥିଲେ। ଏଥିରେ ବେଶି ବ୍ୟବଧାନ ନାହିଁ। ଗତବର୍ଷ ଜୁଲାଇ ୧୫ ରୁ ଆରମ୍ଭ ହୋଇଥିଲା। ଏଥର ପଞ୍ଜୀକରଣ ୪ ଦିନ ବିଳମ୍ବରେ ଆରମ୍ଭ ହୋଇଛି। ପଞ୍ଜୀକରଣରେ ମାତ୍ର ୧୦ ହଜାର ବ୍ୟବଧାନ ରହିଛି। ଚାଷୀ କେବଳ ଗୋଟିଏ ସେଲ୍ଫ ଡିକ୍ଲାରେଶନ ଫର୍ମରେ ଦସ୍ତଖତ କରିବେ। ଯାହା ନାଁରେ ରେକର୍ଡ ଯଥା ବାପା କିମ୍ବା ଭାଇଙ୍କ ନାଁରେ ରେକର୍ଡ ଥିଲେ କେବଳ ଲେଖିକରି ଦେବେ। ସେଥିପାଇଁ ଫର୍ମ ଇସ୍ୟୁ ହୋଇଛି। ଜୋରସୋରରେ ପଞ୍ଜୀକରଣ ଚାଲିଛି। କୌଣସି ଅସୁବିଧା ନାହିଁ। ଅସୁବିଧା ଥିଲେ ଦିଆଯାଇଥିବା ଟେଲିଫୋନ ନମ୍ବରରେ ଫୋନ କରନ୍ତୁ ବୋଲି ଗୁରୁବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ଚାଉଳ ପ୍ରସଙ୍ଗରେ ମନ୍ତ୍ରୀ ପାତ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲି। ସେ ଚାଉଳ ପ୍ରସଙ୍ଗରେ ଆଶ୍ୱାସନା ଦେଇଛନ୍ତି, ଏଯାଏଁ କିଛି ଅର୍ଡର ଆସି ନାହିଁ। ଇତିମଧ୍ୟରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ନେତୃତ୍ୱରେ ମଧ୍ୟ ଏକ ଟିମ୍ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଛନ୍ତି। ଖୁବ୍‌ଶୀଘ୍ର ତାହାର ସମାଧାନ ହେବ। ଖରିଫ ପାଇଁ ଏବେ ପଞ୍ଜୀକରଣ ହେଉଛି। ଗତବର୍ଷ ୭୩ ଲକ୍ଷ ୪୬ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ଏବର୍ଷ ଆଉଟିକେ ଅଧିକ ସଂଗ୍ରହ ହେବ। ପଞ୍ଜୀକରଣ ପରେ କେତେ ଧାନ ସଂଗ୍ରହ ହେବ ଆଉଟିକେ ସ୍ପଷ୍ଟ ହୋଇଯିବ। ଇ-କେୱାଇସିରେ ଅନେକ ଅଯୋଗ୍ୟ ଚାଷୀ ଧରାପଡ଼ିଲେଣି। ସେଥିରୁ ମଧ୍ୟ ଚାଷୀ ସଂଖ୍ୟା କମିପାରେ। ଚାଷ ଯେଉଁ ଜାଗାରେ ହେଉ ନ ଥିଲା ସେଠାରେ ମଧ୍ୟ ଏଥର ଚାଷ ହୋଇଛି। ନିଶ୍ଚୟ ଧାନ ଏବଂ ଚାଉଳ ଉତ୍ପାଦନ ବଢ଼ିବ। ସରକାର ପ୍ରସ୍ତୁତ ଅଛନ୍ତି। ଯେତେ ଉତ୍ପାଦନ ହେବ ଆମେ ନେବୁ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

# ଡେଲିଭରି ବୟଙ୍କ ପାଇଁ ଆସିବ ମାର୍ଗଦର୍ଶିକା


ଭୁବନେଶ୍ୱର,୩୧।୭(ଅନୁରାଧା ମହାରଣା)

ଡେଲିଭରି ବୟଙ୍କ ପାଇଁ ମାର୍ଗଦର୍ଶିକା ଆସିବ। ଶୀଘ୍ର ପାର୍ସଲ ପହାଞ୍ଚାଇବା ପାଇଁ ଡେଲିଭରି ବୟ ଦ୍ରୁତଗତିରେ ଗାଡ଼ି ଚଳାଇବା ସହ ଅନେକ ସମୟରେ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଛନ୍ତି। ଦ୍ରୁତ ଗତିରେ ଗାଡ଼ି ଚଳାଇବା ଫଳରେ ଦୁର୍ଘଟଣା ହାର ବଢୁଥିବାରୁ ରାଜ୍ୟ ପରିବହନ ବିଭାଗ ଏଭଳି ନିଷ୍ପତ୍ତି ନେଇଛି ବୋଲି ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି, ଗ୍ରାହକଙ୍କୁ ଖୁସି କରାଇବା ପାଇଁ ହୋମ୍ ଡେଲିଭରି କରୁଥିବା ସଂସ୍ଥାଗୁଡିକ ମଧ୍ୟରେ ପ୍ରତିଯୋଗିତା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୁରକ୍ଷା ଦୃଷ୍ଟିରୁ ଯାତାୟାତ ସମୟକୁ ନିର୍ଦ୍ଧାରିତ ନ କରିବା ପାଇଁ ସମ୍ପୃକ୍ତ ସଂସ୍ଥା ସଚେତନ ହେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ୫ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ଦାୟିତ୍ୱ ବାଣ୍ଟିଲେ ସରକାର

ଭୁବନେଶ୍ୱର, ୩୧।୭ (ସୁନୀତ ମିଶ୍ର)

ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରରେ ଛୋଟ ଧରଣର ବଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କେତେଜଣ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ଇଣ୍ଡଷ୍ଟ୍ରି ନିର୍ଦ୍ଦେଶକ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ଆବୋଲି ସୁନୀଲ ନରୱଣେଙ୍କୁ ଅତିରିକ୍ତଭାବେ ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରି କର୍ପୋରେଶନର ଏମ୍‌ଡି ଦାୟିତ୍ୱ ଦିଆଯାଇଛି। ସେହିଭଳି ତାଙ୍କୁ ଓଡ଼ିଶା ଷ୍ଟେଟ୍ ଫାଇନାନ୍ସିଆଲ କର୍ପୋରେଶନର ଏମ୍‌ଡିଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ରାଉରକେଲା ଏଡିଏମ୍ ଥିବା ଧୀନା ଦସ୍ତାଗେଙ୍କୁ ଅତିରିକ୍ତଭାବେ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ କମିଶନର, ରାଉରକେଲା ସ୍ମାର୍ଟ ସିଟି ସିଇଓ ଏବଂ ରାଉରକୋଲା ଡେଭଲପମେଣ୍ଟ ଅଥରିଟି ସେକ୍ରେଟାରିଭାବେ ଦାୟିତ୍ୱ ମିଳିଛି। ସମ୍ବଲପୁର ମ୍ୟୁନିସିପାଲ କର୍ପୋରେଶନ କମିଶନର ଥିବା ୨୦୨୧ ବ୍ୟାଚ୍ ଆଇଏଏସ୍ ଅଫିସର ରେହାନ ଖାତ୍ରୀଙ୍କୁ ଅତିରିକ୍ତଭାବେ ସମ୍ବଲପୁର ଡେଭଲପମେଣ୍ଟ ଅଥରିଟିର ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। କଟକ ମ୍ୟୁନିସିପାଲ କର୍ପୋରେଶନ କମିଶନର ଥିବା ୨୦୨୧ ବ୍ୟାଚ୍ କିରଣଦୀପ୍ କୌର ସହୋଟାଙ୍କୁ ଅତିରିକ୍ତଭାବେ କଟକ ଡେଭଲପମେଣ୍ଟ ଅଥରିଟିର ଉପାଧ୍ୟକ୍ଷ ଦାୟିତ୍ୱ ମିଳିଛି। ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନର କମିଶନର ଥିବା ୨୦୨୧ ବ୍ୟାଚ୍‌ର ପ୍ରଥମେଶ ଅରବିନ୍ଦ ରାଜେଶହିର୍‌କେଙ୍କୁ ଅତିରିକ୍ତଭାବେ ବ୍ରହ୍ମପୁର ଡେଭେଲପମେଣ୍ଟ ଅଥରିଟି ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ସଚିବ ଦେବାଶିଷ ସିଂଙ୍କ ଦସ୍ତଖତରେ ଗୁରୁବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।




ତୁମର ମନ, ପ୍ରାଣ(ହୃଦୟ) ଓ ଦେହ– ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି– ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ । ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ । ... ଶାରୀରିକ ଅସୁସ୍ଥତା ହେଉଛି– ଏହି ପରର ଯୁଦ୍ଧରତ ଆବେଗଗୁଡିକରୁ ସୃଷ୍ଟି ହୋଇଥିବା ବିକ୍ଷୋଭ, ଚାଞ୍ଚଲ୍ୟ, ଭୟ ଓ ଅବସାଦର ଦ୍ୱନ୍ଦର ଫଳ । –ଶ୍ରୀମା

# ଏଆଇ ବନ୍ଧୁ ନୁହେଁ




ପିଟର ଜି. କିର୍ଚ୍ଛାଲାଗର

ପିଲାଙ୍କ ସମେତ ସମସ୍ତେ ଏଆଇ ସହ ବନ୍ଧୁ କିମ୍ବା ସାଥୀ ହେବା ଉଚିତ ବୋଲି ମେଟା ସିଇଓ ମାର୍କ ଜୁକରବର୍ଗ ଏବଂ ଓପନ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ସାମ୍ ଅଲଟମ୍ୟାନ୍ ଜୋରଦାର ପ୍ରଚାର ଚଳାଇଛନ୍ତି । ଏହି ସମୟରେ ଆମକୁ ଆମ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ସହଯୋଗ କରିବା, ନିୟମିତ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଏବଂ ନୀତି ନିର୍ଦ୍ଧାରଣରେ ମାର୍ଗଦର୍ଶନ କରିବା ସକାଶେ ଅନ୍ତଃରାଷ୍ଟ୍ରୀୟ ଟେକ୍ କମ୍ପାନୀଗୁଡ଼ିକ 'ଏଆଇ ଏଜେଣ୍ଟସ୍'(ଏଆଇ ସଫ୍ଟୱେର) ଡିଜାଇନ ଉପରେ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ ବାସ୍ତବରେ ଏଆଇ ସିଷ୍ଟମ୍ ଆମର ଏବେ ବନ୍ଧୁ, ସାଥୀ କିମ୍ବା ପ୍ରତିନିଧି ହୋଇନାହିଁ କି ଭବିଷ୍ୟତରେ କେବେ ବି ହୋଇପାରିବ ନାହିଁ । ଆମେ ବିଶ୍ୱାସ କରିବା ଉଚିତ, ସେଗୁଡ଼ିକ ସବୁବେଳେ ମେଶିନ ହୋଇ ରହିବେ । ସେଥିରୁ ଭିନ୍ନ କିଛି ଫଳାଫଳ ମିଳିବ ବୋଲି ଦର୍ଶାଯାଇ ଯେଭଳି ଭୁଲ୍ ପ୍ରଚାର କରାଯାଉଛି ତାହା ବିରୋଧରେ ସ୍ୱର ଉଠାଇବା ଦରକାର ।

'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ବା କୃତ୍ରିମ ବୁଦ୍ଧିମତ୍ତା ହେଉଛି ଏକ ବଡ଼ ଭ୍ରମାତ୍ମକ ଶବ୍ଦ । ଏହି ସିଷ୍ଟମ ପ୍ରକୃତରେ ବୁଦ୍ଧିସମ୍ପନ୍ନ ନୁହେଁ । ଏବେ ଆମେ ଯାହାକୁ ଏଆଇ ବୋଲି କହୁଛୁ ସେସବୁ କେବଳ ଯାନ୍ତ୍ରିକ ଉପକରଣ ସମୂହ ଏବଂ ନିର୍ଦ୍ଦିଷ୍ଟ ଭାବେ ମସ୍ତିଷ୍କ କରୁଥିବା କେତେକ କାର୍ଯ୍ୟର ନକଲ କରିଥାଏ । ସେସବୁ ବାସ୍ତବ ଜ୍ଞାନ ପାଇଁ ସକ୍ଷମ ନୁହନ୍ତି । ସେଗୁଡ଼ିକ କେବଳ ତଥ୍ୟ ଉପରେ ଆଧାରିତ ଓ ବ୍ୟକ୍ତିଗତ ଭାବନ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ ; ସ୍ୱଚ୍ଛ କିମ୍ବା ନିଷ୍ପକ୍ଷ ମଧ୍ୟ ନୁହନ୍ତି । ଏଆଇ ସିଷ୍ଟମ ଚାଟଜିପିଟି ଦ୍ୱାରା ସୃଷ୍ଟ ତଥ୍ୟ ଉପରେ ଅଧିକ ନିର୍ଭର କରୁଛି । ଏହାକୁ ଯାହା ତଥ୍ୟ ଯୋଗାଇ ଦିଆଯିବ ସେହି ଅନୁସାରେ ସେଥିରୁ ଫଳାଫଳ ମିଳିବ । ପ୍ରକୃତ କଥା ହେଉଛି, ବୁଦ୍ଧିମତ୍ତା କହିଲେ କେବଳ କାମ କରିବାକୁ ବୁଝାଏ ନାହିଁ, ବରଂ କାମଗୁଡ଼ିକ ବିଷୟରେ ଚିନ୍ତା କରି ସେସବୁ କିଭଳି କରାଯାଇପାରିବ ତାହା ହେଉଛି ବୁଦ୍ଧିମତ୍ତା । ପ୍ରଯୁକ୍ତିଗତ ଦକ୍ଷତା ଥିବା ସତ୍ତ୍ୱେ ଏଆଇ ମଡେଲଗୁଡ଼ିକ ନିର୍ଦ୍ଦିଷ୍ଟ କ୍ଷେତ୍ର ଯଥା ବୃହତ୍ ଡେଟାସେଟ ପ୍ରୋସେସିଂ, ଯୁକ୍ତିଯୁକ୍ତ ନିଷ୍ପତ୍ତିରେ ପହଞ୍ଚିବା ଏବଂ ଆକଳନ କରିବାରେ ସୀମିତ ହୋଇ ରହିଥାନ୍ତି ।

ସାମାଜିକ ସ୍ତରରେ ବ୍ୟକ୍ତିଗତ ସମ୍ପର୍କକୁ ଭଲ ଭାବେ ବୁଝିବାର କ୍ଷମତା ବିଷୟକୁ ଦେଖିଲେ ଏଆଇ ମେଶିନଗୁଡ଼ିକ ଭାବନା, କଥାବାର୍ତ୍ତା ଓ ସମ୍ପର୍କର ବାସ୍ତବତାକୁ କେବଳ ଅନୁସରଣ କରିପାରେ । ଉଦାହରଣ ସ୍ୱରୂପ, ଯେତେବେଳେ ରୋଗୀ କାନ୍ଦେ, ସେତେବେଳେ ହିଁ ଏକ ମେଡିକାଲ ରୋବୋ କାନ୍ଦେ । ସେହି ଅନୁସାରେ ତାହାକୁ ଡିଜାଇନ କରାଯାଇପାରେ । ଏଣୁ କେହି ବି ଯୁକ୍ତି କରିପାରିବେ ନାହିଁ, ଏହା ବାସ୍ତବରେ ଦୁଃଖ ଅନୁଭବ କରିପାରେ । ରୋଗୀଙ୍କୁ ଚାପୁଡ଼ା ମାରିବାକୁ ସେହି



ସମାନ ରୋବୋକୁ ମଧ୍ୟ ଡିଜାଇନ କରାଯାଇପାରେ ଓ ତାହା ଠିକ୍ ଭାବେ ନିର୍ଦ୍ଦେଶ ପାଳନ କରିବ ଏବଂ ଏଥିରେ ତାହାର ନିଜସ୍ୱ ବିଚାର କି ବାସ୍ତବିକତା ନ ଥାଏ । ମେଶିନ ଯତ୍ନ ନିଏ ନାହିଁ, ଏହା କେବଳ ନିର୍ଦ୍ଦେଶକୁ ଅନୁସରଣ କରେ । ଏଆଇ ସିଷ୍ଟମ ଯେତେ ବିକଶିତ ହେଉନା କାହିଁକି ସେଥିରେ କୌଣସି ବଡ଼ ପରିବର୍ତ୍ତନ ଆସିବାର ନାହିଁ । ସିଧା କହିବାକୁ ଗଲେ ମେଶିନର କୌଣସି ନୈତିକ କ୍ଷମତା ନାହିଁ । ମଣିଷ ସୃଷ୍ଟି କରିଥିବା ନିୟମ ଓ ବ୍ୟବସ୍ଥା ଅନୁଯାୟୀ ସେଗୁଡ଼ିକ ବ୍ୟବହାର କରିଥାନ୍ତି । ଅନ୍ୟପଟେ ସ୍ୱୟଂଚାଳିତ ନୈତିକତା ଏବଂ ନୈତିକ ମାନଦଣ୍ଡ ଅନୁସାରେ ମଣିଷର ବ୍ୟବହାର କରିବାର କ୍ଷମତା ରହିଛି । କିନ୍ତୁ କୌଣସି ସ୍ଥିତିରେ ତଥ୍ୟ ଉପରେ ନିର୍ଭର କରି ସଫ୍ଟୱେର ମାଧ୍ୟମରେ କାମ କରିବା ସକାଶେ ଏଆଇ ସିଷ୍ଟମଗୁଡ଼ିକୁ ଡିଜାଇନ କରାଯାଏ । ସେସବୁ ସେଲ୍ଫ ଲର୍ନିଂ ବା ସ୍ୱଶିକ୍ଷଣ ମାଧ୍ୟମରେ ବ୍ୟବହାର ବଦଳାଇପାରେ, କିନ୍ତୁ ନେଉଥିବା ନିଷ୍ପତ୍ତିର କୌଣସି ଅନ୍ତର୍ନିହିତ ନୈତିକ ମୂଲ୍ୟ ନ ଥାଏ । ସ୍ୱୟଂଚାଳିତ କାର୍ କଥା ଦେଖାଯାଉ । ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନରେ ଠିକ୍ ସମୟରେ ଶୀଘ୍ର ପହଞ୍ଚିବା ପାଇଁ ଏକ ସ୍ୱୟଂଚାଳିତ କାର୍‌ରେ ନିର୍ଦ୍ଦେଶ ଓ ନିୟନ୍ତ୍ରଣ ସିଷ୍ଟମର ବିକାଶ କରାଯାଇଛି । ଯଦି କାରକୁ ଠିକ୍ ଭାବେ ନିର୍ଦ୍ଦେଶ ଦିଆ ନ ଯାଏ, ତେବେ ତାହା ପଥଚାରୀ ଉପରେ ମାଡ଼ିଯିବ, କାରଣ ଏହା ଲୋକଙ୍କର କ୍ଷତି କରିବାର ନୈତିକ ଦିଗକୁ ବିଚାର କରିପାରେ ନାହିଁ । ଏମିତି ଘଟିବାର କାରଣ ହେଉଛି, ନୈତିକ କାର୍ଯ୍ୟର ସିଦ୍ଧାନ୍ତକୁ କେଉଁ ପରିସ୍ଥିତିରେ ଲାଗୁ କରାଯିବ ତାହା ଗ୍ରହଣ କରିବା ପାଇଁ ମେଶିନ ଅକ୍ଷମ । ନୈତିକ ବିଚାର ସାଧାରଣତଃ ଅନ୍ୟମାନେ ଗ୍ରହଣ କରିପାରୁଥିବା ଏକ ଯୁକ୍ତିଯୁକ୍ତ ତଥା ବିଶ୍ୱସନୀୟ ସିଦ୍ଧାନ୍ତ ଯୋଗାଇ ଦେବାର ଦକ୍ଷତା ଉପରେ ନିର୍ଭର କରେ । କେଉଁ କାମ ନୈତିକତା ଦୃଷ୍ଟିରୁ ଭଲ କିମ୍ବା ମନ୍ଦ, ତାହା ଆକଳନ କରିବାର କ୍ଷମତା ମଣିଷର ଅଛି, କିନ୍ତୁ ତାହା ମେଶିନ ଦ୍ୱାରା ସମ୍ଭବ ନୁହେଁ ।

ଏଣୁ ଡେଟା ବେସ୍‌ଡ ସିଷ୍ଟମ ବା ତଥ୍ୟ ଆଧାରିତ ସିଷ୍ଟମ (ଡିଏସ୍)ଏଆଇଠାରୁ ଅଧିକ ଉପଯୁକ୍ତ । କାରଣ, ଆକଳନ ଓ ଅନୁଧ୍ୟାନ କରିବା ପାଇଁ ଏଆଇର ଡେଟା ସୃଷ୍ଟି, ସଂଗ୍ରହ, ପ୍ରକ୍ରିୟା ତଥା ମୂଲ୍ୟାୟନ ଭଳି କାମକୁ ଏହା ଦର୍ଶାଇପାରେ । ଏହା ମଧ୍ୟ ଏବକାର ବିକଶିତ ପ୍ରଯୁକ୍ତିର ଶକ୍ତି ଓ ସୀମା ସମ୍ପର୍କରେ ସୂଚିତ କରେ । ସେଗୁଡ଼ିକର କେନ୍ଦ୍ରରେ ଥିବା ଅନେକ ସିଷ୍ଟମରେ ବ୍ୟାପକ ତଥ୍ୟ ଅନୁଧ୍ୟାନ କରିବା ପାଇଁ ଅତ୍ୟନ୍ତ ଉନ୍ନତ ଗାଣିତିକ ପଦ୍ଧତି ଅଛି । ଡିଏସ୍ କ'ଣ କରୁଛି କିମ୍ବା ତା'ଚାରିପାଖରେ କ'ଣ ଘଟୁଛି ସେ ସମ୍ପର୍କରେ ତାହାର କୌଣସି ଜ୍ଞାନ ନ ଥାଏ । ଏହା କହିବାର ମାନେ ଏହା ନୁହେଁ ଯେ, ଡିଏସ୍ ମାନବ ସମାଜ କିମ୍ବା ପୃଥିବୀର ଉପକାର କରିପାରିବ ନାହିଁ । ଯେଉଁ କ୍ଷେତ୍ରରେ ତାହାର କ୍ଷମତା ଆମଠାରୁ ଅଧିକ ସେହି କ୍ଷତ୍ରରେ ଆମେ ସେଗୁଡ଼ିକ ଉପରେ ଭରସା କରିପାରିବା ଏବଂ ଏହା କରିବା ଉଚିତ ମଧ୍ୟ । କିନ୍ତୁ ସେସବୁ ସାମ୍ନାକୁ ଆଣୁଥିବା ନୈତିକ ବିପଦଗୁଡ଼ିକୁ ଆମେ ନିୟନ୍ତ୍ରଣ ଓ ହ୍ରାସ କରିବା ପାଇଁ ସକ୍ରିୟତା ପ୍ରକାଶ କରିବା ଉଚିତ । ମାନବ ଅଧିକାର ଆଧାରିତ ଡିଏସ୍ ବିକାଶ କରିବା ଦରକାର । ଜାତିସଂଘରେ ଏକ ଅନ୍ତର୍ଜାତୀୟ ତଥ୍ୟ ଆଧାରିତ ସିଷ୍ଟମ ଏଜେନ୍ସି ଗଠନ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ପଦକ୍ଷେପ ହେବ ।

ବିଗତ ଦୁଇ ଦଶନ୍ଧି ମଧ୍ୟରେ ବୃହତ୍ ଟେକ୍ କମ୍ପାନୀଗୁଡ଼ିକ ଆମକୁ ଅଲଗା କରିବା ସହ ସୋସିଆଲ ମିଡିଆ ମାଧ୍ୟମରେ ଆମ ସମାଜଗୁଡ଼ିକୁ ବିଭାଜିତ କରିଦେଇଛନ୍ତି । ଆସକ୍ତଗତ ତଥା କ୍ଷତିକାରକ ଗୁଣକୁ ଦେଖିଲେ ଏହାକୁ ସମାଜ ବିରୋଧୀ ମିଡିଆ କହିବା ଅଧିକ ପ୍ରାସଙ୍ଗିକ ହେବ । ଏବେ ସେହିସବୁ କମ୍ପାନୀଗୁଡ଼ିକ ଏଆଇକୁ ବନ୍ଧୁ ଓ ସାଥୀ କହିଚାଲିଛନ୍ତି । ତା' ସହ ମଣିଷର ସମ୍ପର୍କ ପ୍ରତିଷ୍ଠା କରିବା ଦରକାର ବୋଲି କହି ଏକ ନୂଆ ରଢ଼ିବାଦୀ କଥାକୁ ପ୍ରୋତ୍ସାହିତ କରୁଛନ୍ତି । କିନ୍ତୁ ଏହି ସମୟରେ ଏହିସବୁ କମ୍ପାନୀ ଲଗାତର ତଥାକଥିତ 'ବ୍ଲାକ ବକ୍ସ ପ୍ରୋବ୍ଲେମ' ଅର୍ଥାତ୍ ଅପ୍ରତ୍ୟାଶିତତା, ଅପାରଦର୍ଶିତା ତଥା ଗାଣିତିକ ପ୍ରକ୍ରିୟାରେ ଆକଳନ, ନିଷ୍ପତ୍ତିରେ ସ୍ୱଚ୍ଛତାର ଅଭାବ ତଥା ପକ୍ଷପାତିତା ଭଳି ସମସ୍ୟାକୁ ଅଣଦେଖା କରି ଆସୁଛନ୍ତି । ଦେଖିବାକୁ ଗଲେ ଡିଏସ୍ ଆର୍ଥିକ ଏବଂ ରାଜନୈତିକ କ୍ଷେତ୍ରରେ ଆମକୁ ପ୍ରଭାବିତ କରୁଥିବା ଅତ୍ୟଧିକ କ୍ଷତିକାରକ ଧାରାରୁ ଆମ ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନକୁ ସୁରକ୍ଷିତ ରଖିବାରେ ପ୍ରମୁଖ ଭୂମିକା ନେଇ ସାରିଲାଣି । ତଥାପି ଡିଏସ୍ ସିଷ୍ଟମଗୁଡ଼ିକ ଆମ ନିଷ୍ପତ୍ତିକୁ ମାର୍ଗଦର୍ଶନ କରୁ ବୋଲି ଟେକ୍ ସିଇଓମାନେ ଚାହୁଁଛନ୍ତି । ଆମର ତଥା ଆମ ପରପିଢ଼ିର ସ୍ୱାଧୀନତା ଓ ମର୍ଯ୍ୟାଦାକୁ ସୁରକ୍ଷିତ ରଖିବାକୁ ଆମେ ମେଶିନ୍‌ର ଛଦ୍ମ ଆଚରଣକୁ ଅନୁମତି ଦେବା ଉଚିତ ନୁହେଁ ।

**ଏଥିକ୍ସ ପ୍ରାଧ୍ୟାପକ ତଥା ନିର୍ଦ୍ଦେଶକ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ଏଥିକ୍ସ(ଲୁସର୍ନ ୟୁନିଭର୍ସିଟି, ସୁଇଜରଲାଣ୍ଡ)**

# ମରିବାକୁ ନୁହେଁ ଜନ୍ମ ମୋର



ମୀରା ବେଉରା

ଜଣେ ନାରୀ ସ୍ୱାବଲମ୍ବୀ ହେଲେ ତା'ର ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦା ବୃଦ୍ଧି ପାଇଥାଏ । କିନ୍ତୁ ଦେଖାଯାଉଛି , ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ମହିଳା ପ୍ରତି ବିଶେଷ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପ୍ରତି ଯୌନ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି । ଆମ ରାଜ୍ୟର ମହିଳା କମିଶନ ଅଚଳାବସ୍ଥାରେ ପଡ଼ିରହିଛି । ଫଳରେ ମହିଳାମାନଙ୍କ ପ୍ରତି ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି । ପ୍ରତିଦିନ ରାଜ୍ୟରେ ୮୬ ମହିଳା ଅପରାଧର ଶିକାର ହେଉଥିବା ଏନ୍‌ସିଆର୍‌ବି ରିପୋର୍ଟରେ ଉଲ୍ଲେଖ ରହିଛି । ଏହି ରିପୋର୍ଟ ଅନୁସାରେ ଓଡ଼ିଶାରେ ପ୍ରତି ଏକଲକ୍ଷ ମହିଳାରେ ୨୨୭ ଜଣ ଅପରାଧର ଶିକାର ହେଉଛନ୍ତି । ଲଜ୍ଜାକର କଥା ହେଉଛି ଅସଦାଚରଣ ମାମଲାରେ ଦେଶରେ ପ୍ରଥମ ସ୍ଥାନରେ ଅଛି ଓଡ଼ିଶା । ଦ୍ୱିତୀୟରେ ମହାରାଷ୍ଟ୍ର ଓ ତୃତୀୟରେ ରହିଛି ଉତ୍ତର ପ୍ରଦେଶ । ବଳାତ୍କାର ଓ ଗଣବଳାତ୍କାର ପରେ ମହିଳାଙ୍କୁ ହତ୍ୟା କରିବାରେ ଓଡ଼ିଶା ଦେଶରେ ୮ ନମ୍ବରରେ ରହିଛି । ପ୍ରଥମ ସ୍ଥାନରେ ରହିଛି ଉତ୍ତରପ୍ରଦେଶ, ଦ୍ୱିତୀୟ ସ୍ଥାନରେ ଆସାମ ଓ ତୃତୀୟ ସ୍ଥାନରେ ଅଛି ମଧ୍ୟପ୍ରଦେଶ ।

ଏବେ ରାଜ୍ୟରେ ସବୁଠୁ ଚାଞ୍ଚଲ୍ୟକର ଘଟଣା ହେଉଛି ଶିକ୍ଷାଳୟ ଭଳି ପବିତ୍ର ସ୍ଥାନରେ ବିଭାଗୀୟ ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଦେବା ପରେ ସମସ୍ତଙ୍କ ନିଦ ହଜିଯାଇଛି । କେବଳ ସୌମ୍ୟାଶ୍ରୀ ନୁହନ୍ତି ଏହା ପୂର୍ବରୁ ଏମିତି ଅନେକ ଘଟଣା ଆଗରୁ ଘଟିଛି, ଏବେ ମଧ୍ୟ ଘଟୁଛି । ପ୍ରତି ମୁହୂର୍ତ୍ତରେ ଓଡ଼ିଶାରେ ତଥା ଭାରତବର୍ଷରେ କେଉଁଠି ନା କେଉଁଠି କନ୍ୟା ରତ୍ନଟିଏ ଜୀବନ ଯୁଦ୍ଧରେ ଯୁଝି ଯୁଝି ଚଳିପଡୁଛି । ଗୁହାରି କରିବା କାହାକୁ ? ନାରୀ ସୁରକ୍ଷା ପାଇଁ ଗଢ଼ା ହେଉଛି କେତେ କେତେ ଆଇନ । ସେ ଶକ୍ତିଶ୍ରୀ ହେଉ ବା ଆତ୍ମ ପ୍ରଶିକ୍ଷଣ ଶିବିର । କିନ୍ତୁ ଯେ ପର୍ଯ୍ୟନ୍ତ ମଣିଷର ଚରିତ୍ର ନ ବଦଳିଛି ସେଠାରେ ଆଇନ କ'ଣ ବା କରିବ ? ଆମେ ଏ ପର୍ଯ୍ୟନ୍ତ ଗୋଟିଏ ଦୃଷ୍ଟାନ୍ତମୂଳକ ଦଣ୍ଡବିଧିର ବ୍ୟବସ୍ଥା କରିପାରିଲୁ ନାହିଁ, ଯାହା ଦ୍ୱାରା ଏଭଳି ଘଟଣା ଆହୁରି ତୀବ୍ର ହେବାରେ ଲାଗିଛି ।

ଆଜି ଆମେ କାହାକୁ ଠକୁଛେ ? ଯେତେବେଳେ ଝିଅଟି ତା' ଦୁଃଖ ଜଣାଉଛି ସେତେବେଳେ ଆମେ ଚୁପ୍ ରହୁଛେ, ତାକୁ ହତାଦାର କରୁଛେ, ସଂସ୍କୃତି ନାମରେ ତାକୁ କଟୁଭାଷା ପ୍ରୟୋଗ କରି ବଞ୍ଚିବାର ଅଧିକାରକୁ ଛଡ଼ାଇ ନେଉଛେ, ଅଥଚ ମୃତ୍ୟୁ ପରେ ବହୁତ ଅଭିନୟ କରୁଛେ । ଆହୁରି ମଧ୍ୟ କେତେଟା ଟଙ୍କା ଦେଇ ତା'ର ମୂଲ୍ୟ ନିର୍ଦ୍ଧାରଣ କରୁଛେ । ଏହା କ'ଣ ନ୍ୟାୟ ବ୍ୟବସ୍ଥା ? ଟଙ୍କା କେବେ କୌଣସି କନ୍ୟାର ମୂଲ୍ୟ ନିର୍ଦ୍ଧାରଣ ନ କରୁ । କଥା ହେଉଛି ଝିଅଟି ବଞ୍ଚିଥିବା ବେଳେ ଆମେ ତାକୁ ମାନସିକ ନିର୍ଯାତନା ଦେଉଛେ, ଅଥଚ ମରିଗଲା ପରେ ତତ୍ପରତା ପ୍ରକାଶ କରୁଛେ । ଯଦି ଏହିପରି ସୌମ୍ୟାଶ୍ରୀ ଓ ପୁରୀ ଜିଲା ବଳଙ୍ଗାର ଏମ୍ସରେ ଚିକିତ୍ସିତ ହେଉଥିବା ନାବାଳିକା ନ୍ୟାୟ ପାଇଁ ଆର୍ତ୍ତ ଚିତ୍କାର କରନ୍ତି, ଆଉ ଆମେ ଯଦି ନୀରବ ରହିବା ତେବେ ଇତିହାସ ଆମକୁ କଦାପି କ୍ଷମା ଦେବନାହିଁ । କେବଳ ସୌମ୍ୟାଶ୍ରୀ ନୁହନ୍ତି କି ଏମ୍ସରେ ଚିକିତ୍ସିତ ହେଉଥିବା ନାବାଳିକା ନୁହନ୍ତି, ଆମ ରାଷ୍ଟ୍ରର ଆଗରୁ ଅନେକ କନ୍ୟା ଏପରି ଯୌନ ନିର୍ଯାତନାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ସେମାନଙ୍କୁ ସୁରକ୍ଷା ଦେବା ଗୋଟିଏ ରାଷ୍ଟ୍ରର ପ୍ରଧାନ ଓ ପ୍ରମୁଖ ଦାୟିତ୍ୱ ।

ଏବେ ସରକାର ଅନେକ ପଦକ୍ଷେପ ନେଇଛନ୍ତି, ଯାହା ଛାତ୍ରୀମାନଙ୍କ ଆତ୍ମସମ୍ମାନ ସହ ବଞ୍ଚିବା ପାଇଁ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ । କେବଳ ଯୋଜନା କିମ୍ବା ଆଇନ ବଦଳି ଗଲେ ଏ ସମସ୍ୟାର ସମାଧାନ ହେବ ନାହିଁ, ଏହା କେତେଦୂର ସୁଚାରୁ ରୂପରେ କାର୍ଯ୍ୟକାରୀ ହେବ ତାହା ନିର୍ଭର କରେ ଯୋଜନାର ଫଳବତୀ ଉପରେ । ଯୋଜନାକୁ କାର୍ଯ୍ୟକାରୀ କରିବା କେବଳ ସରକାରଙ୍କର ନୁହେଁ, ତାହା ଆମ ସମସ୍ତଙ୍କର ଦାୟିତ୍ୱ । ଯେଉଁଦିନ ଭାରତବର୍ଷର ପ୍ରତ୍ୟେକ କନ୍ୟାରତ୍ନ ସ୍ୱାଭିମାନ, ଆତ୍ମମର୍ଯ୍ୟାଦା ତଥା ନିର୍ଭୀକତାର ସହ ବଞ୍ଚିବାର ଅଧିକାର ପାଇବେ ସେହିଦିନ ଦାବି କରିବା ଆମେ ଏ ଭାରତବର୍ଷର ଉପଯୁକ୍ତ ଦାୟାଦ ।

**ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳସାହି, କଟକ
ମୋ: ୭୮୪୬୯୨୧୪୦୦**

## ଏଇ ଭାରତରେ

ଜଳ ସଂରକ୍ଷଣ ଏବେ ଦେଶ ପାଇଁ ଅପରିହାର୍ଯ୍ୟ ହୋଇଥିବାବେଳେ ଏ କ୍ଷେତ୍ରରେ ଯେଉଁ କେତେ ଜଣ କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧ୍ୟରେ ରାମବୀର ତନୱାର ଅନ୍ୟତମ । ରାମବୀରଙ୍କ ଜନ୍ମ ଉତ୍ତରପ୍ରଦେଶର ଡଧା ଗାଁରେ । ସେ ଦିଲ୍ଲୀରେ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ କର୍ପୋରେଟ ସେକ୍ଟରରେ କାମ କରୁଥିଲେ । ହେଲେ ୨୦୧୪ରେ ତାକୁ ଛାଡ଼ି ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଜଳାଶୟଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି । ଏଥିପାଇଁ ୨୦୧୬ରେ ସେ 'ଜଳ ଚୌପାଲ' ଅଭିଯାନ ଚଳାଇଛନ୍ତି । ସେ ଏହି କାର୍ଯ୍ୟରେ ସମ୍ପୃକ୍ତ ଅଞ୍ଚଳର କିମ୍ବା ଗାଁର ଲୋକମାନଙ୍କୁ କାମରେ ଲଗାଇ ରୋଜଗାର ସୃଷ୍ଟି କରୁଛନ୍ତି । ଏବେସୁଦ୍ଧା ଦିଲ୍ଲୀ ଏନ୍‌ସିଆର ଆଖପାଖ ଅଞ୍ଚଳରେ ୨୦ଟି ଜଳାଶୟ ପୁନରୁଦ୍ଧାର କରିସାରିଲେଣି । ସାରା ଦେଶରେ ମଧ୍ୟ ସେ ଏହି ଅଭିଯାନ ଚଳାଇ ମୋଟ ୮୦ଟି ଜଳାଶୟର ପୁନରୁଦ୍ଧାର ଶେଷ କରିସାରିଛନ୍ତି । ଜଳାଶୟ ପୁନରୁଦ୍ଧାର ପରେ ସେହି ଗାଁଗୁଡ଼ିକର ଭୂତଳ ଜଳସ୍ତର ବୃଦ୍ଧି ପାଇଛି । ଏହାସହ କୃଷକମାନେ ମଧ୍ୟ ସେହି ପାଣି ବ୍ୟବହାର କରି ଚାଷ କରି ଲାଭବାନ୍ ହୋଇପାରୁଛନ୍ତି । ଅନେକ ପୁଷ୍କରିଣୀରେ ଗୋଷ୍ଠୀଭିତ୍ତିକ ମାଛଚାଷ ମଧ୍ୟ କରାଯାଉଛି । ଏହି କାର୍ଯ୍ୟ ପାଇଁ ତନୱାରଙ୍କୁ ଲୋକେ ପଣ୍ଡ ମ୍ୟାନ ବା 'ପୁଷ୍କରିଣୀ ମଣିଷ' ବୋଲି ସମ୍ବୋଧନ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧ ଅଗଷ୍ଟ ୧୯୭୬**

- କଳା ଓ ସଂସ୍କୃତି କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା କୃତୀ କଳାକାରମାନଙ୍କୁ ପେନସନ୍ ଦେବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି ।
- ଅଲିମ୍ପିକ୍ସ ଇତିହାସରେ ଏକ ନୂତନ ବିସ୍ମୟ ସୃଷ୍ଟି କରି ନିଉଜିଲାଣ୍ଡ ପ୍ରଥମ ଥର ପାଇଁ ହକିରେ ସ୍ୱର୍ଣ୍ଣ ପଦକ ବିଜେତା ହେବାର ସୌଭାଗ୍ୟ ଲାଭ କରିଛି ।
- ମହାକାଶ ଗବେଷଣା ଚାଲୁରଖିବା ପାଇଁ ସୋଭିଏତ ୟୁନିୟନ ପୁଣି ଏକ କସମସ–୮୪୬ ନାମକ ଉପଗ୍ରହ ମହାକାଶକୁ ପ୍ରେରଣ କରିଛି ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | 5 | 2 | 8 |
| 5 | | | 3 | 2 | | 1 | | 6 |
| | | | | | 1 | | 7 | |
| | | | | 3 | 9 | | | 5 |
| | | | | | | | 9 | |
| | | 6 | | | | | | |
| | 8 | 2 | | 4 | | | | |
| 1 | | | | 5 | | | | |
| | | 7 | | | | 4 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 8 | 5 | 3 | 4 | 7 | 6 | 1 |
| 1 | 3 | 4 | 7 | 9 | 6 | 8 | 2 | 5 |
| 7 | 5 | 6 | 8 | 1 | 2 | 4 | 3 | 9 |
| 6 | 8 | 7 | 1 | 2 | 9 | 5 | 4 | 3 |
| 4 | 1 | 2 | 6 | 5 | 3 | 9 | 7 | 8 |
| 5 | 9 | 3 | 4 | 8 | 7 | 6 | 1 | 2 |
| 3 | 7 | 1 | 9 | 4 | 5 | 2 | 8 | 6 |
| 2 | 6 | 9 | 3 | 7 | 8 | 1 | 5 | 4 |
| 8 | 4 | 5 | 2 | 6 | 1 | 3 | 9 | 7 |

ଗତକାଲିର ଉତ୍ତର

# କର୍ତ୍ତବ୍ୟ କର୍ମର ଗୁରୁତ୍ୱ



ଡ. ନିରଞ୍ଜନ ସାହୁ

ଉତ୍କଳମଣି ଗୋପବନ୍ଧୁଙ୍କ କବିତାଂଶ 'କର୍ମେ ଯିଏ ନର, କର୍ମ ଏକା ତା'ର ଜୀବନର ମାନଦଣ୍ଡ' ସଂସ୍ପର୍ଶରେ ଆସିଥିବେ ବିଶାଳ ଓଡ଼ିଆ ପାଠକଶ୍ରେଣୀ । ସେମାନଙ୍କର ହୁଏତ ଧାରଣା ହୋଇଥିବ ଜୀବନର ପରିଭାଷାକୁ ସଂକ୍ଷିପ୍ତ ଭାବରେ ବୁଝାଉଥିବା କଥା ଆଉ କିଛି ନ ଥାଇପାରେ । ମଣିଷ ଅନେକ କିଛି ଭାବିପାରେ ମାତ୍ର କେବଳ କର୍ମଦ୍ୱାରା ତା'ର ପ୍ରକୃତ ପରିଚିତି ମିଳେ ।

କର୍ମକୁ ବିଭିନ୍ନ ଧର୍ମ ଧାରଣାରେ ଗୁରୁତ୍ୱ ଦିଆହୋଇଛି – ଖ୍ରୀଷ୍ଟିଆନମାନେ ବିଶ୍ୱାସ କରନ୍ତି ଯେପରି କର୍ମ ସେପରି ଫଳ । ଶ୍ରୀମଦ୍ ଭଗବତ ଗୀତାରେ କର୍ମର ଯେପରି ବିଶଦ୍ ବ୍ୟାଖ୍ୟା କରାଯାଇଛି ଅନ୍ୟ କୌଣସିଠାରେ ସେପରି ତାତ୍ତ୍ୱିକ ବିଶ୍ଳେଷଣ ଉପଲବ୍ଧ ହୁଏନାହିଁ ।


ଶ୍ରୀମଦ୍ ଭଗବଦ୍ ଗୀତାରେ ଅଠର ଗୋଟି ଅଧ୍ୟାୟ ରହିଛି ଏବଂ ତନ୍ମଧ୍ୟରୁ ତୃତୀୟ ଅଧ୍ୟାୟକୁ କର୍ମଯୋଗ ଭାବରେ ନାମିତ କରାଯାଇଛି– ତେଣୁ ଅନେକଙ୍କର ଧାରଣା ହୋଇପାରେ କେବଳ ସେଇ ଅଧ୍ୟାୟରେ କର୍ମ ବିଷୟରେ ଅବତାରଣା କରାଯାଇଛି ବୋଲି । ମାତ୍ର ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ସମଗ୍ର ଗୀତାରେ କର୍ମ କର୍ତ୍ତବ୍ୟ ବିଷୟରେ ବିସ୍ତୃତ ଆଲୋଚନା ରହିଛି । ସବୁଠାରୁ ବେଶି କୌତୂହଳପୂର୍ଣ୍ଣ କଥା ହେଲା 'କର୍ମ' ସଂକ୍ରାନ୍ତରେ ସର୍ବବହୁଳ ଆଲୋଚିତ ଶ୍ଳୋକଟି:

'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ
ମା କର୍ମଫଳ ହେତୁର୍ଭୂର୍ମା ତେ ସଙ୍ଗୋସ୍ତ୍ୱ କର୍ମଣି'

ଏବଂ ଏହି ଶ୍ଳୋକଟି ଦ୍ୱିତୀୟ ଅଧ୍ୟାୟ (ସାଂଖ୍ୟ ଯୋଗ)ର ସତଚାଳିଶତମ ଶ୍ଳୋକ ଭାବରେ ଖ୍ୟାତ । ଯେଉଁମାନେ ଗୀତା ଅଧ୍ୟୟନ କରିବାକୁ ଆରମ୍ଭ କରନ୍ତି ସେମାନେ ଏଇ ଶ୍ଳୋକ ପାଖରେ ଝୁଣ୍ଟିପଡ଼ନ୍ତି । ସେମାନଙ୍କୁ ଶ୍ରୀକୃଷ୍ଣଙ୍କର ଏଇ ପରାମର୍ଶ ହଜମ ହୁଏନି, ଅବାସ୍ତବ ଅନୁଭୂତ ହୁଏ, ଦ୍ୱନ୍ଦ୍ୱ ହୁଏ ପ୍ରଖର : ସତରେ କ'ଣ ଏହା ସମ୍ଭବ ଓ ଗ୍ରହଣଯୋଗ୍ୟ ? ଏହି ଶ୍ଳୋକର ସାଧାରଣ ଅର୍ଥ ହେଲା ଏମିତି – ଅର୍ଜୁନ, କର୍ମ କରିବାରେ ତୁମର ଅଧିକାର ଅଛି ମାତ୍ର କର୍ମଫଳରେ ନାହିଁ – ତେଣୁ ତୁମେ କର୍ମଫଳ କଥା ଚିନ୍ତା ନ କରି କର୍ମ କରି ଚାଲ ।

ପ୍ରତ୍ୟେକ ଅନୁସନ୍ଧିତ୍ସୁ ଭାବନ୍ତି ଏହା କିପରି କଥା – ପିଲାଟିଏ ପାଠ ପଢୁଛି କାରଣ ତା'ର ଆଶା ଅଛି ଯେ ସେ ପରୀକ୍ଷାରେ ପାସ୍ କରିବ । କୃଷକଟିଏ ଚାଷ କର୍ମରେ ନିଜକୁ ନିୟୋଜିତ କରୁଛି କାରଣ ତା'ର ଅଲକ୍ଷ୍ୟରେ ଏକ ସ୍ୱପ୍ନ ରହିଛି ଯେ ସେଥିରୁ ଦିନେ ଫସଲ ପାଇବ । ବ୍ୟବସାୟୀଟିଏ ନିଜର ବ୍ୟବସାୟ କଲାବେଳେ ତା' ଭିତରେ ଗୋଟିଏ ଭାବନା ରହୁଛି ଯେ ସେ ସେଥିରୁ ଦୁଇପଇସା ମୁନାଫା କମେଇବ । ସାରା ସଂସାରରେ ଏଇଭଳି ଚଳନ୍ତି ଧାରଣାଟିଏ ବଦ୍ଧମୂଳ ହୋଇ ରହିଛି ସମସ୍ତଙ୍କଠାରେ ।

ଅର୍ଜୁନ ଯେହେତୁ ଯୁଦ୍ଧ କର୍ମରେ ପ୍ରବୃତ୍ତ ହେବାକୁ ଚାହୁଁ ନ ଥିଲେ ତେଣୁ ଯୁଦ୍ଧର ଫଳ କେତେ ଭୟଙ୍କର ହୋଇପାରେ, ସେଥିରେ ନିଜର ପରିବାରର ଅନ୍ତରଙ୍ଗ ଭାଇବନ୍ଧୁଙ୍କୁ କିପରି ହରେଇବାକୁ ପଡ଼ିପାରେ ଏବଂ ଅନ୍ୟାନ୍ୟ କ୍ଷୟକ୍ଷତିକୁ କିପରି ସାମ୍ନା କରିବାକୁ ପଡ଼ିପାରେ ତାହା ସେ ବିଶଦ୍ ଭାବରେ ଶ୍ରୀକୃଷ୍ଣଙ୍କୁ କହିଥିଲେ । ସାଧାରଣ ଭାବରେ ବିଶ୍ୱାସ ରହିଛି କର୍ମର ଅନୁରୂପ ଫଳ ମିଳେ । ମାତ୍ର ଏଇ ବିଶ୍ୱାସ ବଳରେ ଆମେ କର୍ମ ଓ କର୍ମଫଳ ଉଭୟକୁ ପରସ୍ପର ସହିତ ଯୋଡ଼ି ଦିଅନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କର ବିଶେଷତ୍ୱ ହେଲା ସେ କର୍ମର ଯେଉଁ ଉପପାଦ୍ୟ ପ୍ରତିବେଦନ କରିଛନ୍ତି ତାହା ସ୍ପଷ୍ଟ ଓ



ଆଗରୁ କେହି କେବେ କହି ନ ଥିଲେ । ସାଧାରଣ ଧାରଣା ହେଲା ସତ୍ କର୍ମର ଫଳ ଉତ୍ତମ – ଏହାକୁ କର୍ମ କୁହାଯାଏ ଏବଂ ଅସତ୍ କର୍ମର ଫଳ ବିଷମ – ଯାହାକୁ ହୁଏତ ଅକର୍ମ କୁହାଯାଉଥିବ । ମାତ୍ର ନା – ବାସ୍ତବରେ ଯାହା ଶାସ୍ତ୍ର ସମ୍ମତ କର୍ମ ତାହା ହିଁ କର୍ତ୍ତବ୍ୟ କର୍ମ ଏବଂ କର୍ମ କରିବାକୁ ନିଷେଧ କରାଯାଇଛି ତାକୁ 'ବିକର୍ମ' ବୋଲି କୁହାଯାଏ । ଯେତେବେଳେ ମଣିଷ ଅନୁଭବ କରିବ ଯେ ତା'ଠାରେ ଏପରି କିଛି ଶକ୍ତି ନାହିଁ ଯେ ସେ ହେଉଛି କର୍ମର କର୍ତ୍ତା । ସେତେବେଳେ ସେ ନିଷ୍କାମ କର୍ମରେ ନିବିଷ୍ଟ ହୁଏ ତାହାକୁ 'ଅକର୍ମ' କରୁଛି ବୋଲି ଧରିବାକୁ ହେବ । ସଂକ୍ଷେପରେ କହିବାକୁ ହେଲେ ଶାସ୍ତ୍ରସମ୍ମତ କାର୍ଯ୍ୟ ହେଲା 'କର୍ମ', ଶାସ୍ତ୍ର ବିରୋଧୀ କାର୍ଯ୍ୟ ହେଲା 'ବିକର୍ମ' ଏବଂ ଫଳ ଆଶା ନ ରଖି କର୍ମ କରିବା ହେଲା 'ଅକର୍ମ' । ଯିଏ ଏହାକୁ ଠିକ୍ ରୂପରେ ବୁଝିପାରନ୍ତି ସେ ଭ୍ରମରେ ପଡ଼ନ୍ତି ନାହିଁ ବୋଲି ଭଗବାନ କହୁଛନ୍ତି, ବହୁ ଆଲୋଚିତ ଏହି ଶ୍ଳୋକଟି ପାଠକମାନଙ୍କ ପାଇଁ ଉପସ୍ଥାପନ କରୁଛି–

'କର୍ମଣୋହ୍ୟପି ବୋଦ୍ଧବ୍ୟଂ, ବୋଦ୍ଧବ୍ୟଂ ଚ
ବିକର୍ମଣ/ଅକର୍ମଣଶ୍ଚ ବୋଦ୍ଧବ୍ୟଂ, ଗହନା
କର୍ମଣୋ ଗତିଃ ।'(ଚତୁର୍ଥ ଅଧ୍ୟାୟ–ଶ୍ଳୋକ ୧୭)

ଅନେକ ସମୟରେ ଆମେ ନିଜକୁ କର୍ମର କର୍ତ୍ତା ବୋଲି ଭାବନ୍ତି – ମାତ୍ର ଅନେକ କର୍ମ ଅଛି ଯାହା ଆପଣଙ୍କ କର୍ତ୍ତୃତ୍ୱରେ ନାହିଁ – ଯେପରି ଆପଣ ଚାହିଁଲେ କ'ଣ ଆପଣଙ୍କର ହୃତ୍କ୍ରିୟାକୁ ବନ୍ଦ କରିପାରିବେ କି ? ଶରୀରରେ ଅନବରତ ବହୁ କ୍ରିୟା ସ୍ୱୟଂକ୍ରିୟ ଭାବରେ ଚାଲିଛି – ମାତ୍ର ସେସବୁକୁ ଆମେ ନିୟନ୍ତ୍ରଣ କରୁଛନ୍ତି ବୋଲି କହିପାରିବା କି ? ଅନେକ ସମୟରେ ଆମ ଅଜାଣତରେ ଅହଂକାର ଆମର ସମଗ୍ର ବ୍ୟକ୍ତିତ୍ୱ ଉପରେ ରାଜୁତି କରେ, ତେଣୁ ଆମେ କହୁ ସବୁ ଜିନିଷ ଆମର ଆୟତ୍ତରେ ବା ଆମେ ଯାହା ଚାହିଁବୁ ତାହା କରିପାରିବୁ । ବିଜ୍ଞ ପାଠକମାନଙ୍କୁ ଗୋଟିଏ ଛୋଟ ପ୍ରଶ୍ନ ପଚାରିବି – ଆପଣ କେବେ ଆମ ଶରୀରର ପଟାସିୟମ୍ ସୋଡିଅମ୍‌ର ଭାଗମାପ ଟିକିଏ ଏପାଖ ସେପାଖ ହୋଇଗଲେ ମଣିଷ କିପରି ଆଚରଣ କରେ ତାହା ଜାଣନ୍ତି ? ସେତେବେଳେ ସେ ପାଗଳପ୍ରାୟ ଆଚରଣ କରିଥାଏ । ସାମାନ୍ୟ ଦୁଇଟି ଛୋଟ ଛୋଟ ଜୈବିକ ଅଣୁ ଆମ ଶରୀରରେ ଅସ୍ୱାଭାବିକ ପାଲଟିଲେ ଆମେ ସ୍ୱାଭାବିକ ଆଚରଣ କରିପାରୁ ନାହାନ୍ତି । ଏପରିସ୍ଥଳେ ସବୁ ଆମର ଚରଣାଶ୍ରିତ, ସମସ୍ତ କାର୍ଯ୍ୟ ଆମର ନିୟନ୍ତ୍ରଣାଧୀନ ବୋଲି ବାହୁସ୍ଫୋଟ ମାରିବା କେତେଦୂର ଗ୍ରହଣୀୟ ଆପଣମାନେ ଚିନ୍ତା କରନ୍ତୁ ।

ଯେତେବେଳେ ଆମ ଭିତରେ ଦୃଢ଼ ଧାରଣା ହେବ କେବଳ କର୍ମ କରିବା ମୋର ଅଧିକାର ଓ ଦାୟିତ୍ୱ ଏବଂ ତାକୁ ନିଷ୍ଠାପର ଭାବରେ ସମ୍ପନ୍ନ କରିବାକୁ ମୋତେ କୁହାଯାଇଛି, ସେତେବେଳେ କର୍ମ ସମ୍ପାଦିତ ହୋଇଯିବ ଏବଂ ଯଦି ବି ଫଳାଫଳ ଆଶାନୁରୂପ ନ ହୁଏ ତା'ହେଲେ ମନରେ ବିରକ୍ତି ବା କ୍ରୋଧ ହେବନାହିଁ । ମଣିଷକୁ କର୍ମରୁ ନିସ୍ତାର ନାହିଁ । ଅର୍ଜୁନଙ୍କ ପରି ଯେଉଁମାନେ କର୍ମ ନ କରିବା ସପକ୍ଷରେ ଯୁକ୍ତି ବାଢ଼ନ୍ତି ସେମାନେ ବୁଝିଯିବା ଦରକାର ଆମେ କର୍ମରେ ପ୍ରବୃତ୍ତ ହେବା ଦରକାର କାରଣ ତାହା ହିଁ ଆମର ଦାୟିତ୍ୱ । କର୍ମକୁ କର୍ମଫଳ ସହିତ ସଂଯୁକ୍ତ କଲେ ଆମ ଭିତରେ ଅହଂକାର ଆସିବ ଯେତେବେଳେ କର୍ମରେ ସୁଫଳ ମିଳିବ । ଯଦି ଅକୃତକାର୍ଯ୍ୟ ହେବ ତା'ହେଲେ ହତାଶା, କ୍ରୋଧ, ବିରକ୍ତି ସୃଷ୍ଟି ହେବ । ଉଭୟ ଯେହେତୁ ପରିତ୍ୟର୍ଯ୍ୟ, ତେଣୁ କର୍ମରେ ପ୍ରବୃତ୍ତ ମଣିଷ ବେଳେବେଳେ ଅନୁଭବ କରିବ ଯେ ସେ ଅକର୍ମ ଅର୍ଥାତ୍ ଫଳାକାଂକ୍ଷୀ ନ ହୋଇ କର୍ମରେ ବିଶ୍ୱାସ କରୁଛି – ଯାହା ଫଳ ମିଳିବ ତାହା ଭଗବାନଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ । ସମାନ କାମ କରି ସବୁବେଳେ ସମାନ ଫଳ ମିଳୁ ନ ଥିବାର ଅନେକ ଉଦାହରଣ ଆମ ଆଗରେ ଅଛି । ସେମାନେ ଆମକୁ ବୁଝେଇ ଦେବେ ଯେ କର୍ମଫଳ ଆମର ଅଧୀନ ନୁହେଁ । ତେଣୁ ଫଳାକାଂକ୍ଷା ରହିତ କର୍ତ୍ତବ୍ୟ କର୍ମରେ ନିୟୋଜିତ ହେବା ହିଁ ବାସ୍ତବ ବିଜ୍ଞତା ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)
ମୋ:୯୪୩୮୪୮୨୯୧୧**

## ପାଠକ ଶ୍ରେଷ୍ଠ ବିଚାରକ

### ପେନ୍‌ସନଭୋଗୀଙ୍କ ଦୁଃଖ

ମହାଶୟ,

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲକ୍ଷାଧିକ ବରିଷ୍ଠ ଓ ଅତିବରିଷ୍ଠ ପେନ୍‌ସନଭୋଗୀଙ୍କର ୨୦୨୧ ଜାନୁଆରୀଠାରୁ ୨୦୨୨ ଜୁନ୍ ଅଠର ମାସର କରୋନାକାଳୀନ ମହଙ୍ଗାଭତ୍ତା ମିଳିପାରିନାହିଁ । ସେଥିଯୋଗୁ ସେମାନେ ଦାରିଦ୍ର୍ୟର କଷାଘାତ ତଥା ଅନ୍ୟାନ୍ୟ କାରଣବଶତଃ ବାର୍ଦ୍ଧକ୍ୟ, ନିଃସଙ୍ଗତା ଏବଂ ଅସହାୟ ବୋଧତାର ଶିକାର ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ସେମାନଙ୍କର ଏପରି ଦୁଃସ୍ଥିତି ସମୟରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସମ୍ବେଦନଶୀଳ ଦୃଷ୍ଟି ଆକର୍ଷଣ କରୁଛି । ଆଶା କରେ, ସେମାନେ ଏ ସମ୍ପର୍କରେ ବିହିତ ପଦକ୍ଷେପ ଗ୍ରହଣ କରିବେ ।

**–ଧରଣୀଧର ନାୟକ, ଅତି ବୟସ୍କ ପେନ୍‌ସନଭୋଗୀ**

## ଚିରନ୍ତନୀ

ସୂକ୍ଷ୍ମ ତବ ପରଶ ଲାଗୁ
ରୁକ୍ଷ ଏହି ଭବେ
ମର୍ମରିତ ମଞ୍ଜୁ ଧ୍ୱନି
ପଲ୍ଲବେ ପଲ୍ଲବେ ।
ସକଳ ଧରା ଅଙ୍ଗେ ମହା
କମ୍ପନ ହେ କମ୍ପନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !
–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବରୁହାଁ-ବରୀ-କଳାମାଟିଆ ରାସ୍ତାକୁ ରାଜପଥ ଦାବି



ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ମନ୍ତ୍ରୀ ନୀତିନ ଗଡ଼କାରୀଙ୍କୁ ଦାବିପତ୍ର ଦେଉଛନ୍ତି।

## କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଭେଟିଲେ ଯାଜପୁର ଏମ୍‌ପି

**ବରୀ,୩୧।୭(ମହେନ୍ଦ୍ର ସ୍ୱାଇଁ):** ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଗୁରୁବାର କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟି ବରୁଆଁ-ବରୀ-କଳାମାଟିଆର ରାସ୍ତା ଉନ୍ନତିକରଣ ଉପରେ ଆଲୋଚନା କରିଛନ୍ତି। ଏହି ରାସ୍ତାକୁ ରାଜପଥ କରିବା ସହ ଆଳି ଦେଇ କୋଷ୍ଟଲ ରାଜପଥରେ ସଂଯୋଗ କରିବାକୁ ସେ ଦାବି କରିଛନ୍ତି। ଏହାକୁ ଜାତୀୟ ରାଜପଥ କରାଗଲେ ଯାଜପୁର ଜିଲା ଓ କେନ୍ଦ୍ରାପଡା ଜିଲା ମଧ୍ୟରେ ବ୍ୟବସାୟ ବଢ଼ିବ ଓ ଉଭୟ ଜିଲାରେ ରହିଥିବା ପର୍ଯ୍ୟଟନସ୍ଥଳଗୁଡ଼ିକୁ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବଢ଼ିବ। ଏତଦ୍‌ବ୍ୟତୀତ ୨ ଜିଲାବାସଙ୍କ ଗମନାଗମନର ସମସ୍ୟା ଦୂର ହୋଇପାରିବ ବୋଲି ଏମ୍‌ପି ଦାବିପତ୍ରରେ ଦର୍ଶାଇଛନ୍ତି।

ଯାଜପୁର ଜିଲାର ବରୁହାଁ-ବରୀ-କଳାମାଟିଆ ରାସ୍ତା ଉପରେ ବରୀ, ଯାଜପୁର ଓ ରସୁଲପୁର ବ୍ଲକ୍ ଅଞ୍ଚଳ ଲୋକେ ନିର୍ଭର କରୁଛନ୍ତି। ଏତଦ୍‌ବ୍ୟତୀତ କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ବ୍ଲକ ଓ କେନ୍ଦ୍ରାପଡା ବ୍ଲକର ଲୋକେ ବୌଦ୍ଧପୀଠ ରତ୍ନଗିରି, ତୁଳସୀ କ୍ଷେତ୍ରରୁ ବିରଜା କ୍ଷେତ୍ରକୁ ଆସିବା ପାଇଁ ଏହି ରାସ୍ତାକୁ ବ୍ୟବହାର କରୁଛନ୍ତି। ମାତ୍ର ବନ୍ୟା ସମୟରେ ଉକ୍ତ ରାସ୍ତା ପ୍ରଭାବିତ ହେଉଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଗମନାଗମନ ବିଚ୍ଛିନ୍ନ ହୋଇପଡୁଛି। ଉକ୍ତ ରାସ୍ତା ଉନ୍ନତିକରଣ ପାଇଁ ଦୀର୍ଘ ଦିନଧରି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଦାବି କରି ଆସୁଥିଲେ।

# ପଥର ଖାଦାନକୁ ନେଇ ଥାନାରେ ୨ ଅଭିଯୋଗ

**କାଏମା,୩୧।୭(ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ତହସିଲ ଅଧୀନ ରାହାଡ଼ପୁର ପାହାଡ଼ର ପଥର ଖାଦାନକୁ ନେଇ ଜେନାପୁର ଥାନାରେ ୨ ଅଭିଯୋଗ ହୋଇଛି। ଏଥିରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନାମରେ ସଂଖ୍ୟାଲଘୁ ସେଲ୍‌ର ସଭାପତି ସିକନ୍ଦର ଅଲ୍ଲିଙ୍କ ସ୍ତ୍ରୀ ଦିଲ୍ଲିଜୋ ଆଲୁମ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଥାନା ଅଞ୍ଚଳର କପିଳେନ୍ଦ୍ର ବେହେରା ସଂଖ୍ୟାଲଘୁ ସେଲ୍‌ର ସଭାପତି ସିକନ୍ଦର ଅଲ୍ଲି, ସ୍ତ୍ରୀ ଦିଲ୍ଲିଜୋ ଆଲୁମ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପୋଲିସ ୨ଟି ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଚଳାଇଛି।

କପିଳେନ୍ଦ୍ର ବଟି ଆଦାୟ, ଡକାୟତି, ରାସ୍ତା ଅବରୋଧ କରି ମାରପିଟ, ବନ୍ଧୁକ ଦେଖାଇ ଜୀବନରୁ ମାରିଦେବା ପାଇଁ ଧମକ ଏବଂ ଅଶ୍ଳୀଳ ଭାଷାରେ ଗାଳିଗୁଲଜକୁ ନେଇ ଅଭିଯୋଗ କରିଛନ୍ତି। କପିଳେନ୍ଦ୍ରଙ୍କ ଅଭିଯୋଗ ମୁତାବକ, ୩୦ ତାରିଖ ଅପରାହ୍ନରେ ସେ କଲଣ ବ୍ରିଜ ନିକଟରେ ଯାଉଥିବା ସମୟରେ ହଠାତ ଏକ ଧଳା ରଙ୍ଗର ଇନୋଭା ଗାଡ଼ି ତାଙ୍କ ଆଗରେ ଆସି ରହିଥିଲା। ସେଥିରୁ ଜଣେ ପୁରୁଷ ଓ ଦୁଇ ମହିଳା ବାହାରି କପିଳେନ୍ଦ୍ରଙ୍କ ରାସ୍ତା ଅବରୋଧ କରିଥିଲେ। ପଥରଖାଦାନ ଘଟଣା ସଂପର୍କରେ କହିବା ସହ ଧର୍ମଶାଳା ବିଧାୟକ ଏବଂ ତାଙ୍କର କିଛି ସହଯୋଗୀ ସେମାନଙ୍କୁ ରହାଡପୁର ଖାଦାନରୁ ପଥର ଉତ୍ତୋଳନ କରିବାକୁ ଦେଉ ନ ଥିବା କହିଥିଲେ। ତେଣୁ ମାସକୁ ପ୍ରାୟ ୧୫ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡୁଛି। କ୍ଷତି ବାବଦକୁ ମାସକୁ ଟଙ୍କା ପହଞ୍ଚାଇଦେବ, ନଚେତ ବିଧାୟକ ଏବଂ ତାଙ୍କ ସହଯୋଗୀଙ୍କୁ ଗୁଳିକରି ମାରିଦେବା ସହ ବମ ପକାଇ ଉଡ଼ାଇଦେବାକୁ ଧମକ ଦେଇଥିଲେ। ଏ ବିଷୟରେ ଥାନାରେ ଜଣାଇଲେ ପରିବାରଙ୍କୁ ଗୁଳିକରି ମାରିଦେବାକୁ କହିଥିଲେ। ଫଳରେ ସେ ମାନସିକ ଚାପରେ ରହି ଏହି ଘଟଣା ଥାନାରେ ଜଣାଇ ନ ଥିଲେ। ପରେ ସାହାସ ଜୁଟାଇ ଥାନର ଦ୍ୱାରସ୍ଥ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ରାହାଡ଼ପୁର ପାହାଡ଼ର ଏକ ଅଂଶ ଲିଜ ପାଇଥିବା ସିକନ୍ଦର ଅଲ୍ଲିଙ୍କୁ ସେଠାରେ ଉତ୍ତୋଳନ ପାଇଁ ବିରୋଧ କରାଯାଉଥିବା ଏବଂ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସିକନ୍ଦରଙ୍କ ସ୍ତ୍ରୀ ବିଧାୟକଙ୍କ ନାମରେ ଅଭିଯୋଗ କରିଛନ୍ତି। ସିକନ୍ଦର ରାହାଡ଼ପୁର ପାହାଡ଼ର ଏକ କଳାପଥର ଖଣିକୁ ଲିଜସୂତ୍ରରେ ନେଇଛନ୍ତି। ଗତ ୧୮ ତାରିଖରେ ସେ ଖଣି ଅଞ୍ଚଳ ବୁଲିବାକୁ ଆସିଥିବାବେଳେ ତାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ସେ ତାଙ୍କ ସ୍ୱାମୀଙ୍କ ସହ ଯୋଗାଯୋଗ କରିଥିଲେ। ମାତ୍ର ସମ୍ଭବ ନ ହେବାରୁ ନିଜ ଝିଅ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ବିଧାୟକ ସହଯୋଗୀଙ୍କ ସହ ଉପସ୍ଥିତ ରହି ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଜାତିକୁ ଇଙ୍ଗିତ କରିଥିଲେ। ତାଙ୍କୁ ଗାଡ଼ି ଭିତରୁ ଟାଣିବାକୁ ଉଦ୍ୟମ କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏପରିକି ରାହାଡ଼ପୁର ଅଞ୍ଚଳକୁ ଦ୍ୱିତୀୟ ଥର ଆସିଲେ ଜୀବନରୁ ମାରି ଦେବାକୁ ଧମକ ମିଳିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ମିଥ୍ୟା ବୋଲି ଧର୍ମଶାଳା ବିଧାୟକ କହିଛନ୍ତି।

# ରାମନଗର ବଜାରରେ ୧୪ ସନ୍ଦିଗ୍ଧ

**ମହାକାଳପଡ଼ା, ୩୧।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ରାମନଗର ବଜାରରେ ଗୁରୁବାର ରାତି ୧୦ଟାରେ ୧୪ ଜଣ ସନ୍ଦିଗ୍ଧ ବସରେ ଆସି ପହଞ୍ଚିଛନ୍ତି। ଏହି ଅଞ୍ଚଳର ଜନୈକ ଲୋକ ଏମାନଙ୍କୁ ଆଣିଥିବା ବଜାରରେ ଆଲୋଚନା ହେଉଛି। ଖବରପାଇ ଏମାନଙ୍କର ପରିଚୟପତ୍ର ଯାଞ୍ଚ କରିବାକୁ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଟିମ୍ ବଜାରରେ ପହଞ୍ଚି ୧୪ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଖବର ପ୍ରଚାରିତ ହେବା ପରେ ବଜାରରେ ଲୋକମାନେ ଜମା ହୋଇଛନ୍ତି। ସ୍ଥାନୀୟ ଲୋକମାନେ ଏମାନେ ସମସ୍ତେ ସଂଖ୍ୟାଲଘୁ ସମ୍ପ୍ରଦାୟର ବୋଲି କହିଛନ୍ତି। ଜଣଙ୍କ ଆଧାର କାର୍ଡରେ ମହବୁବ ଆଲାମ ବୋଲି ଯାଞ୍ଚରୁ ଜଣାପଡ଼ିଛି। ଏମାନେ କାହିଁକି କେଉଁ ଉଦ୍ଦେଶ୍ୟରେ ଓ କେଉଁଠାରୁ ଏହି ଉପକୂଳ ଅଞ୍ଚଳକୁ ଆସିଛନ୍ତି, ତାହା ଜଣାପଡ଼ିନାହିଁ। ପୋଲିସ ପକ୍ଷରୁ ପରିଚୟ ପତ୍ର ଯାଞ୍ଚ ପ୍ରକ୍ରିୟା ପରେ ସମସ୍ତ ଘଟଣା ଜଣାପଡ଼ିବ ବୋଲି କୁହାଯାଇଛି।

# ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ

**କଳିଙ୍ଗନଗର,୩୧।୭(ଶୁଭାଶିଷ ରାଉତ):** ଯାଜପୁର ଜିଲା ଯଖପୁରା ଥାନା ଅଧୀନ ରୋହିତ କାରଖାନା ଗେଟ୍ ସମ୍ମୁଖରେ ବୁଧବାର ରାତିରେ ଜଣେ ଟ୍ରକ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କ ଘର ଟମକା ଅଞ୍ଚଳରେ ବୋଲି ଜଣାପଡ଼ିଛି। ତାଙ୍କ ମୃତଦେହ ଟ୍ରକର ମିରରରେ ଝୁଲୁଥିବା ଦେଖିବାକୁ ମିଳିଛି। ସେ ଚଳାଉଥିବା ଟ୍ରକ୍‌ଟି କଟକ ଟାଙ୍ଗୀ ଅଞ୍ଚଳର ବୋଲି ଜଣାପଡ଼ିଛି। ଡ୍ରାଇଭର ଜଣକ କଳିଙ୍ଗନଗର ଶିଳ୍ପାଞ୍ଚଳର ଟାଟା ଅଧିକୃତ ରୋହିତ କାରଖାନାକୁ ଚୂନ ନେଇ କଟକ ଟାଙ୍ଗୀରୁ ଆସିଥିଲେ। ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି କୁହାଯାଉଛି। ହେଲେ ମୃତ୍ୟୁର କାରଣ ଜଣା ପଡ଼ିନାହିଁ। ଯଖପୁର ଥାନା ଏଏସଆଇ ବସନ୍ତ ସାହୁ ଗୁରୁବାର ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୯/୨୫ ରୁଜୁ ହୋଇଛି।


**SUIIT**
Sambalpur University Institute of Information Technology
(An Autonomous Constituent Unit of the Sambalpur University in the line of IIITs)
Accredited by NAAC with 'A' Grade, Approved by AICTE
Estd. 2010
Advt. No:1182/SUIIT Dt:31/07/2025

**SPOT ADMISSION : 2025-26**

All categories (Gen/OBC/SC/ST) seats for M. Tech CSE and Reserved (ST & SC) seats for MCA are available for admission in SUIIT. Interested eligible candidates are required to report the Administrative Officer, SUIIT, Jyoti Vihar, Burla on 4th August, 2025 from10:00 AM to 12.00 noon for admission. There will be an entrance examination of one hour duration for all the programmes (MCA, Non-JEE / M. Tech CSE). However, eligible candidates having OJEE rank 2025 may take admission into MCA directly. Admission will be done on the same day, as per SUIIT admission guidelines.

| Programme Name | Fees |
|---|---|
| Master of Computer Application (MCA) | Rs. 55,000.00 |
| M. Tech Computer Science & Engineering (CSE) | Rs. 72,000.00 |

Come prepared with all testimonials (in original & one set of photocopy), 5 passport size coloured photographs, CLC & Conduct certificate in original and ready to pay the amount (online payment mode) mentioned against each programme.
In addition to the above, you are required to submit amount of Rs. 500.00 (Non-Refundable, through online payment mode) towards the cost of application form.

FOR DETAILS OF ADMISSION PROCESS AND INFORMATION BROCHURE
VISIT: www.suiit.ac.in and Email- admin.office@suiit.ac.in
CONTACT NUMBERS: 9437284982 / 7381110818
Sd/-
Director, SUIIT


# 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ

**ପାଣିକୋଇଲି,୩୧।୭(ବିକାଶ ମଲ୍ଲିକ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସୋଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ 'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଶୀଳା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ଏଥିରେ ଶିକ୍ଷକ ନିହାର ରଞ୍ଜନ ବିଶ୍ୱାଳ, ବସନ୍ତ ପାତ୍ର, ବୀଣାପାଣି ସାହୁ, ଉଷାରାଣୀ ସାହୁ, ମାନସୀ ସାହୁ, ମମତା ଟୁଡୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରେକୃଷ୍ଣ ସାହୁ, ଅଧୀର ଖଣ୍ଡାଇ, ସନ୍ତୋଷ ସେଠୀ ଓ ଉର୍ମିଳା ମଲିକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ଅଭିଭାବକ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।


## ଦ.ପୂ. ରେଳପଥ – ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏମ୍-୪୧-ଆରଟିଟି-ଆର୍‌ଏନ୍‌ସି-୬୧, ତାରିଖ: ୨୯।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି-୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ୱାଶିଂ ଲାଇନ୍/ହାଟିଆ, ହାଟିଆ ଷ୍ଟେଶନ ଓ ରାଞ୍ଚି ଷ୍ଟେଶନଠାରେ ରାଉଣ୍ଡ ଟ୍ରିପ୍ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ, କୋଚ୍‌ଗୁଡ଼ିକର ୱାଟରିଂ ଏବଂ ଲକିଂ/ଅନ୍‌ଲକିଂ ତଥା କୋଚିଂ ଡିପୋ/ହାଟିଆଠାରେ ଡିପୋ ପରିସରର ଯାନ୍ତ୍ରିକ ସଫେଇ ସମେତ ରାଞ୍ଚି ଷ୍ଟେଶନଠାରେ ଟ୍ରେନ୍ ନଂ.୨୨୩୫୦/୪୯ରେ ୧୪-ମିନିଟ୍‌ର ମିରାକଲ୍ କ୍ଲିନିଂ ଓ ସିଟିଏସ୍ ପ୍ରତି ଧ୍ୟାନ । **କାର୍ଯ୍ୟର ଆନୁମାନିକ ମୂଲ୍ୟ (ଜିଏସ୍‌ଟି ସମେତ):** ₹୨୧,୦୮,୨୫,୩୦୮.୭୧ । **ଅମାନତ ରାଶି:** ₹୧୨,୦୪,୧୦୦/- । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୨।୦୮।୨୦୨୫ରିଖ ୧୫.୦୦ ଘଟିକା । **ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ:** www.ireps.gov.in । (PR-462)

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-UFSBI-484, ତା.26.07.2025ରିଖ

**କାର୍ଯ୍ୟର ନାମ :** 36(ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକଠାରେ DELTRON ଦ୍ୱାରା ନିର୍ମିତ UFSBI ପ୍ରଣାଳୀ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,03,78,623.36, EMD (ଟଙ୍କାରେ) : 2,01,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।

ବିଡ୍ ଆରମ୍ଭ ହେବା ତାରିଖ : ତା. 04.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-421/Q/25-26


# ସପନେଶ୍ୱର ବୋଲ୍‌ବମ୍ ସଂଘର ବାର୍ଷିକ ଉତ୍ସବ

**ବାଲିଚନ୍ଦ୍ରପୁର,୩୧।୭(ଗିରିଜା ପ୍ରସାଦ ସାହୁ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତ କୃଷ୍ଣପୁରଶାସନଠାରେ ସପନେଶ୍ୱର ବୋଲବମ୍ ସଂଘର ୩୦ତମ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦ ଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବଡ଼ଚଣାର ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଉତ୍ସବ ପାଳନ କରୁଥିବାରୁ ସେମାନଙ୍କୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ମହାକାଳପଡ଼ା ମଣ୍ଡଳ ଉନ୍ନୟନ ଅଧିକାରୀ ସୋମେଶ୍ୱର ପାଣିଗ୍ରାହୀ, ମାର୍ଶାଘାଇ ମଣ୍ଡଳ ଉନ୍ନୟନ ଅଧିକାରୀ ଇତିଶ୍ରୀ ପଣ୍ଡା, ଗଣପତି ଏନଏକ୍ସର ସତ୍ତ୍ୱାଧିକାରୀ ଜଗନ ସାହୁ, ସୁରେଶ ଚନ୍ଦ୍ର ସାହାଣୀ, କୃଷ୍ଣପୁରଶାସନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ଅନୁଷ୍ଠାନର ଉନ୍ନତି ପାଇଁ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ଶୁଭ୍ରଜିତ୍ ନାୟକ, ବିଶ୍ୱନାଥ ସାମଲ, ଶରତ ଚନ୍ଦ୍ର ଶତପଥୀ, ସୁଶୀଲ ଆଚାର୍ଯ୍ୟ, ନଗେନ ରଥ, ସୁରେଶ ଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ଗଡ଼ନାୟକ, ଉଦୟ ଜେନା, ପବିତ୍ର ନାୟକ, ଧରିତ୍ରୀ ଶତପଥୀ, ମାନସୀ ଦାସ, ସୌମ୍ୟରଞ୍ଜନ ଶତପଥୀ, ସତ୍ୟରଞ୍ଜନ ଶତପଥୀ, ପ୍ରିୟରଞ୍ଜନ ଶତପଥୀ, ଦୁର୍ଯ୍ୟୋଧନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ କରୁଣାକର ସେଠୀ ଓ ଅର୍ପିତା ଚୌଧୁରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଶ୍ରୋତାଙ୍କୁ ଭରପୁର ଆନନ୍ଦ ଦେଇଥିଲେ। ଅନୁଷ୍ଠାନର ବରିଷ୍ଠ କାର୍ଯ୍ୟକର୍ତ୍ତା ରାମ ଚନ୍ଦ୍ର ସିଂହ ଧନ୍ୟବାଦ ଦେଇଥିଲେ।



ବୋଲ୍‌ବମ୍ ସଂଘ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KENDRAPARA
(eerw_kpd@yahoo.com)
Cancellation Notice to Tender Call Notice No. - Tender Online RWD/KPD - 02 of 2025-26, Dated: 22.07.2025
No. O-519: Due to Administrative Ground, the fore mentioned tender call notice is cancelled.
Sd./- Suraj Biswal
Superintending Engineer
OIPR-25064/11/0023/2526 Rural Works Division, Kendrapara

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KENDRAPARA
(eerw_kpd@yahoo.com)
Cancellation Notice to Tender Call Notice No. - Tender Online RWD/KPD - 01 of 2025-26, Dated: 17.07.2025
No. O-518: Due to Administrative Ground, the fore mentioned tender call notice is cancelled.
Sd./- Suraj Biswal
Superintending Engineer
OIPR-25064/11/0021/2526 Rural Works Division, Kendrapara

समग्र शिक्षा Samagra Shiksha
ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯
Ph.- (06858) - 222568 (Off), E-mail : dpcnawrangssa.opepa@nic.in
No. 1619/IE/2025 NOTICE INVITING TENDER (NIT) Date : 21.07.2025
Sealed tenders are invited from the reputed & credible firms / agencies for supply Equipments, TLMs & Furniture for Saksham Resource Centre for the CwSN at PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Equipments, TLMs & Furniture for Saksham Resource Centre for the CwSN | 2500/- | 80,000/- | 18.08.2025 5:30 P.M. | 19.08.2025 11:00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.
Sd./- District Project Coordinator
Samagra Shiksha, Nabarangpur



कार्यपालक अभियंता का कार्यालय
ग्रामीण विकास विशेष प्रमंडल, बोकारो

**ई-निविदा आमंत्रण सूचना**

ई-पुनर्निविदा सूचना संख्या – RDD/SD/BOKARO/53/2024-25/3rd Call
1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला अंतर्गत चास प्रखण्ड के तेतुलिया मौजा एवं एन०एच०-23 बारी को-ऑपरेटिव मोड़ के बीच गरगा नदी पर पुराने पुल के बगल में उच्चस्तरीय पुल निर्माण। (लम्बाई 76.18 मी०) | 40755600.00 | 815500.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 08.08.2025
3. ई-निविदा प्राप्ति की तिथि एवं समय – दिनांक 08.08.2025 से दिनांक 22.08.2025 को अपराह्न 5:00 बजे तक
4. ई-निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई-निविदा खोलने की तिथि एवं समय – 25.08.2025 अपराह्न 02:00 बजे
6. ई-निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई-निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट-बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो
PR 358679 Rural Development(25-26)#D


# मा'ଙ୍କ ପାଇଁ ଗଛଟିଏ ୨.୦କୁ ସଫଳ କରିବାକୁ ଆହ୍ୱାନ

## ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ, ଅଭିଭାବକ ବୈଠକ

**ସିଂହପୁର,୩୧।୭(ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପିଏମ୍‌ଶ୍ରୀ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ରାଜ୍ୟସ୍ତରୀୟ ଦ୍ୱିତୀୟ ଶିକ୍ଷକ ଓ ଅଭିଭାବକ ବୈଠକ ପ୍ରଧାନଶିକ୍ଷକ ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଥମେ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଆସ ସ୍କୁଲ ଯିବା ଅଭିଯାନ, ବିଦ୍ୟାଳୟର ନିରାପଦ ପରିବେଶ, ମହିଳା କର୍ମଚାରୀ, ବାଳିକାମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ସଚେତନତା, ମା'ଙ୍କ ପାଇଁ ଗଛଟିଏ ୨.୦, ବିଦ୍ୟାଳୟର ସ୍ୱଚ୍ଛତା ସ୍ୱଚ୍ଛତା ପକ୍ଷ ପାଳନ-୨୦୨୫, ସୁରଭି-୨୦୨୫, ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ ଓ ଭିନ୍ନକ୍ଷମ ପିଲାଙ୍କ ସୁବିଧା ସୁଯୋଗ ଆଦି ବିଷୟରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ ମା'ଙ୍କ ପାଇଁ ଗଛଟିଏ ୨.୦କୁ ସଫଳ କରିବାକୁ ଶିକ୍ଷୟିତ୍ରୀ ତଥା ଇକୋ କ୍ଲବ ଇନଚାର୍ଜ ନଳିନୀ ପ୍ରଭା ଦାସ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ମାଟି ମା' ପାଇଁ ଚାରାରୋପଣ କରି ତାର ଯତ୍ନ ନେଇ ପରିବେଶ ସୁରକ୍ଷା କରିବାକୁ ସେ କହିଥିଲେ। ଶିକ୍ଷକ ଖଗେଶ୍ୱର ଯେନା ୟୁଡାଇସ ପ୍ଲସ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିବା କରିଥିଷଲ। ଶିକ୍ଷୟିତ୍ରୀଶିକ୍ଷକ ନିତୁ କମଲ, ଗାୟତ୍ରୀ ସାହୁ, ପ୍ରିୟରଞ୍ଜନ ବେହେରା, ସିପନ ବେହେରା, ଗାୟତ୍ରୀ ସାହୁ, ବିଜୟା ମଲ୍ଲିକ, ପ୍ରକାଶ ମଲ୍ଲିକ, କୈବଲ୍ୟ ପ୍ରସାଦ ପଣ୍ଡା, ପ୍ରିୟଙ୍କା ସାମଲ, ଶିକ୍ଷାକର୍ମୀ ବିଶ୍ୱନାଥ ପଣ୍ଡା, ନବକିଶୋର ସାହୁ ଓ ସନର୍ଜିତ ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଶିକ୍ଷକ ମୁମସାଦ ଖାନ ଧନ୍ୟବାଦ ଦେଇଥିଲେ।


कार्यालय, कार्यपालन अभियंता
वि./यां. लाईट मशीनरी नलकूप एवं गेट संभाग, बिलासपुर (छ.ग.)

**निविदा निरस्तीकरण आदेश**

पत्र क्र. /व.ले.लि/2025-26 बिलासपुर, दिनांक ................

छत्तीसगढ़ शासन जल संसाधन विभाग मंत्रालय महानदी भवन, नवा रायपुर, अटल नगर रायपुर के पत्र क्र. 3314/एफ-7-104/31/एस-2/2025 (निविदा) दिनांक 29.07.2025 के परिपालन में इस कार्यालय के निविदा सूचना क्र. 16/व.ले.लि./2024-25 दिनांक 24.03.2025 रायगढ़ जिले (सारंगढ़-बिलाईगढ़) के विकासखण्ड बरमकेला अंतर्गत सांकरा मेगा उद्वहन सिंचाई परियोजना का निर्माण कार्य (द्वितीय आमंत्रण) निविदा सिस्टम क्र. 166246 को निविदा में प्रतिस्पर्धा का अभाव एवं निविदा-दर वर्तमान में प्राप्त हो रहे निविदा दर रूझानों के अनुरूप न होने के कारण निविदा निरस्त किया जाता है।

विज्ञापन क्र. जी-242506130/6 दिनांक 25.03.2025
स्वा:/- कार्यपालन अभियंता
वि./यां. लाईट मसीनारी नलकूप एवं गेट संभाग, सकरी, बिलासपुर (छ.ग.)
G-252602481/5



Government of Jharkhand
Department of Agriculture, Animal Husbandry & Co-Operative
(Animal Husbandry Division)
Jharkhand Ranchi

*"Corrigendum"*

*e-Tender No. 01/2025-26 Published by PR No. 357505 Animal Husbandry (2025-26)_D*

This is with reference to Tender notice published for *Selection of Insurance Intermediaries to provide Technical and Operational Support and Overseeing effective implementation of Jharkhand Livestock and Poultry Insurance Scheme through Nationalized Insurance Company under Mukhya Mantry Pashudhan Vikas Yojna (MMPVY).* In the Pre-Bid Meeting, comments and suggestions received from the participated Intermediary Insurance Agency/Broker, the following improvements/amendments were considered in the published N.I.T. (Tender Document) :-

1. **Table Part A & B Sl. No- 02 (Work Experience in Insurance field Livestock & Poultry):-**
   - **Previous Requirement:** Working in Livestock & Poultry field for minimum 03 (Three) years (Under the Govt. Sponsored Scheme).
   - **Clarified Requirement:** Working in Livestock or Poultry field for minimum 03 (Three) years.
2. **Eligibility Criteria Sl. No.- 01 (Proof of Experience in Livestock and Poultry Field):-**
   - **Previous Requirement:** Insurance Intermediary should have been working in Livestock and Poultry field for a period of minimum 03 (Three) years (Copy of License to be provided).
   - **Clarified Requirement:** Insurance Intermediary should have been working in Livestock or Poultry field for a period of minimum 03 (Three) years (Proof for Experience to be provided).
3. **(A) Technical Evaluation Criteria Sl. No.- 03 (Number of Livestock/Poultry Insured):-**
   - **Previous Requirement:** Number of Livestock/Poultry insured over the years (Average of three years).
   - **Clarified Requirement:** Total number of Livestock or Poultry insured in three years.
4. **(A) Technical Evaluation Criteria Sl. No.- 04 (Number of Livestock/Poultry Claims Settled):-**
   - **Previous Requirement:** Number of Livestock/Poultry claims settled over the years.
   - **Clarified Requirement:** Total number of Livestock or Poultry claims settled in three years.
5. **(A) Technical Evaluation Criteria Sl. No.- 05 (Weightage of Marks for Office in Jharkhand):-**
   - **Previous Requirement:** Weightage of marks for having offices in Jharkhand is 1 marks per office for upto four offices (in different districts). For five to fourteen offices its 10 marks and for fifteen or more offices in Jharkhand its 15 marks.
   - **Modified Requirement:** Weightage of marks regarding office in Jharkhand is modified as 10 marks for one office and 15 marks for more than one office in Jharkhand.

Other than above points, in heading of Part-A and Background of Part-B of document it has been mentioned that insurance scheme through nationalized Insurance Company under MMPVY, but in the NIT document, Nationalized insurance word has not been mentioned.

So, regarding this it is to clarify that Insurance Scheme will be only through registered Insurance Company

But for the above changes all other terms and condition cited on tender notice remains same.

Director,
Animal Husbandry
PR 358645 Animal Husbandry (25-26)_D

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ତଦାରଖ

**ରଘୁନାଥପୁର, (ରାଜେନ୍ଦ୍ର ନାରାୟଣ ସିଂହ):** ଜଗତ୍‌ସିଂହପୁର ଭାଜପା ଏମ୍‌ପିଙ୍କ ପ୍ରତିନିଧି ଆଇନଜୀବୀ ଗଗନ ଚନ୍ଦ୍ର ଦାଶ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାକାର ସମସ୍ୟା ବୁଝିବା ସହ ରୋଗୀଙ୍କ ପାଇଁ ଥିବା ବ୍ୟବସ୍ଥା ତଦାରଖ କରିଥିଲେ। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ସୁକାନ୍ତ କୁମାର ଦଳାଇଙ୍କ ସହ ସେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ତମ ରୋଗୀସେବା ସହ ସମୟାନୁବର୍ତ୍ତିତା ହେବାପାଇଁ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଦାଶଙ୍କ ଏହି ଗସ୍ତ ସମୟରେ ପୂର୍ବତନ ଜିଲା ପରିଷଦ ଅଶୋକ କୁମାର ମହାରଣା, ପ୍ରଭଞ୍ଜନ ମଲ୍ଲିକ, ସରିତ ମହାପାତ୍ର, ନିର୍ମଳ ମହାପାତ୍ର,ଗଣେଶ୍ୱର ସାହୁ, ପ୍ରଭାତ ପଣ୍ଡାଙ୍କ ସହ ବ୍ଲକ ଭାଜପାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ



ବୈଠକରେ ଜିଲାପାଳ ଜେ. ସୋନାଲ, ପ୍ରମୁଖ ସଚିବ ଉଷା ପାଢ଼ୀ ଓ ଅନ୍ୟ ଅଧିକାରୀମାନେ।

**ଜଗତ୍‌ସିଂହପୁର, ୩୧।୭ (ପ୍ରମୋଦ କୁମାର ନାୟକ)**

## ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ସରକାର ଅନେକ ଲୋକାଭିମୁଖୀ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନାଗୁଡିକର ସୁଫଳ ଲୋକେ ପାଇବା ଉଚିତ। ଏଥିରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦାୟିତ୍ୱବାନ ହେବାକୁ ପଡିବ। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକରେ ଜିଲାପାଳ ଜେ. ସୋନାଲଙ୍କୁ ନଗର ଉନ୍ନୟନ ଓ ଗୃହ ନିର୍ମାଣ ତଥା ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ଉଷା ପାଢୀ ଏହି ପରାମର୍ଶ ଦେଇଥିଲେ। ପାଢୀ କହିଥିଲେ, ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ନୂତନ ପଦକ୍ଷେପ ଗ୍ରହଣ କରିବାକୁ ହେବ। କୌଣସି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବା ଜରୁରୀ। ଏନେଇ ନୂତନ ତଥା ଉନ୍ନତମୂଳକ ଚିନ୍ତାଧାରାର ବିଶ୍ଳେଷଣ ହେବା ଉଚିତ। ବିଶେଷକରି ପ୍ରତ୍ୟେକସ୍ତରର କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ଠିକ୍ ଭାବେ ସମନ୍ୱୟ ରହିବା ଆବଶ୍ୟକ। ଏହି ଅବସରରେ ସେ ବ୍ୟାଙ୍କ ଏଲ୍‌ଡିଏମ (ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର)ଙ୍କୁ ମହିଳା ଉଦ୍ୟୋଗୀମାନଙ୍କୁ ସୁବିଧାରେ ଋଣ ଯୋଗାଇ ଦେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ବ୍ୟତୀତ ବ୍ୟକ୍ତିଗତ ଭାବେ ଯେଉଁ ମହିଳାମାନେ ବହୁତ ଭଲ କାମ କରୁଛନ୍ତି ସେମାନଙ୍କୁ ନିଜସ୍ୱ ଅନୁଷ୍ଠାନ ଗଢ଼ିବା ପାଇଁ ପ୍ରୋତ୍ସାହନ ଦିଆଯାଉ। ବିଭିନ୍ନ ଯୋଜନା ମାଧ୍ୟମରେ ଋଣ, ରିହାତି ଆଦି ଯୋଗାଇ ଦିଆଯାଇପାରିଲେ ସେମାନେ ସଫଳ ହେବେ। ଏଭଳି ମହିଳାଙ୍କୁ ଚିହ୍ନଟ କରି ଗୋପାଳନ, ମତ୍ସ୍ୟ ଚାଷ, ପରିବା ଚାଷ ଆଦି ଲାଭଦାୟକ ବ୍ୟବସାୟ ପାଇଁ ସହାୟତା ଯୋଗାଇବାକୁ ଡିପିସି, ମିଶନ ଶକ୍ତି, ଡିପିଏମ ଓ ଏଲଏମଙ୍କୁ ପ୍ରମୁଖ ସଚିବ ପରାମର୍ଶ ଦେଇଥିଲେ। ଜିଲାରେ ଉପଲବ୍ଧ ସରକାରୀ ଜମିର ସଦୁପଯୋଗ ହେବା ଉଚିତ। ଏହା ଚିହ୍ନଟ ସହ ସେଠାରେ ବହୁତଳ ବିଶିଷ୍ଟ କୋଠା ନିର୍ମାଣ ହେଉ। ରାଜସ୍ୱ ଆଦାୟ ତଥା ରୋଜଗାର ସୃଷ୍ଟି ପାଇଁ ଅଭିନବ ଉପାୟ ଅବଲମ୍ବନ କରିବାକୁ ପାଢ଼ୀ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟ ପ୍ରସଙ୍ଗ ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବା, ଅମୃତ ମିଶନ, ପାନୀୟ ଜଳ ଯୋଗାଣ ସମସ୍ୟା ଓ ନିରାକରଣ, କୃଷି, ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶକ୍ତି ବିଭାଗ, ସାମାଜିକ ସୁରକ୍ଷା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନତୀକରଣ ଉପରେ ବିଶଦ୍ ଆଲୋଚନା ହୋଇଥିଲା। ଶିକ୍ଷା କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲାର ଉତ୍ତମ ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଆହୁରି ଉନ୍ନତି ପାଇଁ ଯୋଜନାବଦ୍ଧ କାର୍ଯ୍ୟ କରିବାକୁ କହିଥିଲେ। ପୌରାଞ୍ଚଳର ଆବଶ୍ୟକତା ଓ ସମସ୍ୟା କଥା ବୁଝି ଉପଯୁକ୍ତ ପଦକ୍ଷେପ ନେବାକୁ ଦୁଇ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱବାନ ହେବାକୁ କୁହାଯାଇଥିଲା। ମୋଟାମୋଟି ଭାବେ ଜିଲାରେ ନୂତନ ରୋଜଗାର ସମ୍ଭାବନା ସୃଷ୍ଟି କରିବା, ଦକ୍ଷତା ବିକାଶକୁ ପ୍ରୋତ୍ସାହନ, ନକାରାତ୍ମକ ପରିସ୍ଥିତି, ମାନବ ସମ୍ବଳର ଅଭାବ ସତ୍ତ୍ୱେ ଉନ୍ନତିମୂଳକ କାର୍ଯ୍ୟକୁ ଫଳପ୍ରଦ କରିବା ପାଇଁ ପାଢୀ ମାର୍ଗଦର୍ଶନ କରିଥିଲେ। ଜିଲାପାଳ ଜେ. ସୋନାଲ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ପାଢ଼ୀଙ୍କୁ ଅବଗତ କରାଇ ଉନ୍ନତିମୂଳକ କାର୍ଯ୍ୟର ରୂପରେଖ ବର୍ଣ୍ଣନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ସମ୍ବିତ ରାଉତ, ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରିୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବାହ୍ନରେ ପ୍ରମୁଖ ସଚିବ ପାଢ଼ୀ ପାରାଦୀପ ପୌରାଞ୍ଚଳ ବୁଲି ଲୋକମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା ମାଧ୍ୟମରେ ସୁବିଧା ଅସୁବିଧା ପଚାରି ବୁଝିଥିଲେ।

## 'ପାରାଦୀପ କ୍ଲଷ୍ଟର ପାଇଁ ବଡ଼ ପ୍ଲାନ୍ ଅଛି'

**ପାରାଦୀପ,୩୧।୭ (ଶରତ ରାଉତ):** ନଗର ଉନ୍ନୟନ ଓ ଗୃହ ନିର୍ମାଣ ତଥା ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ଉଷା ପାଢୀ ଗୁରୁବାର ପାରାଦୀପ ଗସ୍ତ କରିଥିଲେ। ଏହି ଅବସରରେ ସେ ପାରାଦୀପ ପୌରାଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିବା ସହ ପ୍ରସ୍ତାବିତ ପାରାଦୀପ ଟ୍ରକ ଟର୍ମିନାଲ ସ୍ଥଳ ଏବଂ ବାହାକୁଦ–ମୂଷାଡିହା ସେତୁ ସ୍ଥଳ ପରିଦର୍ଶନ କରିଥିଲେ। ନେହରୁବଙ୍ଗଳା ଏବଂ ପାରାଦୀପ ସି–ବିଚ ପରିଦର୍ଶନ କରି ପର୍ଯ୍ୟଟନ ଶିଳ୍ପର ବିକାଶ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହାପରେ ପାରାଦୀପ ଟାଉନର ପରିମଳ ବ୍ୟବସ୍ଥାର ସମୀକ୍ଷା କରିବା ସହ ପାରାଦୀପଗଡ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଅନ୍ତ୍ୟୋଦୟ, ସୁଭଦ୍ରା, ରାଶନ କାର୍ଡ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରୀ ଯୋଜନା ସବୁ ଯୋଗ୍ୟ ହିତାଧିକାରୀମାନଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାହା ପଚାରି ବୁଝିଥିଲେ। ଏହି ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି, ପାରାଦୀପ ପୌରାଞ୍ଚଳ ସମ୍ପ୍ରସାରଣ ସମ୍ପର୍କରେ ବିଚାର ବିମର୍ଷ କରାଯିବ। ଏଠାକାର ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଟ୍ରକ ଟର୍ମିନାଲ କାମ ତ୍ୱରାନ୍ୱିତ କରାଯାଉଛି। ପାରାଦୀପ ଭଳି ଏକ ଶିଳ୍ପ ଭିତ୍ତିକ ସହର ଯାହାର ସର୍ବାଙ୍ଗୀନ ଉନ୍ନତି ହେବା ଦରକାର। ସମସ୍ତଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ପାରାଦୀପ କ୍ଲଷ୍ଟର ପାଇଁ ଏକ ବଡ ପ୍ଲାନ ଅଛି ବୋଲି ଉଷା ପାଢୀ କହିଛନ୍ତି। ତାଙ୍କ ସହ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉତ୍କଳୀୟ ସଂସ୍କୃତି, ପରମ୍ପରା ଭାରତୀୟ ସଂସ୍କୃତିକୁ ପରିପୁଷ୍ଟ କରିଛି

**କୁଜଙ୍ଗ, ୩୧।୭ (ମନୋଜ ପ୍ରଧାନ)**

## ସିଂହପୁରରେ ଆଧ୍ୟାତ୍ମିକ ସମାବେଶ

ଏରସମା ବ୍ଲକ ବଳେଇପୁର ପଞ୍ଚାୟତ ଅନ୍ତର୍ଗତ ସିଂହପୁର ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ଆଧ୍ୟାତ୍ମିକ ସମାବେଶ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଜରାଟ ପ୍ରଦେଶ ପୋଲଲସ୍ଥିତ ସ୍ୱାମୀ ନାରାୟଣ ମନ୍ଦିର ସନ୍ଥ ଶ୍ରୀ ମହନ୍ତ ସ୍ୱାମୀ ସନ୍ଥ ସାଗର ଦାସ ମହାରାଜ ଓ ସନ୍ଥ ଶ୍ରୀ ଶୁକଦର୍ଶନ ସ୍ୱାମୀ ମହାରାଜ ଯୋଗଦେଇ ପ୍ରବଚନ ଦେଇଥିଲେ। ଭାରତୀୟ ଚିନ୍ତାଧାରାରେ ପୁରାତନ ଜଗନ୍ନାଥ ସଂସ୍କୃତି ତା'ର ମହନୀୟତାକୁ ପ୍ରତିପାଦିତ କରି ଆସିଛି। ବିଶେଷକରି ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ମହାନ୍ ଭାରତୀୟ ସଂସ୍କୃତିକୁ ପରିପୁଷ୍ଟ କରିଛି ବୋଲି ସେମାନେ କହିଥିଲେ। ଭାରତବର୍ଷ ହେଉଛି ଋଷି ମୁନିଙ୍କ ଦେଶ। ପୁରାତନ କାଳର ଗୁରୁ ଶିଷ୍ୟ ପରମ୍ପରା, ଗୁରୁ ଦକ୍ଷିଣା,ମା' ବାପାଙ୍କୁ ଭକ୍ତି ଆଦି ମହାନ ସନାତନ ଧର୍ମର ବାର୍ତ୍ତାବହ। ସେହି ସନାତନ ଧର୍ମକୁ ଅକ୍ଷୁଣ୍ଣ ରଖିବାକୁ ସନ୍ଥମାନେ ଆହ୍ୱାନ ଦେଇଥିଲେ। ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରବଚନ ସଭାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟକର୍ତ୍ତା ତଥା ଚକୁଳିଆସ୍ଥିତ ସ୍ୱାମୀ ନାରାୟଣ ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ସମ୍ପାଦକ ପୀତାମ୍ବର ଜେନା, ୱାର୍ଡ ସଭ୍ୟ ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସନ୍ଥମାନଙ୍କୁ ନୀଳକଣ୍ଠ ମହାଦେବ ମନ୍ଦିରଠାରୁ ଏକ ସଂକୀର୍ତ୍ତନ ଶୋଭାଯାତ୍ରାରେ ପ୍ରବଚନ ସଭାକୁ ନିଆଯାଇଥିଲା। ସିଂହପୁର ଗ୍ରାମର ମୂରବୀ ଗୋବିନ୍ଦ ରାଉତ, ଶିବ ପାତ୍ର, ଶରତ ଚନ୍ଦ୍ର ରାଉତ,ଗୋପାଳ ରାଉତ,ସୁଜନ ବାରିକ, ନାରାୟଣ ପାତ୍ର, ଶ୍ରୀଧର ସ୍ୱାଇଁ ଓ ବିଜୟ ରାଉତ ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ।

# ବିଧାୟକ ଧ୍ରୁବ ସାହୁ ଚରଣଙ୍କ ବିରୋଧରେ ମାମଲା ଖାରଜ

## ରାଜନଗର ବିଧାନସଭା ନିର୍ବାଚନୀ ମାମଲା

**କଟକ,୩୧।୭ (କାର୍ତ୍ତିକ ସାହୁ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ବିରୋଧରେ ରୁଜୁ ମାମଲା ହାଇକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମାମଲା ଶୁଣାଣି କରି ଆବେଦନକାରୀ କିମ୍ବା ତାଙ୍କ ଓକିଲ କ୍ରମାଗତ ଭାବେ ଶୁଣାଣିରେ ଅନୁପସ୍ଥିତ ରହିବା କାରଣରୁ ମାମଲାକୁ ଖାରଜ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ୨୦୨୪ ସାଧାରଣ ନିର୍ବାଚନରେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ବିଜୟୀ ହୋଇଥିଲେ। ତାଙ୍କ ବିଜୟକୁ ଚ୍ୟାଲେଞ୍ଜ କରି ଭାଜପା ପ୍ରାର୍ଥୀ ଲଳିତ କୁମାର ବେହେରା ହାଇକୋର୍ଟରେ ଏକ ନିର୍ବାଚନୀ ମାମଲା ଦାଏର କରିଥିଲେ। ଲଳିତ କୁମାର ତାଙ୍କ ଆବେଦନରେ ଧ୍ରୁବ ନିର୍ବାଚନରେ ଅନିୟମିତତା କରିଛନ୍ତି, ପ୍ରାର୍ଥିପତ୍ର ଦାଖଲ ବେଳେ ଅନେକ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି, ତେଣୁ ତାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ନିମନ୍ତେ ପ୍ରାର୍ଥନା କରିଥିଲେ। ଧ୍ରୁବଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଥିଲେ।

# ବିଭିନ୍ନ ଅବ୍ୟବସ୍ଥା ନେଇ ଗ୍ରାମବାସୀଙ୍କ ଧାରଣା



ଧାରଣାରେ ବସିଥିବା ସରପଞ୍ଚ ଓ ଗ୍ରାମବାସୀ।

**ତିର୍ତ୍ତୋଲ, ୩୧।୭ (ଗୌରାଙ୍ଗ ଚରଣ ସ୍ୱାଇଁ)**

## ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ

- ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ଖାଲି
- ମଧ୍ୟାହ୍ନଭୋଜନ ଚାଉଳରେ ପୋକ
- ଅପରିଷ୍କାର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଛି
- ୩ ଦିନରେ ଦାବି ପୂରଣ କରିବାକୁ ଚେତାବନୀ

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ତିରଣ ସମ୍ମୁଖରେ ବିଭିନ୍ନ ସମସ୍ୟା ନେଇ ଅଭିଭାବକ ଓ ଆଲୁମ୍ନି ସଦସ୍ୟମାନେ ଗୁରୁବାର ଧାରଣା ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟାଳୟ ଆଗରେ ଏହି ଧାରଣା ଜାରି ରହିଥିଲା। ଖବରପାଇ ଶିକ୍ଷା ବିଭାଗର ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି।

ଅଭିଯୋଗ ଅନୁଯାୟୀ, ଏହି ବିଦ୍ୟାଳୟରେ ଦୀର୍ଘବର୍ଷ ଧରି ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏହା ପୂରଣ ପାଇଁ ଦାବି କରାଯାଇଥିଲା। ସେହିପରି ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଚାଉଳରେ ପୋକ ଲାଗିଥିବା ଓ ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗଗନ କୁମାର ସାହୁଙ୍କ ଏଥିରେ ସମ୍ପୃକ୍ତି ରହିଛି। ସେ ମଧ୍ୟାହ୍ନଭୋଜନ ଚାଉଳ ହଡ଼ପ କରୁଛନ୍ତି ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ। ଏନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଥିଲା। ଜଗନ୍ନାଥପୁର ସରପଞ୍ଚ ସୁଶାନ୍ତ କୁମାର ନାୟକଙ୍କ ସମେତ ପ୍ରମୋଦ କୁମାର ସାହୁ, ସୁଧୀର କୁମାର ଖୁଣ୍ଟିଆ, ବସନ୍ତ ମଞ୍ଜରୀ ଦାସ, ବିଭୂଷିତା ଦାସ, ସୁମନ୍ତ କୁମାର ନାୟକ, ସୁନନ୍ଦ ସ୍ୱାଇଁ, ସସ୍ମିତା ଦାସ, ରୁକଶାନା ବେଗମ, ମମତା ସେଠୀ, ସୁମିତ୍ରା ସେଠୀ, ଉନିରନ ବିବି, ସୁହାନା ପରବିନ, ମିତାରାଣୀ ସେଠୀଙ୍କ ସମେତ ବିଭିନ୍ନ ୱାର୍ଡର ସଭ୍ୟାସଭ୍ୟ ଏହି ଧାରଣାରେ ସାମିଲ ହୋଇଥିଲେ। ଖବରପାଇ ତିର୍ତ୍ତୋଲ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ମନୋଜ କୁମାର ବେହେରା ଏବଂ ଏରସମା ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ବିଶ୍ୱମ୍ଭର ମଲ୍ଲିକ ଧାରଣାସ୍ଥଳରେ ପହଞ୍ଚି ଥିଲେ। ଏହାପରେ ସେମାନେ ବିଦ୍ୟାଳୟକୁ ଯାଇ ଯାଞ୍ଚ କରିଥିଲେ। ସେଠାରେ ସେମାନେ ମଧ୍ୟାହ୍ନ ଭୋଜନ ପାଇଁ ରଖାଯାଇଥିବା ଚାଉଳରେ ପୋକ ସାଲୁବାଲୁ ହେଉଥିବା ଦେଖିଥିଲେ। ଏକ ଅପରିଷ୍କାର ଘରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଉଥିବା ଦେଖି ବିରକ୍ତିଭାବ ପ୍ରକାଶ କରିଥିଲେ। ଏହାପରେ ସେମାନେ ପୋକ ଚାଉଳ ଥିବା ଘରକୁ ତାଲା ପକାଇ ଦେବା ସହ ଭଲ ଚାଉଳରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବାକୁ ତାଗିଦ୍ କରିଥିଲେ। ଏହାପରେ ଧାରଣାକାରୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ପରେ ପ୍ରଶାସନିକ ଅଧିକାରୀମାନେ ଏସବୁ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକାରୀମାନେ ଧାରଣାରୁ ଉଠିଛନ୍ତି।

ପୋକ ଚାଉଳ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାସଙ୍କୁ ପଚାରିବାରେ ପ୍ରଶାସନିକ ଅଧିକାରୀ ତଦନ୍ତ କରିବା ସହ ତାଙ୍କ ମତ ନେଇଛନ୍ତି। ସେମାନେ ଯାହା ବିଚାର କରିବେ ବୋଲି କହିଥିଲେ। ଏସମ୍ପର୍କରେ ସରପଞ୍ଚ ନାୟକ କହିଛନ୍ତି, ଏ ସମସ୍ତ ଦାବି ୩ ଦିନ ମଧ୍ୟରେ ପୂରଣ ନ ହେଲେ ପୁନର୍ବାର ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏମ୍-୪୧-ଆର୍‌ଟିଟି-ଆର୍‌ଏନ୍‌ସି-୬୧, ତାରିଖ: ୨୯।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ୱାଶିଂ ଲାଇନ୍/ହାଟିଆ, ହାଟିଆ ଷ୍ଟେଶନ ଓ ରାଞ୍ଚି ଷ୍ଟେଶନଠାରେ ରାଉଣ୍ଡ ଟ୍ରିପ୍ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ, କୋଚ୍‌ଗୁଡ଼ିକର ୱାଟରିଂ ଏବଂ ଲକିଂ/ଅନ୍‌ଲକିଂ ତଥା କୋଚିଂ ଡିପୋ/ହାଟିଆଠାରେ ଡିପୋ ପରିସରର ଯାନ୍ତ୍ରିକ ସଫେଇ ସମେତ ରାଞ୍ଚି ଷ୍ଟେଶନଠାରେ ଟ୍ରେନ୍ ନଂ.୨୨୩୫୦/୪୯ରେ ୧୪–ମିନିଟ୍‌ର ମିରାକଲ୍ କ୍ଲିନିଂ ଓ ସିଟିଏସ୍ ପ୍ରତି ଧ୍ୟାନ । **କାର୍ଯ୍ୟର ଆନୁମାନିକ ମୂଲ୍ୟ (ଜିଏସ୍‌ଟି ସମେତ):** ₹୨୧,୦୮,୨୫,୩୦୮.୭୧ । **ଅମାନତ ରାଶି:** ₹୧୨,୦୪,୧୦୦/– । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୨।୦୮।୨୦୨୫ରିଖ ୧୫.୦୦ ଘଟିକା । **ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ:** www.ireps.gov.in । (PR-462)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-UFSBI-484, ତା.26.07.2025ରିଖ

**କାର୍ଯ୍ୟର ନାମ :** 36(ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକଠାରେ DELTRON ଦ୍ୱାରା ନିର୍ମିତ UFSBI ପ୍ରଣାଳୀ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,03,78,623.36, EMD (ଟଙ୍କାରେ) : 2,01,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।

ବିଡ୍ ଆରମ୍ଭ ହେବା ତାରିଖ : ତା. 04.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-421/Q/25-26

SAMBALPUR UNIVERSITY Estd. 2010

**SUIIT**
Sambalpur University Institute of Information Technology
(An Autonomous Constituent Unit of the Sambalpur University in the line of IIITs)
Accredited by NAAC with 'A' Grade, Approved by AICTE
Advt. No:1182/SUIIT Dt:31/07/2025

**SPOT ADMISSION : 2025-26**

All categories (Gen/OBC/SC/ST) seats for M. Tech CSE and Reserved (ST & SC) seats for MCA are available for admission in SUIIT. Interested eligible candidates are required to report the Administrative Officer, SUIIT, Jyoti Vihar, Burla on 4th August, 2025 from10:00 AM to 12.00 noon for admission. There will be an entrance examination of one hour duration for all the programmes (MCA, Non-JEE / M. Tech CSE). However, eligible candidates having OJEE rank 2025 may take admission into MCA directly. Admission will be done on the same day, as per SUIIT admission guidelines.

| Programme Name | Fees |
|---|---|
| ➢ Master of Computer Application (MCA) | Rs. 55,000.00 |
| ➢ M. Tech Computer Science & Engineering (CSE) | Rs. 72,000.00 |

Come prepared with all testimonials (in original & one set of photocopy), 5 passport size coloured photographs, CLC & Conduct certificate in original and ready to pay the amount (online payment mode) mentioned against each programme.
In addition to the above, you are required to submit amount of Rs. 500.00 (Non-Refundable, through online payment mode) towards the cost of application form.

FOR DETAILS OF ADMISSION PROCESS AND INFORMATION BROCHURE
VISIT: www.suiit.ac.in and Email- admin.office@suiit.ac.in
CONTACT NUMBERS: 9437284982 / 7381110818
Sd/- Director, SUIIT

GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
(eerw_kpd@yahoo.com)
Cancellation Notice to Tender Call Notice No. - Tender Online RWD/KPD - 02 of 2025-26, Dated: 22.07.2025
No. O-519: Due to Administrative Ground, the fore mentioned tender call notice is cancelled.
Sd./- Suraj Biswal
Superintending Engineer
OIPR-25064/11/0023/2526 Rural Works Division, Kendrapara

GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
(eerw_kpd@yahoo.com)
Cancellation Notice to Tender Call Notice No. - Tender Online RWD/KPD - 01 of 2025-26, Dated: 17.07.2025
No. O-518: Due to Administrative Ground, the fore mentioned tender call notice is cancelled.
Sd./- Suraj Biswal
Superintending Engineer
OIPR-25064/11/0021/2526 Rural Works Division, Kendrapara

ସମଗ୍ର ଶିକ୍ଷା समग्र शिक्षा Samagra Shiksha
**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯**
Ph.- (06858) - 222568 (Off), E-mail : dpcnawrangssa.opepa@nic.in
No. 1619/IE/2025 NOTICE INVITING TENDER (NIT) Date : 21.07.2025
Sealed tenders are invited from the reputed & credible firms / agencies for supply Equipments, TLMs & Furniture for Saksham Resource Centre for the CwSN at PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Equipments, TLMs & Furniture for Saksham Resource Centre for the CwSN | 2500/- | 80,000/- | 18.08.2025 5:30 P.M. | 19.08.2025 11:00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.
Sd./- District Project Coordinator
Samagra Shiksha, Nabarangpur

**कार्यालय, कार्यपालन अभियंता वि./यां. लाईट मशीनरी नलकूप एवं गेट संभाग, बिलासपुर (छ.ग.)**

**निविदा निरस्तीकरण आदेश**

पत्र क्र. /व.ले.लि/2025-26 बिलासपुर, दिनांक ................

छत्तीसगढ़ शासन जल संसाधन विभाग मंत्रालय महानदी भवन, नवा रायपुर, अटल नगर रायपुर के पत्र क्र. 3314/एफ-7-104/31/एस-2/2025 (निविदा) दिनांक 29.07.2025 के परिपालन में इस कार्यालय के निविदा सूचना क्र. 16/व.ले.लि./2024-25 दिनांक 24.03.2025 रायगढ़ जिले (सारंगढ़-बिलाईगढ़) के विकासखण्ड बरमकेला अंतर्गत सांकरा मेगा उद्वहन सिंचाई परियोजना का निर्माण कार्य (द्वितीय आमंत्रण) निविदा सिस्टम क्र. 166246 को निविदा में प्रतिस्पर्धा का अभाव एवं निविदा-दर वर्तमान में प्राप्त हो रहे निविदा दर रूझानों के अनुरूप न होने के कारण निविदा निरस्त किया जाता है।

विज्ञापन क्र. जी-242506130/6 दिनांक 25.03.2025
स्वा:/- कार्यपालन अभियंता
वि./यां. लाईट मसीनारी नलकूप एवं गेट संभाग, सकरी, बिलासपुर (छ.ग.)
G-252602481/5

**कार्यपालक अभियंता का कार्यालय ग्रामीण विकास विशेष प्रमंडल, बोकारो**

**ई–निविदा आमंत्रण सूचना**

ई–पुनर्निविदा सूचना संख्या – RDD/SD/BOKARO/53/2024-25/3rd Call
1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला अंतर्गत चास प्रखण्ड के तेतुलिया मौजा एवं एन०एच०–23 बारी को–ऑपरेटिव मोड़ के बीच गरगा नदी पर पुराने पुल के बगल में उच्चस्तरीय पुल निर्माण। (लम्बाई 76.18 मी०) | 40755600.00 | 815500.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 08.08.2025
3. ई–निविदा प्राप्ति की तिथि एवं समय – दिनांक 08.08.2025 से दिनांक 22.08.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 25.08.2025 अपराह्न 02:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो
PR 358679 Rural Development(25-26)#D

Government of Jharkhand
**Department of Agriculture, Animal Husbandry & Co-Operative**
(Animal Husbandry Division)
Jharkhand Ranchi

*"Corrigendum"*

*e-Tender No. 01/2025-26 Published by PR No. 357505 Animal Husbandry (2025-26)_D*

This is with reference to Tender notice published for *Selection of Insurance Intermediaries to provide Technical and Operational Support and Overseeing effective implementation of Jharkhand Livestock and Poultry Insurance Scheme through Nationalized Insurance Company under Mukhya Mantry Pashudhan Vikas Yojna (MMPVY).* In the Pre-Bid Meeting, comments and suggestions received from the participated Intermediary Insurance Agency/Broker, the following improvements/amendments were considered in the published N.I.T. (Tender Document) :-

1. **Table Part A & B Sl. No- 02 (Work Experience in Insurance field Livestock & Poultry):-**
   - **Previous Requirement:** Working in Livestock & Poultry field for minimum 03 (Three) years (Under the Govt. Sponsored Scheme).
   - **Clarified Requirement:** Working in Livestock or Poultry field for minimum 03 (Three) years.
2. **Eligibility Criteria Sl. No.- 01 (Proof of Experience in Livestock and Poultry Field):-**
   - **Previous Requirement:** Insurance Intermediary should have been working in Livestock and Poultry field for a period of minimum 03 (Three) years (Copy of License to be provided).
   - **Clarified Requirement:** Insurance Intermediary should have been working in Livestock or Poultry field for a period of minimum 03 (Three) years (Proof for Experience to be provided).
3. **(A) Technical Evaluation Criteria Sl. No.- 03 (Number of Livestock/Poultry Insured):-**
   - **Previous Requirement:** Number of Livestock/Poultry insured over the years (Average of three years).
   - **Clarified Requirement:** Total number of Livestock or Poultry insured in three years.
4. **(A) Technical Evaluation Criteria Sl. No.- 04 (Number of Livestock/Poultry Claims Settled):-**
   - **Previous Requirement:** Number of Livestock/Poultry claims settled over the years.
   - **Clarified Requirement:** Total number of Livestock or Poultry claims settled in three years.
5. **(A) Technical Evaluation Criteria Sl. No.- 05 (Weightage of Marks for Office in Jharkhand):-**
   - **Previous Requirement:** Weightage of marks for having offices in Jharkhand is 1 marks per office for upto four offices (in different districts). For five to fourteen offices its 10 marks and for fifteen or more offices in Jharkhand its 15 marks.
   - **Modified Requirement:** Weightage of marks regarding office in Jharkhand is modified as 10 marks for one office and 15 marks for more than one office in Jharkhand.

Other than above points, in heading of Part-A and Background of Part-B of document it has been mentioned that insurance scheme through nationalized Insurance Company under MMPVY, but in the NIT document, Nationalized insurance word has not been mentioned.

So, regarding this it is to clarify that Insurance Scheme will be only through registered Insurance Company

But for the above changes all other terms and condition cited on tender notice remains same.

Director,
Animal Husbandry
PR 358645 Animal Husbandry (25-26)_D

# ରାସ୍ତା, ପାଣି ସୁବିଧା ନ ଦେଇ ଥଇଥାନ

- ବସୁନ୍ଧରା ହିତାଧିକାରୀ ହଟହଟା
- ୨୪୦ ମିଟର ରାସ୍ତା ନିର୍ମାଣ ହୋଇପାରୁନି
- ଅଭିଶପ୍ତ ଜୀବନ ଜିଉଛନ୍ତି ଖେଳପଡ଼ିଆ ସାହି ବାସିନ୍ଦା

**ନୟାଗଡ଼,୩୧।୭(ଲୋକନାଥ ମିଶ୍ର)**

ରାସ୍ତା, ପାଣି ଓ ବିଦ୍ୟୁତ୍ ପରି ସର୍ବନିମ୍ନ ସୁବିଧା ନ ଦେଇ ବସୁନ୍ଧରା ହିତାଧିକାରୀଙ୍କୁ ଥଇଥାନ କରାଯିବା ପରେ ୫ ପରିବାର ଅଭିଶପ୍ତ ଜୀବନଯାପନ କରୁଛନ୍ତି। ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ଭାଡିକିଳା ପଞ୍ଚାୟତ ଭାଡିକିଳା ନୂଆସାହି ପଛପାଖରେ ଥିବା ଖେଳ ପଡ଼ିଆସାହିରେ ଏଭଳିଆ ଅବ୍ୟବସ୍ଥା ଦେଖାଦେଇଛି। ଖେଳପଡ଼ିଆ ସାହିରେ ୭ ପରିବାରକୁ ୨୦୧୨ରେ ୪ ଡେସିମିଲ ଓ ୩ ଡେସିମିଲ ଲେଖାଏଁ ଜମି ଦେଇ ପ୍ରଶାସନ ଥଇଥାନ କରିଛି। ଏବେ ୫ ପରିବାର ରହୁଛନ୍ତି। ଏଠାରେ ସର୍ବନିମ୍ନ ସୁବିଧା ନ ଦେଇ ଥଇଥାନ ପରେ ଲୋକମାନେ ହଇରାଣ ହେଉଛନ୍ତି। ଗାଁକୁ ରାସ୍ତା ନାହିଁ। ବାଉଁଶଗାଡିଆରୁ ଭାଡିକିଳା ଆରଡି ରାସ୍ତାଠାରୁ ଖେଳପଡ଼ିଆ ସାହିର ଦୂରତା ମାତ୍ର ୨୪୦ ମିଟର। ୨୪୦ ମିଟର ରାସ୍ତାକୁ ପ୍ରଶାସନ ୧୩ ବର୍ଷ ହେଲା ତିଆରି କରି ପାରୁନି। ପୁଣି ପାଣି ସମସ୍ୟା ସୁଧୁରୁନି। ଏଠାରେ ନଳକୂପ ନାହିଁ। ଖେଳପଡ଼ିଆ ସାହିରେ ଯେଉଁ ନଳକୂପ ରହିଛି ତାହା ପରିତ୍ୟକ୍ତ ଅବସ୍ଥାରେ ରହିଛି। ସେହି ନଳକୂପରୁ ସ୍ଥାନୀୟ ବାସିନ୍ଦା ପାଣି ବ୍ୟବହାର କରୁଛନ୍ତି। ଗାଁରେ ବିଦ୍ୟୁତ୍ ନ ଥିଲା। ନିଜସ୍ୱ ଖର୍ଚ୍ଚରେ ଉପରୋକ୍ତ ପରିବାର ବିଦ୍ୟୁତ୍ ସମସ୍ୟାର ସମାଧାନ କରିଛନ୍ତି। ଏନେଇ ମିଥୁନ ରାଓ, ଉଦ୍ଧବ ଭଟ ଓ ପ୍ରକାଶ ପ୍ରଧାନ କୁହନ୍ତି, ଗାଁର ପାଣି ସମସ୍ୟା ଓ ରାସ୍ତା ପାଇଁ ବିଡିଓ, ଜିଲାପାଳ, ସରପଞ୍ଚଙ୍କୁ ଅବଗତ କରାଇଛୁ। ହେଲେ ଆମ ସମସ୍ୟା ସମାଧାନ ହୋଇ ପାରୁନି। ପ୍ରଶାସନ ଆମକୁ ଅଣଦେଖା ନ କରି ପାଣି ଓ ରାସ୍ତା ସମସ୍ୟାକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରୁ। ପୁଣି ଗାଁର ବିଦ୍ୟୁତ୍ ଖୁଣ୍ଟିରେ ଏଲଇଡି ବଲ୍ବ ଲଗାଯାଉ ବୋଲି ସେ କହିଛନ୍ତି।


ଭାଡିକିଳା ଖେଳ ପଡ଼ିଆସାହି ଗ୍ରାମର ବାସିନ୍ଦା।

# ଠକେଇ କର୍ମଚାରୀଙ୍କ ଘର ଆଗରେ ଧାରଣା


ଠକେଇ କରିଥିବା କର୍ମଚାରୀଙ୍କ ଘର ଆଗରେ ମହିଳାମାନେ ପାଟିତୁଣ୍ଡ କରୁଛନ୍ତି।

**ନୟାଗଡ଼,୩୧।୭(ଲୋକନାଥ ମିଶ୍ର)**

ଠକେଇର ପ୍ରତିବାଦ କରି ନୟାଗଡ଼ ସଦର ଥାନା ରାଜପାଟଣାର ସଞ୍ଜୟ ମହାପାତ୍ରଙ୍କ ଘର ସମ୍ମୁଖରେ ଗୁରୁବାର ମହିଳାମାନେ ଧାରଣା ଦେଇଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ତେବେ ଅଭିଯୋଗ ନ ଥିବାରୁ ପଦକ୍ଷେପ ନେଇ ପାରୁ ନ ଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଓଡ଼ିଶା ଷ୍ଟେଟ ଲେବର କୋପରେଟିଭ ସଂସ୍ଥା ବାଲୁଗାଁ ଚଣ୍ଡୀ ମନ୍ଦିର ପାଖରେ ଏକ ଦୋକାନ ପ୍ରାୟ ୨ ବର୍ଷ ତଳେ ଖୋଲିଥିଲା। ଏଠାରେ ଜଣେ ଜିଲା ପରିଷଦ ସଦସ୍ୟ ହରିପୁରର ଜଣେ ମହିଳାଙ୍କୁ ନେଇ ଏହି ସଂସ୍ଥା କରାଇଥିଲେ। ଏଥିରେ ରାଜପାଟଣା ଓ ଓଡ଼ଗାଁର ଦୁଇ ଜଣ ନିୟୋଜିତ ଥିଲେ। ୨୦ ହଜାର ମହିଳାଙ୍କୁ ଆଜୀବନ ସଭ୍ୟ କରାଇବା ପାଇଁ ୨୫୦ ଟଙ୍କା ଲେଖାଏ ଆଦାୟ କରାଯାଇଥିଲା। ସେହିପରି ୩୦୦ ସଭ୍ୟ କରାଇଲେ ୭ ହଜାର ଦରମା ଦିଆଯିବ ବୋଲି କୁହାଯାଇଥିଲା। ଏପରିକି ସୁଲଭ ଦରରେ ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ଶସ୍ତାରେ ମିଳିବ ବୋଲି ପ୍ରତିଶ୍ରୁତି ଦିଆ ଯାଇଥିଲା। ତେବେ ମହିଳାଙ୍କୁ କୌଣସି ସୁବିଧା ସୁଯୋଗ ଦିଆ ନ ଯିବାରୁ ପ୍ରତିବାଦ ଉଠିଥିଲା। ଏପରିକି ସଂପୃକ୍ତ ଠକେଇ ନେଇ ଇଓଡବ୍ଲ୍ୟୁରେ ଅଭିଯୋଗ ହୋଇଛି। ରାଜପାଟଣାରେ ଆନ୍ଦୋଳନ ପରେ ଓଡ଼ଗାଁର ଜଣେ ବ୍ୟକ୍ତିଙ୍କୁ ପୋଲିସକୁ ଅଟକ ରଖି ପଚରାଉଚରା କରୁଥିଲା। ତେବେ ସଦର ଥାନା ଆଇଆଇସି ଶରତ ଚନ୍ଦ୍ର ସେଠୀ କହିଛନ୍ତି ଅଭିଯୋଗ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

# ଲକ୍ଷ୍ମୀପ୍ରସାଦ ଗ୍ରାମ ରାସ୍ତା ଅବହେଳିତ

**ଖଣ୍ଡପଡ଼ା,୩୧।୭ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ ଯୋଗିଆପଲ୍ଲୀ ପଞ୍ଚାୟତର ୧ନଂ. ୱାର୍ଡଭାବେ ପରିଚିତ ଲକ୍ଷ୍ମୀପ୍ରସାଦ ଗ୍ରାମକୁ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଭଲ ରାସ୍ତାଟିଏ ନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମୌଜାଟି ଖଣ୍ଡପଡ଼ାରୁ ନୟାଗଡ଼କୁ ସଂଯୋଗ କରୁଛି। ହେଲେ ମୁଖ୍ୟ ରାସ୍ତାରୁ ଲକ୍ଷ୍ମୀପ୍ରସାଦ ଗ୍ରାମକୁ ସଂଯୋଗ କରୁଥିବା ୧ କି.ମି. ମାଟି ରାସ୍ତା ଦେଇ ବହୁ ବର୍ଷ ହେଲା ଗ୍ରାମବାସୀ ଯାତାୟତ କରୁଛନ୍ତି। ବର୍ଷାଦିନେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଯୋଗିଆପଲ୍ଲୀ ପଞ୍ଚାୟତର ୧ନଂ. ୱାର୍ଡ ଅଧୀନରେ ଥିବା ଏହି ଗ୍ରାମର ଲୋକସଂଖ୍ୟା ୬ଶହରୁ ଉର୍ଦ୍ଧ୍ୱ ହେବ ବୋଲି ଲକ୍ଷ୍ମୀପ୍ରସାଦ ଗ୍ରାମବାସୀ କହିଛନ୍ତି। ଉକ୍ତ ଗ୍ରାମରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ନ ଥିବାରୁ ଗ୍ରାମରେ ଥିବା ୨ଟି କୂଅ ଓ ଫ୍ଲୋରାଇଡଯୁକ୍ତ ନଳକୂପର ପାଣିକୁ ଲୋକେ ବ୍ୟବହାର କରୁଛନ୍ତି। ଗ୍ରାମକୁ ପକ୍କା ରାସ୍ତାଟିଏ ନିର୍ମାଣ ନିମନ୍ତେ ଲକ୍ଷ୍ମୀପ୍ରସାଦ ଗ୍ରାମବାସୀ ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ନିମନ୍ତେ ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଦୀପତଳ ଅନ୍ଧାର ପରି ଲକ୍ଷ୍ମୀପ୍ରସାଦ ଗ୍ରାମ୍ୟ ରାସ୍ତା ଅବହେଳିତ ଭାବେ ପଡି ରହିଛି।

# ଛଟେଇ ହେଲେ ୨୬ ଆଉଟସୋର୍ସିଂ କର୍ମଚାରୀ

**ନୟାଗଡ଼,୩୧।୭ (ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୨୬ଜଣ ଆଉଟ ସୋର୍ସିଂ କର୍ମଚାରୀ ଛଟେଇ ହୋଇଛନ୍ତି। ଛଟେଇ କର୍ମଚାରୀଙ୍କ ମଧ୍ୟରୁ ୧୬ଜଣ ନର୍ସିଂ ଷ୍ଟାଫ, ୬ଜଣ ଫର୍ମାସିଷ୍ଟ, ଜଣେ ଇସିଜି ଟେକ୍ନିସିଆନ, ୩ ଲାବ୍ରୋଟାରୀ ଟେକ୍ନିସିଆନ ଅଛନ୍ତି। କେତେଜଣ ଆଉଟସୋର୍ସିଂ କର୍ମଚାରୀ ଜୁଲାଇ ୨୯ରେ ଆଉ କିଛି ଜୁଲାଇ ୨୪ରେ ଛଟେଇ ହୋଇଛନ୍ତି। ଛଟେଇ ଆଉଟସୋର୍ସିଂ କର୍ମଚାରୀମାନଙ୍କ ମଧ୍ୟରୁ କେହି ୬ମାସର ଆଉ କେହି ୯ମାସର ପ୍ରାପ୍ୟ ପାଇ ନାହାନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ଦାସ କୁହନ୍ତି, ୨୬ ଆଉଟସୋର୍ସିଂ କର୍ମଚାରୀ ଛଟେଇ ହୋଇଛନ୍ତି।ସରକାର ଟଙ୍କା ନ ଦେବାରୁ ଛଟେଇ କରାଗଲା। ବକେୟା ଦରମା ସରକାରଙ୍କଠାରୁ ମିଳିବା ପରେ ସେମାନଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି।

# ଭାଜପାରେ ଯୋଗଦେଲେ କାଉନସିଲର ସରୋଜ ପ୍ରଧାନ


ଭାଜପାରେ ଯୋଗଦେଇଥିବା ସରୋଜ ପ୍ରଧାନ ଓ ଅନ୍ୟମାନେ।

**ଖଣ୍ଡପଡ଼ା,୩୧।୭ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ପୂର୍ତ୍ତବିଭାଗ ଡାକ ବଙ୍ଗଳା ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ସହର ୧ ନଂ. ୱାର୍ଡର କାଉନସିଲର ସରୋଜ କୁମାର ପ୍ରଧାନ ଭାରତୀୟ ଜନତା ଦଳରେ ଯୋଗଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାଜପାରେ ଯୋଗ ଦେଇଥିବା କହିଛନ୍ତି । ଭାଜପାର ବରିଷ୍ଠ ନେତା ବିଧାନ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପାର ଖଣ୍ଡପଡ଼ା ନଗର ସଭାପତି ଦିଗମ୍ବର ମିଶ୍ର ଓ ପାରିଷଦ ବର୍ଗଙ୍କ ଉପସ୍ଥିତିରେ କାଉନସିଲର ପ୍ରଧାନ ଓ ଖଣ୍ଡପଡ଼ା ସହର ୬ନଂ ୱାର୍ଡର ବିଜେଡି କାଉନସିଲର ପ୍ରମୋଦିନୀ ଦାସ ମଧ୍ୟ ଭାଜପାରେ ଯୋଗଦେଇଛନ୍ତି । ଭାଜପାରେ ଯୋଗଦେଇଥିବା କାଉନସିଲରମାନଙ୍କୁ ଖଣ୍ଡପଡ଼ା ଏନଏସି ଅଧକ୍ଷା ଆରତୀ ପ୍ରଧାନ ସ୍ୱାଗତ କରିଛନ୍ତି ।

# ପ୍ରତିଭା ବିକାଶ ଉପରେ ଗୁରୁତ୍ୱାରୋପ

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଭିଭାବକ-ଶିକ୍ଷକ ବୈଠକ

**ଖଣ୍ଡପଡ଼ା,୩୧।୭ (ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ କୁଞ୍ଜବିହାରୀ ବାଳିକା ନୋଡାଲ ବିଦ୍ୟାଳୟ, ନୀଳମାଧବ ନୋଡାଲ ବିଦ୍ୟାପୀଠ ଓ କୁମ୍ଭାରପଡା ପଞ୍ଚାୟତ ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ ଇଂରାଜୀ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶ୍ରୀନିବାସ ପଣ୍ଡା, ପ୍ରଶାନ୍ତ କୁମାର ବାରି ଓ ରତ୍ନାକର କହଁରଙ୍କ ଅଧ୍ୟକ୍ଷତାରେ ବୁଧବାର ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆସ ସ୍କୁଲ ଯିବା ଅଭିଯାନ। କେତେଜଣ ପିଲା ଘରର ଆର୍ଥିକ ଅବସ୍ଥା ଦୃଷ୍ଟିରୁ ଅଧାରୁ ସ୍କୁଲ ଛାଡିବା କିମ୍ବା ବୟସ ହୋଇଥିଲେ ମଧ ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ସେହି ପିଲାମାନଙ୍କୁ କିପରି ପ୍ରୋତ୍ସାହିତ କରାଯିବ ସେ ସମ୍ପର୍କରେ ବିସ୍ତୃତଭାବେ ଆଲୋକପାତ କରାଯାଇଥିଲା। ଏହାଛଡା ପିଲା ମାନଙ୍କୁ ପାଠ ମନସ୍ଥ କରାଇବା ଓ ସେମାନଙ୍କ ଭିତରେ ଥିବା ପ୍ରତିଭା ବିକାଶ ପାଇଁ ପଦକ୍ଷେପ ନେବାକୁ ସ୍ଥିର ହୋଇଥିଲା। ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ସଂକଳ୍ପ ପୁସ୍ତିକାରେ ସ୍ଥାନିତ କରାଯାଇଥିବା ବେଳେ ଅଭିଭାବକମାନେ ଆଲୋଚନାରେ ଅଂଶ ଗ୍ରହଣ କରି ଶିକ୍ଷାନୁଷ୍ଠାନ ପରିସରରେ କିପରି ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ସେ ସମ୍ପର୍କରେ ମତ ଦେଇଥିଲେ। ଏହି ଅବସରରେ ମା'ପାଇଁ ଗଛଟିଏ ଅଭିଯାନ ଯୋଜନାରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା।


ନୀଳମାଧବ ସ୍କୁଲରେ ଆୟୋଜିତ ଶିକ୍ଷକ – ଅଭିଭାବକ ବୈଠକ।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏମ୍-୪୧-ଆର୍‌ଟିଟି-ଆର୍‌ଏନ୍‌ସି-୬୧, ତାରିଖ: ୨୯।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ୱାଶିଂ ଲାଇନ୍/ହାଟିଆ, ହାଟିଆ ଷ୍ଟେଶନ ଓ ରାଞ୍ଚି ଷ୍ଟେଶନଠାରେ ରାଉଣ୍ଡ ଟ୍ରିପ୍ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ, କୋଚ୍‌ଗୁଡ଼ିକର ୱାଟରିଂ ଏବଂ ଲକିଂ/ଅନ୍‌ଲକିଂ ତଥା କୋଚିଂ ଡିପୋ/ହାଟିଆଠାରେ ଡିପୋ ପରିସରର ଯାନ୍ତ୍ରିକ ସଫେଇ ସମେତ ରାଞ୍ଚି ଷ୍ଟେଶନଠାରେ ଟ୍ରେନ୍ ନଂ.୨୨୩୫୦/୪୯ରେ ୧୪–ମିନିଟ୍‌ର ମିରାକଲ୍ କ୍ଲିନିଂ ଓ ସିଟିଏସ୍ ପ୍ରତି ଧ୍ୟାନ । **କାର୍ଯ୍ୟର ଆନୁମାନିକ ମୂଲ୍ୟ (ଜିଏସ୍‌ଟି ସମେତ):** ₹୨୧,୦୮,୨୫,୩୦୮.୭୧ । **ଅମାନତ ରାଶି:** ₹୧୨,୦୪,୧୦୦/– । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୨।୦୮।୨୦୨୫ରିଖ ୧୫.୦୦ ଘଟିକା । ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ: www.ireps.gov.in । (PR-462)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-UFSBI-484, ତା.26.07.2025ରିଖ

**କାର୍ଯ୍ୟର ନାମ :** 36(ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକଠାରେ DELTRON ଦ୍ୱାରା ନିର୍ମିତ UFSBI ପ୍ରଣାଳୀ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,03,78,623.36, EMD (ଟଙ୍କାରେ) : 2,01,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।

ବିଡ଼ ଆରମ୍ଭ ହେବା ତାରିଖ : ତା. 04.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-421/Q/25-26



**SUIIT**
Sambalpur University Institute of Information Technology
(An Autonomous Constituent Unit of the Sambalpur University in the line of IIITs)
Accredited by NAAC with 'A' Grade, Approved by AICTE
Estd. 2010
Advt. No:1182/SUIIT Dt:31/07/2025

**SPOT ADMISSION : 2025-26**

All categories (Gen/OBC/SC/ST) seats for M. Tech CSE and Reserved (ST & SC) seats for MCA are available for admission in SUIIT. Interested eligible candidates are required to report the Administrative Officer, SUIIT, Jyoti Vihar, Burla on 4th August, 2025 from10:00 AM to 12.00 noon for admission. There will be an entrance examination of one hour duration for all the programmes (MCA, Non-JEE / M. Tech CSE). However, eligible candidates having OJEE rank 2025 may take admission into MCA directly. Admission will be done on the same day, as per SUIIT admission guidelines.

| Programme Name | Fees |
|---|---|
| Master of Computer Application (MCA) | Rs. 55,000.00 |
| M. Tech Computer Science & Engineering (CSE) | Rs. 72,000.00 |

Come prepared with all testimonials (in original & one set of photocopy), 5 passport size coloured photographs, CLC & Conduct certificate in original and ready to pay the amount (online payment mode) mentioned against each programme.
In addition to the above, you are required to submit amount of Rs. 500.00 (Non-Refundable, through online payment mode) towards the cost of application form.

FOR DETAILS OF ADMISSION PROCESS AND INFORMATION BROCHURE VISIT: www.suiit.ac.in and Email- admin.office@suiit.ac.in
CONTACT NUMBERS: 9437284982 / 7381110818
Sd/- Director, SUIIT



GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
(eerw_kpd@yahoo.com)
Cancellation Notice to Tender Call Notice No. - Tender Online RWD/KPD - 02 of 2025-26, Dated: 22.07.2025
No. O-519: Due to Administrative Ground, the fore mentioned tender call notice is cancelled.
Sd./- Suraj Biswal
Superintending Engineer
OIPR-25064/11/0023/2526 Rural Works Division, Kendrapara



GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
(eerw_kpd@yahoo.com)
Cancellation Notice to Tender Call Notice No. - Tender Online RWD/KPD - 01 of 2025-26, Dated: 17.07.2025
No. O-518: Due to Administrative Ground, the fore mentioned tender call notice is cancelled.
Sd./- Suraj Biswal
Superintending Engineer
OIPR-25064/11/0021/2526 Rural Works Division, Kendrapara



ସମଗ୍ର ଶିକ୍ଷା / समग्र शिक्षा / Samagra Shiksha
**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯**
Ph.- (06858) - 222568 (Off), E-mail : dpcnawrangssa.opepa@nic.in
No. 1619/IE/2025 NOTICE INVITING TENDER (NIT) Date : 21.07.2025
Sealed tenders are invited from the reputed & credible firms / agencies for supply Equipments, TLMs & Furniture for Saksham Resource Centre for the CwSN at PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Equipments, TLMs & Furniture for Saksham Resource Centre for the CwSN | 2500/- | 80,000/- | 18.08.2025 5:30 P.M. | 19.08.2025 11:00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.
Sd./- District Project Coordinator
Samagra Shiksha, Nabarangpur



**कार्यालय, कार्यपालन अभियंता वि./यां. लाईट मशीनरी नलकूप एवं गेट संभाग, बिलासपुर (छ.ग.)**

**निविदा निरस्तीकरण आदेश**

पत्र क्र. /व.ले.लि/2025-26 बिलासपुर, दिनांक ................

छत्तीसगढ़ शासन जल संसाधन विभाग मंत्रालय महानदी भवन, नवा रायपुर, अटल नगर रायपुर के पत्र क्र. 3314/एफ-7-104/31/एस-2/2025 (निविदा) दिनांक 29.07.2025 के परिपालन में इस कार्यालय के निविदा सूचना क्र. 16/व.ले.लि./2024-25 दिनांक 24.03.2025 रायगढ़ जिले (सारंगढ़-बिलाईगढ़) के विकासखण्ड बरमकेला अंतर्गत सांकरा मेगा उद्वहन सिंचाई परियोजना का निर्माण कार्य (द्वितीय आमंत्रण) निविदा सिस्टम क्र. 166246 को निविदा में प्रतिस्पर्धा का अभाव एवं निविदा-दर वर्तमान में प्राप्त हो रहे निविदा दर रूझानों के अनुरूप न होने के कारण निविदा निरस्त किया जाता है।

विज्ञापन क्र. जी-242506130/6 दिनांक 25.03.2025
स्वा:/- कार्यपालन अभियंता
वि./यां. लाईट मसीनारी नलकूप एवं गेट संभाग, सकरी, बिलासपुर (छ.ग.)
G-252602481/5



**कार्यपालक अभियंता का कार्यालय ग्रामीण विकास विशेष प्रमंडल, बोकारो**

**ई–निविदा आमंत्रण सूचना**

ई–पुनर्निविदा सूचना संख्या – RDD/SD/BOKARO/53/2024-25/3rd Call

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला अंतर्गत चास प्रखण्ड के तेतुलिया मौजा एवं एन०एच०–23 बारी को–ऑपरेटिव मोड़ के बीच गरगा नदी पर पुराने पुल के बगल में उच्चस्तरीय पुल निर्माण। (लम्बाई 76.18 मी०) | 40755600.00 | 815500.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 08.08.2025
3. ई–निविदा प्राप्ति की तिथि एवं समय – दिनांक 08.08.2025 से दिनांक 22.08.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 25.08.2025 अपराह्न 02:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो
PR 358679 Rural Development(25-26)#D



Government of Jharkhand
**Department of Agriculture, Animal Husbandry & Co-Operative**
(Animal Husbandry Division)
Jharkhand Ranchi

*"Corrigendum"*

*e-Tender No. 01/2025-26 Published by PR No. 357505 Animal Husbandry (2025-26)_D*

This is with reference to Tender notice published for *Selection of Insurance Intermediaries to provide Technical and Operational Support and Overseeing effective implementation of Jharkhand Livestock and Poultry Insurance Scheme through Nationalized Insurance Company under Mukhya Mantry Pashudhan Vikas Yojna (MMPVY).* In the Pre-Bid Meeting, comments and suggestions received from the participated Intermediary Insurance Agency/Broker, the following improvements/amendments were considered in the published N.I.T. (Tender Document) :-

1. Table Part A & B Sl. No- 02 (Work Experience in Insurance field Livestock & Poultry):-
   - **Previous Requirement:** Working in Livestock & Poultry field for minimum 03 (Three) years (Under the Govt. Sponsored Scheme).
   - **Clarified Requirement:** Working in Livestock or Poultry field for minimum 03 (Three) years.
2. Eligibility Criteria Sl. No.- 01 (Proof of Experience in Livestock and Poultry Field):-
   - **Previous Requirement:** Insurance Intermediary should have been working in Livestock and Poultry field for a period of minimum 03 (Three) years (Copy of License to be provided).
   - **Clarified Requirement:** Insurance Intermediary should have been working in Livestock or Poultry field for a period of minimum 03 (Three) years (Proof for Experience to be provided).
3. (A) Technical Evaluation Criteria Sl. No.- 03 (Number of Livestock/Poultry Insured):-
   - **Previous Requirement:** Number of Livestock/Poultry insured over the years (Average of three years).
   - **Clarified Requirement:** Total number of Livestock or Poultry insured in three years.
4. (A) Technical Evaluation Criteria Sl. No.- 04 (Number of Livestock/Poultry Claims Settled):-
   - **Previous Requirement:** Number of Livestock/Poultry claims settled over the years.
   - **Clarified Requirement:** Total number of Livestock or Poultry claims settled in three years.
5. (A) Technical Evaluation Criteria Sl. No.- 05 (Weightage of Marks for Office in Jharkhand):-
   - **Previous Requirement:** Weightage of marks for having offices in Jharkhand is 1 marks per office for upto four offices (in different districts). For five to fourteen offices its 10 marks and for fifteen or more offices in Jharkhand its 15 marks.
   - **Modified Requirement:** Weightage of marks regarding office in Jharkhand is modified as 10 marks for one office and 15 marks for more than one office in Jharkhand.

Other than above points, in heading of Part-A and Background of Part-B of document it has been mentioned that insurance scheme through nationalized Insurance Company under MMPVY, but in the NIT document, Nationalized insurance word has not been mentioned.

So, regarding this it is to clarify that Insurance Scheme will be only through registered Insurance Company

But for the above changes all other terms and condition cited on tender notice remains same.

Director,
Animal Husbandry
PR 358645 Animal Husbandry (25-26)_D

## ସଂକ୍ଷେପରେ

### ଡକାୟତି ଉଦ୍ୟମବେଳେ ୩ ଯୁବକ ଗିରଫ, ୨ ଫେରାର

**ଯାଜପୁର ଟାଉନ,୩୧।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଟାଉନ ଥାନା ଅଧୀନ ବରାହନାଥ ଗ୍ରାମରେ ବୁଧବାର ରାତିପ୍ରାୟ ୧୨ଟାରେ ୫ ଯୁବକ ଡକାୟତି ଯୋଜନା କରୁଥିବାବେଳେ ପୋଲିସ ଚଢ଼ାଉ କରି ୩ଜଣଙ୍କୁ କାବୁ କରିଛି। ଅନ୍ୟ ୨ଜଣ ଏକ ସ୍କୁଟି ଯୋଗେ ଫେରାର ହୋଇଯାଇଛନ୍ତି। ଗିରଫ ଯୁବକ ହେଲେ କିଆନାଳୀକୂଳ ଛକର ମଦନ ଓରଫ୍ ପ୍ରକାଶ ସେନାପତି(୩୦), ନହରାପୁର ରେଡ୍‌କ୍ରସ ଛକର ଏସ୍‌କେ ଅସମତ(୨୬) ଓ ଭବାନୀଗଞ୍ଜର ଲିଙ୍କୁନ ଓରଫ ଅଭୟ ଦଳାଇ(୧୯)। ପୋଲିସ ସେମାନଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଫେରାର ଯୁବକ ଦ୍ୱୟ ହେଲେ ହେଲେ ଯାଜପୁର ସହର ଭୀମକରପୁର ଗ୍ରାମ ନାୟକ ସାହିର ସୋନୁ ନାୟକ ଏବଂ ବାବୁ ଓରଫ ମନୋଜ ସେଠୀ। ଏହି ୫ଜଣ ଯାଜପୁର ପୌରାଞ୍ଚଳର ସନ୍ଥମାଧବ ଗ୍ରାମରେ ଡକାୟିତ ପାଇଁ ପ୍ରସ୍ତୁତ ହେଉଥିଲେ ବୋଲି ଜଣାପଡ଼ିଛି। ଗିରଫ ଯୁବକମାନଙ୍କଠାରୁ ୨ଟି ମଦ ବୋତଲ, ୨ଟି ଲୁହା ରଡ୍, ୧ ସ୍କ୍ରୁଡ୍ରାଇଭର, ୧ କଟର ମେସିନ, ୧ ଖଣ୍ଡା, ୨ଟି ଲଙ୍କାଗୁଣ୍ଡ ପ୍ୟାକେଟ ଓ ଏକ ଟର୍ଚ୍ଚ ଲାଇଟ ଜବତ କରାଯାଇଛି। ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲି, ସୌରଭ ମାଝୀ, କନଷ୍ଟେବଳ ଯଯାତି ମଲ୍ଲିକ, ଓଡ଼ିଶା ଆର୍ମ ପୋଲିସର ଦେବେନ୍ଦ୍ର ଦେଓଗାମ ଓ ଅଶୋକ ସିଙ୍କ ପ୍ରମୁଖ ପାଟ୍ରୋଲିଂ ଡ୍ୟୁଟିରେ ଥିବାବେଳେ ଚଢ଼ାଉ କରିଥିଲେ। ଏନେଇ ପୋଲିସ ନଂ. ୩୫୪/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଯୁବକମାନେ ପୂର୍ବରୁ ଯାଜପୁର ସହର କିଆନାଳୀକୂଳ ପରିବା ମାର୍କେଟରୁ ୩୦ହଜାର ଟଙ୍କା, ସିସି କ୍ୟାମେରା ହାର୍ଡଡିସ୍କ, ୧ଲାପଟପ ଚୋରି କରିଥିବାର ତଦନ୍ତରୁ ଜଣାପଡ଼ିଛି।

### ବ୍ରାହ୍ମଣୀ ନଦୀରେ ବନ୍ୟା ଜଳ ହ୍ରାସ

**ଧର୍ମଶାଳା,୩୧।୭ (ବଟକୃଷ୍ଣ ପରିଡ଼ା):**

ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ହ୍ରାସ ପାଇଛି। ରେଙ୍ଗାଲି ଡ୍ୟାମ୍‌ର ୩ଟି ଗେଟ୍ ଖୋଲିବା ଫଳରେ ବ୍ରାହ୍ମଣୀରେ ୩ୟ ବନ୍ୟା ଜଳ ପ୍ରବାହିତ ହୋଇଥିଲା। ତେବେ ଉପରମୁଣ୍ଡରେ ୨ ଦିନ ହେଲା ବର୍ଷା ନ ହେବାରୁ ଡ୍ୟାମ୍ କର୍ତ୍ତୃପକ୍ଷ ବୁଧବାର ଅପରାହ୍ନ ୪ଟାରେ ଗୋଟିଏ ଓ ଗୁରୁବାର ପୂର୍ବାହ୍ନ ୧୧ଟାରେ ଆଉ ଏକ ଗେଟ୍ ବନ୍ଦ କରିଛନ୍ତି। ତେଣୁ ପାଟଜମିଗୁଡ଼ିକରେ ଜମି ଥିବା ବନ୍ୟା ଜଳ ଶୁକ୍ରବାର ହ୍ରାସ ପାଇବ ବୋଲି ଜାରକା ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏବେ ରେଙ୍ଗାଲିର ଗୋଟିଏ ଗେଟ୍ ଖୋଲା ଥିବାରୁ ୧୪୦୦ଘନମିଟର ଜଳ ପ୍ରବାହିତ ହେଉଛି। ଅନ୍ୟପକ୍ଷରେ ରେଙ୍ଗାଲି ଡ୍ୟାମ୍ କର୍ତ୍ତୃପକ୍ଷ ଏହା ପୂର୍ବରୁ ୩ଟି ଗେଟ୍ ଖୋଲିବା ଫଳରେ ଧର୍ମଶାଳା ଅଞ୍ଚଳରେ ୧୭୦୦ ହେକ୍ଟର ପାଟ ଜମି ଓ ୫୦ ହେକ୍ଟର ପରିବା ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, କୃଷକ ନେତା ବସନ୍ତ ପରିଡ଼ା ଓ ନେତ୍ରାନନ୍ଦ ଦାସ ପ୍ରମୁଖ ଦାବି କରିଛନ୍ତି।

# ଚାଷୀ ପଞ୍ଜୀକରଣରେ ବାଧକ ଉତ୍ତରାଧିକାରୀ ପ୍ରମାଣପତ୍ର

- ଚାଷୀଙ୍କ ମହଲରେ ଅସନ୍ତୋଷ
- ନିୟମରେ ପରିବର୍ତ୍ତନ ଦାବି

**ବିଞ୍ଝାରପୁର,୩୧।୭(ରାମକୃଷ୍ଣ ଦାସ):**




ଚଳିତ ବର୍ଷ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିବାକୁ ହେଲେ ଉତ୍ତରାଧିକାରୀ ପ୍ରମାଣପତ୍ର ଦେବାକୁ ପଡୁଛି। ଏଥିସହିତ ଜମିରେ କେତେଜଣ ରେକର୍ଡ ଧାରକ ବା ଉତ୍ତରାଧିକାରୀ ଅଛନ୍ତି ସମସ୍ତଙ୍କଠାରୁ ଅନୁମତିପତ୍ର ଆଣିବା ପରେ ପଞ୍ଜୀକରଣ ହୋଇପାରୁଛି। ଯଦି କେଉଁ ଭାଇ ଅନୁମତି ନ ଦେଲେ ତେବେ କଥା ସରିଲା।

ବିଞ୍ଝାରପୁର ବ୍ଲକ ଅଞ୍ଚଳ ଚାଷୀଙ୍କ କହିବା ଅନୁସାରେ, କାହାର ବାପାଙ୍କ ନାମରେ ତ କାହାର ଜେଜେବାପା କିମ୍ବା ଅଣ ଜେଜେବାପାଙ୍କ ନାମରେ ଜମି ରହିଛି। ବାଦବିବାଦରୁ ଭାଗବଣ୍ଟା ହୋଇ ପାରୁନାହିଁ। ଚଳିତ ବର୍ଷ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଥିବାବେଳେ ଉତ୍ତରାଧିକାରୀ ପ୍ରମାଣପତ୍ର ବ୍ୟବସ୍ଥାରେ ଚାଷୀ ହତାଶ ହୋଇପଡୁଛନ୍ତି। ପୁଣି ଇ-କେୱାଇସି ଓ ଚକ୍ଷୁ ଡୋଳା ସ୍କାନ୍ କରିବାକୁ ପଡୁଛି। ଅନ୍ୟପକ୍ଷରେ ଇଣ୍ଟରନେଟ ସମସ୍ୟା ଓ ସରଭର ଡାଉନ ଚାଷୀଙ୍କୁ ଆହୁରି ଅସୁବିଧାରେ ପକାଉଛି। ଏହି କାରଣରୁ ଯାଜପୁର ଜିଲାରେ ୧୦ ଦିନ ମଧ୍ୟରେ ମାତ୍ର ୩୦୦ ଚାଷୀ ପଞ୍ଜୀକରଣ କରିପାରିଛନ୍ତି।

ପୂର୍ବରୁ ଧାନ ବିକ୍ରି ପାଇଁ ଚାଷୀ ଜମିପଟ୍ଟା ଦେଇ ପଞ୍ଜୀକରଣ କରିପାରୁଥିଲେ। ନିଜ ନାମରେ ଜମି ନ ଥିଲେ ହେଁ ବାପା କିମ୍ବା ଜେଜେ ବାପାଙ୍କ ନାମରେ ଥାଇ ସୁଦ୍ଧା ପଞ୍ଜୀକରଣ ହୋଇପାରୁଥିଲା। ଅନ୍ୟ ଉତ୍ତରାଧିକାରୀ ବା ଭାଇମାନଙ୍କ ଅନୁମତିକୁ ସେତେ ଗୁରୁତ୍ୱ ଦିଆଯାଉ ନ ଥିଲା। ସମବାୟ ସମିତି ସମ୍ପାଦକମାନେ ସ୍ଥାନୀୟ ଲୋକ ହୋଇଥିବାରୁ କାହାର କେତେ ଭାଇ, କିଏ ଚାଷ କରୁଛନ୍ତି ଆଦି ଜାଣିଥିବାରୁ ତାହା ହୋଇପାରୁଥିଲା। ଗୋଟିଏ ପ୍ଲଟ୍ ଜଣଙ୍କ ନାମରେ ପଞ୍ଜୀକରଣ କରାଯାଇପାରୁଥିଲା। ଚାଷୀ ସୁରୁଖୁରୁରେ ପଞ୍ଜୀକରଣ କରି ଧାନ ଦେଇପାରୁଥିଲେ। ହେଲେ ଉତ୍ତରାଧିକାରୀ ପ୍ରମାଣପତ୍ର, ଅନୁମତିପତ୍ର ଏବଂ ଚକ୍ଷୁ ଡୋଳ ସ୍କାନକୁ ବାଧ୍ୟତାମୂଳକ କରିଦିଆଯାଇଥିବାରୁ ଅଡୁଆ ହେଉଛି। ଚଳିତ ବର୍ଷ ଏହି ପ୍ରକ୍ରିୟାକୁ ସରକାର ଜଟିଳ କରିଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି।

ଧାନର ମୂଲ୍ୟ ସରକାର ଗତବର୍ଷଠାରୁ ୩୧ ଶହ ଟଙ୍କା କରିଥିବାରୁ ପୂର୍ବରୁ ମଣ୍ଡିରେ ଧାନ ଦେଉ ନ ଥିବା ଚାଷୀ ମଧ୍ୟ ଧାନ ଦେବାକୁ ଆଗ୍ରହ ପ୍ରକାଶ କରି ପଞ୍ଜୀକରଣ ପାଇଁ ଆସି ନିରାଶ ହେଉଛନ୍ତି। ଚାଷୀ ଯେଉଁ ପ୍ଲଟ ଦେଇ ପଞ୍ଜୀକରଣ କରିବାକୁ ଚାହୁଁଛନ୍ତି ତାହା ତାଙ୍କ ନାମରେ ଥିଲେ ସହଜରେ ହୋଇଯାଉଛି। ମାତ୍ର ଉକ୍ତ ପ୍ଲଟ ବାପା ଓ ଜେଜେବାପାଙ୍କ ନାମରେ ରହିଥିଲେ ପ୍ରଥମେ ତାହାର ଉତ୍ତରାଧିକାରୀ ପ୍ରମାଣପତ୍ର ବାହାର କରିବାକୁ ପଡୁଛି। ସମସ୍ତ ଉତ୍ତରାଧିକାରୀଙ୍କଠାରୁ ଅନୁମତିପତ୍ର ଓ ଆଧାରକାର୍ଡ ନକଲ ଦେବାକୁ ପଡୁଛି। ଭାଇମାନଙ୍କ ସହ ବିବାଦଥିଲେ ଅନୁମତିପତ୍ର ଆଣିବା ଅସମ୍ଭବ ହୋଇପଡୁଛି। ସେହିପରି ଭାଗଚାଷୀ ହୋଇଥିଲେ ମାଲିକଙ୍କ ଅନୁମତିପତ୍ର, ଆଧାରକାର୍ଡ ସହ ମାଲିକଙ୍କୁ ସମିତିକୁ ଆସିବାକୁ କୁହାଯାଉଛି। ଯାହା ଚାଷୀଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରୁଛି। ତେଣୁ ଏ ଦିଗରେ ସରକାର ଦୃଷ୍ଟିଦେଇ ନିୟମ କୋହଳ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# ଯାଜପୁର ସହରରେ ଅପମିଶ୍ରିତ ଛେନା ହାଉଜାଉ

**ଯାଜପୁର ଟାଉନ,୩୧।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

- ଛେନା ଖାଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ
- ଜିଲା ପ୍ରଶାସନକୁ ଦାୟୀ କଲେ ସହରବାସୀ

ସାଧାରଣତଃ ଛେନା ଓ ଛେନା ଜାତୀୟ ମିଷ୍ଟାନକୁ ଖାଇବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ରହିଛି। ହେଲେ ଯାଜପୁର ସହରରେ ଅନେକ ମିଷ୍ଟାନ୍ନ ଦୋକାନରେ ଅପମିଶ୍ରିତ ଛେନା ହାଉଜାଉ ହେଉଛି। ଏହି ଅପମିଶ୍ରିତ ଛେନା ଓ ଛେନାରୁ ପ୍ରସ୍ତୁତ ବିଭିନ୍ନ ମିଷ୍ଟାନ୍ନ ଖାଇ ଅନେକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ସହରବାସୀ ଅଭିଯୋଗ କରିଛନ୍ତି। ହେଲେ ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉ ନାହିଁ ବୋଲି ସହରବାସୀ କହିଛନ୍ତି। ଏହି ଛେନା ନିର୍ଦ୍ଦିଷ୍ଟ ଏକ କମ୍ପାନୀର ପାଉଡର ଦ୍ୱାରା ପ୍ରସ୍ତୁତ ହେଉଛି। ବ୍ୟବସାୟୀମାନେ ଏହାକୁ ବିକ୍ରି କରି ବେଶ୍ ଲାଭବାନ ହେଉଛନ୍ତି।

ସାଧାରଣତଃ ଗାଈ ଓ ମଇଁଷି କ୍ଷୀରରେ ଉତ୍ପନ୍ନ ହେଉଥିବା ଛେନାର ବଜାର ଦର କିଲୋପ୍ରତି ୨୦୦ଟଙ୍କା ରହିଛି। ମାତ୍ର ପାଉଡର ଦ୍ୱାରା ପ୍ରସ୍ତୁତ ଛେନା କିଲୋ ପ୍ରତି ୧୨୦ଟଙ୍କାରେ ମିଳୁଛି। ଫଳରେ ଅଧିକ ଲାଭ ଆଶାରେ ବ୍ୟବସାୟୀମାନେ ଏହାକୁ କ୍ରୟ କରୁଛନ୍ତି। ତେଣୁ ଏହି ଛେନା ଦ୍ୱାରା ପ୍ରସ୍ତୁତ ହେଉଥିବା ପନିର, ଖୁଆ ଓ ମିଷ୍ଟାନ ଖାଇଲେ ବିଭିନ୍ନ ରୋଗ ବ୍ୟାପୁଛି। ଯାଜପୁର ସହରରେ ପ୍ରତ୍ୟେକ ଦିନ ଏହି ଅପମିଶ୍ରିତ ଛେନା ୩/୫ କୁଇଣ୍ଟାଲ ପର୍ଯ୍ୟନ୍ତ କାରବାର ହେଉଛି। ଗାଈ ଓ ମଇଁଷି କ୍ଷୀରରେ ପ୍ରସ୍ତୁତ ଛେନା ଦେଖିବାକୁ ମିଳୁନାହିଁ। ଏହି ଅପମିଶ୍ରିତ ଛେନା ସାଧାରଣତଃ ସହର ଉପକଣ୍ଠ ସଇପୁର, ଜଳହରା, ସିମିଳିଆ ଅଞ୍ଚଳରୁ ଆସୁଛି। ଭଦ୍ରକ ଜିଲା ଭଣ୍ଡାରପୋଖରୀ ବ୍ଲକ୍‌ର ମଣିନାଥପୁର, ଷୋଳମପୁର, ଜଳହରି, ନପଙ୍ଗ, ସୋଲାପାରି ଆଦି ଅଞ୍ଚଳର କେତେଜଣ ଲୋକ ଅପମିଶ୍ରିତ ଛେନାକୁ ଯାଜପୁର ସହରର ବିଭିନ୍ନ ମିଷ୍ଟାନ୍ନ ଦୋକାନରେ ଯୋଗାଣ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ତଥା ଖାଦ୍ୟ ଯାଞ୍ଚ ଅଧିକାରୀ ଦିଲୀପ କୁମାର ପାଣିଗ୍ରାହୀଙ୍କୁ ପଚାରିବାରେ ସେ କହିଛନ୍ତି, ଅପମିଶ୍ରିତ ଛେନା ଯୋଗାଣ ନେଇ ନିର୍ଦ୍ଦିଷ୍ଟ ଅଭିଯୋଗ ଆମ ପାଖରେ ଏପର୍ଯ୍ୟନ୍ତ ପହଞ୍ଚିନାହିଁ। ଅଭିଯୋଗ ହେଲେ ଏହାର ତଦନ୍ତ କରାଯିବ।

# ପରିବହନ ବିଭାଗ ପକ୍ଷରୁ ୫୩ ହଜାର ଜରିମାନା ଆଦାୟ



ପରିବହନ ବିଭାଗ ପକ୍ଷରୁ ଜାତୀୟ ରାଜପଥ ଉପରେ ଗାଡ଼ି ମୋଟର ଯାଞ୍ଚ କରାଯାଉଛି।

**ପାଣିକୋଇଲି,୩୧।୭(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଓଉପଦା ଡାଭରସନ ନିକଟରେ ଗୁରୁବାର ପରିବହନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଯାଜପୁର ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶରେ ଏମଭିଆଇ ପିକେ ବେହେରା, ଟି. କିଶୋର, ଟି. ହିରୋ, ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ ବଳ, ସନ୍ତୋଷ କୁମାର ବେହେରା ଓ ଗୋପ ଦାସ ପ୍ରମୁଖ ସଦଳବଳ ବେଆଇନ ପାର୍କିଂ ଉପରେ ଚଢ଼ାଉ କରିଥିଲେ। ପରେ ରଙ୍ଗରୁଟରେ ଗାଡ଼ି ଚଳାଚଳ ଉପରେ ତଦାରଖ କରିବା ସହ ହେଲମେଣ୍ଟ ଯାଞ୍ଚ କରିଥିଲେ। ଏହି ସମୟରେ ନିୟମ ଭାଙ୍ଗୁଥିବା ଚାଳକଙ୍କ ଉପରେ ଜରିମାନା କରାଯାଇଥିଲା। ନିୟମ ଉଲ୍ଲଙ୍ଘନକାରୀଙ୍କଠାରୁ ମୋଟ୍ ୫୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ପାରିବାରିକ କଳହରୁ ନାବାଳିକାଙ୍କ ଆତ୍ମହତ୍ୟା

**ଧର୍ମଶାଳା,୩୧।୭(ବଟକୃଷ୍ଣ ପରିଡ଼ା):**

ପାରିବାରିକ କଳହ ଯୋଗୁ ଧର୍ମଶାଳା ଥାନା ପାଟପୁର ପଞ୍ଚାୟତ ଫାଜିଲପୁର ଗ୍ରାମର ଜଣେ ନାବାଳିକା ବୁଧବାର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ନାବାଳିକା ତାଙ୍କ ମା'ଙ୍କ ସହିତ ଝଗଡ଼ା କରିଥିଲେ। ପରେ ତାଙ୍କ ବାଡ଼ିରେ ଥିବା ବାଉଁଶ ବୁଦାରେ ନିଜ ପିନ୍ଧା ଓଢ଼ଣି ସାହାଯ୍ୟରେ ଝୁଲିପଡ଼ିଥିଲେ। ପରିବାର ଲୋକ ଏହା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନମ୍ବର ୨୭/୨୫ ରୁଜୁ ହୋଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

# ଖବରଦାତାଙ୍କ ସମସ୍ୟା ସମ୍ପର୍କରେ ଦାବିପତ୍ର



ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯାଜପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଯାଜପୁର ଟାଉନ,୩୧।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ବୃତ୍ତିଗତ ସମସ୍ୟା ଓ କେତେକ ନ୍ୟାଯ୍ୟ ଦାବିନେଇ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି ହରିହର ସ୍ୱାଇଁଙ୍କ ନେତୃତ୍ୱରେ କର୍ମକର୍ତ୍ତା ନୂତନ ଜିଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ୫ରୁ୧୦ ଲକ୍ଷକୁ ବୃଦ୍ଧି କରିବା ସହ ସେଥିରେ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ, ୬୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଖବରଦାତାଙ୍କୁ ମାସିକ ୧୫ ହଜାର ଟଙ୍କା ପେନ୍‌ସନ ପ୍ରଦାନ ଏବଂ ରାଜ୍ୟରେ ଖବରଦାତା ସୁରକ୍ଷା ଆଇନ ପ୍ରଣୟନ ପାଇଁ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଖବରଦାତା ରଙ୍ଗବଲଭ ସାହୁ, ପ୍ରଦୀପ ଚାନ୍ଦ, ପବିତ୍ର ମହାନ୍ତି, ଜୟପ୍ରକାଶ ନାୟକ, ସତ୍ୟରଞ୍ଜନ ସାହୁ, କଳ୍ପତରୁ ପଣ୍ଡା, ସଞ୍ଜୟ କର, ଦିବ୍ୟକାନ୍ତ କର, କପିଳେନ୍ଦ୍ର ରାଉତ, ଅଶୋକ ଦାସ, ଶୁଭାଶିଷ ରାଉତ, ଶରତ ଚନ୍ଦ୍ର ଦାସ, ଯଜ୍ଞଦତ୍ତ ତ୍ରିପାଠୀ, ମନୋଜ ନାୟକ, ପ୍ରକାଶ ସାହୁ, ବାଞ୍ଛାନିଧି ସାହୁ, ହିମାଂଶୁ ପାଢ଼ୀ, ଦେବାଶିଷ ସାହୁ, ସୁରେଶ କର, ଲିଙ୍ଗରାଜ ସାହୁ, ଅବିନାଶ ସ୍ୱାଇଁ, ପ୍ରଦୀପ ଜେନା, ଅଜୟ ବେହେରା, ଦର୍ଶନ ବେହେରା, ବିଦ୍ୟାଧର ବେହେରା, ଭରତ ନାୟକ, ସତ୍ୟବ୍ରତ ନାୟକ, ଅଜୟ ମିଶ୍ର, ଶୁଭାଶିଷ ଦାସ ମହାପାତ୍ର, ମନୋରଞ୍ଜନ ମଲ୍ଲିକ, ପ୍ରତାପ ମଲ୍ଲିକ, ସିତାଂଶୁ ଜେନା ଓ ଜ୍ୟୋତି ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଦ ଥିବା ଘରୋଇ ହସ୍ପିଟାଲ ତୁରନ୍ତ ଖୋଲିବାକୁ ଦାବି

**ବିଧାୟକଙ୍କୁ ଭେଟିଲେ ନେଳିଆ ପଞ୍ଚାୟତର ୱାର୍ଡ ସଭ୍ୟା ଓ ହସ୍ପିଟାଲ କର୍ମଚାରୀ**

**ଚଣ୍ଡିଖୋଲ,୩୧।୭(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଧୀନ ଛଡିଆସ୍ଥିତ ଘରୋଇ ରୋହିଣୀ ହସ୍ପିଟାଲ ୩ ମାସ ହେଲା ବନ୍ଦ ରହିଛି। ତେଣୁ ଏହାକୁ ତୁରନ୍ତ ଖୋଲିବାକୁ ଦାବି ହୋଇଛି। ଏନେଇ ଗୁରୁବାର ସ୍ଥାନୀୟ ଅଞ୍ଚଳର ମହିଳା ଓ ନେଳିଆ ପଞ୍ଚାୟତର ୱାର୍ଡସଭ୍ୟା ମେଡିକାଲ କର୍ମଚାରୀଙ୍କୁ ଧରି ବଡ଼ଚଣା ବିଧାୟକଙ୍କ ଅଭିଯୋଗ ପ୍ରକୋଷ୍ଠ ଚଣ୍ଡିଖୋଲରେ ପହଞ୍ଚି ଏହି ଦାବି କରିଛନ୍ତି। ସେମାନେ ବିଧାୟକ ଅମର ନାୟକଙ୍କୁ ସାକ୍ଷାତ କରି ହସ୍ପିଟାଲ ଖୋଲିବା ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

ଉକ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ମହିଳାଙ୍କ ୩ ମାସ ତଳେ ମୃତ୍ୟୁ ହୋଇଥିଲା। ଚିକିତ୍ସା ଅବହେଳାରୁ ମହିଳାଙ୍କମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିବା ସହ ହସ୍ପିଟାଲ ସମ୍ମୁଖରେ ଧାରଣାରେ ବସିଥିଲେ। ଏହାପରେ ବୈରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସ୍ଥାନୀୟ ପୋଲିସ ଏବଂ ପ୍ରଶାସନ ସମ୍ପୃକ୍ତ ଘରୋଇ ହସ୍ପିଟାଲକୁ ବନ୍ଦ କରି ଦେଇଥିଲେ। ହସ୍ପିଟାଲ ବନ୍ଦ ହେବାରୁ ପାଖାପାଖି ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏନେଇ ମହିଳାମାନେ କହିଛନ୍ତି, ରୋହିଣୀ ହସ୍ପିଟାଲ ବନ୍ଦ ହେବାରୁ ଅଞ୍ଚଳବାସୀ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କଟକ ବଡ଼ ମେଡିକାଲ ଉପରେ ନିର୍ଭର କରିବାକୁ ପଡୁଛି। ହସ୍ପିଟାଲର ୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଅସୁବିଧାରେ ଥିବା ବିଧାୟକଙ୍କୁ ଜଣାଇଛନ୍ତି। ହସ୍ପିଟାଲ ବନ୍ଦ କାରଣରୁ ସେମାନେ ରୋଜଗାର ହରାଇଛନ୍ତି। ପରିବାର ଭରଣ ପୋଷଣ କରିବାରେ ସମସ୍ୟା ହେଉଛି ବୋଲି ସେମାନେ ଦର୍ଶାଇଛନ୍ତି। ୱାର୍ଡସଭ୍ୟା ଭାରତୀ ବେହେରା, ସ୍ନେହଲତା ଦାସ, ପ୍ରିୟମ୍ବଦା ଖଟୁଆ, କୌଶଲ୍ୟା ବେହେରା, ଜାନକୀ ସାମଲ, କନକ ଦଳେଇ, ମିଲି ନାଥ ଓ କମଳି ସ୍ୱାଇଁ ପ୍ରମୁଖ ବିଧାୟକଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। ବିଧାୟକ ହସ୍ପିଟାଲକୁ ଖୁବ୍‌ଶୀଘ୍ର ଖୋଲିବା ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନମେଳା

**ଯାଜପୁରରୋଡ୍,୩୧।୭ (ପବିତ୍ର ରଞ୍ଜନ ମହାନ୍ତି):**



ଜ୍ଞାନ ବିଜ୍ଞାନ ମେଳାର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଛାତ୍ରୀଛାତ୍ରମାନେ।

ବ୍ୟାସନଗର ପୌର ପରିଷଦର ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ଉପସଭାପତି ଦୁର୍ଯ୍ୟୋଧନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବିଦ୍ୟାମନ୍ଦିର ସମ୍ପାଦକ ରଜତ ରାଉତ ଯୋଗଦେଇ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିର ପରିଚାଳନା ସମିତି ସଦସ୍ୟା ନମିତା ଲାକ୍ରା ଓ ପୂର୍ବତନ ସଦସ୍ୟା କାର୍ମିମଣି ମାର୍ଣ୍ଡି ସଭାରେ ଉପସ୍ଥିତ ଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ୟାସନଗର ସଂକୁଳ ପ୍ରମୁଖ ତଥା ଜାରକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଅଶୋକ ଶତପଥୀ ଯୋଗଦେଇ ବିଜ୍ଞାନର ଉପଯୋଗିତା ସମ୍ବନ୍ଧରେ ପିଲାମାନଙ୍କୁ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ସମ୍ପାଦକ ଦିଲୀପ ଜେନା ଯୋଗଦେଇ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ବିଚାରକ ଭାବେ ମାନସ ସାହୁ, ବିଦ୍ୟାଧର ପାଢ଼ୀ, ଜନାର୍ଦ୍ଦନ ସ୍ୱାଇଁ, ସୁରେନ୍ଦ୍ର ବାହାଲିଆ, ମଦନ ମୋହନ ବେହେରା, ସୁରେଶ ଚନ୍ଦ୍ର ବେହେରା, ନୟନଦୀପ୍ତ ବେହେରା ଓ ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ।

ବିଦ୍ୟାମନ୍ଦିର ବିଜ୍ଞାନ ପ୍ରମୁଖ ନରେନ୍ଦ୍ର ଦାସ ଜ୍ଞାନବିଜ୍ଞାନ ମେଳାର ବୃତ୍ତ କଥନ କରିବା ସହ ପୁରସ୍କାର ବିତରଣ ଉତ୍ସବକୁ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ତ୍ରିଲୋଚନ ପ୍ରଧାନ ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ମେଳାରେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରକଳ୍ପ ଆଦି ପ୍ରଦର୍ଶିତ ହୋଇଥିଲା। ବିଦ୍ୟା ମନ୍ଦିରର ୩୫୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ନାୟକ, ବିଜ୍ଞାନ ଶିକ୍ଷକ ରାଜକୃଷ୍ଣ ପାଳ, ନିର୍ମଳ ଚନ୍ଦ୍ର ମିଶ୍ର, ସନ୍ତୋଷ ବେହେରା, ଅଜୟ ବେହେରା, ଆଶିଷ ମଲ୍ଲ, ରତିକାନ୍ତ ବାରିକ, ହରମୋହନ ବିଶ୍ୱାଳ, ଗଜେନ୍ଦ୍ର ସେଠୀ, ଗୁରୁମା ସୁଶ୍ରୀ କଳ୍ପନା ରାଉତ, ଚିନା ମିଶ୍ର, ପ୍ରିୟମ୍ବଦା ବିଶ୍ୱାଳ, ଅଶାନ୍ତି ସାମଲ, ରୀନା ପଣ୍ଡା, ସୁଜାତା ଶତପଥୀ, ସ୍ୱର୍ଣ୍ଣଲତା ଶତପଥୀ ଓ ଗାୟତ୍ରୀ ପଟ୍ଟନାୟକଙ୍କ ସମେତ ସମସ୍ତ ଗୁରୁମାଗୁରୁଜୀ, ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାମନ୍ଦିର କୋଷାଧ୍ୟକ୍ଷ ଦାମୋଦର ପରିଡ଼ା ଧନ୍ୟବାଦ ଦେଇଥିଲେ।

# ମହାବିନାୟକ, ଚଣ୍ଡୀମନ୍ଦିର, ଓଳାଶୁଣୀ ପୀଠର ବିକାଶ କରାଯିବ

**ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କଲେ ବିଧାୟକ**

**ଚଣ୍ଡିଖୋଲ,୩୧।୭(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଭାବରେ ମାନ୍ୟତା ଲାଭ କରିଛି ମହାବିନାୟକ ମନ୍ଦିର, ଚଣ୍ଡୀ ମନ୍ଦିର ଏବଂ ଓଳାଶୁଣୀ ପୀଠ। ଏହି ୩ ପୀଠର ବିକାଶ ସହିତ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ନିମନ୍ତେ ଗୁରୁବାର ବଡ଼ଚଣା ବିଧାୟକ ଅମର କୁମାର ନାୟକ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନଙ୍କୁ ସାଥିରେ ଧରି ସେ ସର୍ବେକ୍ଷଣ କରିଛନ୍ତି।

ଚଣ୍ଡିଖୋଲର ପ୍ରସିଦ୍ଧ ଚଣ୍ଡୀ ମନ୍ଦିର, ଶୈବପୀଠ ମହାବିନାୟକ ମନ୍ଦିର ପର୍ଯ୍ୟନ୍ତ ପାହାଡ଼ ମଧ୍ୟରେ ଏକ ନୂତନ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ବିଧାୟକ ଆଲୋଚନା କରିଛନ୍ତି। ବରୁଣାବନ୍ତ ପାହାଡ଼ରେ ୧୨୦୦ ମିଟର ଲମ୍ବ ଓ ୨୫ ଫୁଟ ଚଉଡ଼ା ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରାରମ୍ଭିକ ଆକଳନ କରାଯାଇଛି। ସେହିପରି ଓଳାଶୁଣୀ ପୀଠରେ ୫୩ନଂ. ଜାତୀୟ ରାଜପଥ କଡ଼ରୁ ପାହାଡ଼ ଶୀର୍ଷ ଦେଶ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ଚଉଡ଼ା କରାଯିବ। ରାସ୍ତାଟି ଦୁଇ ଲେନ ବିଶିଷ୍ଟ ହେବ। ରାସ୍ତା ମଝିରେ ଡିଭାଇଡର କରାଯିବ। ପୂର୍ବ ପଟର ପର୍ଯ୍ୟଟନ ଭବନ ନିକଟରେ ଥିବା ପାର୍କିଂ ସ୍ଥଳ ମଧ୍ୟ ଚଉଡ଼ା କରାଯିବ। ଏହାକୁ ୪୦୦ ଫୁଟ ଲମ୍ବ ଓ ୪୦ ଫୁଟ ଚଉଡ଼ା କରାଯିବ। ପାହାଡ଼ ଶୀର୍ଷରେ ଥିବା ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ମନ୍ଦିର ନିକଟ ବାଇଶି ପାହାଚକୁ ପ୍ରଶସ୍ତ କରାଯିବ। ପୂର୍ବ ପଟ ଓ ପଶ୍ଚିମ ପଟ ରାସ୍ତାକୁ ସଂଯୋଗ କରାଯିବ। ଯେଭଳି ପର୍ଯ୍ୟଟକ ସୁବିଧାରେ ଯାତାୟାତ କରି ପାରିବେ ସେଥିନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅଟକଳ ପ୍ରସ୍ତୁତ କରାଯାଇଛି। ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଏହାର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ବିଧାୟକଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନିଲ କୁମାର ସେଠୀ, ସହକାରୀ ଯନ୍ତ୍ରୀ ଶୁଭ୍ରାଂଶୁ ଦାସ, ତହସିଲଦାର ମାନସ କୁମାର ତ୍ରିପାଠୀ, ରାଜସ୍ୱ ନୀରିକ୍ଷକ ତପନ କୁମାର ମିଶ୍ର ଓ ସାମାଜିକ କର୍ମୀ ସୁମନ୍ତ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



କ୍ଷେତ୍ର ପରିଦର୍ଶନ ଆସିଥିବା ବିଧାୟକ ଅମର କୁମାର ନାୟକ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନେ।

**ଜୁଆ ଖେଳି ୩ ଗିରଫ**

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ଥାନା ମହୁଲିଆ ପଞ୍ଚାୟତର ରାଜଗଡ଼ ଗ୍ରାମରେ ଥିବା ନିଳକଣ୍ଠେଶ୍ୱର ମନ୍ଦିର ପାଖରେ ଗୁରୁବାର ମଧ୍ୟାହ୍ନ ୧୨ଟାରେ ଜୁଆ ଖେଳ ଚାଲୁଥିବା ବିଶେଷ ସୂତ୍ରରୁ ଖବରପାଇ ଆଇଆଇସି ନରେଶ କୁମାର ସାହୁ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଜୁଆ ଖେଳୁଥିବା ରାଜନଗର ଗ୍ରାମର ମିଞ୍ଜା ସେଠୀ, ସତ୍ୟ ରଞ୍ଜନ ସେଠୀ, ପ୍ରଦୀପ କୁମାର ସେଠୀଙ୍କୁ କାବୁକରି ଥାନାକୁ ଆଣିଥିଲେ। ଏ ନେଇ ଥାନାରେ ନଂ. ୨୫୮/୨୫ରେ ମାମଲା ରୁଜୁ କରାଯାଇଛି ବୋଲି ଆଇଆଇସି ସାହୁ ସୂଚନା ଦେଇଛନ୍ତି।

# ପାଣି ଘେରରେ ଆଳି ବ୍ଲକ୍‌ର ୭୦ ହଜାର ଲୋକ

**ଆଳି, ୩୧।୭(ବନମାଳୀ ସେନାପତି)**

ଆଳି ବ୍ଲକରେ ପ୍ରବାହିତ ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଆସି ୧୭ ପଞ୍ଚାୟତର ୭୦ ହଜାର ଲୋକଙ୍କୁ ଜଳବନ୍ଦୀ କରି ଦେଇଛି। ପ୍ରଶାସନ ପକ୍ଷରୁ ବନ୍ୟା ବିପନ୍ନଙ୍କ ନିମନ୍ତେ କୌଣସି ସହାୟତାର ବ୍ୟବସ୍ଥା କରାଯାଉ ନ ଥିବାରୁ ସେମାନଙ୍କ ସମସ୍ୟା ବଢି ଚାଲିଛି। ବନ୍ୟା ଯୋଗୁ ମାନପୁର-ଡିମିରିପାଳ ରାସ୍ତାରେ ୬ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଧୋୟାଞ୍ଚଳର ୧୧ ପଞ୍ଚାୟତ ଜଳମଗ୍ନ ହୋଇପଡିଛି। ଜଳବନ୍ଦୀ ଥିବା ଲୋକମାନେ ପିଇବା ପାଣି ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପ୍ରଶାସନ ପକ୍ଷରୁ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ କୌଣସି ବ୍ୟବସ୍ଥା କରାଯାଇନାହିଁ। ସେହିପରି ଚାରଣ ଜମିଗୁଡିକ ବନ୍ୟା ଜଳରେ ବୁଡି ରହିଥିବାରୁ ଗାଈଗୋରୁ ଚରିବାକୁ ଯାଇ ନ ପାରି ଗୁହାଳରେ ବନ୍ଧା ହୋଇ ରହିଛନ୍ତି। ପ୍ରଥମ ବନ୍ୟାରେ ୧୩ଦିନ ଜଳବନ୍ଦୀ ହୋଇ ରହିବା ପରେ ପ୍ରଶାସନ ପକ୍ଷରୁ ଗାଈ ପିଛା ଦେଢ଼ କେଜି ଗୋଖାଦ୍ୟ ଦେଇ ଦାୟିତ୍ୱ ସାରି ଦେଇଛନ୍ତି। ଯାତାୟତ ନିମନ୍ତେ ଡଙ୍ଗା ଓ ପିଇବା ପାଇଁ ପାଣିର କୌଣସି ବ୍ୟବସ୍ଥା କରାଯାଇନାହିଁ। ସପ୍ତାହେ ହେବ ଦ୍ୱିତୀୟ ବନ୍ୟା ଆସିଥିବାରୁ ପୁଣି ଜଳବନ୍ଦୀ ଅବସ୍ଥାରେ ଅଞ୍ଚଳ ବାସୀ। ଗୁରୁବାର ଧୋୟାଞ୍ଚଳ ଗସ୍ତରେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର ଆୟାର, ବିଧାୟକ ପ୍ରତାପ କେଶରୀ ଦେବ, ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ଭୂଇଁପୁର ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ପାତ୍ର ପ୍ରମୁଖ ପଦନୀପାଳ, କଳମଡା ଶାସନ, ଡିମିରିପାଳ, ପେଟପଡା ପ୍ରମୁଖ ଅଞ୍ଚଳ ଗସ୍ତ କରିଥିଲେ। ସେଠାରେ ବନ୍ୟାଘେରରେ ଥିବା ଲୋକଙ୍କ ସମସ୍ୟା ବୁଝିଥିଲେ।





ବନ୍ୟାଞ୍ଚଳ ଆଳି ବିଧାୟକ, ଜିଲାପାଳ ଓ ଅନ୍ୟମାନେ ଡଙ୍ଗାରେ ଯାଉଛନ୍ତି। କଂଗ୍ରେସର ରାମଚନ୍ଦ୍ର କାଡାମ ଓ ଅନ୍ୟମାନେ ବିପନ୍ନ ପାଖକୁ ଯାଉଛନ୍ତି।

ଏ ସମ୍ପର୍କରେ ଜିଲାପାଳଙ୍କୁ ପଚାରିବାରେ ଲୋକମାନଙ୍କ ନିକଟରେ ପିଇବା ପାଣି ଓ ଗୋଖାଦ୍ୟର ଘୋର ଅଭାବ ଦେଖାଦେଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ପାଣି ଓ ଗୋଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ। ବନ୍ୟା କମିଲେ ଫସଲ କ୍ଷୟକ୍ଷତି ଆକଳନ କରାଯିବ ବୋଲି ସେ କହିଛନ୍ତି। ଯାଜପୁର ଓ ଭଦ୍ରକ ଜିଲା ବନ୍ୟାଞ୍ଚଳ ଭାବେ ଘୋଷଣା ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ଆଳି ବ୍ଲକରେ ୨୦ ଦିନ ହେବ ୧୭ ପଞ୍ଚାୟତର ୭୦ ହଜାର ଲୋକ ପାଣି ଘେରରେ ଥିବାବେଳେ ସେମାନଙ୍କ ପ୍ରତି ପ୍ରଶାସନିକ ବୈମାତୃକ ମନୋଭାବ କ'ଣ ପାଇଁ ବୋଲି ବିପନ୍ନମାନେ କହିଛନ୍ତି। ପ୍ରଶାସନ ସବୁ ଜାଣି ଚେଇଁ ଶୋଇଛି ବୋଲି ବିଧାୟକ ପ୍ରତାପ ଦେବ ପ୍ରକାଶ କରିଛନ୍ତି। ସେହିପରି କଂଗ୍ରେସ ଦଳର ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଆଳି ଗସ୍ତରେ ଆସି ପଦନୀପାଳ ପଞ୍ଚାୟତ ଯାଇ ପାଣି ଘେରରେ ଥିବା ଲୋକମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏ ନେଇ କାଡାମ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି, ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରେ ବୁଲି ବନ୍ୟା ସମୀକ୍ଷା କରିଥିବାବେଳେ ଆଳି ବ୍ଲକର ୧୭ ପଞ୍ଚାୟତ ପାଣିଘେରରେ ଥିବା ବେଳେ ତାହା କ'ଣ ବନ୍ୟାଞ୍ଚଳ ମଧ୍ୟରେ ଯାଉନି। ଲୋକମାନେ ୨୦ ଦିନ ହେବ ଦୟାନୀୟ ଅବସ୍ଥାରେ କାଳାତିପାତ କରୁଥିବାବେଳେ ସରକାର ସହାୟତା ଯୋଗାଇ ଦେବା ତ ଦୂରର କଥା ତାଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ପଚାରି ବୁଝୁନାହାନ୍ତି। ଏହି ଗସ୍ତ ସମୟରେ କଂଗ୍ରେସ ସମ୍ପାଦକ ଡା. ଦେବସ୍ମିତା ଶର୍ମା, ଚିନ୍ମୟ ବେହୁରା, ରବିନାରାୟଣ ବେହେରା, ମଗୁଲି ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାମନଗର ବଜାରରେ ୧୪ ସନ୍ଦିଗ୍ଧ



ରାମନଗର ବଜାରରେ ଲୋକେ ସନ୍ଦିଗ୍ଧଙ୍କୁ ଘେରିରହିଛନ୍ତି।



ରାମନଗର ବଜାରରେ ୧୪ ସନ୍ଦିଗ୍ଧ।

- ପୋଲିସର ପଚରାଉଚରା
- ସଂଖ୍ୟାଲଘୁ ସମ୍ପ୍ରଦାୟର ବୋଲି ସୂଚନା




**ମହାକାଳପଡ଼ା, ୩୧।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ରାମନଗର ବଜାରରେ ଗୁରୁବାର ରାତି ୧୦ଟାରେ ୧୪ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ବସରେ ପହଞ୍ଚିଛନ୍ତି। ଏହି ଅଞ୍ଚଳର ଜନୈକ ଲୋକ ଏମାନଙ୍କୁ ଆଣିଥିବା ବଜାରରେ ଆଲୋଚନା ହେଉଛି। ଖବରପାଇ ଏମାନଙ୍କର ପରିଚୟପତ୍ର ଯାଞ୍ଚ କରିବାକୁ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଟିମ୍ ବଜାରରେ ପହଞ୍ଚି ୧୪ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଖବର ପ୍ରଚାରିତ ହେବା ପରେ ବଜାରରେ ଲୋକମାନେ ଜମା ହୋଇଛନ୍ତି। ସ୍ଥାନୀୟ ଲୋକମାନେ ଏମାନେ ସମସ୍ତେ ସଂଖ୍ୟାଲଘୁ ସମ୍ପ୍ରଦାୟର ବୋଲି କହିଛନ୍ତି। ଜଣଙ୍କ ଆଧାର କାର୍ଡରେ ମହବୁବ ଆଲାମ ବୋଲି ଯାଞ୍ଚରୁ ଜଣାପଡ଼ିଛି। ଏମାନେ କାହିଁକି କେଉଁ ଉଦ୍ଦେଶ୍ୟରେ ଏହି ଉପକୂଳ ଅଞ୍ଚଳକୁ ଆସିଛନ୍ତି, ତାହା ଜଣାପଡ଼ିନାହିଁ। ପୋଲିସ ପକ୍ଷରୁ ପରିଚୟ ପତ୍ର ଯାଞ୍ଚ ପ୍ରକ୍ରିୟା ପରେ ସମସ୍ତ ଘଟଣା ଜଣାପଡ଼ିବ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କୁ ପଚାରିବାରେ ଖବର ପାଇଛି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବାକୁ କୁହାଯାଇଛି। ତଦନ୍ତ ହେଲେ ସମସ୍ତ ତଥ୍ୟ ମିଳିବ ବୋଲି ସେ କହିଛନ୍ତି।

## ଚକ୍ଷୁଦାନ କରି ଅମର ହେଲେ ସନ୍ଦିପ୍ତ



**ରାଜନଗର, ୩୧।୭ (ଭାସ୍କର ରାଉତରାୟ)**

ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଟି ପଞ୍ଚାୟତ ଚକ୍ରଧରପୁର ଗାଁର ସନ୍ଦିପ୍ତ ଦାସ (୫୧)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ସନ୍ଦିପ୍ତ ଏକ ଘରୋଇ ନିଉଜ ଚ୍ୟାନେଲରେ ଏରିଆ ମ୍ୟାନେଜର ଭାବେ କାମ କରୁଥିଲେ। ସକାଳ ୮ଟାରେ ଦେହ ଭଲ ଲାଗୁନି କହି ଶରୀର ସମ୍ପୂର୍ଣ୍ଣ ଝାଳରେ ବୁଡି ଯାଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ହୃଦ୍‌ଘାତରେ ମୃତ ହୋଇଛି ବୋଲି ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରେ ପରିବାର ଲୋକେ ତାଙ୍କର ଚକ୍ଷୁଦାନ କରିଥିଲେ। ବ୍ୟବଚ୍ଛେଦ ପରେ ନିଜ ଗାଁକୁ ଅଣାଯାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ଶେଷକୃତ୍ୟ ବେଳେ କୋଲକାତା ଓ ଭୁବନେଶ୍ୱରରୁ କମ୍ପାନୀର ପ୍ରତିନିଧି ଦଳ ପହଞ୍ଚି ତାଙ୍କର ଶେଷକୃତ୍ୟରେ ସାମିଲ ହୋଇଥିଲେ। ସେ ଜଣେ ସୁଦକ୍ଷ କ୍ରିକେଟ ଖେଳାଳି ଭାବେ ଜିଲା ଓ ରାଜ୍ୟରେ ନାଁ କମାଇ ଥିଲେ। ସନ୍ଦିପ୍ତଙ୍କ ମୃତ୍ୟୁରେ ସମଗ୍ର ଚକ୍ରଧରପୁର ଗାଁରେ ଶୋକର ଛାୟା ଖେଳିଯାଇଛି।

## ୩ କର୍ମଚାରୀ ଆହତ, ୬ ଲକ୍ଷର ସାମଗ୍ରୀ ଲୁଟ୍



ନବାପାଟଣା ବିଦ୍ୟୁତ୍ ଷ୍ଟ୍ରକ୍‌ଚର।

### ନବାପାଟଣା ବିଦ୍ୟୁତ୍ ଷ୍ଟ୍ରକ୍‌ଚରରୁ ଡକାୟତି ଅଭିଯୋଗ

**ଜଗତ୍‌ସିଂହପୁର, ୩୧।୭ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ନବାପାଟଣାସ୍ଥିତ ଟିପିସିଓଡିଏଲ୍ ୩୩/୧୧ କିଲୋଭୋଲ୍ଟ (କେଭି) ବିଦ୍ୟୁତ୍ ଷ୍ଟ୍ରକଚରରୁ ବୁଧବାର ରାତିରେ ଡକାୟତି ହୋଇଥିବା ଅଭିଯୋଗ ହୋଇଛି। ୬ରୁ ୮ ଜଣ ଦୁର୍ବୃତ୍ତ ଆସି କୋଦାଳ ବେଣ୍ଟରେ ଆକ୍ରମଣ ସହ ୩ ଜଣଙ୍କୁ ଆହତ କରିଥିଲେ। ଏଥିସହ ସେମାନଙ୍କ ମୁହଁରେ ବେଡ୍‌ସିଟ୍ ଓ ଗାମୁଛାରେ ହାତ ବାନ୍ଧି କଣ୍ଟ୍ରୋଲ ରୁମରେ ଭର୍ତ୍ତି କରି ତାଲା ମାରି ପାଖାପାଖି ୬ ଲକ୍ଷ ଟଙ୍କାର ସାମଗ୍ରୀ ଲୁଟ୍ ନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍ ଷ୍ଟ୍ରକଚର ଅପରେଟର ତଥା ସ୍ଥାନୀୟ ବଡ଼ବାଗ (ମାର୍କଣ୍ଡପୁର) ଗ୍ରାମର ସମରେଶ ବୈଶାଖ (୩୭)ଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ସନ୍ଧାନୀ କୁକୁର ସହ ତଦନ୍ତ ଚଳାଇଛି। ଖବର ଲେଖାହେଲା ବେଳକୁ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ।

ସମରେଶଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ରାତି ପ୍ରାୟ ୧ଟାବେଳେ ସେ କଣ୍ଟ୍ରୋଲ ରୁମ ବାହାରକୁ ସେ ପରିସ୍ରା କରିବାକୁ ଯାଇଥିଲେ। ଏହି ସମୟରେ ମୁହଁରେ ଗାମୁଛା ବାନ୍ଧିଥିବା ଦୁର୍ବୃତ୍ତମାନେ ହଠାତ୍ ତାଙ୍କୁ କୋଦାଳ ବେଣ୍ଟରେ ଆକ୍ରମଣ କରିଥିଲେ। ଏହାଦ୍ୱାରା ତାଙ୍କ ମୁଣ୍ଡ, ପଛ ଅଣ୍ଟା ଓ ପିଠିରେ ଆଘାତ ଲାଗିଛି। ଏହାପରେ ସେମାନେ ତାଙ୍କୁ ଧକ୍କା ମାରି କଣ୍ଟ୍ରୋଲ ରୁମରେ ପୂରାଇ ଦେଇଥିଲେ। ସେତେବେଳେ ଦୁର୍ବୃତ୍ତମାନେ ଉପସ୍ଥିତ ସହକର୍ମୀ ଦେବାଶିଷ ସ୍ୱାଇଁଙ୍କୁ ମଧ୍ୟ ଆକ୍ରମଣ କରିବାରୁ ତାଙ୍କ ବାମ ହାତରେ ଆଘାତ ଲାଗିଛି। ତାଙ୍କଠାରୁ ଅଭିଯୁକ୍ତମାନେ ୧୨୦୦ ଟଙ୍କା ନେଇ ଯାଇଛନ୍ତି। ଅନ୍ୟତମ ସହକର୍ମୀ ଅର୍ଥାତ୍ ସୁରକ୍ଷା କର୍ମୀ କେଶବାନନ୍ଦ ଚୌଧୁରୀଙ୍କୁ ଚାପୁଡା ଓ ବିଧା ମାରିବା ସହ ତାଙ୍କଠାରୁ ୯୪୦ ଟଙ୍କା ଛଡାଇ ନେଇଥିଲେ। ପରେ ସେମାନଙ୍କ ୩ଟି ମୋବାଇଲ ନେଇଯାଇଥିଲେ। ଏହି ସମୟରେ ସ୍ୱିଚ ୟାର୍ଡରେ ତାଲା ପଡିଥିବା ଦେଖି ମାଡ ମାରିବା ଧମକ ଦେଇ ଚାବି ମାଗି ନେଇଥିଲେ। ତା'ପରେ ପ୍ରତ୍ୟେକଙ୍କ ମୁହଁକୁ ବେଡସିଟ୍ କପଡ଼ାରେ ଘୋଡାଇବା ସହ ଗାମୁଛାରେ ହାତ ବାନ୍ଧି ଦେଇଥିଲେ। ଜଣେ ଅଭିଯୁକ୍ତ କୋଦାଳ ବେଣ୍ଟ ଧରି ଜଗି ରହିଥିବାବେଳେ ଅନ୍ୟ ଜଣେ ଭିତରୁ ବାହାରକୁ ଯିବାଆସିବା କରୁଥିଲେ। ଅନ୍ୟମାନେ ବାହାରେ କିଛି ଜିନିଷ ଚୋରି କରି ନେଉଥିବା ଶବ୍ଦ ହୋଇଥିଲା। ସେମାନେ ଗଲାବେଳେ କହିଥିଲେ, ଏ ବିଷୟରେ କାହାକୁ ଜଣାଇଲେ କିମ୍ବା ଆଇନରେ ଆଶ୍ରୟ ନେଲେ ପରିବାର ସହ ଜୀବନରେ ମାରିଦେବେ। ଏହା କହି କଣ୍ଟ୍ରୋଲ ରୁମରୁ ବାହାରି ବାହାର ପଟୁ ତାଲା ପକାଇ ପଳାଇଯାଇଥିଲେ। ରାତି ପ୍ରାୟ ୨ଟା ବେଳେ ଷ୍ଟ୍ରକଚର ମୋବାଇଲ ଫୋନ ମିଳି ଯାଇଥିଲା। କାରଣ ଏହା ପ୍ୟାନେଲର ପଛପଟେ ଥିବା ବୋର୍ଡରେ ଚାର୍ଜ ପାଇଁ ବସିଥିଲା। ସମରେଶ ଓ ତାଙ୍କ ସହକର୍ମୀମାନେ ବହୁ କଷ୍ଟରେ ଗାମୁଛା ଖୋଲି ଏ ସମ୍ପର୍କରେ କର୍ମଚାରୀ ପ୍ରତାପ ବେହେରା ଓ କ୍ଷୀରୋଦ ବେହେରାଙ୍କୁ ଫୋନ କରି ଜଣାଇଥିଲେ। ତା'ପରେ ଏହି କର୍ମଚାରୀମାନେ ସେଠାରେ ପହଞ୍ଚି କବାଟ ତାଲା ଭାଙ୍ଗି ସେମାନଙ୍କୁ ଉଦ୍ଧାର କରିଥିଲେ। ପରେ ବାହାରକୁ ଯାଇ ଦେଖିଲାବେଳକୁ ପାଖାପାଖି ୫ କୁଇଣ୍ଟାଲ ସ୍କ୍ରାପ (ଆଲୁମିନିୟମ) ବେୟାର କଣ୍ଡକ୍ଟର, ପୁରୁଣା ଏ.ବି. କେବୁଲ, ୫ କିଲୋଗ୍ରାମର ନୂଆ ୮୦ ଏମ୍‌ଏମ୍ ସ୍କୋୟାର (ଆଲୁମିନିୟମ) ବେୟାର କଣ୍ଡକ୍ଟର ଯାହାର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ତାହା ଚୋରି ହୋଇଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନଙ୍କ ବୟସ ୨୦ରୁ ୨୮ ବର୍ଷ ଭିତରେ ହେବ। ସମସ୍ତେ ଓଡ଼ିଆରେ କଥା ହେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

## ସ୍କୁଲରେ ଆଧ୍ୟାତ୍ମିକ ଜ୍ଞାନ ପ୍ରତିଯୋଗିତା



କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କେନ୍ଦ୍ରାପଡ଼ା, ୩୧।୭ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମସ୍ଥିତ ଦୁତିଆଳ ଆଦର୍ଶ ଉଚ୍ଚବିଦ୍ୟାଳୟ ପରିସରରେ ଆଧ୍ୟାତ୍ମିକ ଜ୍ଞାନ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାର୍ଥନା ଜ୍ଞାନ ମଞ୍ଚ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ହାଇସ୍କୁଲର ବହୁ ମେଧାବୀ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏଥିପାଇଁ ଏକ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡା ଶିକ୍ଷକ ଉମାକାନ୍ତ କର ଯୋଗଦେଇ ଆଧ୍ୟାତ୍ମିକ ପୁସ୍ତକ ପଢ଼ିବା ଓ ଜ୍ଞାନ ଆହରଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ, ସନାତନ ସଂସ୍କୃତିରେ ବେଦ, ପୁରାଣ, ଉପନିଷଦ ଆଦିରେ ସାଧାରଣ ଜୀବନଯାପନ ପାଇଁ ବିସ୍ତୃତ ବ୍ୟାଖ୍ୟା କରାଯାଇଛି। ଏଥିରେ ସାମାଜିକ ସୁରକ୍ଷାଠାରୁ ଆରମ୍ଭ କରି ପରିବେଶ ବିଜ୍ଞାନ ସମ୍ପର୍କରେ ଆମେ ବହୁ ତଥ୍ୟ ପାଇପାରିବା। ଦେଶ ବିଦେଶରେ ଏହାକୁ ବିଶ୍ଳେଷଣ କରାଯାଇ ପ୍ରତ୍ୟହ ନୂତନ ତଥ୍ୟ ଆବିଷ୍କାର କରାଯାଉଛି। ଆଧ୍ୟାତ୍ମିକ ପୁସ୍ତକ ଦ୍ୱାରା ଧୀ ଶକ୍ତି ବଢ଼େ। ଏହି ଅବସରରେ କୃତୀ ପ୍ରତିଯୋଗୀ ଅର୍ପିତା ସେନାପତି, ଶୁଭମଜିତ ସେନାପତି, ଭାଗ୍ୟଶ୍ରୀ ପରିଡାଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ପଣ୍ଡିତ ପ୍ରତାପ ଚନ୍ଦ୍ର ପତିଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନେତାଜୀ ଯୁବ ପରିଷଦର କର୍ମକର୍ତ୍ତା ଚୟନ



ଚୟନ ହୋଇଥିବା କର୍ମକର୍ତ୍ତା।

**କେନ୍ଦ୍ରାପଡ଼ା, ୩୧।୭ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ବ୍ଲକ କପାଳେଶ୍ୱର ପଞ୍ଚାୟତସ୍ଥିତ ନେତାଜୀ ଯୁବ ପରିଷଦର ବୈଠକ ସ୍ଥାନୀୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯୁବ ପରିଷଦର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତି ଓ ସମ୍ମତିକ୍ରମେ ନୂତନ କର୍ମକର୍ତ୍ତାଙ୍କ ଚୟନ କରାଯାଇଥିଲା। ପରିଷଦର ନୂତନ ସଭାପତି ଭାବେ ମୃତ୍ୟୁଞ୍ଜୟ ମହାନ୍ତି, ସମ୍ପାଦକ ଭାବେ ସରୋଜକାନ୍ତ ସାହୁ, କୋଷାଧ୍ୟକ୍ଷ ଭାବେ ବିଶ୍ୱକାନ୍ତ ବିଶ୍ୱାଳ, ଉପସଭାପତି ଭାବେ ଦେବାଶିଷ ସ୍ୱାଇଁ ଓ ସହ ସମ୍ପାଦକ ଭାବରେ ଦେବାଶିଷ ମହାପାତ୍ର ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ଏହି ଅବସରରେ ଆଗାମୀ ଗଜଲକ୍ଷ୍ମୀ ପୂଜାକୁ ସରସ ସୁନ୍ଦର ଭାବେ ସମ୍ପାଦନ କରାଯିବା ସହ ମା'ଙ୍କର ଚାନ୍ଦି ମେଢ଼ ଆହୁରି ଅଧିକ ସୁନ୍ଦର ଭାବରେ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କ୍ଲବର ପୂର୍ବତନ ସଭାପତି ହରି ନାରାୟଣ ମଲ୍ଲିକ, ପୂର୍ବତନ ସମ୍ପାଦକ ଧନଞ୍ଜୟ ମହାନ୍ତି ଓ ବରିଷ୍ଠ କର୍ମକର୍ତ୍ତାମାନେ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଯୁକ୍ତ ୨ ସ୍ୱାଗତ ଉତ୍ସବ




ସ୍ୱାଗତ ଉତ୍ସବରେ ଅତିଥିମାନେ।

**ରାଜନଗର, ୩୧।୭ (ଭାସ୍କର ରାଉତରାୟ)**

ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନର ନୂଆ କରି ନାମ ଲେଖାଇଥିବା ଛାତ୍ରୀଛାତ୍ରୀଙ୍କୁ ସ୍ୱାଗତ ସମାରୋହ ପାଳନ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ୱାଗତ ଉତ୍ସବରେ ଶୈକ୍ଷିକ କୋଷାଧ୍ୟକ୍ଷ ଶିକ୍ଷା ବିଭାଗର ଅଧ୍ୟାପକ ବିଚିତ୍ରାନନ୍ଦ ପାଣି, ପ୍ରଶାସନିକ କୋଷାଧ୍ୟକ୍ଷ ଅଧ୍ୟାପକ ପ୍ରଣୟ କୁମାର ବେହେରା, ବ୍ୟୟ ଅଧୀକ୍ଷକ ଅଧ୍ୟାପକ ବାଣିଜ୍ୟ ବିଭାଗ ଅଭିମନ୍ୟୁ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କେମିତି ଏକ ଉତ୍ତମ ଚରିତ୍ର ଗଠନ ସହିତ ଭବିଷ୍ୟତ ନିଜର ଲକ୍ଷ୍ୟ ହାସଲ କରିବେ ସେ ବିଷୟରେ କହିଥିଲେ। ଏଥିସହ ଛାତ୍ରୀଛାତ୍ର ଅନୁଷ୍ଠାନର ଅନୁଶାସନ ପାଳନ କରିବା ସହ ସମୟାନୁବର୍ତ୍ତୀ, ଶୃଙ୍ଖଳିତ, ବିଦ୍ୟାନୁରାଗୀ ଓ ଚରିତ୍ରବାନ ହେଲେ ନିଶ୍ଚୟ ସଫଳତା ହାସଲ କରିବେ ବୋଲି ଅଧ୍ୟକ୍ଷ ଉପଦେଶ ପ୍ରଦାନ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଯୋଗଦାନ କରିଥିଲେ।

## ପୌରପାଳିକା ରାସ୍ତାରେ ଜମିରହିଛି ପାଣି, ସମସ୍ୟାରେ ଲୋକେ

**ପଟ୍ଟାମୁଣ୍ଡାଇ, ୩୧।୭ (କଳ୍ପତରୁ ନାୟକ)**

- ମଶା, ମାଛି ଓ ପୋକଜୋକଙ୍କ ପ୍ରାଦୁର୍ଭାବ ବୃଦ୍ଧି
- ଉନ୍ନତି କାର୍ଯ୍ୟ ପାଇଁ ଖର୍ଚ୍ଚ ହେଉଛି ବହୁ କୋଟି ଟଙ୍କା

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରପରିଷଦର ବିଭିନ୍ନ ୱାର୍ଡର ଡ୍ରେନେଜ୍ ଓ ରାସ୍ତାଘାଟ ବିପର୍ଯ୍ୟସ୍ତ ଅବସ୍ଥାରେ ପଡିଛି। ଡ୍ରେନ୍ ସଫେଇ ହେଉ ନ ଥିବା ବେଳେ ରାସ୍ତାଘାଟର ଖାଲଖମା ମରାମତି କରାଯାଉନାହିଁ। ମଶା, ମାଛି ଓ ପୋକଜୋକ ଘରେ ପଶିଲେଣି। ସରକାର ସହରାଞ୍ଚଳ ଲୋକଙ୍କ ସୁବିଧା ପାଇଁ ପୌରପରିଷଦ ଜରିଆରେ ବିଭିନ୍ନ ଯୋଜନା କରିଛନ୍ତି। ହେଲେ ପୌରପରିଷଦର ବିଭାଗୀୟ ଯନ୍ତ୍ରୀ, କର୍ମଚାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଇଥିବାବେଳେ ପରବର୍ତ୍ତୀ ସମୟରେ ଖାଲଖମା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଛି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ପୌର ଅଧିକାରୀ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନ ହେବା ନେଇ ବୁଦ୍ଧିଜୀବୀମାନେ ଚେତାବନୀ ଦେଇଛନ୍ତି।

ବୁଦ୍ଧିଜୀବୀ ତ୍ରିଲୋଚନ ପଣ୍ଡା, ପ୍ରମୋଦ ଦାଶ, ଲଳିତ ଦାଶ, ଗୋଲେଖ ମହାରଣା, ପରିକ୍ଷିତ ପାତ୍ର, କୈଳାସ ପାତ୍ର, ପ୍ରମୋଦ ସାହୁ ପ୍ରମୁଖ କହିଛନ୍ତି, କିଛିଦିନ ହେବ ଲଗାଣ ବର୍ଷା ଲାଗି ରହିଥିବାବେଳେ ପୌରପାଳିକା ୧୯ନଂ. ୱାର୍ଡ ଅନ୍ତର୍ଗତ ବେଲତଳ ସ୍କୁଲ ରାସ୍ତାରେ ନର୍ଦ୍ଦମା ପାଣି ଭାସୁଛି। ଫଳରେ ଦୁର୍ଗନ୍ଧରେ ଅଞ୍ଚଳ ଫାଟି ପଡୁଥିଲା ବେଳେ କୁନିକୁନି ଛାତ୍ରୀଛାତ୍ର ସେହି ପାଣିରେ ପଶି ବିଦ୍ୟାଳୟ ଯାଆସ କରୁଛନ୍ତି। ହେଲେ ସମସ୍ୟା ପ୍ରତି ପୌର ପ୍ରଶାସନର ନଜର ପଡୁନି। ଜଳ ନିଷ୍କାସନ ପଥ ଜବରଦଖଲ ଓ ଡ୍ରେନେଜ ସଫା ହୋଇ ନ ଥିବାରୁ ଲୋକମାନଙ୍କ ଘରର ମଇଳା ପାଣି ମୁଖ୍ୟ ରାସ୍ତାରେ ମାଡ଼ିବା ସହିତ ବର୍ଷତମାମ ରାସ୍ତାରେ ଜମି ରହୁଛି। ରାସ୍ତାଠାରୁ ଘରଗୁଡ଼ିକ ଅଧିକ ଉଚ୍ଚରେ ରହିଥିବାରୁ ଲୋକଙ୍କ ଘରୁ ମଇଳା ପାଣି ବାହାରକୁ ଯାଇ ନ ପାରି ରାସ୍ତାରେ ଜମି ରହି ଏକ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରିବା ସହିତ ମଶା ଓ ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଲାଣି। ଏ ନେଇ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ପୌର ପାଳିକାରେ ବହୁବାର ଅଭିଯୋଗ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ପଟ୍ଟାମୁଣ୍ଡାଇ ପୌରପାଳିକା ଲୋକଙ୍କଠାରୁ ଟିକସ ଆଦାୟ କରୁଥିବାବେଳେ ରାଜ୍ୟ ସରକାର ମଧ୍ୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପାଇଁ ବହୁ କୋଟି ଟଙ୍କା ଆର୍ଥିକ ସହାୟତା ଦେଉଛନ୍ତି। ହେଲେ ପୌରପରିଷଦ କାର୍ଯ୍ୟାଳୟର ଅନତିଦୂରରେ ଲୋକେ ଅସୁବିଧାରେ ଥିବାବେଳେ ଜନସାଧାରଣଙ୍କ ଟିକସ ଅର୍ଥ ଏବଂ ରାଜ୍ୟ ସରକାର ପ୍ରଦାନ କରୁଥିବା ବିଭିନ୍ନ ଆର୍ଥିକ ଅନୁଦାନ କାହା ପଛରେ ଖର୍ଚ୍ଚ ହେଉଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ସେହିପରି ବେଲତଳ ସାଇ ମନ୍ଦିର ନିକଟ ରାସ୍ତା କାର୍ଯ୍ୟ ପାଇଁ ବହୁ କୋଟି ଟଙ୍କା ବ୍ୟୟ କରାଯାଇ ୱାଲିଂ କରାଯିବା ସହ ଢଳେଇ କରାଯାଇଥିଲା। ମାତ୍ର ତାହା ବର୍ଷକ ଭିତରେ ଦବି ଯାତାୟାତ ଅନୁପଯୋଗୀ ହୋଇପଡିଛି। ଏହିଭଳି ପୌରପରିଷଦରେ ଅନେକ ୱାର୍ଡର ରାସ୍ତା ଖରାପ ଥିଲେ ମଧ୍ୟ ଯନ୍ତ୍ରୀ କର୍ଣ୍ଣପାତ କରୁନାହାନ୍ତି। ପୌରପାଳିକାର ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ପୌରାଞ୍ଚଳ ବାସିନ୍ଦା କଲବଲ ହେଉଛନ୍ତି। ବିଭିନ୍ନ ପ୍ରକଳ୍ପର ଟେଣ୍ଡର କରାଯାଇ କୋଟି କୋଟି ଟଙ୍କା ହରିଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ତେଣୁ ଆଗକୁ ଯଦି ସମସ୍ୟାର ସମାଧାନ ନ ହୁଏ ତାହାହେଲେ ଅଞ୍ଚଳବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ପ୍ରଶାସନଙ୍କୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୌର ପରିଷଦ ଯନ୍ତ୍ରୀ ସୁଶୀଲ ବେହେରାଙ୍କୁ ପଚାରିବାରେ ରାସ୍ତା ଖରାପ ନ ହେଲେ ନୂଆ କାମ ହେବ କିପରି ବୋଲି ସେ କହିଥିଲେ।



ପଟ୍ଟାମୁଣ୍ଡାଇ ପୌରପାଳିକା ୧୯ ନଂ. ୱାର୍ଡ ଅନ୍ତର୍ଗତ ବେଲତଳ ରାସ୍ତା ନର୍ଦ୍ଦମା ପାଣି ଜମିଛି।

## ସଂକ୍ଷେପରେ

### ଷ୍ଟଣ୍ଟ ଦେଖାଉଥିଲେ ୩ ଯୁବକ ବାଇକ୍‌ରୁ ସାଇଲେନ୍ସର କାଢ଼ିନେଲା ପୋଲିସ

ଦାରିଙ୍ଗବାଡ଼ି,୩୧।୭(ଅରୁଣ ସାହୁ)

ଦାରିଙ୍ଗବାଡି ଥାନା ସିମନବାଡ଼ି ଅଞ୍ଚଳରେ ବାଇକରେ ୩ ଯୁବକ ଷ୍ଟଣ୍ଟ ଦେଖାଇବା ସହ ବିକଟାଳ ଶବ୍ଦ କରିବା ମହଙ୍ଗା ପଡ଼ିଛି। ରାଇପଡ଼ା ପୋଲିସ ୨ ଯୁବକଙ୍କୁ ଅଟକାଇ ଥାନାକୁ ନେଇଥିବା ବେଳେ ଅନ୍ୟ ଜଣେ ଚମ୍ପଟ ମାରିଛନ୍ତି। ଏଥିସହ ସେମାନଙ୍କ ପାଖରୁ ଏକ ପଲସର ବାଇକକୁ ଜବତ କରିଥିଲା। ପ୍ରକାଶ ଯେ, ଗୁରୁବାର ମଧ୍ୟାହ୍ନରେ ୩ ଯୁବକ କଳା ଓ ନୀଳ ରଙ୍ଗର ପଲସର ବାଇକରେ ସିମନବାଡ଼ି ବଜାର ସମେତ ରାଇକିଆ ରୋଡ଼, ୫୯ ନଂ. ଜାତୀୟ ରାଜପଥ ଉପରେ ଦ୍ରୁତ ଗତିରେ ବାଇକ ଚଲାଇବା ସହ ଷ୍ଟଣ୍ଟ ଦେଖାଉଥିଲେ। ଏହା ସହିତ ବାଇକର ବିକଟାଳ ଶବ୍ଦରେ କିଛି ସମୟ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ୁଥିଲା। ପାଟ୍ରୋଲିଂ ବେଳେ ପୋଲିସ ୨ ଜଣଙ୍କୁ ଥାନାକୁ ନେଇ ପଚରା ଉଚରା କରିଥିଲେ। ପରେ ସେମାନଙ୍କୁ ଜରିମାନା କରି ବାଇକରେ ଲାଗିଥିବା ସାଇଲାନ୍ସର ଖୋଲା ଯାଇଥିଲା। ଯାହାର ମୂଲ୍ୟ ୫୦ ହଜାର ଦେଇ ମାଲିକ କିଣିଥିବା ସବଇନ୍ସପେକ୍ଟର ଜୟନ୍ତ କୁମାର ସେଠୀ କହିଥିଲେ। ଏଏସ୍ଆଇ ଅର୍ଜ୍ଜୁନ ଶବର ସଦଳବଳ ପାଟ୍ରୋଲିଂ କରିଥିଲେ।

### ନୂତନ ଜିଲାପାଳଙ୍କୁ ଭେଟିଲେ ପରିବେଶବିତ୍

ଗଞ୍ଜାମ,୩୧।୭ (ବିଦ୍ୟାଧର ସାହୁ)

ଗଞ୍ଜାମର ନୂତନ ଜିଲାପାଳ ଭାବେ ଭି.କୀର୍ତ୍ତିଭାସନ ଦାୟିତ୍ୱ ନେବା ପରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନଠାରୁ ଆରମ୍ଭ କରି ବହୁ ଜନପ୍ରତିନିଧି ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ବୁଧବାର ସନ୍ଧ୍ୟାରେ ପରିବେଶବିତ୍ ସୁଦର୍ଶନ ଛୋଟରାଏ ଜିଲାପାଳଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଗଞ୍ଜାମ ଜିଲା ହୁମା ଅଞ୍ଚଳର ଲବଣ ଉତ୍ପାଦନ କାର୍ଯ୍ୟକ୍ଷମ ଏବଂ ସାହେବ କେନାଲ କିଭଳି ପୁନଃରୁଦ୍ଧାର ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ଏଥିରେ ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟି ଉପସଭାପତି ଶବର ତରାଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ହୁମା ଅଞ୍ଚଳରେ ଥିବା କେନ୍ଦ୍ର ସରକାରଙ୍କ ଲୁଣ ଚାଷ ଜମି ଦୀର୍ଘ ବର୍ଷ ହେବ ବନ୍ଦ ରହିଛି। ଲୁଣ ଚାଷ ଉପରେ ନିର୍ଭର କରୁଥିବା ହୁମା, ନୀଳାଦ୍ରିପୁର, କଣ୍ଟିଆଗଡ଼, ମୟୁରପଦା, ଲକ୍ଷ୍ମୀପୁର, ଝାଡକୁଦା, ସୂର୍ଯ୍ୟନାରାୟ ପୁର ଓ ପୁଇଁତୋଳା ଆଦି ଗ୍ରାମର ଲୁଣ ଚାଷୀ ନିଜର ଜୀବିକା ହରାଇବା ସହ ରାଜ୍ୟ ବାହାରକୁ ଯାଇ ନିଜ ପରିବାର ଚଳାଉଛନ୍ତି। ତେଣୁ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ଲବଣ ଶିଳ୍ପର ପୁନଃ କାର୍ଯ୍ୟକ୍ଷମ କରିବାକୁ ପରିବେଶବିତ୍ ଛୋଟରାଏ ଜିଲାପାଳଙ୍କୁ ଅବଗତ କରାଇଥିଲେ।


### ଇ କେଓ୍ୱାଇସି କରିନାହାନ୍ତି ୭୪୬ ହିତାଧିକାରୀ

ଶେରଗଡ଼,୩୧।୭ (ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକର ଶେରଗଡ଼ ପଞ୍ଚାୟତରେ ୭୪୬ ହିତାଧିକାରୀ ଇ କେଓ୍ୱାଇସି କରିନାହାନ୍ତି। ୩୦୦୦ ରାଶନ କାର୍ଡ ଥିବା ଏହି ପଞ୍ଚାୟତର ଇ କେଓ୍ୱାଇସି କରି ନ ଥିବା ହିତାଧିକାରୀଙ୍କ ରାଶନ କାର୍ଡ କଟିବାର ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପଞ୍ଚାୟତ ପକ୍ଷରୁ ତାଲିକା ପ୍ରକାଶ କରି ହିତାଧିକାରୀମାନଙ୍କୁ ଅବଗତ କରାଯାଇଛି। ଇ କେଓ୍ୱାଇସି ନ କଲେ ରାଶନ କାର୍ଡରୁ ନାମ କଟିଯାଇପାରେ ବୋଲି ମଧ୍ୟ ମରାଯାଇଥିବା ତାଲିକାରେ କୁହାଯାଇଛି।

# ଜବରଦଖଲକାରୀଙ୍କ କବ୍‌ଜାରେ ସାତମାଇଲ ଅଞ୍ଚଳର ୪୩ ଏକର ଜମି

- ଅଦାଲତର ଦ୍ୱାରସ୍ଥ ହେଲେ ଜମିର ପ୍ରକୃତ ଜମିମାଲିକ
- ଅଭିଯୋଗକୁ ଭିତ୍ତିକରି ଶୁଣାଣି ଆରମ୍ଭ ହୋଇଛି: ଉପ ଜିଲାପାଳ



ଜବରଦଖଲ ହୋଇଥିବା ଜମି।

ପାରଳାଖେମୁଣ୍ଡି,୩୧।୭(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ଡାକ୍ତରବାଞ୍ଜରି ଗ୍ରାମର ୪୭ ଏକର ଜମି ବିକ୍ରି ନେଇ ଚର୍ଚ୍ଚା ଥମି ନ ଥିବା ବେଳେ ପୁଣି ସାତମାଇଲ ଅଞ୍ଚଳର କିଛି ଚାଷ ଜମିକୁ ନେଇ ଆଲୋଚନା ଆରମ୍ଭ ହୋଇଛି। କେତେ ଜଣ ଲୋକ ଏହି ଜମିକୁ ଜବରଦଖଲ କରି ନିଜ ଜମି କହି ବିକ୍ରି କରିବାକୁ ଉଦ୍ୟମ କରୁଥିବା ଏବଂ ଜବରଦଖଲ ଉଚ୍ଛେଦ ନେଇ ଉପଜିଲାପାଳଙ୍କ ଅଦାଲତରେ ଆବେଦନ କରିଥିବା ଜଣାପଡିଛି। ଫଳରେ ଏହାର ତଦନ୍ତ ଆରମ୍ଭ ହୋଇଛି। ଗୋସାଣି ବ୍ଲକ ଅନ୍ତର୍ଗତ ବାଘଶାଳା ପଞ୍ଚାୟତର କୁଡୁଡା ମୌଜାର ଏହି ଜମି ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମି। ଏହି ଘରୋଇ ଜମିରେ ଏବେ ଘର, ଦୋକାନ ଗଢ଼ି ଉଠିଥିବା ଦେଖିବାକୁ ମିଳିଛି। ଜବରଦଖଲକାରୀମାନେ ଏହାକୁ ନିଜ ଅକ୍ତିଆରରେ ରଖି ଚାଷ ମଧ୍ୟ କରିଆସୁଛନ୍ତି। ଏସବୁ ଉଚ୍ଛେଦ ପାଇଁ ଜମିର ପ୍ରକୃତ ମାଲିକ ଉପଜିଲାପାଳଙ୍କ ଅଦାଲତରେ ଆବେଦନ କରିଛନ୍ତି। ଜମିମାଲିକ ଅନୁସୂଚିତ ଜାତିର ହୋଇଥିବାରୁ ଜବରଦଖଲରେ ଥିବା ତାଙ୍କ ଜମିକୁ ହସ୍ତାନ୍ତର ପାଇଁ ୨୩ (ଏ) ଓଏଲଆର ଏବଂ ୧୬୩ ବିଏନ୍ଏସ୍ ଆଇନ ଅନୁସାରେ ଉପଜିଲାପାଳଙ୍କ ଅଦାଲତରେ ଏହି ଆବେଦନ କରାଯାଇଛି। ଅଭିଯୋଗ ମୁତାବକ ଗତ ଏପ୍ରିଲ ୧୯ ତାରିଖରେ ପାରଳାଖେମୁଣ୍ଡି ତହସିଲଦାର, ରାଜସ୍ୱ ନିରିକ୍ଷକ ଓ ପୋଲିସ ଉପସ୍ଥିତିରେ ଜମି ମାପଚୁପ ଓ ଚିହ୍ନଟ କରାଯାଇଛି।

ତେବେ ଜବରଦଖଲକାରୀ ବ୍ୟକ୍ତିମାନେ ଉକ୍ତ ଜମିରେ ଦୋକାନ କରି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବାରୁ ଉଚ୍ଛେଦ କଲେ ରୋଜଗାର ହରାଇବୁ। ତେଣୁ ଆପୋଷ ବୁଝାମଣା କରି ସମାଧନ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ଅନ୍ୟ ଜଣେ ବାସିନ୍ଦା କହିଛନ୍ତି, ପୂର୍ବରୁ ଏହି ଜମିକୁ କେତେ ଜଣ ଲୋକ ଚାଷ କରୁଥିଲେ। ଏବେ ସେମାନେ ଏହି ଜମିକୁ ନିଜର କହୁଛନ୍ତି। ଗୋସାଣି ବ୍ଲକ ଅନ୍ତର୍ଗତ ବାଘଶାଳା ପଞ୍ଚାୟତର କୁଡୁଡା ମୌଜାର ଖାତା ନମ୍ବର ୭୧ରେ ଥିବା ଉକ୍ତ ଜମି ଅଞ୍ଚଳରେ ୧୧ ଜଣ ଘର କରି ରହୁଥିବା ବେଳେ ୨୭ ଜଣଙ୍କ ଦଖଲରେ ରହିଛି। ପ୍ରାୟ ୪୩ ଏକର ଚାଷ ଜମିରେ ବାସଗୃହ, ଦୋକାନ ଓ ମନ୍ଦିର ଆଦି ନିର୍ମାଣ ହୋଇଛି। ଏହା ଏକ ବ୍ୟକ୍ତିଗତ ଜାଗା ହୋଇଥିବାରୁ ସେଠାରେ ଚାଷ କରିବା ଓ ରହିଥିବା ଘର ମରାମତି କିମ୍ବା ନିର୍ମାଣ କରିବା ବେଆଇନ ବୋଲି ରାଜସ୍ୱ ବିଭାଗ କହିଛି। ଏ ସମ୍ପର୍କରେ ଉପଜିଲାପାଳ ଅନୁପ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଉଭୟ ପକ୍ଷଙ୍କୁ ମତ ରଖିବା ପାଇଁ ସମୟ ପ୍ରଦାନ କରାଯାଇଛି। ଅଭିଯୋଗ ପରେ ଗୋଟିଏ ଥର ଶୁଣାଣି ହୋଇଛି। ଉଭୟ ପକ୍ଷ ନିଜ ନିଜ ନଥିପତ୍ର ଅଦାଲତରେ ଦାଖଲ କରିଛନ୍ତି ବୋଲି ପଣ୍ଡା ପ୍ରକାଶ କରିଛନ୍ତି।

# ଦୁର୍ଗା ମଣ୍ଡପ ତିନି ପାର୍ଶ୍ୱରେ ଅସ୍ଥାୟୀ ଦୋକାନ



ଦୁର୍ଗା ମଣ୍ଡପ ତିନି ପାର୍ଶ୍ୱରେ ବସିଥିବା ଅସ୍ଥାୟୀ ପନିପରିବା ହାଟ।

ନୟାଗଡ଼,୩୧।୭(ଲୋକନାଥ ମିଶ୍ର)

**ଦୁଃଖୀ ମାର୍କେଟରେ ବ୍ୟବସାୟ ମାନ୍ଦା ଅଭିଯୋଗ**

ନୟାଗଡ଼ ପୁରୁଣା ଜେଲ ଜମିରେ ଦୁଃଖୀ ପରିବା ମାର୍କେଟ ଗଢ଼ି ଉଠିଛି। ଏଠାରେ ମ୍ୟୁନିସିପାଲିଟିର ୪୩ ସ୍ୱୀକୃତି ପ୍ରାପ୍ତ ଦୋକାନୀ ପନିପରିବା ବିକ୍ରି କରୁଛନ୍ତି। ତେବେ ଦୁଃଖୀ ପରିବା ମାର୍କେଟକୁ ଲାଗି କରିଥିବା ଦୁର୍ଗା ମଣ୍ଡପର ୩ ପାର୍ଶ୍ୱରେ ପୁଣି ଅସ୍ଥାୟୀ ପନିପରିବା ଦୋକାନ ଗଢ଼ି ଉଠିଛି। ଦୁର୍ଗା ମଣ୍ଡପ ପାଖରେ ପନିପରିବା ଦୋକାନ ଯୋଗୁ ଦୁଃଖୀ ମାର୍କେଟରେ ବ୍ୟବସାୟ ମାନ୍ଦା ଦେଖା ଦେଇଛି। ଏଭଳିସ୍ଥଳେ ମ୍ୟୁନିସିପାଲିଟି ପଦକ୍ଷେପ ନ ନେଲେ ଦୁଃଖୀ ପରିବା ମାର୍କେଟର ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେବେ। ଅନ୍ୟପକ୍ଷେ ରାସ୍ତା ଉପରେ ଦୋକାନ ମେଲିଥିବାରୁ ଯାତାୟତରେ ଅସୁବିଧା ହେଉଛି। ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କୁହନ୍ତି, ରାସ୍ତା ଉପରେ ଦୋକାନ ପକାଇବାର ଅଭିଯୋଗ ମିଳିବା ପରେ ତୁରନ୍ତ ଏହାର ସମାଧାନ କରାଯାଇଛି। କିଛି ଚାଷୀ ଦୁର୍ଗା ମଣ୍ଡପ ପାଖରେ ପନିପରିବା ବିକ୍ରି କରୁଛନ୍ତି। କିଛି ଚାଷୀ ବଡ଼ିଖାର ଅଭିଯୋଗ ଆସିବା ପରେ ଏହାର ଅନୁଧାନ ଚାଲିଛି ବୋଲି କହିଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା

ନୂଆଗାଁ,୩୧।୭(ଧନେଶ୍ୱର ସାହୁ)



ଶିକ୍ଷା ଉନ୍ନୟନ କମିଟି ପକ୍ଷରୁ ଅବସରପ୍ରାପ୍ତ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନଠାରୁ ମଧୁଲିତା ପଟ୍ଟନାୟକ ଅର୍ଥଶାସ୍ତ୍ର ବିଭାଗର ଅଧ୍ୟାପିକା ଭାବେ ନିୟୋଜିତ ଥିଲେ। ମହାବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ ହେବାପରେ ୨୦୨୪ରେ ସେ ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଥିଲେ। ପଟ୍ଟନାୟକ ଅଧ୍ୟକ୍ଷା ପଦରେ ରହିବା ପରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହଯୋଗରେ ବିଜ୍ଞାନ ବିଭାଗ ଖୋଲିଥିଲେ। ତେଣୁ ନୂଆଗାଁ ଶିକ୍ଷା ଉନ୍ନୟନ କମିଟି ପକ୍ଷରୁ ବୁଧବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସଭାରେ ଶିକ୍ଷା ଉନ୍ନୟନ କମିଟିର ସଦସ୍ୟ ପ୍ରଫୁଲ କୁମାର ବାରିକ, ମୁରଲୀଧର ନାୟକ, ଶିକ୍ଷକ ବିନାୟକ ପରିଡ଼ା, ପ୍ରକାଶ କୁମାର ସାହୁ, ଗୋପବନ୍ଧୁ ଖଣ୍ଡୁଆଳ, +୩ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ ସାହୁଙ୍କ ସମେତ ସମସ୍ତ ସଦସ୍ୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା ଏବଂ ବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଗୁରବାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କ ପକ୍ଷରୁ ଅଧ୍ୟକ୍ଷାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ୟୁରୋ ସ୍କୁଲରେ ସଡ଼କ ସୁରକ୍ଷା ସଚେତନତା

ଛତ୍ରପୁର,୩୧।୭(ଦିଲ୍ଲୀପ ସାମଲ):

ୟୁରୋ ସ୍କୁଲ ପରିସରରେ ସ୍କୁଲର ପୃଷ୍ଠପୋଷକ ସସ୍ମିତା ମହାପାତ୍ରଙ୍କ ଅଧକ୍ଷତାରେ 'ସଡକ ସୁରକ୍ଷା ପରିବାର ରକ୍ଷା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ମୋଟର ଯାନ ନିରୀକ୍ଷକ(ଏମ୍‌ଭିଆଇ) ରବୀନ୍ଦ୍ର କୁମାର ଜେନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡକ ଦୁର୍ଘଟଣାର ମୁଖ୍ୟ କାରଣ ଏବଂ ନିରାକରଣ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏ ସମ୍ପର୍କିତ ଏକ ଡକ୍ୟୁମେଣ୍ଟାରୀ ଦେଖାଇଥିଲେ। ଛାତ୍ରଛାତ୍ରୀମାନଙ୍କ ପାଇଁ ଗଞ୍ଜାମ ପରିବହନ ବିଭାଗ ପକ୍ଷରୁ ପ୍ରତିଯୋଗିତା କରାଯାଇଥିବା ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ଏମଭିଆଇ ଜେନା ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ଏକାଡେମୀ ନିର୍ଦ୍ଦେଶକ ପି.କେ.ମିଶ୍ର, ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଏବଂ ପରିବହନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅବସର ଗ୍ରହଣ ଦିନ ମିଳିଲା ପେନଶନର ସମ୍ପୂର୍ଣ୍ଣ କାଗଜପତ୍ର




ନୂଆଗାଁ ବିଡିଓ ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କୁ ପେନ୍‌ଶନର ସମ୍ପୂର୍ଣ୍ଣ କାଗଜପତ୍ର ପ୍ରଦାନ କରୁଛନ୍ତି।

ନୂଆଗାଁ,୩୧।୭(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଶିକ୍ଷାଦାନ ବୃତ୍ତିରେ ନିୟୋଜିତ ଥିବା ୩ ଶିକ୍ଷକ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ହେଲେ ସେମାନଙ୍କୁ ଅବସର ଗ୍ରହଣ ଦିନ ପେନଶନର ସମ୍ପୂର୍ଣ୍ଣ କାଗଜପତ୍ର ପ୍ରଦାନ କରାଯାଇଛି। ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ଘଡେଇବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ସାହୁ, ଶୁଣ୍ଢିଖୋଲା ସରକାରୀ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଅଞ୍ଜଳୀ ସାହୁ ଓ ମାଳିସାହି ସରକାରୀ ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ ଗୁରବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସଂପୃକ୍ତ ବିଦ୍ୟାଳୟ ପକ୍ଷରୁ ସମସ୍ତଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥି ସହିତ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପେନଶନର ସମ୍ପୂର୍ଣ୍ଣ କାଗଜ ପତ୍ର ପ୍ରଦାନ କରାଯାଇଛି। ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ସେଠୀ ଘଡେଇବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାହୁ, ଶୁଣ୍ଢିଖୋଲା ସରକାରୀ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ସାହୁଙ୍କୁ ଏହି କାଗଜପତ୍ର ପ୍ରଦାନ କରିଥିବା ବେଳେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳ ମାଳିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାହୁଙ୍କୁ ପେନଶନର ସମ୍ପୂର୍ଣ୍ଣ କାଗଜପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନୂଆଗାଁ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ।

# ୪ ବିଦ୍ୟାଳୟକୁ କମ୍ପ୍ୟୁଟର ପ୍ରଦାନ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ଖଲ୍ଲିକୋଟ,୩୧।୭ (ପ୍ରଶାନ୍ତ କୁମାର ମିଶ୍ର)

ଜୟଦେବ ପଣ୍ଡା ମେମୋରିଆଲ ଟ୍ରଷ୍ଟ ତରଫରୁ ଗୁରୁବାର ଖଲ୍ଲିକୋଟ ସହରରେ ୪ ବିଦ୍ୟାଳୟକୁ କମ୍ପ୍ୟୁଟର ପ୍ରଦାନ କରାଯାଇଛି। ଆଭାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କନକ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ଓ ଗୋପପୁର ଉଚ୍ଚ ବିଦ୍ୟାଳୟକୁ ଟ୍ରଷ୍ଟ ତରଫରୁ ପିଲାଙ୍କ ଶିକ୍ଷାର ବୃଦ୍ଧି ନିମନ୍ତେ କମ୍ପ୍ୟୁଟର ପ୍ରଦାନ କରାଯାଇଛି। ଖଲ୍ଲିକୋଟରେ ଜନ୍ମିତ ସ୍ୱର୍ଗତ ଜୟଦେବ ପଣ୍ଡାଙ୍କ ପତ୍ନୀ ବବିତା ପଣ୍ଡା ଓ ତାଙ୍କ ଝିଅ କାଲିଫର୍ଣ୍ଣିଆ ୟୁନିଭର୍ସିଟିର ପ୍ରଫେସର ପ୍ରିୟଦର୍ଶିନୀ ପଣ୍ଡା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠିଙ୍କ ଉପସ୍ଥିତିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାନଙ୍କୁ କମ୍ପ୍ୟୁଟର ପ୍ରଦାନ କରିଥିଲେ। ସାମ୍ପ୍ରତିକ ଡିଜିଟାଲ ଯୁଗରେ ପିଲାଙ୍କୁ ଉନ୍ନତ ମାନର ଶିକ୍ଷାଦାନ ନିମନ୍ତେ କମ୍ପ୍ୟୁଟରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମେ ଏଭଳି ନିଷ୍ପତ୍ତି ନେଲୁ ବୋଲି ପ୍ରିୟଦର୍ଶିନୀ ପଣ୍ଡା କହିଥିଲେ। ଏହି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏନଏସି ଅଧକ୍ଷ ଇଂ. ନିରଞ୍ଜନ ବେହେରା, ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲ, ତହସିଲଦାର ଡି.ମାଲେଶ୍ୱର ପାତ୍ର, ଭାଜପା ଘୁମୁସର ଜିଲା ସାଧାରଣ ସମ୍ପାଦକ ଅନିଲ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦୀପ୍ତ ପଟ୍ଟନାୟକ, ଅରୁଣ ଖୁଣ୍ଟିଆ, ରମେଶ ପରିଡା ପ୍ରମୁଖ ସହଯୋଗ କରିଥିଲେ।

## ୭ ସମବାୟ ସମିତିକୁ ମିଳିଲା ନିଜସ୍ୱ ପଟ୍ଟା

ଶେରଗଡ଼,୩୧।୭ (ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକରେ ଥିବା ୧୫ଟି ସମବାୟ ସମିତି ମଧ୍ୟରୁ ୭ଟି ସମିତିକୁ ଗୁରୁବାର ପଟ୍ଟା ପ୍ରଦାନ କରାଯାଇଛି। ଏହି ସମବାୟସମିତିଗୁଡ଼ିକର ନିଜସ୍ୱ ଗୃହ ଥିବା ବେଳେ ଏହାର ପଟ୍ଟା ନ ଥିଲା। ଫଳରେ ବିଭିନ୍ନ କାର୍ଯ୍ୟରେ ସମବାୟ ସମିତିଗୁଡିକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏ ସମ୍ପର୍କରେ ସମବାୟ ବିଭାଗ ଜିଲାପାଳମାନଙ୍କୁ ଅବଗତ କରିଥିଲା। ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶରେ ସମବାୟସମିତିଗୁଡିକୁ ନିଜସ୍ୱ ପଟ୍ଟା ପ୍ରଦାନ କରାଯାଇଛି। ଶେରଗଡ଼ ତହସିଲଦାର ତ୍ରିଦେବ ରଥ ଶେରଗଡ଼, କୃଷ୍ଣଛାଇ, ଧଳପୁର, ଧନନ୍ତର, ମହୁପଦର, ନରେନ୍ଦ୍ରପୁର, କୁରୁଳା ସମବାୟ ସମିତିର ପଟ୍ଟା ସମବାୟ ସମିତି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଛନ୍ତି। ଏହି ପଟ୍ଟା ପ୍ରଦାନ ସମୟରେ ସହକାରୀ ଯୋଗାଣ ନୀରିକ୍ଷକ ବିଭୁପ୍ରସାଦ ସାହୁ, ସମିତି ସମ୍ପାଦକମାନେ ଉପସ୍ଥିତ ରହି ତହସିଲଦାର ରଥଙ୍କଠାରୁ ପଟ୍ଟା ଗ୍ରହଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୭ଟି ସମବାୟ ସମିତିକୁ ପଟ୍ଟା ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟ ସମବାୟ ସମିତିଗୁଡିକୁ ପଟ୍ଟା ମିଳିବ ବୋଲି ତହସିଲଦାର ରଥ କହିଛନ୍ତି।

# ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ବୈଠକ

ଛତ୍ରପୁର.୩୧।୭(ଦିଲୀପ ସାମଲ) :

ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଛତ୍ରପୁର ଶାଖାର ଏକ ଜରୁରୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଖଣ୍ଡର ସଂପାଦକ ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଂଘ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଶୀଳ କୁମାର ବ୍ରହ୍ମ, ସଂପାଦକ ସୁଧାଂଶୁ ରାୟ, ବ୍ରହ୍ମପୁର ଖଣ୍ଡ ସଂପାଦକ ପ୍ରଦୀପ କୁମାର ସିଂ, ଗଞ୍ଜାମ ଜିଲା ସଭାପତି ପଦ୍ମଚରଣ ପାଢ଼ି, ସଂପାଦକ ହରିମୋହନ ଶତପଥି, ଛତ୍ରପୁର ଖଣ୍ଡ ଉପଦେଷ୍ଟା ପ୍ରଭାକର ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ଶାଖାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ ବହୁବର୍ଷ ଧରି ସିଏଲଆର୍ ତଥା ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଠିକା କର୍ମଚାରୀଙ୍କ ସର୍ବନିମ୍ନ ମଜୁରି, ଇପିଏଫ, ଇସିଆଇ ସହ ଶ୍ରେଣୀଭୁକ୍ତ କରାଇବା ଏବଂ ଅନ୍ୟାନ୍ୟା ମୌଳିକ ସମସ୍ୟାର ତ୍ୱରିତ୍ୱ ସମାଧାନ ନିମନ୍ତେ ଛତ୍ରପୁର ଜନସ୍ୱାସ୍ଥ୍ୟ ଡିଭିଜନର ସହକାରୀ ମୁଖ୍ୟ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାଶଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# କଲେଜରେ ଯକ୍ଷ୍ମା ନିରାକରଣ ସଚେତନତା

ଛତ୍ରପୁର,୩୧।୭(ସନ୍ତୋଷ ପାଢ଼ୀ):

ଛତ୍ରପୁର ସରକାରୀ ବିଜ୍ଞାନ କଲେଜରେ ଯକ୍ଷ୍ମା ନିରାକଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଡା. ସ୍ୱାଧୀନ ରଥଙ୍କ ନିର୍ଦ୍ଦେଶ ଏବଂ ପ୍ରିନ୍ସପାଲ ଡ. ଅଜୟ କୁମାର ତ୍ରିପାଠୀଙ୍କ୍ ଦ୍ୱାରା ନିମନ୍ତ୍ରିତ ୟୁଥ ରେଡକ୍ରସର ସହଯୋଗକ୍ରମେ ଏହା ହୋଇଛି। ଯକ୍ଷ୍ମାର କାରଣ, ସଂକ୍ରମଣର ମାଧମ ଓ ନିରାକରଣ ନିମନ୍ତେ ସରକାରଙ୍କ ଯୋଜନାଗୁଡିକ ବିଷୟରେ ଆଲୋଚନା କରିଥିଲେ ଡ଼ା ରଥ। ଜନସ୍ୱାସ୍ଥ୍ୟ ପଦକ୍ଷେପକୁ ଜନ ସ୍ୱାସ୍ଥ୍ୟ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ ସମ୍ୟକ ଆଲୋକପାତ କରିଥିଲେ। ବିପିଏମ ସୀମାଞ୍ଚଳ ପ୍ରଧାନ ଯକ୍ଷ୍ମା କାର୍ଯ୍ୟକ୍ରମ କିପରି ପରିଚାଳନା ହୁଏ ବୁଝାଇଥିଲେ। ଯକ୍ଷ୍ମା ନିରୀକ୍ଷକ ପ୍ରଭାତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମୁନା ବେହେରା, ଶିବାଶିଷ ସାହୁ ଏବଂ ଅମ୍ବିକା ପ୍ରସାଦ ଚୌଧୁରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ ପୂର୍ବତନ ସରପଞ୍ଚ

ପାରଳାଖେମୁଣ୍ଡି,୩୧।୭ (ଗିରିଧାରୀ ପରିଚ୍ଛା)–

ଗଜପତି ଜିଲା ରାୟଗଡ଼ ବ୍ଲକର ପୂର୍ବତନ ସରପଞ୍ଚ ଦୀପ୍ତିପ୍ରଭା ଲାଲ ଶବରଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪ ଦିନ ଧରି ଚାଲିଥିବା ଧାରଣା ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଗୁରୁବାର ପ୍ରତ୍ୟାହାର ହୋଇଛି। ରାୟଗଡ଼ ଏସ୍ଏସ୍‌ଡ଼ି ପ୍ରଧାନଶିକ୍ଷକ ସୁରେଶ ସାହୁକାରଙ୍କ ଅନିୟମିତତା ଓ ଦୁର୍ନୀତି ବିରୋଧରେ ଅଭିଯୋଗ ଉଠାଇ ପୂର୍ବତନ ସରପଞ୍ଚ ଦୀପ୍ତିପ୍ରଭା ଏହାର ନିରପେକ୍ଷ ତଦନ୍ତ ଦାବି କରି ଧାରଣା ଦେଇଥିଲେ। ସେ ଅଭିଯୋଗ କରିଥିଲେ ଯେ, ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଷଷ୍ଠଶ୍ରେଣୀ ପ୍ରବେଶିକା ପରୀକ୍ଷାରେ ଅନିୟମିତତା ହୋଇଛି। ୨୦୨୨ରେ ଆଦିବାସୀ ଅନାଥ ଛାତ୍ର କୃଷ୍ଣଚନ୍ଦ୍ର ଗମାଙ୍ଗ, ସଞ୍ଜୟ ଦଳବେହେରା ଓ ଦୟାନିସ ବଡ଼ମୁଣ୍ଡିଙ୍କୁ ଅନ୍ୟାୟଭାବେ ପ୍ରଧାନଶିକ୍ଷକ ବହିଷ୍କାର କରିବା, ଆଇଟିଡିଏ ପାଣ୍ଠିର ଅପବ୍ୟବହାର କରିବା, ପାନୀୟ ଜଳ ପ୍ରକଳ୍ପରେ ବ୍ୟୟ ୭୦ ଲକ୍ଷ ଟଙ୍କାରେ ଅନିୟମିତତା କରାଯିବା, ବିନା ଅନୁମୋଦନରେ ବିଦ୍ୟାଳୟ ପ୍ରାଙ୍ଗଣରେ କପା ଚାଷ କରିବା ଏବଂ ୨୦୨୩ରେ ଜନଜାତି ଛାତ୍ରୀଛାତ୍ରୀଙ୍କ ପ୍ରତିଭା ଅନେଷ୍ୱଣ କାର୍ଯ୍ୟକ୍ରମରେ ୨.୪୦ କୋଟି ଦୁର୍ନୀତି ହୋଇଥିବା ପୂର୍ବତନ ସରପଞ୍ଚ ଦୀପ୍ତିପ୍ରଭା ଅଭିଯୋଗ କରି ଏସବୁର ନିରପେକ୍ଷ ତଦନ୍ତ ଦାବି କରିଥିଲେ।

ଜିଲାପାଳଙ୍କ ପ୍ରକୋଷ୍ଠରେ ଗୁରୁବାର ଜିଲାପାଳ ମଧୁମିତା ପୂର୍ବତନ ସରପଞ୍ଚ ଦୀପ୍ତିପ୍ରଭାଙ୍କ ସହ ଆଲୋଚନା କରି ତିନିଦିନ ମଧ୍ୟରେ ଅଭିଯୋଗଗୁଡିକର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ସେ ଧାରଣା ପ୍ରତ୍ୟାହାର କରିଥିଲେ। ଅନ୍ୟପକ୍ଷରେ ଯଦି ତିନି ଦିନ ମଧ୍ୟରେ ଏସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ସେ ପୁଣି ଧାରଣାରେ ବସିବେ ବୋଲି କହିଛନ୍ତି।

## ଡାକ୍ତରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମୋହନା,୩୧।୭(ମନ୍ମଥ ମିଶ)

ମୋହନା ବ୍ଲକ ବିରିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଅନ୍ୟତ୍ର ବଦଳି ହୋଇଥିବା ଡାକ୍ତର ପ୍ରଶାନ୍ତ କୁମାର ସାହୁଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି ଆଶାକର୍ମୀ ଓ ମେଡିକାଲ କର୍ମଚାରୀ। ଏନେଇ ମେଡିକାଲ ପରିସରରେ ଆୟୋଜିତ ସଭାରେ ୫୦ରୁ ଅଧିକ ଆଶାକର୍ମୀ ଓ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ। ଡାକ୍ତର ସାହୁଙ୍କପରି ଦାୟିତ୍ୱସମ୍ପନ୍ନ, କର୍ମଠ ଓ ନିଷ୍ଠାପର ଡାକ୍ତର ମିଳିବା କଷ୍ଟକର ବୋଲି ଆଶାକର୍ମୀମାନେ ସଭାରେ ପ୍ରକାଶ କରିଥିଲେ। ଡାକ୍ତର ସାହୁ ୨୦୧୦ରୁ ବିରିକୋଟ ମେଡିକାଲରେ କାର୍ଯ୍ୟରତ ରହି ଲୋକଙ୍କ ସେବା କରୁଥିଲେ। ଏବେ ତାଙ୍କର ରାୟଗଡ଼ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଛି।

# ବିଶ୍ୱକର୍ମା, ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ ଦାବି

**ମେକାନିକାଲ ମହାସଂଘର ବୈଠକ**




ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ଭଞ୍ଜନଗର,୩୧।୭(ବାବୁଲା ପ୍ରଧାନ):

ଭଞ୍ଜନଗର ସହରତଳି ତୁଣ୍ଡୁଆ ଶିବ ମନ୍ଦିର ପରିସରରେ ଗୁରୁବାର ମେକାନିକାଲ ମହାସଂଘ ଭଞ୍ଜନଗର ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘ ରାଜ୍ୟ ସଭାପତି ଅରକ୍ଷିତ ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଘର ସମସ୍ୟା ଓ ତାହାର ନିରାକରଣ ଉପରେ କହିଥିଲେ। ଗାଡି ମେକାନିକ୍‌ମାନେ ଦୈନନ୍ଦିନ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାର ସେମାନଙ୍କୁ ବିଶ୍ୱକର୍ମା ଯୋଜନାରେ ସାମିଲ କରନ୍ତୁ ବୋଲି ରାଉଳ କହିଥିଲେ। ରାଜ୍ୟ କମିଟିର ସଦସ୍ୟ ଆଲମ ଖାନ, ରାଜା ବାବୁ, ପରମେଶ୍ୱର ସାହୁ, ରାଜ କିଶୋର୍ ସାହୁ, କବି ପ୍ରଧାନ, ଲିଟୁ ପ୍ରଧାନ, ରମଜାନ ଖାନ, ବିପିନ ମହନ୍ତ, ସୁରେନ୍ଦ୍ର ମହନ୍ତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଭଞ୍ଜନଗର ସଂଘ ସଭାପତି ବାସୁଦେବ ମହାରଣା, ଉପସଭାପତି ନୀଳାଞ୍ଚଳ ଗୌଡ଼, ସମ୍ପାଦକ ସୁରଥ ସାହୁ, ସହ ସମ୍ପାଦକ ଦୀପକ ପ୍ରଧାନ ଯୋଗ ଦେଇଥିଲେ। ମେକାନିକ ଓ ଗାଡି ମାଲିକଙ୍କ ମଧ୍ୟରେ ଅନେକ ସମୟରେ ସମନ୍ୱୟର ଅଭାବ ଦେଖାଦେଇଥାଏ। ଏଥିରେ କିଭଳି ସୁଧାର ଆସିବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ମେକାନିକ ମାନଙ୍କୁ ସରକାର ସ୍ୱାସ୍ଥ୍ୟ ବୀମା ସୁବିଧା ଦେବାପାଇଁ ଦାବି ହୋଇଥିଲା। ପୁରୁଷୋତ୍ତମ ମହାପାତ୍ର ସଭାକୁ ସଂଯୋଜନା କରିଥିଲେ।

# ଏନ୍‌ଏଚ୍‌ରେ ଆଜିଠୁ ପାର୍କିଂ କଟକଣା

■ ଅନଧିକୃତ ଗାଡ଼ି ପାର୍କିଂ ଯୋଗୁ ବଢୁଛି ଦୁର୍ଘଟଣା
■ କଳିଙ୍ଗନଗର ଶିଳ୍ପାଞ୍ଚଳର ଗୋଲେଇ ଛକରେ ବେଆଇନ ପାର୍କିଂ


କଳିଙ୍ଗ ନଗର ଶିଳ୍ପାଞ୍ଚଳ ଗୋଲେଇ ଛକରେ ବେଆଇନ ପାର୍କିଂ।

**ଯାଜପୁର,୩୧।୭(ହର୍ଷବର୍ଦ୍ଧନ ବେହେରା):** ଯାଜପୁର ଜିଲା ଦେଇ ଯାଇଥିବା ୧୬ , ୫୩ ଓ ୨୦ ନମ୍ବର ଜାତୀୟ ରାଜପଥ(ଏନ୍‌ଏଚ୍)ରେ ଅନଧିକୃତ ଗାଡି ପାର୍କିଂ ହେବା ଦ୍ୱାରା ଯାନବାହାନ ଚଳାଚଳରେ ସମସ୍ୟା ଦେଖା ଦେଇଛି। ଏହାବାଦ୍ ଦୁର୍ଘଟଣା ବୃଦ୍ଧି ପାଉଛି। ଏହି କ୍ରମରେ ସାଧାରଣ ଜନତାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲାପାଳ ଅମ୍ବର କର ଅନଧିକୃତ ଗାଡ଼ି ପାର୍କିଂ ଉପରେ ନିଷେଧାଜ୍ଞା ଜାରି କରିଛନ୍ତି। ମୋଟର ଯାନ ଆଇନ -୧୯୮୮ ଧାରା ୧୧୫,୧୧୬, ୧୧୭ ଏବଂ ଓଏମ୍‌ଭି ନିୟମାବଳୀର ୬୩ ଓ ୯୩ ଧାରା ଅନୁଯାୟୀ ଜିଲାପାଳ ସମସ୍ତ ଦ୍ରବ୍ୟ ପରିବହନ କରୁଥିବା ଯାନ ଏନ୍‌ଏଚ୍- ୧୬ (ଷଠିପୁର ରୁ ନେଳିଆ), ଏନ୍‌ଏଚ୍-୫୩ (ବାଲିଚନ୍ଦ୍ରପୁର ଠାରୁ ଡୁବୁରୀ), ଏନ୍‌ଏଚ୍ -୨୦ (ପାଣିକୋଇଲି ଛକରୁ ରଗଡି ଛକ) ପର୍ଯ୍ୟନ୍ତ ଅନଧିକୃତ ପାର୍କିଂ ହୋଇ ପାରିବ ନାହିଁ। ଏହି ନିର୍ଦ୍ଦେଶ ୧।୮।୨୦୨୫ରୁ ୩୧।୮।୨୦୨୫ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ତେବେ ଯାଜପୁର ରୋଡ଼ଠାରୁ କଳିଙ୍ଗନଗର ଚାରି ଥାକିଆ ପୂର୍ତ୍ତ ବିଭାଗ ରାସ୍ତାର ବିଆର୍‌ପିଏଲ ନିକଟ ଗୋଲେଇ ଛକରେ ଜିଲାପାଳଙ୍କ ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ପାରିନାହିଁ। ଫଳରେ ଉକ୍ତ ଛକରେ ଏକାଧିକ ମାଲବାହୀ ଟ୍ରକଗୁଡିକ ଅନଧିକୃତ ପାର୍କିଂ ହେଉଥିବା ଦେଖିବାକୁ ମିଳିଛି। ଫଳରେ ବିଭିନ୍ନ ଶିଳ୍ପ କାରଖାନାକୁ ଯାଉଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ଜୀବନ ଏଠାରେ ବାଜି ଲାଗିଛି। ଏହାବାଦ୍ କଳିଙ୍ଗନଗର ଶିଳ୍ପାଞ୍ଚଳ ରାସ୍ତାରେ ବଡ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଛୋଟବଡ଼ ଦୁର୍ଘଟଣା ହେଉଥିବା ନଜର ରହିଛି।

ସୂଚନାଯୋଗ୍ୟ, ଗତ ୩ ବର୍ଷ ମଧ୍ୟରେ ଓଡ଼ିଶାରେ ୩୬,୦୩୦ଟି ଦୁର୍ଘଟଣା ଘଟିଛି। ସେଥିରେ ୧୭,୩୪୮ ଜଣଙ୍କ ମୃତ୍ୟୁ ହୋଇଛି। ଯାହାକି ଭାରତବର୍ଷରେ ଓଡ଼ିଶାରେ ସର୍ବାଧିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟରେ ଦର୍ଶାଯାଇଛି। କେବଳ ୨୦୨୪ରେ ୧୨,୩୭୫ଟି ଦୁର୍ଘଟଣା ହୋଇଥିବାବେଳେ ୬,୧୪୨ ଜଣଙ୍କ ମୃତ୍ୟୁ ହୋଇଛି। ଓଡ଼ିଶାରେ ପ୍ରତିଦିନ ପ୍ରାୟ ୧୭ ଜଣଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ହେଉଥିବା ସୂଚନା ମିଳିଛି। ରାଜ୍ୟରେ ପ୍ରତିବର୍ଷ ହାରାହାରି ୧୨ ହଜାର ସଡ଼କ ଦୁର୍ଘଟଣା ହେଉଛି। ତେବେ ଦୁର୍ଘଟଣା ହ୍ରାସ କରିବାକୁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏକାଧିକ ଯୋଜନା ପ୍ରଣୟନ ହେଉଛି। କିନ୍ତୁ କୌଣସି ବି ଯୋଜନା ଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ହୋଇ ପାରୁନି ବୋଲି ମତପ୍ରକାଶ ପାଇଛି। ତେଣୁ ଜିଲାପାଳ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖ୍ୟ ରସ୍ତା ପ୍ରତି ମଧ୍ୟ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ମାନପୁର ରେଳ ଓଭର ବ୍ରିଜ୍‌ରେ ଭାରିଯାନ ଚଳାଚଳ କଟକଣା

କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ ହୋଇଥିବା ମାନପୁର ରେଳ ଓଭର ବ୍ରିଜ୍ ଉପରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି ହୋଇଛି। ସାଧାରଣ ଜନତାଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲାପାଳ ଅମ୍ବର କୁମାର କର ଓଡ଼ିଶା ମୋଟର ଯାନ ନିୟମ ୧୯୯୩ର ପ୍ରଦତ୍ତ ନିୟମ ୬୩, ୯୩ ଏବଂ ମୋଟର ଯାନ ଅଧିନିୟମ ୧୯୮୮ ଧାରା ୧୧୫, ୧୧୬, ୧୧୭ ଅନୁଯାୟୀ ସକାଳ ୭ଟାରୁ ୯ଟା ଏବଂ ଅପରାହ୍ନ ୫ଟାରୁ ରାତି ୭ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ଉପରେ ନିଷେଧାଜ୍ଞା ଜାରି କରିଛନ୍ତି। ଏହି ନିଷେଧାଜ୍ଞା ୧।୮।୨୦୨୫ଠାରୁ ୩୧।୮।୨୦୨୫ ଏକ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଶ୍ୱଜିତ୍


@ ହୃଷୀକେଶ


@ ମଧୁସ୍ମିତା


@ ଶ୍ରୀକାନ୍ତ


@ ସୁନନ୍ଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାର ଆବଶ୍ୟକ ୧୫ ମେଟ୍ରିକ୍ ଟନ୍, ମିଳିଛି ୭



■ ବଜାରରୁ ଅତ୍ୟଧିକ ଦାମ୍‌ରେ କିଣୁଛନ୍ତି ଚାଷୀ
■ ଚାଷ ଉପରେ ପ୍ରଭାବ ପକାଇବ ସାର ଯୋଗାଣ

**କେନ୍ଦ୍ରାପଡ଼ା, ୩୧।୭ (ଜଗନ୍ନାଥ ଧଳ):** ଲଗାଣ ବର୍ଷା ପରେ କେନ୍ଦ୍ରାପଡ଼ା ଜିଲାରେ ମଧ୍ୟମ ଧରଣର ବନ୍ୟା ହୋଇଛି। ଜିଲାର ୭ ନଦୀ ଓ ୨୭ ଶାଖା ନାଳରେ ବନ୍ୟା ଆସି ଉପାନ୍ତ ଅଞ୍ଚଳର ପ୍ରାୟ ୫୫ଟି ରାଜସ୍ୱ ଗ୍ରାମରେ ଚାଷ ନଷ୍ଟ କରିଛି। ଜଳ ନିଷ୍କାସନ ସମସ୍ୟା ତୁଟି ନ ଥିଲେ ମଧ୍ୟ ଚାଷୀ ଏବେ ଖରିଫ ଚାଷ ପାଇଁ ଅଣ୍ଟା ଭିଡିଛନ୍ତି। ତେବେ ଏଥିରେ ବଜାରର ସାର ଦର ଦାଉ ସାଜିଛି। ଚାଷୀ ତଳି ପକାଇ ରୋଇବାକୁ ଅପେକ୍ଷା କରିଥିବାବେଳେ ଜିଲାରେ ସାରର ଅଭାବୀ ବିକ୍ରି ହୋଇଛି। ବିଭିନ୍ନ କୃଷି ସେବା ସମବାୟ ସମିତିକୁ ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକ ସାର ଯୋଗାଣ ହେଉ ନ ଥିବାରୁ ଚାଷୀ ବଜାରରୁ ଚଢ଼ା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ଏହା ଖରିଫ ଚାଷ ଉପରେ ପ୍ରଭାବ ପକାଇବ ବୋଲି ଚାଷୀ ଓ କୃଷକନେତାମାନେ ମତ ଦେଇଛନ୍ତି।

କୃଷକ ନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ୧,୪୨,୧୬୫ ହେକ୍ଟର ଚାଷ ଜମିରୁ ଚଳିତବର୍ଷ ୧,୧୭,୫୫୪ ହେକ୍ଟର ଜମିରେ ଖରିଫ ଚାଷ ହେଉଛି। ଏଥିପାଇଁ କେବଳ ୟୁରିଆ ସାର ୯,୫୦୦ ମେଟ୍ରିକ ଟନ ଆବଶ୍ୟକ ଅଛି। କେନ୍ଦ୍ରାପଡ଼ା ବ୍ଲକରେ ୯୦୦ ମେଟ୍ରିକ ଟନ ୟୁରିଆ ଆବଶ୍ୟକ ବେଳେ ଡେରାବିଶ ବ୍ଲକ ଅଞ୍ଚଳ ପାଇଁ ୫୮୫ ମେଟ୍ରିକ ଟନ ଆବଶ୍ୟକ। ସେହିପରି ମାର୍ଶାଘାଇ ବ୍ଲକ ଅଞ୍ଚଳରେ ୩୧୮, ମହାକାଳପଡ଼ାରେ ୧୨୭୦, ଗରଦପୁରରେ ୪୨୦, ପଟ୍ଟାମୁଣ୍ଡାଇରେ ୫୪୫, ଆଳିରେ ୩୧୧, ରାଜକନିକାରେ ୧୦୩୦ ଓ ରାଜନଗରରେ ୧୧୨୧ ମେଟ୍ରିକ ଟନ ୟୁରିଆ ସାର ଆବଶ୍ୟକ। ଏଥିସହ ଅନ୍ୟାନ୍ୟ ସାର ମିଶି ମୋଟ ୧୪,୪୦୦ ମେଟ୍ରିକ ଟନ ସାର ଆବଶ୍ୟକ। ତେବେ ଅଦ୍ୟାବଧି ଜିଲାର ୧୧୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଓ ୩୧୧ଟି ପଞ୍ଜୀକୃତ ରାସାୟନିକ ସାର ବିକ୍ରୟ କେନ୍ଦ୍ରରେ ସାର ପହଞ୍ଚି ନାହିଁ। ଫଳରେ ଚଳିତବର୍ଷର ଖରିଫ ଚାଷ ଉପରେ ଏହାର ପ୍ରଭାବ ପଡିବ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। କୃଷକ ନେତା ଘନଶ୍ୟାମ ବେହେରା କହିଛନ୍ତି, ସାରର ଅଭାବ ବଜାର ଦରକୁ ଅଧିକ ବଢ଼ାଉଛି। ସେ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର କୃଷିକୁ ଗୁରୁତ୍ୱ ଦେଉଛନ୍ତି। ତେବେ ଉପଯୁକ୍ତ ସମୟରେ ସାର, ବିହନ, ଔଷଧ ଯୋଗାଇ ଦେଉ ନ ଥିବାରୁ ପ୍ରଶିକ୍ଷଣ କେବଳ କାଗଜପତ୍ରରେ ସୀମିତ ହୋଇଛି। ଚଳିତବର୍ଷ ଚାଷ ଆରମ୍ଭରୁ ସାରର ଅଭାବ କୃଷକଙ୍କ ମନୋବଳ ଭାଙ୍ଗି ଦେଇଛି। ବଗଡ଼ା ଗ୍ରାମର ଚାଷୀ ମୃତ୍ୟୁଞ୍ଜୟ ସାମଲ କହିଛନ୍ତି, ଚଳିତବର୍ଷ ୩ ଏକର ଖରିଫ ଧାନଚାଷ ପାଇଁ ପ୍ରସ୍ତୁତ ହୋଇଛି। ଏଥିପାଇଁ ଋଣ ଅର୍ଥରେ ବିହନ କିଣାଯାଇ ତଳି ପ୍ରସ୍ତୁତି ହୋଇଛି। ତେବେ ସାରର ଅଭାବ ଯୋଗୁ ତଳି ରୁଆଯାଇ ପାରୁନାହିଁ। ୟୁରିଆ ଦର ସାଧାରଣରେ ୨୭୦ ଟଙ୍କା ଥିବାବେଳେ ବଜାରରେ ବସ୍ତା ପିଛା ୪୮୦ ଟଙ୍କା ବ୍ୟବସାୟୀ କହୁଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ସୁରେଶ କୁମାର ମଲ୍ଲିକଙ୍କୁ ପଚାରିବାରେ ସାର ପାଇଁ ଇଣ୍ଡେନ ଯାଇଛି। ଅଦ୍ୟାବଧି ୯ ମେଟ୍ରିକ ଟନ ଜିଲାକୁ ଆସିଛି। ଆସନ୍ତା ସପ୍ତାହ ସୁଦ୍ଧା ସାରର ଅଭାବ ଦୂର ହେବ ବୋଲି ସେ କହିଛନ୍ତି।

# ଚେକ୍ ବାଉନ୍ସ: ପୂର୍ବତନ କ୍ଷୁଦ୍ର ଜଳସେଚନ ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ


ସାଇପ୍ରତୀକ ଦାସ

**ଯାଜପୁର ଟାଉନ,୩୧।୭ (ପ୍ରଜ୍ଞା ପ୍ରିୟଦର୍ଶନୀ ମହାନ୍ତି):** ଯାଜପୁର ସହରର ଜଣେ ବ୍ୟକ୍ତିଙ୍କୁ ଚାକିରି କରାଇଦେବା ପାଇଁ ୬ଲକ୍ଷ ଟଙ୍କା ନେଇ ଯାଜପୁରର ପୂର୍ବତନ କ୍ଷୁଦ୍ର ଜଳସେଚନ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ସାଇପ୍ରତୀକ ଦାସ ଗିରଫ ହୋଇଛନ୍ତି। ଯାଜପୁର ପୋଲିସ ଏନ୍‌ବିଡବ୍ଲ୍ୟୁ (ଜାମିନ ବିହୀନ ଗିରଫ ପରୱାନା) ବଳରେ ଗୁରୁବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାର ଜାମିନ ଶୁଣାଣି କରି ବିଚାରପତି ଅଭିଯୁକ୍ତଙ୍କୁ ୨୦ହଜାର ଟଙ୍କା ଏବଂ ଜଣେ ଜାମିନଦାର ବଳରେ ଜାମିନ ପ୍ରଦାନ କରିଛନ୍ତି। ଯାଜପୁର ଥାନା ଏସ୍‌ଆଇ ସଂଯୁକ୍ତା ବେହେରା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

ଅଭିଯୋଗ ମୁତାବକ, ଯାଜପୁର ପୌରାଞ୍ଚଳ ଅଧୀନ ବେଲାରପୁର ଅଞ୍ଚଳର ଅରବିନ୍ଦ ଚୌଧୁରୀଙ୍କଠାରୁ ସମ୍ପୃକ୍ତ ଯନ୍ତ୍ରୀ ୨୦୨୩ରେ ଉକ୍ତ ଟଙ୍କା ନେଇଥିଲେ। ୩ମାସ ମଧ୍ୟରେ ଚାକିରି କରାଇଦେଲେ ଅବଶିଷ୍ଟ ୧ଲକ୍ଷ ଟଙ୍କା ନେବେ ବୋଲି କହିଥିଲେ। ମାତ୍ର ୩ମାସ ଗଡ଼ି ଯାଇଥିଲେ ହେଁ ଅରବିନ୍ଦଙ୍କ ଚାକିରି ନ ହେବାରୁ ସେ ଯନ୍ତ୍ରୀଙ୍କୁ ଟଙ୍କା ଫେରାଇବାକୁ କହିଥିଲେ। ଯନ୍ତ୍ରୀ ତାଙ୍କୁ ୫୦ହଜାର ଟଙ୍କା କ୍ୟାସ ଫେରାଇଥିଲେ। ଏଥିସହିତ ୧୯।୦୬।୨୦୨୪ରେ ୫ଲକ୍ଷ୫୦ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଚେକ୍ ପାଇବା ପରେ ଅରବିନ୍ଦ ୨୧।୦୬।୨୦୨୪ରେ ଲଗାଇଥିଲେ। ମାତ୍ର ତାହା ବାଉନ୍ସ ହୋଇ ଯାଇଥିଲା। ଏହାପରେ ଅରବିନ୍ଦ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ୨ ଓକିଲ ନୋଟିସ ପଠାଇଥିଲେ। ନୋଟିସ ପଠାଇବାର ୧ ମାସ ପରେ ଅରବିନ୍ଦ ଯାଜପୁର ଏସଡିଜେଏମ୍ କୋର୍ଟରେ ୧ସିସି ୨୧୭/୨୦୨୪ ମୁତାବକ ସାଇ ପ୍ରତୀକଙ୍କ ନାମରେ ଏନଆଇ ଆକ୍ଟର ୧୩୮ ଧାରାରେ କେଶ ରୁଜୁ କରିଥିଲେ। କୋର୍ଟରୁ ବାରମ୍ବାର ସମନ ଯାଇଥିଲେ ମଧ୍ୟ ଯନ୍ତ୍ରୀ ହାଜର ହୋଇ ନ ଥିଲେ। ଫଳରେ ୫।୫।୨୦୨୫ରେ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଅରବିନ୍ଦଙ୍କ ପକ୍ଷରୁ ଆଇନଜୀବୀ ନିତାଇଚାନ୍ଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ୪ ପଞ୍ଚାୟତ ଲୋକଙ୍କ ଦୁର୍ଦ୍ଦଶା ବଢୁଛି

## ରାଜନଗରରେ ବନ୍ୟା ପରିସ୍ଥିତି ଅପରିବର୍ତ୍ତିତ

**ରାଜନଗର, ୩୧।୭ (ଭାସ୍କର ରାଉତରାୟ)** ରାଜନଗର ବ୍ଲକରେ ବନ୍ୟା ପରିସ୍ଥିତି ଅପରିବର୍ତ୍ତିତ ରହିଛି। ବ୍ଲକ ଅଧୀନ ୪ ପଞ୍ଚାୟତର ୨୦ରୁ ଅଧିକ ଗାଁର ବହୁ ହଜାର ଲୋକ ବ୍ରାହ୍ମଣୀରେ ଦ୍ୱିତୀୟ ବନ୍ୟା ଆସିବା ଯୋଗୁ ୪ଦିନ ହେବ ବନ୍ୟା ଘେରରେ ରହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ମାଳମାଳ ବଉଳା କୁମ୍ଭୀରଙ୍କ ଆତଙ୍କ ପାଣି ଘେରରେ ଥିବା ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି। ଡୁହାକୁ ଡୁହା ବର୍ଷା ସେମାନଙ୍କ ଜୀବନ ଜୀବିକାକୁ ଅଧିକ ଦୁର୍ବିଷହ କରିଦେଇଛି। ରିଲିଫ ମିଳିବା ସାତ ସପନ ହୋଇଛି, ଯାହାକୁ ନେଇ ବନ୍ୟା ପ୍ରଭାବିତ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଗୁରୁବାର ରାଜନଗର ବିଡିଓ ଅନିରୁଦ୍ଧ ବେହେରା ବିପନ୍ନଙ୍କ ନିକଟରେ ପହଞ୍ଚି ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ଡଙ୍ଗା ଯୋଗେଇ ଦେଇଛନ୍ତି। ବନ୍ୟାରେ ସନ୍ତପଡା ଗ୍ରାମର ବିଶ୍ୱାଳ ସାହିର ୧୦ ପରିବାର ଓ ବାରିକ ସାହିର ୪ ପରିବାର ୧୫ ଦିନ ହେବ ପାଣି ଘେରରେ ଅଛନ୍ତି। ଅପରପକ୍ଷରେ ବନ୍ୟା ବିପନ୍ନ ଲୋକମାନେ ବର୍ଷକର ଧାନ ଫସଲ ପାଇଁ ପକାଇଥିବା ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଯେଉଁ ପନିପରିବା ଚାଷ କରିଥିଲେ, ତାହା ପାଣିରେ ପଚି ନଷ୍ଟ ହୋଇଯାଇଛି। ତୁରନ୍ତ ବିପନ୍ନ ଲୋକଙ୍କ ପାଖରେ ଶିଶୁ ଖାଦ୍ୟ ସହିତ ପର୍ଯ୍ୟାପ୍ତ ପରିମାଣରେ ଗୋ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାକୁ ବିଧାୟକ ଧ୍ରୁବ ସାହୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।


ବନ୍ୟା ଅଞ୍ଚଳରେ ଡଙ୍ଗାରେ ଲୋକେ ଯାତାୟତ କରୁଛନ୍ତି।

# କୁମ୍ଭୀର ଦେଖି ଲୋକେ ଭୟଭୀତ

## ବିପଦ ସଂକେତ ଉପରେ ବ୍ରାହ୍ମଣୀ ବନ୍ୟା ଜଳ

■ ନୀଳକଣ୍ଠପୁର, ଜେନାପାଟଣା ସମେତ ଅନ୍ୟ ଅଞ୍ଚଳରେ କୁମ୍ଭୀର
■ ବାହ୍ୟଜଗତରୁ ବିଚ୍ଛିନ୍ନ ସିଂହଗାଁରେ ଡାକ୍ତରୀ ଟିମ୍


ପଟ୍ଟାମୁଣ୍ଡାଇ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ପାଣି।


ବନ୍ୟା ପାଣି ଘେରରେ ଘର।

**ପଟ୍ଟାମୁଣ୍ଡାଇ, ୩୧।୭ (କଳ୍ପତରୁ ନାୟକ):** ବ୍ରାହ୍ମଣୀ ନଦୀରେ ଦେଖାଦେଇଥିବା ଦ୍ୱିତୀୟ ବନ୍ୟାର ୩ ଦିନ ପରେ ମଧ୍ୟ ବନ୍ୟାଜଳ ବିପଦ ସଂକେତ ଉପରେ ରହିଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ଅଳଭା ଠାରେ ୧୭.୧୦ ଉପରେ ବନ୍ୟାଜଳ ଗତିକରୁଛି। ସରକାରୀ ଭାବେ ବ୍ରିଟିଶ୍ ଅମଳରୁ ୧୬ ଫୁଟ ବିପଦ ସଂକେତ ଥିବାବେଳେ ଏଯାବତ ନିର୍ଣ୍ଣୟ କରାଯାଇନାହିଁ। ହେଲେ ଏବେ ବନ୍ୟା ବିପନ୍ନ ଲୋକମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଗୁରୁବାର ନୀଳକଣ୍ଠପୁର ଦୋଷମାଳି ଓ ଡାମରପୁର ଜେନାପାଟଣାରେ କୁମ୍ଭୀର ଦେଖି ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ସମଗ୍ର ବନ୍ୟାଞ୍ଚଳରେ କୁମ୍ଭୀର ଭୟ ଲାଗି ରହିଛି। ବିପନ୍ନ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଛି । ରାସ୍ତାଘାଟ ବୁଡି ଯାଇଥିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ବନ୍ୟା ଯୋଗୁ ଗରିବ ଖଟିଖିଆ ମୂଲିଆ ଶ୍ରେଣୀର ଲୋକ କାମକୁ ଯାଇ ନ ପାରି ଭୋକ ଉପାସରେ କାଳାତିପାତ କରୁଛନ୍ତି। ବିଦ୍ୟୁତ୍ ଓ ଟେଲି ସେବା ପ୍ରଭାବିତ ହୋଇଛି। ଚାଷଜମି ବୁଡ଼ି ଯାଇଥିବାରୁ ଗାଈଗୋରୁ, ଛେଳିମେଣ୍ଢାମାନେ ଚରିବାକୁ ଯାଇ ନ ପାରି ଖାଦ୍ୟ ବିନା ଡହଳବିକଳ ହେଉଛନ୍ତି। ବାହ୍ୟ ଜଗତରୁ ବିଚ୍ଛିନ୍ନ ସିଂହଗାଁରେ ଡାକ୍ତରୀ ଟିମ୍ ପହଞ୍ଚି ଲୋକଙ୍କୁ ଚିକିତ୍ସା ଯୋଗାଇ ଦେଇଛନ୍ତି।

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ବାରମ୍ବାର ବନ୍ୟା ଆସିବା ଫଳରେ କ୍ଷୟକ୍ଷତି ଓ ଫସଲହାନି ଘଟି ଗରିବ ଖଟିଖିଆ ଓ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତର ଲୋକେ ଓ ପୌରାଞ୍ଚଳର ୧୧ଟି ୱାର୍ଡର ବହୁ ହଜାର ଏକର ଜମିରେ ଜଳ କମି ଆସୁଥିବାବେଳେ ସୋମବାର ପୁଣି ଜଳମଗ୍ନ ହୋଇପଡିଛି। ପ୍ରଥମ ବନ୍ୟାରୁ ସିଂହଗାଁ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ରହିଥିବାବେଳେ ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ଅଣ୍ଠରା, ଅମୃତମଣୋହି, ବଲୁରିଆ ପଞ୍ଚାୟତର ବିଭିନ୍ନ ଗ୍ରାମର ବହୁ ଏକର ଚାଷଜମି ଜଳମଗ୍ନ ହୋଇପଡିଛି। ବ୍ରାହ୍ମଣୀ ନଦୀରେ ବାରମ୍ବାର ବନ୍ୟା ଯୋଗୁ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବିପନ୍ନ ଲୋକମାନେ ଦୁର୍ଦ୍ଦଶା ମଧ୍ୟରେ ରହିଥିବା ଅନୁଭବ କରି ସେମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଦାବି କରିଛନ୍ତି। ବ୍ରାହ୍ମଣୀ ନଦୀରେ ଦେଖା ଦେଇଥିବା ୨ୟ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ଓ ବାଛରା ପଞ୍ଚାୟତର ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ଅଞ୍ଚଳରେ ଥିବା ଚାଷଜମିରେ ପ୍ରାୟ ୨୦ ଦିନ ଧରି ବନ୍ୟାଜଳ ବୁଡି ରହିଥିବାରୁ ଧାନ, ପନିପରିବା ଫସଲ ପଚି ସମୂଳେ ନଷ୍ଟ ହେବା ସହିତ ପୂତି ଗନ୍ଧମୟ ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟାଞ୍ଚଳରେ ପରିବେଶ ଦୂଷିତ ଯୋଗୁ ବିଭିନ୍ନ ସଂକ୍ରାମକ ରୋଗ ଦେଖାଦେଇଛି। ବିଶୁଦ୍ଧ ପିଇବା ପାଣି ସଙ୍କଟ ଦେଖାଦେଇଛି। ନୀଳକଣ୍ଠପୁର ପଞ୍ଚାୟତ ଡଗରାପାଳଠାରେ ବୁଧବାର ବନ୍ୟା ସ୍ରୋତରେ ଏକ ବଡ଼ ଘଳିଆ ସୃଷ୍ଟି ହୋଇଥିଲା। ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ ଓ ବିଭାଗୀୟ କର୍ମଚାରୀ ତୁରନ୍ତ ଘଳିଆରେ ବାଲି ବସ୍ତା ପକାଇ ବନ୍ଦ କରିବା ପରେ ଘାଇ ସୃଷ୍ଟି ଆଶଙ୍କା ଦୂର ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ଚାଷଜମି ଜଳମଗ୍ନ ହୋଇରହିଛି।

# ୫ ବର୍ଷରେ କମିଲେ ୭୭ ହଜାର ୫୨୪ଗୋରୁ

■ ହ୍ରାସ ପାଉଛି ଗୋ ସମ୍ପଦ

■ ଦେଶୀ ଗୋରୁଙ୍କ ବଂଶ ବୃଦ୍ଧି ପାଇଁ ନାହିଁ ପଦକ୍ଷେପ

ନୟାଗଡ଼,୩୧।୭(ଲୋକନାଥ ମିଶ୍ର)

ଦିନଥିଲା କୃଷି ପ୍ରଧାନ ଜିଲା ନୟାଗଡ଼ରେ ପ୍ରତି ଘରେ ଲୋକମାନେ ଗୋରୁ ପାଳନ କରୁଥିଲେ। ହେଲେ ଆବଶ୍ୟକ ଭିତ୍ତିଭୂମିର ଅଭାବ ଓ ବେଆଇନ ଗୋଚାଲାଣ ଯୋଗୁ ୫ ବର୍ଷରେ ୭୭ ହଜାର ୫୨୪ଗୋରୁ ହ୍ରାସ ପାଇ ସାରିଲେଣି। ଗୋରୁ ବଂଶ ବୃଦ୍ଧି ପାଇଁ ପଦକ୍ଷେପ ନ ନେଲେ ସମୟ ଆସିବ ଗୋରୁଙ୍କୁ ଦେଖିବାକୁ ମିଳିବନି। ଅନ୍ୟପକ୍ଷେ ଦେଶୀ ଗୋରୁ ସଂଖ୍ୟା ହ୍ରାସ ଚିନ୍ତାର କାରଣ ହୋଇଛି। ଏଥିପାଇଁ ବି ପଦକ୍ଷେପ ନାହିଁ। ଦର୍ସୀ ଗୋରୁ ପାଇଁ ସରକାରୀସ୍ତରରେ ଯେତିକି ପ୍ରାଧାନ୍ୟ ଦିଆଯାଉଛି ଦେଶୀ ଗାଈ ପାଇଁ ଆଦୌ ପଦକ୍ଷେପ ନାହିଁ ବୋଲି ଅଭିଯୋଗ ହୋଇଛି।

୨୦୧୯ ବର୍ଷର ୨୦ତମ ଗଣନା ଅନୁସାରେ ଜିଲାରେ ୨ ଲକ୍ଷ ୧୦ ହଜାର ୯୨ ଗୋରୁ ଥିଲେ। ଏଥିରୁ ୨ଲକ୍ଷ ୪ ହଜାର ୨୨୮ ଦେଶୀ ଗୋରୁ ଥିବାବେଳେ ୫ ହଜାର ୮ଶହ ୬୪ ଦର୍ସି ଗୋରୁ ଥିଲେ। ମୋଟ ଗୋରୁ ୨ ଲକ୍ଷ ୧୦ ହଜାର ୯୨ ମଧ୍ୟରୁ ନୟାଗଡ଼ ବ୍ଲକରେ ୨୪ ହଜାର ୨୧, ଓଡ଼ଗାଁ ବ୍ଲକରେ ୨୮ ହଜାର ୫୧୭, ରଣପୁର ବ୍ଲକ୍‌ରେ ୩୮ ହଜାର ୯୪, ଗଣିଆ ବ୍ଲକ୍‌ରେ ୯ ହଜାର ୯୧୭, ଖଣ୍ଡପଡା ବ୍ଲକ୍‌ରେ ୨୩ ହଜାର ୨୭୯, ଦଶପଲ୍ଲା ବ୍ଲକ୍‌ରେ ୩୩ ହଜାର ୧୨୪, ନୂଆଗାଁ ବ୍ଲକ୍‌ରେ ୨୮ ହଜାର ୨୨୬, ଭାପୁର ବ୍ଲକ୍‌ରେ ୨୪ ହଜାର ୯୧୪ ଗୋରୁ ଥିଲେ। ତେବେ ୨୦୨୪ ବର୍ଷର ୨୧ତମ ଗଣନା ଅନୁସାରେ ଜିଲାରେ ୧ ଲକ୍ଷ ୩୦ ହଜାର ୨୪୩ ଗୋରୁ ଅଛନ୍ତି। ୨୦୧୯ରୁ ୨୦୨୪କୁ ହିସାବ କଲେ ୫ ବର୍ଷରେ ୭୭ ହଜାର ୫୨୪ ଗୋରୁ ହ୍ରାସ ପାଇଲେ। ଗୋରୁ ହ୍ରାସ ପାଇବାର ଅନେକ କାରଣ ଥିଲେ ହେଁ ଗାଈ ଚରାଇବାକୁ ଗାଁରେ ଗାଈ ଚରାଳି ମିଳୁ ନାହାନ୍ତି। ଗାଈ ଯେଉଁମାନେ ଚରାଉଛନ୍ତି ସେମାନେ ଅଧିକ ପ୍ରାପ୍ୟ ମାଗୁଛନ୍ତି। ବାରିକୁ ଧାନ ଆସିଲା ନାହିଁ କି ବେଙ୍ଗଳା ପଡିଲା ନାହିଁ। ଖତର ଚାହିଦା କମିଗଲା। ଧୀରେ ଧୀରେ ଗାଈ ବିକ୍ରି



ଆରମ୍ଭ ହେଲା। ଯାହାକି ଦଲାଲମାନେ ଏହାର ଫାଇଦା ନେଲେ। ଏଣୁ ଗାଁ ଗଣ୍ଡାରେ ଆଉ ଆଗଭଳି ଗାଈଗୋଠ ଦେଖିବାକୁ ମିଳୁ ନାହିଁ। କାଁ ଭାଁ ଗାଈକୁ ଦେଖିବାକୁ ମିଳୁଛି। ତେବେ ଆଦିବାସୀ ଗାଁଗୁଡିକରେ ଏବେବି ଗାଈ ରଖାଯାଇଛି। ଗାଈଙ୍କୁ ଦେବତା ରୂପେ ପୂଜା କରାଯାଏ। ୩୩ କୋଟି ଦେବତା କୁଆଡେ ଗାଈଙ୍କ ଦେହରେ ଅବସ୍ଥାନ କରନ୍ତି। ପୁଣି ସେମାନଙ୍କ ସୁରକ୍ଷା ନିହାତି ଆବଶ୍ୟକ। ସରକାର ଗୋପାଳନ ପାଇଁ ଯେଉଁ ପ୍ରୋତ୍ସାହନ ରାଶି ଦେଉଛନ୍ତି ତାହା ପ୍ରକୃତ ହିତାଧିକାରୀ ପାଖରେ ପହଞ୍ଚୁ ନ ଥିବା ଅଭିଯୋଗ ହୋଇଛି। ଗାଈ ହ୍ରାସ ନେଇ ଠିକ୍ ସମୀକ୍ଷାହେଉ ନାହିଁ। ଗୋଚାଷୀ ଯେପରି ଏହାର ଫାଇଦା ପାଇବ ତା'ର ବ୍ୟବସ୍ଥା କରିବା ଦରକାର। ପୁଣି ବେଆଇନ ଗୋଚାଲାଣ ରୋକିବାକୁ ପୋଲିସ ଓ ପ୍ରଶାସନିକସ୍ତରରେ ତତ୍ପରତା ଦେଖାଇବା ଉଚିତ। ସରକାର ମଧ୍ୟ ଏଥିପାଇଁ ସ୍ୱତନ୍ତ୍ର ନିୟମ ଆଣି ଲଗାମ ଲଗାଇବାର ବ୍ୟବସ୍ଥା କରିବା ଦରକାର। ପୁଣି ମାନସିକତାରେ ପରିବର୍ତ୍ତନ ଆସିଲେ ବେଆଇନ ଗୋଚାଲାଣ ରୋକାଯିବା ସହ ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି କୁହାଯାଉଛି।

ଏନେଇ ଗୋଚାଷୀ ମଧୁସ୍ମିତା ପ୍ରଧାନ, ସନ୍ୟାସୀ ନାୟକ, ବିକ୍ରମ ସାହୁ, ପୁନମ ମାର୍ଥା କୁହନ୍ତି, ଦେଶି ଗୋରୁ ସଂଖ୍ୟା ହ୍ରାସ ଚିନ୍ତାର କାରଣ। ତେବେ ଯେଉଁମାନେ ଗାଈ ରଖୁ ନାହାନ୍ତି ସେମାନେ ଗୁହାଳ ପାଉଛନ୍ତି। ଗୋ ଚାଷୀଙ୍କୁ ଅଣଦେଖା କରାଯାଉଛି। ପୁଣି ଦେଶୀ ଗାଈର ବଂଶବୃଦ୍ଧି ପାଇଁ ପଦକ୍ଷେପ ନାହିଁ। ଗୋ ବଂଶରେ ଯେଉଁ ହ୍ରାସ କଥା କୁହାଯାଉଛି ତାହା ଦେଶୀ ଗାଈ କମୁଛନ୍ତି ବୋଲି କହିଥିଲେ। ଦର୍ସି ଗାଈ ହ୍ରାସ ନୁହେଁ ବଢ଼ି ଚାଲିଛନ୍ତି ବୋଲି ମତ ରଖିଛନ୍ତି। ନୟାଗଡ଼ ଏସ୍‌ଡିଭିଓ ତପନ କୁମାର ମିଶ୍ର କୁହନ୍ତି, ୨୦୨୪ ଗଣନା ସରକାରୀ ଭାବେ ଘୋଷଣା ହୋଇ ନାହିଁ। ତେବେ ୫ ବର୍ଷରେ ଗୋରୁଙ୍କ ସଂଖ୍ୟା ହ୍ରାସ ପାଇଛି ବୋଲି ଜଣାପଡିଛି। ସରକାରୀ ଭାବେ ଘୋଷଣା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ସେ କହିଛନ୍ତି।

## ସରକାରୀ ଯୋଜନା,ଏହାର ସୁଫଳ ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦାନ କରିଥିବା ଅତିଥି ଏବଂ ସଦସ୍ୟ।

ଦଶପଲ୍ଲା,୩୧।୭(ପ୍ରକାଶ କୁମାର ପାଣି)

ପ୍ରକଳ୍ପ ଅଧିକାର, ଦଶପଲ୍ଲା ଦ୍ୱାରା ଅବହେଳିତ ଥିବା ୧୦ ପଞ୍ଚାୟତରେ ଚାଲିଥିବା ସଚେତନତା କାର୍ଯ୍ୟକ୍ରମର ସମୀକ୍ଷା ଓ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ଶୀର୍ଷକ ଆଲୋଚନା ଚକ୍ର ପ୍ରକଳ୍ପ ଅଧିକାର କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବ୍ଲକ ସମାଜ ମଙ୍ଗଳ ଅଧିକାରୀ ପ୍ରିୟ ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଅଧିକାର ମିତ୍ରମାନେ ଗରିବ ଅବହେଳିତ ଲୋକମାନଙ୍କ ପାଇଁ କରି ଆସୁଥିବା ସେବାକୁ ଉତ୍ସାହିତ କରିଥିଲେ। ସରକାରୀ ଯୋଜନାର ସୁଫଳରୁ ବଞ୍ଚିତ ଲୋକମାନେ ଏହାର ଫାଇଦା ପାଆନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ।

ମାତୃପିତୃହୀନ ଶିଶୁଙ୍କ ସୁରକ୍ଷା ଓ ସାମାଜିକ ସୁରକ୍ଷା ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା ଇତ୍ୟାଦି ବିଷୟରେ ଗ୍ରାମ ଗୋଷ୍ଠୀଙ୍କୁ ଅଧିକ ସଚେତନ କରାଇବା ଆବଶ୍ୟକ ବୋଲି କହିଥିଲେ । ସରକାରୀ ଯୋଜନାର ସୁଫଳ ଯେତେ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ଅଧିକାର ମିତ୍ର ବୃନ୍ଦ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ଟିପିସିଓଡିଏଲ୍‌ର ଜିଲା ସାମାଜିକ ମଙ୍ଗଳ ଅଧିକାରୀ କଳିଙ୍ଗ ଚାନ୍ଦ ଅନ୍ୟତମ ଆଲୋଚକ ଭାବେ ଏହି କର୍ମଶାଳାରେ ଯୋଗଦାନ କରି ପ୍ରୋଜେକ୍ଟ ଅଧିକାରର ଲକ୍ଷ୍ୟ,ଆଭିମୁଖ୍ୟ ଓ ଏହାର କାର୍ଯ୍ୟଧାରା ବିଷୟରେ ସୂଚନା ପ୍ରଦାନ କରିଥିଲେ।

ବାଣୀଗୋଛା, କୁଲୁରୁକୁମ୍ପା, ଟାକରା, ସରିଗଣ୍ଡା, ଭୋଗବାଡି, ଦୁଡ଼ା, ପୋଖରୀଗୋଛା, ତେଣ୍ଡାବାଡି, ଶିମିଳିସାହି ଓ ଖମାର ସାହି ଇତ୍ୟାଦି ଗ୍ରାମ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଅଧିକାର ମିତ୍ର ଉକ୍ତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସେମାନେ ଏହି ଅବସରରେ କାର୍ଯ୍ୟକ୍ଷେତ୍ରରେ ସାମ୍ନା କରୁଥିବା ନିଜର ଅନୁଭବ ଓ ସଫଳତାକୁ ଉପସ୍ଥାପନ କରିଥିଲେ। ହିତାଧିକାରୀଙ୍କ ମଙ୍ଗଳ ପାଇଁ ସମସ୍ତେ ସବୁସ୍ତରରେ ସହଯୋଗ କରିବା ପାଇଁ ସେମାନେ ଅନୁରୋଧ କରିଥିଲେ। ଶେଷରେ ଅଧିକାର ପ୍ରକଳ୍ପ, ଦଶପଲ୍ଲାର ପରିଚାଳକ ପ୍ରଭାତ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସମର୍ପଣ ବୃଦ୍ଧାଶ୍ରମର ନୂତନ ପରିଚାଳନା କମିଟି

ନୟାଗଡ଼,୩୧।୭(ଲୋକନାଥ ମିଶ୍ର)

ନୟାଗଡ଼ ସହର ଲେଖନପୁରଠାରେ ଗଢି ଉଠିଥିବା ସମର୍ପଣ ବୃଦ୍ଧାଶ୍ରମର ପରିଚାଳନା କମିଟି ଗଠନ ହୋଇଯାଇଛି। ୨୦୧୯ରେ ଗଢି ଉଠିଥିବା ସମର୍ପଣ ବୃଦ୍ଧାଶ୍ରମରେ ୨୫ ଜଣ ଅନ୍ତେବାସୀ ରହିଆସୁଛନ୍ତି। ସେମାନଙ୍କ ଭଲମନ୍ଦ ବୁଝାବୁଝି କରିବା ପାଇଁ ୨୫ ଜଣ ସଦସ୍ୟଙ୍କୁ ନେଇ ଏକ ସାଧାରଣ ପରିଷଦ ଗଠନ ହୋଇଛି। ସେମାନଙ୍କ ମଧ୍ୟରୁ ୦୭ ଜଣ ସଦସ୍ୟଙ୍କୁ ନେଇ ଏହାର ଗଭର୍ଣ୍ଣିଂବଡି ଗଠିତ। ଗଭର୍ଣ୍ଣିଂବଡିରେ ଜିଲାପାଳ ସଭାପତି ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହେଉଛନ୍ତି ସଦସ୍ୟ। ଏହି ଦୁଇ ଜଣ ସଦସ୍ୟ ଏକ୍ସଅଫିସିଓ ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ୫ ଜଣ ସଦସ୍ୟ ପ୍ରତି ୩ ବର୍ଷରେ ଥରେ ନିର୍ବାଚିତ ହୋଇଥାନ୍ତି। ଏ ପରିପ୍ରେକ୍ଷୀରେ ଗୁରୁବାର ସାଧାରଣ ପରିଷଦ ସଭା ଅନୁଷ୍ଠିତ ହୋଇ ଥିଲା। ଜିଲାପାଳଙ୍କ ପ୍ରତିନିଧି ଭାବେ ଅତିରିକ୍ତ ଜିଲାପାଳ ରୋଜିନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମର୍ପଣ ପରିଚାଳନାଗତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହେବା ସହିତ ନୂତନ ପରିଚାଳନା କମିଟି ଗଠନ ହୋଇଥିଲା। କାର୍ଯ୍ୟକାରୀ ସଭାପତି ଭାବେ ଅରୁଣ କୁମାର ମହାନ୍ତି ମନୋନୀତ ହୋଇଥିଲା ବେଳେ ସମ୍ପାଦକ ଭାବେ ଶ୍ରୀଧର ସାହୁ, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ନାୟକ ଓ ସଦସ୍ୟ ଭାବେ ପ୍ରସନ୍ନ କୁମାର ବସନ୍ତିଆ ଏବଂ ପ୍ରଦୀପ କୁମାର ପୃଷ୍ଟି ମନୋନୀତ ହୋଇଛନ୍ତି।

## ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ଧରିଲା

**ଜୟ ଫାଉଣ୍ଡେଶନ ପରେ ଜିଲା ଓକିଲ ସଂଘର ପ୍ରସ୍ତୁତି**

ନୟାଗଡ଼,୩୧।୭(ଲୋକନାଥ ମିଶ୍ର)

ନୟାଗଡ଼ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ଶାଣିତ ଓ ସଂଗଠିତ କରିବା ପାଇଁ ଜୟ ନୟାଗଡ଼ ଫାଉଣ୍ଡେଶନ ପକ୍ଷରୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଆଇନଜୀବୀ, ଖବରଦାତା, ଜିଲାବାସୀଙ୍କୁ ସାମିଲ କରି ସଭା, ସମିତି, ଆଲୋଚନାଚକ୍ର ଚାଲୁ ରହିଛି। ଏଭଳିସ୍ଥଳେ ମେଡିକାଲ କଲେଜ ସ୍ଥାପନା ପାଇଁ ଶୁକ୍ରବାର ଜିଲା ଓକିଲ ସଂଘର ସାଧାରଣ ସଭାରେ ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଛି । ଜିଲା ଓକିଲ ସଂଘ ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ହୋଇଥିଲା । ଓକିଲ ସଂଘ ନେତୃତ୍ୱରେ ମେଡିକାଲ କଲେଜ ସ୍ଥାପନା ଦାବିକୁ ତ୍ୱରାନ୍ୱିତ କରିବା ପାଇଁ ବରିଷ୍ଠ ଆଇନଜୀବୀ ଅମୀୟ ପଟ୍ଟନାୟକଙ୍କ ପ୍ରସ୍ତାବକୁ ସଭାରେ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, ନୟାଗଡ଼ ଜିଲା ଗଠନ ଏବଂ ଜିଲା ଜଜ କୋର୍ଟ ସ୍ଥାପନା ପ୍ରସଙ୍ଗରେ ଓକିଲ ସଂଘ ନେତୃତ୍ୱରେ ନିରନ୍ତର ଦାବି ଉପସ୍ଥାପନା କରାଯାଇ ଥିଲା । ନୟାଗଡ଼ ଜିଲା ସହ ନୂତନ ଜିଲା ଘୋଷଣା ହୋଇଥିବା ଅନେକ ଜିଲାରେ ରାଜ୍ୟ ସରକାର ମେଡିକାଲ କଲେଜ ସ୍ଥାପିତ କରିସାରିବା ପରେ ନୟାଗଡ଼ ଜିଲାର ୧୩ ଲକ୍ଷ ଜିଲାବାସୀଙ୍କ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପାଇଁ ଲଢେଇ ଜାରି ରଖିବ ବୋଲି ସଂଘର ସଭାପତି ରଣଜିତ ଦାଶ ଏବଂ ସମ୍ପାଦକ ସ୍ୱଦେଶ ମିଶ୍ର କହିଛନ୍ତି।

## ଅଧାରେ ଅଟକିଛି ପରିବା ମଣ୍ଡି ନିର୍ମାଣ

ଖଣ୍ଡପଡ଼ା,୩୧।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ୧୩ନଂ. ୱାର୍ଡ ଅଧୀନ ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣଧୀନ ପରିବା ମଣ୍ଡି ଓ ଗାର୍ଡୱାଲ କାମ ଅଧାରେ ଅଟକିଛି। ଗତ ୧୮ ମାସ ତଳେ ୩୧ ଲକ୍ଷ୍ୟ ଟଙ୍କା ଅନୁଦାନରେ ଉକ୍ତ ପରିବା ମଣ୍ଡି ନିର୍ମାଣ ଏନଏସି କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ଧୀର ମନ୍ଥର ଗତିରେ ଚାଲିଥିବାରୁ ସହରବାସୀଙ୍କ ମଧ୍ୟରେ



ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିବା ମଣ୍ଡି ନିର୍ମାଣ କାର୍ଯ୍ୟ ଶେଷ ହେଲେ ଖଣ୍ଡପଡ଼ା ସହରର ବ୍ୟବସାୟୀମାନେ ଉପକୃତ ହେବା ସହ ଦୈନିକ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଆଉ ପରିବା ହାଟ ବସିବ ନାହିଁ। ରାସ୍ତା ପାର୍ଶ୍ୱରେ ପରିବା ହାଟ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ନଜରରେ ରଖି ପରିବା ମଣ୍ଡି ନିର୍ମାଣ କାମ ଆରମ୍ଭ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ପରିବା ମଣ୍ଡି ନିର୍ମାଣ କାର୍ଯ୍ୟ ଶେଷ ନିମନ୍ତେ ଏନଏସି ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଯାତ୍ରୀ ବିଶ୍ରାମାଗାରର ଭିତ୍ତିଭୂମି ବିକାଶ ଦାବି

ଖଣ୍ଡପଡ଼ା,୩୧।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଠାରୁ କୋସ୍କା ଦେଇ ଆଡ଼କଟା ଛକକୁ ସଂଯୋଗ କରୁଥିବା ରାସ୍ତାର ରାମଚନ୍ଦ୍ରପୁର ଗ୍ରାମ ବସଷ୍ଟାଣ୍ଡ ନିକଟରେ ଥିବା ଯାତ୍ରୀ ବିଶ୍ରାମାଗାରଟି ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ପ୍ରଶାସନର ଅଣଦେଖା ଓ କୋସ୍କା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଯାତ୍ରୀ ବିଶ୍ରାମାଗାରଟି ଏବେ ଗୋରୁ ଓ ବୁଲା କୁକୁରଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଯାତ୍ରୀ ବିଶ୍ରାମାଗାରର ନବୀକରଣ ସହ ଉକ୍ତ ସ୍ଥାନରେ ଶୌଚାଳୟ, ପାନୀୟଜଳ ଓ ରାତିରେ ଉଜ୍ଜଳ ଆଲୋକର ବ୍ୟବସ୍ଥା କରିବାକୁ ଦାବି ହେଉଛି। ଯାତ୍ରୀମାନେ ସେଠାରେ ବହୁ ଘଣ୍ଟା ଧରି ଯାତ୍ରୀବାହୀ ବସ୍‌କୁ ଅପେକ୍ଷା କରିଥାନ୍ତି। ଶୌଚାଳୟ ସୁବିଧା ନ ଥିବାରୁ ମହିଳା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଥିପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି ।



ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଯାତ୍ରୀ ବିଶ୍ରାମାଗାର।

## କମୁଛି କଂସା, ପିତଳ ଶିଳ୍ପର ଚମକ

■ ହାତବାନ୍ଧି ବସିଛନ୍ତି ଅନେକ କାରିଗର

■ ସରକାର ଦୃଷ୍ଟି ନ ଦେଲେ ବୁଡ଼ିଯିବ ପୁରାତନ ଐତିହ୍ୟ

ଖଣ୍ଡପଡ଼ା,୩୧।୭
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା କଣ୍ଟିଲୋ କଂସା ବାସନ ତିଆରି ଓ ବ୍ୟବସାୟ କ୍ଷେତ୍ରରେ ପ୍ରସିଦ୍ଧ। ମାତ୍ର ଆଜିର ଷ୍ଟିଲ୍, ନନ୍‌ଷ୍ଟିକ୍ ଓ ଆଲୁମିନିୟମ ବାସନ ଏହି ଶିଳ୍ପକୁ ପଙ୍ଗୁ କରିବାରେ ଲାଗିଛି। ଅନ୍ୟପକ୍ଷେ କଂସା ବାସନ ପାଇଁ ଆବଶ୍ୟକ କଞ୍ଚାମାଲର ଅଭାବ, ନୂତନ ବୈଷୟିକ ଜ୍ଞାନ କୌଶଳଜନିତ ସମସ୍ୟା ଏହି ଶିଳ୍ପ ପାଇଁ ପ୍ରତିବନ୍ଧକ ସୃଷ୍ଟି କରିଛି। ଏଥିପାଇଁ ଚାହିଦା ହ୍ରାସ ପାଉଥିବାରୁ ଏହି ଶିଳ୍ପର କାରିଗରମାନେ ହାତବାନ୍ଧି ବସିଛନ୍ତି। ସରକାର ଏହି ଶିଳ୍ପର ବିକାଶ ଦିଗରେ ଦୃଷ୍ଟି ନ ଦେଲେ ଅନେକ କାରିଗର ସେମାନଙ୍କ କୁଳ ବେଉସା ହରାଇବା ସହିତ ରାଜ୍ୟର ଏକ ପୁରାତନ ଐତିହ୍ୟ ସମ୍ପୂର୍ଣ୍ଣ ବୁଡିଯିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ନୟାଗଡ଼ ଜିଲାର କଣ୍ଟିଲୋ, ଶରଣକୁଳ, ଖଳିସାହି, ଇଟାମାଟି, ସୁନାଖଳା, ପୁରୀ ଜିଲାର ବାଲକାଟି, କଟକ ଜିଲାର ଭଜିମୁଣ୍ଡା, ଢେଙ୍କାନାଳର ଭୁବନ, ଇନ୍ଦୁପୁର, ଓଉଖମା, ବିନ୍ଧାଣିମାରେ କଂସାବାସନ କୁଟୀର ଶିଳ୍ପ ଭାବେ ମାନ୍ୟତା



ଭାଟିରେ କାରିଗରମାନେ କଂସା ପାତ୍ର ତିଆରି କରୁଛନ୍ତି।

ପାଇଥିଲା। ଦେଶ ସ୍ୱାଧୀନତା ପୂର୍ବରୁ ଏହି କାରିଗରମାନେ ଏକ ସମୃଦ୍ଧିଶାଳୀ ଶିଳ୍ପୀଜାତି ଭାବେ ପରିଚିତ ଥିଲେ। ଏହି କାରିଗରମାନେ ଦିନକୁ ୧୨ରୁ ୧୩ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ବିଭିନ୍ନ ବାସନ ପ୍ରସ୍ତୁତ କରୁଥିଲେ। ହେଲେ ଧୀରେ ଧୀରେ ଏହି କାରିଗରଙ୍କ ପିଲାମାନେ ଏହି କଠିନ କାମକୁ ଆପଣେଇ ପାରି ନ ଥିଲେ। ଅନ୍ୟପକ୍ଷେ ସରକାର ନୂତନ ବୈଷୟିକ ଜ୍ଞାନ କୌଶଳ ପାଇଁ ଅଣ୍ଟା ଭିଡି ଥିଲେ ମଧ୍ୟ ସେଥିରେ ସଫଳତା ପାଇ ନ ଥିଲେ। ଏଥିପାଇଁ ସଚେତନ ସୃଷ୍ଟି କରିବା ଓ ତାଲିମ ପ୍ରଦାନ ପାଇଁ ସରକାର ଅନେକ କୋଟି ଟଙ୍କା ମଞ୍ଜୁର କରିଥିଲେ ମଧ୍ୟ ତାହା କେବଳ ସେହି ଯୋଜନାରେ ସୀମିତ ରହିଥିଲା। ହାତଗଣତି କାରିଗର ତାଲିମ ପରେ ଦକ୍ଷତା ହାସଲ କରିଥିଲେ ମଧ୍ୟ ପରବର୍ତ୍ତୀ ଯୋଜନା ନ ଥିବାରୁ ସରକାରଙ୍କ ପଦକ୍ଷେପ ପ୍ରହସନରେ ପରିଣତ ହୋଇଥିଲା।

ସୂଚନାଯୋଗ୍ୟ, ନୂତନ ଜ୍ଞାନ କୌଶଳ ତଥା ପ୍ରଶିକ୍ଷଣ ମାଧ୍ୟମରେ କଂସା ପିତଳ ଏବଂ କାଠ ଖୋଦେଇର ବିଭିନ୍ନ ସୌଖୀନ ସାମଗ୍ରୀ ଉତ୍ପାଦନ କରିବା ଲକ୍ଷ୍ୟ ନେଇ କଣ୍ଟିଲୋରେ ଏକ କଂସା ପିତଳ ବାସନ ଓ କାଷ୍ଠ ସାମଗ୍ରୀ ଉତ୍ପାଦନ ପ୍ରଶିକ୍ଷଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ଏଥିପାଇଁ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ପକ୍ଷରୁ ଅନୁଦାନ ତଥା ପିପିପି ମୋଡରେ ପ୍ରତିଷ୍ଠିତ ଏହି ପ୍ରକଳ୍ପର କାର୍ଯ୍ୟ ପ୍ରାୟ ୪ବର୍ଷ ହେବ ଶେଷ ହୋଇଛି। ହେଲେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଏହି କ୍ଲଷ୍ଟର ପ୍ରକଳ୍ପରେ କାରିଗରମାନଙ୍କୁ ପର୍ଯ୍ୟାୟ କ୍ରମେ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇ ଆତ୍ମ ନିର୍ଭରଶୀଳ କରିବାର ଲକ୍ଷ୍ୟ ରହିଛି। ତେବେ ଉକ୍ତ ପ୍ରକଳ୍ପ ପାଇଁ ମୋରାଦାବାଦରୁ ଜଣେ ଦକ୍ଷ ମାଷ୍ଟର କ୍ରାଫ୍ଟମ୍ୟାନ୍‌ର ଆବଶ୍ୟକତା ରହିଛି। ମାତ୍ର ସେପରି ଜଣେ ତାଲିମଦାତାଙ୍କୁ ଅଣାଯାଇପାରୁ ନ ଥିବାରୁ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ଦିଗରେ ବାଧକ ସାଜିଛି। ଏ ସଂକ୍ରାନ୍ତରେ ନିଖିଳ ଉତ୍କଳ କଂସାରୀ ସମାଜ କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, କ୍ଲଷ୍ଟର ସଭାପତି ଦଣ୍ଡପାଣି ସାହୁ ଓ ନୟାଗଡ଼ ଜିଲା ଓଡ଼ିଶା ବିକାଶ ପରିଷଦ(ହସ୍ତଶିଳ୍ପ) ଜେନେରାଲ କାଉନସିଲର ପବିତ୍ର କୁମାର ମହାରଣା ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ତଥା କେନ୍ଦ୍ର ସରକାର ପର୍ଯ୍ୟାପ୍ତ ପରିମାଣର ଅନୁଦାନ ରାଶି ରାଜ୍ୟର ବିଭିନ୍ନ ସ୍ଥାନର କାରିଗରମାନଙ୍କ ନିମନ୍ତେ ବ୍ୟୟ କରୁଛନ୍ତି। ହେଲେ ସେହି ଅନୁଦାନ କିପରି ଠିକ ଭାବେ ଏବଂ ଠିକଣା ବାଟରେ କାର୍ଯ୍ୟକାରୀ ହେବ ସେଥିପ୍ରତି ଯତ୍ନବାନ ହେଉ ନ ଥିବାରୁ ସରକାରଙ୍କ ଯୋଜନା କେବଳ ଯୋଜନାରେ ଅଟକି ଯାଉଥିବା ଅଭିଯୋଗ ହୋଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତ୍



@ ହୃଷୀକେଶ



@ ମଧୁସ୍ମିତା



@ ଶ୍ରୀକାନ୍ତ



@ ସୁନନ୍ଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଶା ସୂଚନା ଅଧିକାର ନିୟମାବଳୀର ସଂଶୋଧନ ଜରୁରୀ

ଅକ୍ଟୋବର ୧୨, ୨୦୦୫ ମସିହାରୁ ସୂଚନା ଅଧିକାର ଆଇନ ରାଜ୍ୟରେ କାର୍ଯ୍ୟକାରୀ ହୋଇଆସୁଛି। ଏହି ଆଇନର ଧାରା ୨୭ରେ ବ୍ୟବସ୍ଥା ଅଛି ଯେ, ରାଜ୍ୟ ସରକାର ଆଇନକୁ କାର୍ଯ୍ୟକାରୀ କରାଇବା ପାଇଁ ନିୟମାବଳୀ ପ୍ରଣୟନ କରିବେ। ରାଜ୍ୟ ସରକାର ସୂଚନା ଅଧିକାର ଆଇନକୁ କାର୍ଯ୍ୟକାରୀ କରାଇବାକୁ ଯାଇ 'ଓଡ଼ିଶା ସୂଚନା ଅଧିକାର ନିୟମାବଳୀ-୨୦୦୫' ପ୍ରଣୟନ କରିଛନ୍ତି। ଏହି ନିୟମାବଳୀରେ କେତେକ ତ୍ରୁଟି ରହିବାରୁ ତା' ବିରୋଧରେ ସିଭିଲ ସୋସାଇଟି ସଙ୍ଗଠନଗୁଡ଼ିକର ବାରମ୍ବାର ପ୍ରତିବାଦ ଓ ଆନ୍ଦୋଳନ ଯୋଗୁ ରାଜ୍ୟ ସରକାର ମେ ୨୯, ୨୦୦୬ ମସିହାରେ ଓଡ଼ିଶା ନିୟମାବଳୀରେ ସଂଶୋଧନ କଲେ। ସଂଶୋଧନ ସତ୍ତ୍ୱେ ଓଡ଼ିଶା ନିୟମାବଳୀ-୨୦୦୫ ପୂର୍ବଭଳି ଉଦ୍ଭଟ ଓ ଜନ ବିରୋଧୀ ହୋଇ ରହିଥିବା ଅଭିଯୋଗ ହେଉଛି।

ପ୍ରଥମତଃ ସୂଚନା ଅଧିକାର ଆଇନର ଧାରା ୬(୧) ଅନୁଯାୟୀ ଜଣେ ବ୍ୟକ୍ତି ସୂଚନା ପାଇବା ପାଇଁ ଯେକୌଣସି ଜନକର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ (ପିଆଇଓ)ଙ୍କୁ ଦରଖାସ୍ତ କରିପାରିବେ। ଆଇନରେ କୌଣସି ବାଧ୍ୟତାମୂଳକ ଫର୍ମ ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ବା ବିଭିନ୍ନ ରାଜ୍ୟ ସରକାର କୌଣସି ଫର୍ମ ବ୍ୟବସ୍ଥା କରିନାହାନ୍ତି। କିଛି ରାଜ୍ୟ ସରକାର ନାଗରିକମାନଙ୍କୁ ସାହାଯ୍ୟ କରିବା ଫର୍ମାଟ୍ ବ୍ୟବସ୍ଥା କରିଛନ୍ତି। ଆଇନର ଲକ୍ଷ୍ୟ ହେଉଛି ଜଣେ ନାଗରିକ ଯେପରି ଚାହିଁବେ ବା ଯେଉଁ ଢଙ୍ଗରେ ଚାହିଁବେ, ସେମାନେ ସୂଚନା ପାଇଁ ଆବେଦନ କରିପାରିବେ। କିନ୍ତୁ ୨୦୦୫ ମସିହାରେ ରାଜ୍ୟ ସରକାର ସୂଚନା ଆଇନର ବିଧି ବ୍ୟବସ୍ଥାକୁ ଦଳି ଦେଇ ଓଡ଼ିଶା ନିୟମାବଳୀରେ ଏକ ଦୀର୍ଘକାୟ ୧୧ ସ୍ତମ୍ଭ ବିଶିଷ୍ଟ ବାଧ୍ୟତାମୂଳକ ଫର୍ମ- 'କ' ବ୍ୟବସ୍ଥା କରଛନ୍ତି। ଏହି ଫର୍ମରେ ଏପରି ଅଯୌକ୍ତିକ ପ୍ରଶ୍ନ ରହିଛି, ଯାହାକୁ ସାଧାରଣ ଲୋକ ବୁଝିପାରି ଫର୍ମ ପୂରଣ କରିପାରିବେ ନାହିଁ, ଯାହାକି ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ। ଉକ୍ତ ଫର୍ମର ପ୍ରତ୍ୟାହାର ଜରୁରୀ।

ଦ୍ୱିତୀୟରେ ସୂଚନା ଅଧିକାର ଆଇନ୍‌ର ଧାରା ୬ (୨) ଅନୁଯାୟୀ, ସୂଚନା ପାଇଁ ଆବେଦନ କଲାବେଳେ କୌଣସି ବ୍ୟକ୍ତି କେବଳ ତାଙ୍କ ସହ ଯୋଗାଯୋଗ ପାଇଁ ଆବଶ୍ୟକ ପଡୁଥିବା ବିବରଣୀ ଛଡ଼ା ସମ୍ପୃକ୍ତ ସୂଚନା ଚାହିଁବା ପଛରେ କୌଣସି କାରଣ ଦର୍ଶାଇବା କିମ୍ବା ଅନ୍ୟ କୌଣସି ବ୍ୟକ୍ତିଗତ ତଥ୍ୟ ଦେବାର ଆବଶ୍ୟକତା ନାହିଁ। କିନ୍ତୁ ୨୦୦୫ରେ ପ୍ରଣୀତ ଓଡ଼ିଶା ନିୟମାବଳୀର ରୁଲ୍ ୪(୨)ରେ ଆବେଦନକାରୀଙ୍କୁ ନାଗରିକତ୍ୱ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ବାସ୍ତବରେ ଆମ ଦେଶରେ ନାଗରିକତ୍ୱ ପ୍ରମାଣପତ୍ର ବ୍ୟବସ୍ଥା ନାହିଁ। ଭୋଟର କାର୍ଡ ବା ଆଧାର କାର୍ଡ ନାଗରିକ ପ୍ରମାଣପତ୍ର ନୁହେଁ। କିନ୍ତୁ ପିଆଇଓମାନେ ଆବେଦନକାରୀ ନାଗରିକମାନଙ୍କୁ ଭୋଟର କାର୍ଡ ବା ଆଧାର କାର୍ଡର କପି ଦାବି କରୁଛନ୍ତି। ଯଦି ଜଣେ ବିନା ପରିଚୟପତ୍ରରେ ଦରଖାସ୍ତ କରେ, ତେବେ ଦରଖାସ୍ତ ଖାରଜ କରାଯାଉଛି। ଏପରି ଭୟଙ୍କର ବ୍ୟବସ୍ଥା କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାର କରିନାହାନ୍ତି। ତତ୍କାଳୀନ ନବୀନ ସରକାର ଏହି ବ୍ୟବସ୍ଥା କରିଯାଇଛନ୍ତି, ଯାହାକି ଏବେ ମଧ୍ୟ ବଳବତ୍ତର ରହିଛି।

ତୃତୀୟତଃ, ସୂଚନା ଅଧିକାର ଆଇନର ଧାରା ୭(୫) ଅନୁଯାୟୀ ବିପିଏଲ୍ ହିତାଧିକାରୀମାନେ ଦରଖାସ୍ତ ଫିଜ୍ ଏବଂ ସୂଚନା ପାଇଁ ଫିଜ୍ ଦେବାର ଆବଶ୍ୟକତା ନାହିଁ। କିନ୍ତୁ ଓଡ଼ିଶା ନିୟମାବଳୀର ରୁଲ-୪ରେ ବ୍ୟବସ୍ଥା ଅଛି ଯେ ବିପିଏଲ୍ ବ୍ୟକ୍ତିମାନଙ୍କୁ କେବଳ ଦରଖାସ୍ତ ଫିଜ୍ ଦେବାକୁ ପଡ଼ିବ ନାହିଁ। ଅର୍ଥାତ୍ ସୂଚନା ପାଇଁ ଫିଜ୍ ଦେବାକୁ ପଡ଼ିବ। ୨୦୧୫ରେ ଏକ ରିଟ୍ ପିଟିସନ ୧୨୧୩୫/୨୦୧୫ର ଶୁଣାଣି କରି ହାଇକୋର୍ଟ ସୂଚନା ଆଇନ୍‌ର ଧାରା ୭(୫) ଆଧାରରେ ବିପିଏଲ୍ ବ୍ୟକ୍ତିଙ୍କୁ ବିନା ମୂଲ୍ୟରେ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସୂଚନା ଓ ଲୋକସମ୍ପର୍କ ବିଭାଗ ୨୧.୦୯.୨୦୧୫ରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ଓଡ଼ିଶା ନିୟମାବଳୀରେ ଏହାର ସଂଶୋଧନ ହେଲାନାହିଁ, ଫଳରେ ଏହି ନିୟମାବଳୀ ଆଧାରରେ ଏବେ ବି ଅନେକ ପି.ଆଇ.ଓ ସୂଚନା ପାଇଁ ଫିଜ୍ ଦେବାକୁ ବିପିଏଲ ହିତାଧିକାରୀଙ୍କୁ ବାଧ୍ୟ କରୁଛନ୍ତି।

ଚତୁର୍ଥତଃ ସୂଚନା ଅଧିକାର ଆଇନରେ ଅପିଲ ପାଇଁ ଫର୍ମ ଓ ଫିଜ୍ ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ଅପିଲ ପାଇଁ ଫର୍ମ କି ଫିଜ୍ ବ୍ୟବସ୍ଥା କରିନାହାନ୍ତି। କିନ୍ତୁ ଓଡ଼ିଶା ନିୟମାବଳୀରେ ପ୍ରଥମ ଅପିଲ ପାଇଁ ୨୦ ଟଙ୍କା ଓ ଦ୍ୱିତୀୟ ଅପିଲ ପାଇଁ ୨୫ଟଙ୍କା ଧାର୍ଯ୍ୟ କରିଛନ୍ତି, ଯାହାକି ବେଆଇନ୍।

ପଞ୍ଚମତଃ ସୂଚନା ଅଧିକାର ଆଇନ୍‌ର ଧାରା ୭ ଅନୁଯାୟୀ, ପିଆଇଓ କେବଳ ଆଇନର ଧାରା ୮ ଏବଂ ୯ ଅନୁଯାୟୀ ଦରଖାସ୍ତ ଖାରଜ କରିପାରିବେ। ଓଡ଼ିଶା ନିୟମାବଳୀରେ ଫର୍ମ- 'ସି' (ଦରଖାସ୍ତ ନାକଚର ସୂଚନା)ରେ ଦରଖାସ୍ତ ଖାରଜ ପାଇଁ ଅଦ୍ଭୁତ ଆଇନ ବିରୋଧୀ ବ୍ୟବସ୍ଥା କରାଯାଇଛି, ଯାହାର ପ୍ରତ୍ୟାହାର ଆବଶ୍ୟକ।

ଷଷ୍ଠତଃ ସୂଚନା ଅଧିକାର ଆଇନର ମୂଳ ନିୟମ ହେଲା ସ୍ଥାନୀୟ ଭାଷାରେ ସୂଚନା ପ୍ରଦାନ। ମାତ୍ର ଆମ ରାଜ୍ୟରେ ଅନେକ ସରକାରୀ ବିଭାଗ ଓ ସର୍ବୋପରି ସୂଚନା କମିଶନ ଇଂଲିଶ ଭାଷାରେ ସାଧାରଣ ଲୋକଙ୍କ ସହିତ ଚିଠିପତ୍ର, ତଥ୍ୟ ପ୍ରଦାନ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ, ଏହାର ପରିବର୍ତ୍ତନ ହୋଇନାହିଁ।

ସପ୍ତମତଃ ସୂଚନା କମିଶନରେ କେସ୍‌ଗୁଡ଼ିକର ଶୁଣାଣି ପାଇଁ ଦୀର୍ଘ ବର୍ଷ ଲାଗୁଥିବାରୁ କମିଶନରମାନେ କିପରି ଦିନକୁ ଅନ୍ୟୂନ ୩୦ଟିର ଶୁଣାଣି କରିପାରିବେ, ସେଥିପାଇଁ ଆଇନଗତ ବ୍ୟବସ୍ଥା ସରକାର କରିବା ଉଚିତ।

**ପ୍ରଦୀପ ପ୍ରଧାନ**
ରାଜ୍ୟ ଆବାହକ, ଓଡ଼ିଶା ସୂଚନା ଅଧିକାର ଅଭିଯାନ
ମୋ.ନଂ.-୯୯୩୭୮୪୩୪୮୨

# ୪ ମଲ୍ଟିଟ୍ରାକିଂ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ

## ଓଡ଼ିଶା ସମେତ ୬ ରାଜ୍ୟର ୧୩ ଜିଲ୍ଲାକୁ ସଂଯୋଗ କରିବ

ଭୁବନେଶ୍ୱର,୩୧।୭ (ଅନୁରାଧା ମହାରଣା)

ଓଡ଼ିଶା ସମେତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡର ୧୩ ଜିଲ୍ଲାକୁ ସଂଯୋଗ କରୁଥିବା ୪ଟି ମଲ୍ଟିଟ୍ରାକିଂ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏଥିମଧ୍ୟରେ ଓଡ଼ିଶାର କେନ୍ଦୁଝର ଜିଲା ରହିଛି। ଏହି ପ୍ରକଳ୍ପ ଭାରତୀୟ ରେଳପଥର ନେଟ୍‌ୱର୍କକୁ ପ୍ରାୟ ୫୭୪ କିଲୋମିଟର ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ମୂଲ୍ୟ ପ୍ରାୟ ୧୧,୧୬୯ କୋଟି ଟଙ୍କା ଏବଂ ଏହା ୨୦୨୮-୨୯ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତାବିତ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ପ୍ରାୟ ୪୩.୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୨୩୦୯ ଗ୍ରାମକୁ ସଂଯୋଗୀକରଣ ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ ସମୟରେ ପ୍ରାୟ ୨୨୯ ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ଏହି ୪ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ପ୍ରଧାନମନ୍ତ୍ରୀ-ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଉପରେ ଯୋଜନା କରାଯାଇଥିବାବେଳେ ଇଟାରସି ନାଗପୁର ଚତୁର୍ଥ ଲାଇନ, ଔରଙ୍ଗାବାଦ (ଛତ୍ରପତି ସମ୍ଭାଜିନଗର) - ପରଭଣୀ ଦୋହରୀକରଣ, ଆଲୁଆବାଡି ରୋଡ୍ - ନ୍ୟୁ ଜଲପାଇଗୁଡ଼ି ତୃତୀୟ ଓ ଚତୁର୍ଥ ଲାଇନ ଏବଂ କେନ୍ଦୁଝର ଡାଙ୍ଗୋଆପୋଷି-ଜରୋଲି ତୃତୀୟ ଓ ଚତୁର୍ଥ ଲାଇନ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ ରହିଛି। ଏହି ମାର୍ଗଗୁଡିକ କୋଇଲା, ସିମେଣ୍ଟ, କ୍ଲିଙ୍କର, ଜିପ୍‌ସମ, ଫ୍ଲାଏ ଆସ୍, କଣ୍ଟେନର, କୃଷି ସାମଗ୍ରୀ ଏବଂ ପେଟ୍ରୋଲିୟମ ଉତ୍ପାଦ ଇତ୍ୟାଦି ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ମାଲ ପରିବହନ କ୍ଷମତା ୯୫.୯୧ ଏମ୍‌ଟିପିଏ (ପ୍ରତିବର୍ଷ ନିୟୁତ ଟନ୍) ବଢିବ। ରେଳପଥ ପରିବେଶ ପାଇଁ ଅନୁକୂଳ ଏବଂ ପରିବହନର ଶକ୍ତି ସଂରକ୍ଷଣକାରୀ ମାଧ୍ୟମ ହୋଇଥିବାରୁ ଏହା ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚକୁ ହ୍ରାସ କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ ଦ୍ୱାରା ଆମଦାନୀ ହେଉଥିବା ଆନୁମାନିକ ୧୬ କୋଟି ଲିଟର ତୈଳ ହ୍ରାସ କରିବ ଏବଂ ଅଙ୍ଗାରକାମ୍ଳ ନିର୍ଗମନ ୫୧୫ କୋଟି କିଲୋଗ୍ରାମ ହ୍ରାସ କରିବ, ଯାହା ୨୦ କୋଟି ଗଛ ଲଗାଇବା ସହ ସମାନ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଏଡିଟିଂ କରି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଫଟୋ ଭାଇରାଲ

# ଏସ୍‌ପିଙ୍କୁ ଅଭିଯୋଗ କଲା ଭାଜପା ଯୁବମୋର୍ଚ୍ଚା


ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏସ୍‌ପି ମନୋଜ ରାଉତଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

ଭଦ୍ରକ,୩୧।୭(ସନାତନ ରାଉତ)

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଫଟୋ ଏଡିଟିଂ କରି ଡ୍ୟାନ୍ସ ବାର୍‌ରେ ନାଚୁଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରାଯାଇଛି। ଏନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ଅପରାହ୍ନ ୫ଟାରେ ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଯୁବମୋର୍ଚ୍ଚାର ଜିଲା ସଭାପତି ଦେବାଂଶୁ ରାଉତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଉଦ୍ଦେଶ୍ୟରେ କେତେଜଣ ବ୍ୟକ୍ତି ଓ ଏକ ୱେବ୍ ଚ୍ୟାନେଲ ଡ୍ୟାନ୍ସ ବାର୍‌ରେ ନାଚୁଥିବାର ଏକ ଫଟୋରେ ମନ୍ତ୍ରୀଙ୍କ ଫଟୋ ଏଡିଟିଂ କରି ଭାଇରାଲ କରିଛନ୍ତି। ସେମାନଙ୍କ ବିରୋଧରେ ମାମଲା ରୁଜୁ କରି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

## ଆଦିବାସୀ ପରମ୍ପରା କଟକଣାର ଶିକାର ହେଲେ ୨ ଯୁବକ

# କାଉଙ୍କ ମିଳନ ଦେଖିବାରୁ ଜୀବନ୍ତଙ୍କୁ ମୃତ ଘୋଷଣା

ଜୟପୁର,୩୧।୭(ପବନ ପାଣିଗ୍ରାହୀ)

ବିଜ୍ଞାନ ଯୁଗରେ ବି କମୁନାହିଁ ଅନ୍ଧବିଶ୍ୱାସ। ଏବେ ମଧ୍ୟ ଆଦିବାସୀଙ୍କୁ ଏହା କବଳିତକରି ରଖିଛି। ପରମ୍ପରା ନାଁରେ ଦିଆଯାଉଛି ବଳଦ ଦଣ୍ଡ ଓ କାହାକୁ ମୃତ ଘୋଷଣା କରାଯାଉଛି। ଏଭଳି ଏକ ଆଦିବାସୀ ପରମ୍ପରା କଟକଣାର ଶିକାର ହୋଇଛନ୍ତି ୨ ଯୁବକ। କୋରାପୁଟ ଜିଲା ଜୟପୁର ସହରଠାରୁ ୧୦ କି.ମି. ଦୂର ରଣ୍ଡାପାଲି ପଞ୍ଚାୟତ ପାତ୍ରଗୁଡ଼ା ଗାଁରେ ୨ ଜୀବନ୍ତ ଯୁବକଙ୍କୁ କାଉଙ୍କ ମିଳନ ଦେଖିବାରୁ ଗ୍ରାମବାସୀ ମୃତ ଘୋଷଣା କରିଛନ୍ତି। ଗୁରୁବାର ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଛି।


ଗ୍ରାମବାସୀ ୨ ଯୁବକଙ୍କ ପ୍ରତୀକାତ୍ମକ କୁଶ ପୁତ୍ତଳିକା ସତ୍କାର ପାଇଁ ନେଉଛନ୍ତି।

ସୂଚନା ଅନୁଯାୟୀ, ପାତ୍ରଗୁଡ଼ା ଗାଁର ୨ ଯୁବକ କାଉଙ୍କ ମିଳନ ଦେଖି ଦେବାରୁ ଅନ୍ଧବିଶ୍ୱାସ ସ୍ଥାପନ ଓ ଆଦିବାସୀ ପରମ୍ପରା ଅନୁସାରେ ପ୍ରଥମେ ସେମାନଙ୍କୁ ଗ୍ରାମବାସୀ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ରୀତିନୀତି ଅନୁସାରେ ଅନ୍ତିମ ସତ୍କାର କରିବା ପ୍ରକ୍ରିୟାରେ ମୃତଦେହ ବଦଳରେ ପ୍ରତୀକାତ୍ମକ କୁଶ ପୁତ୍ତଳିକା କୋକେଇରେ ନେଇ ଯାଉଥିବା ଦୃଶ୍ୟ ବର୍ତ୍ତମାନ ମୋବାଇଲରୁ ମୋବାଇଲ ଭାଇରାଲ ହେବାରେ ଲାଗିଛି। ଗାଁ ଲୋକେ ମୃତଦେହ ସତ୍କାର କରି ଘରକୁ ଫେରିଥିଲେ। ସତ୍କାର କାର୍ଯ୍ୟ ସାରି ପରିବାର ଓ ସମ୍ପର୍କୀୟମାନେ ପିତା ଖାଇଛନ୍ତି। ଏହା ପରେ ବାହାରେ ଥିବା ୨ ଯୁବକଙ୍କୁ ଘରକୁ ଅଣାଯାଇଥିଲା। ପ୍ରକାଶ ଯେ, ଆଦିବାସୀ ସମ୍ପ୍ରଦାୟରେ ଦୁଇ କାଉଙ୍କ ମିଳନ ଦେଖିଲେ ଅଶୁଭ ହୋଇଥାଏ। ଏଭଳି ଦୃଶ୍ୟ ଦେଖିଥିବା ଲୋକଙ୍କ କାଳେ ମୃତ୍ୟୁ ହେଉଥିବା ସେମାନଙ୍କ ବିଶ୍ୱାସ ରହିଛି। ପରମ୍ପରା ଅନୁସାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ପରେ ଯେପରି ଶୁଦ୍ଧିକ୍ରିୟା କରାଯାଏ ତାହା କରାଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

# ୨୦ଲକ୍ଷ ବିସ୍ଥାପିତଙ୍କ ପାଇଁ କଂଗ୍ରେସ ଲଢ଼ିବ: ଭକ୍ତ

ଭୁବନେଶ୍ୱର,୩୧।୭ (ରବିନାରାୟଣ ଜେନା)



ରାଜ୍ୟ ସରକାର ଲକ୍ଷାଧିକ ଏକର ଜମି ବୃହତ୍ କମ୍ପାନୀଗୁଡ଼ିକୁ ଶାଗମାଛ ଦରରେ ଟେକି ଦେଉଛନ୍ତି। ହେଲେ ଯେଉଁ ଆଦିବାସୀ, ଅଣଆଦିବାସୀଙ୍କୁ ବିସ୍ଥାପିତ କରାଯାଉଛି, ସେମାନଙ୍କୁ ତାଙ୍କର ନ୍ୟାଯ୍ୟ ଅଧିକାର ଦେଉନାହାନ୍ତି। ଫଳରେ ରାଜ୍ୟର ୨୦ ଲକ୍ଷ ବିସ୍ଥାପିତଙ୍କୁ ଦୀର୍ଘବର୍ଷ ଧରି ପଟ୍ଟା ମିଳିପାରୁ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଗୁରୁବାର କଂଗ୍ରେସ ଭବନଠାରେ ଏଆଇସିସି ମାନବାଧିକାର ସଙ୍ଗଠନ ପକ୍ଷରୁ ପ୍ରାୟ ୧୫ ଗୋଟି ଜିଲାରୁ ଆସିଥିବା କର୍ମକର୍ତ୍ତା ସମାବେଶରେ ଭକ୍ତ କହିଥିଲେ, ଖଣି ଖାଦାନ ପାଇଁ ହଜାର ହଜାର ଲୋକଙ୍କୁ ବିନା ସରକାରୀ ଭରଣାରେ ନିଜ ଜଙ୍ଗଲ ଜମିରୁ ବିସ୍ଥାପିତ କରାଯାଉଛି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ଠିକଣା ସମୟରେ ତାଙ୍କର ନ୍ୟାଯ୍ୟ ହକ୍ ପ୍ରଦାନ କରାଯାଉ ନ ଥିବାରୁ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡୁଛି। ଏହାକୁ କଂଗ୍ରେସ ବରଦାସ୍ତ କରିବ ନାହିଁ। କଂଗ୍ରେସ ଏବେ ନାରୀଙ୍କୁ ନ୍ୟାୟ ପାଇଁ ଲଢ଼େଇ କରୁଥିବାବେଳେ ଆଗାମୀ ଦିନରେ ବେଆଇନ ବିସ୍ଥାପନ ଓ ଉତ୍କଟ ବେକାରି ସମସ୍ୟା ବିରୋଧରେ ତୀବ୍ର ଆନ୍ଦୋଳନ କରିବ। ସେ କହିଥିଲେ, ଉପକୂଳ ଓଡ଼ିଶାରେ ବର୍ତ୍ତମାନ କଂଗ୍ରେସ ସକ୍ରିୟ ହେବାରେ ଲାଗିଛି। ପ୍ରତ୍ୟେକ ଜିଲାରେ କଂଗ୍ରେସକର୍ମୀଙ୍କ ମଧ୍ୟରେ ଏବେ ଉତ୍ସାହ ଦେଖାଦେଇଛି। ସମସ୍ତଙ୍କ ସହଯୋଗରେ କଂଗ୍ରେସ ଶକ୍ତିଶାଳୀ ହୋଇପାରିବ; ଯାହାଦ୍ୱାରା କି ଆଗାମୀ ଦିନରେ ବିସ୍ଥାପିତ ଏବଂ ନାରୀଙ୍କ ପାଇଁ ଲଢ଼େଇ କରି ତାଙ୍କୁ ନ୍ୟାୟ ପ୍ରଦାନ କରିପାରିବ ବୋଲି ପିସିସି ସଭାପତି କହିଥିଲେ।

ଏହି ଅବସରରେ ହ୍ୟୁମ୍ୟାନ ରାଇଟ୍‌ସ ଓଡ଼ିଶା ଶାଖାର ସଭାପତି ସୁରେନ ଶତପଥୀ କହିଥିଲେ, ବିସ୍ଥାପିତ ଏବେ ବଡ଼ ଆହ୍ୱାନ ହୋଇ ଛିଡ଼ା ହୋଇଛି। ହେଲେ ସରକାର ଏଥିପ୍ରତି ତିଳେ ହେଲେ ଗୁରୁତ୍ୱ ଦେଉ ନାହାନ୍ତି। ଆଗାମୀ ଦିନରେ ଏନେଇ ଆନ୍ଦୋଳନକୁ ଜୋରଦାର କରାଯିବ। ଏହି ସଭାରେ ହ୍ୟୁମାନ ରାଇଟ୍‌ସ ଓଡ଼ିଶା ଶାଖାର ଉପସଭାପତି ଡକ୍ଟର ଯତୀନ ଦିଗାଳ, ସଂଯୋଜକ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଖୋଲିବ ଭିତରକନିକା

ରାଜନଗର, ୩୧।୭ (ଭାସ୍କର ରାଉତରାୟ)

ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଶୁକ୍ରବାର ଭିତରକନିକା ଜାତୀୟ ଉଦ୍ୟାନ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ ୧ରୁ ଜୁଲାଇ ୩୧ ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥାଏ। ଏହି ସମୟରେ ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିତରକନିକାରେ ପ୍ରବେଶ ଉପରେ କଟକଣା ଲାଗିଥାଏ। ଖୋଲିବା ପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପର୍ଯ୍ୟଟକମାନେ ଭିତରକନିକା ମଧ୍ୟକୁ ପ୍ରବେଶ କରିବାକୁ ହେଲେ ପରିଚୟପତ୍ର ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକମାନେ ଗୁପ୍ତି, ଚାନ୍ଦବାଲି, ଖୋଲା ଓ ଡାଙ୍ଗମାଳ ପ୍ରଭୃତି ୪ଟି ପ୍ରବେଶ ପଥ ଦେଇ ଭିତରକନିକା ମଧ୍ୟକୁ ପ୍ରବେଶ କରିପାରିବେ। ଭିତରକନିକାରେ ପର୍ଯ୍ୟଟକମାନେ ଜଳପଥରେ ବଉଳା କୁମ୍ଭୀର, ଦେଶୀ ଓ ବିଦେଶୀ ପକ୍ଷୀ, ହରିଣ, ବାର୍‌ହା, ସମ୍ବର, ଝିଙ୍କ ଆଦି ନାନା ପଶୁପକ୍ଷୀ ଓ ମ୍ୟୁଜିୟମ ଦେଖିବା ସହ ବନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପ୍ରଥମ ସ୍କାଏ ୱାକ୍ ବ୍ରିଜ, ୱାଚ୍ ଟାୱାର, ସେଲ୍‌ଫି ପଏଣ୍ଟ, ମ୍ୟାନଗ୍ରୋଭ ମେଟା ନର୍ସରୀ, ବୋଟ ଲାଇବ୍ରେରି, ଶହୀଦ ସ୍ତମ୍ଭ, କୁମ୍ଭୀର ପ୍ରଜନନ କେନ୍ଦ୍ର ଆଦି ଦେଖିପାରିବେ। ଯନ୍ତ୍ରଚାଳିତ ବୋଟ ସହ ବନବିଭାଗ ପକ୍ଷରୁ ଡାଙ୍ଗମାଳ ଓ ଗୁପ୍ତିଠାରେ ରହିଥିବା ଫାଇବର ବୋଟରେ ମଧ୍ୟ ପର୍ଯ୍ୟଟକମାନେ ବୁଲି ଭିତରକନିକାର ଶୋଭା ଉପଭୋଗ କରିପାରିବେ। ଚଳିତବର୍ଷ ଭିତରକନିକାକୁ ସମ୍ପୂର୍ଣ୍ଣ ଭାବେ ପଲିଥିନମୁକ୍ତ କରାଯାଇଛି। ପର୍ଯ୍ୟଟକମାନେ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ଜାତୀୟ ଉଦ୍ୟାନ ମଧ୍ୟକୁ ନ ଆଣିବାକୁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।


# ମାସେ ଭିତରେ ଆଇସିସି କମିଟି ଗଠନ ନ କଲେ ଦରମା ବନ୍ଦ

ଭୁବନେଶ୍ୱର,୩୧।୭(ସୁଚିସ୍ମିତା ସାହୁ)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ପରେ ଛାତ୍ରୀ ଓ ମହିଳାଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସେମାନେ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି କର୍ମକ୍ଷେତ୍ରରେ ଯେମିତି ସୁରକ୍ଷିତ ରହିପାରିବେ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ମହାବିଦ୍ୟାଳୟଗୁଡିକରେ ତୁରନ୍ତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାସେ ମଧ୍ୟରେ ଆଇସିସି କମିଟି ଗଠନ ନ କରାଗଲେ ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷଙ୍କ ଦରମା ବନ୍ଦ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ମାସେ ଭିତରେ ସବୁ କଲେଜରେ ଆଇସିସି କମିଟି ଗଠନ କରିବାକୁ ଟାର୍ଗେଟ ଦିଆଯାଇଛି। ଯେଉଁମାନେ ଭୁଲ୍ ଅଭିଯୋଗ କରିବେ, ସେମାନଙ୍କ ଉପରେ ପୋଶ ଆକ୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲୋକସେବା ଭବନରୁ ଆରମ୍ଭ ହୋଇଥିବା ପୋଶ ଆକ୍ଟର ସଚେତନତା କାର୍ଯ୍ୟକ୍ରମ ଆଗକୁ ବ୍ଲକସ୍ତରରେ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

# ସୁସ୍ଥ ଫୁସ୍‌ଫୁସ୍ ପାଇଁ ନିଶାଦ୍ରବ୍ୟ ବର୍ଜନ କରନ୍ତୁ

## ଆଜି ବିଶ୍ୱ ଫୁସ୍‌ଫୁସ୍ କ୍ୟାନ୍‌ସର ଦିବସ



ବିଶେଷଭାବରେ ଧୂମପାନ ହିଁ ଫୁସ୍‌ଫୁସ୍ କ୍ୟାନ୍‌ସର ପ୍ରଧାନ କାରଣ। ସିଗାରେଟ୍, ବିଡ଼ି, ପିକା ଇତ୍ୟାଦିତମାଖୁଜାତୀୟ ଦ୍ରବ୍ୟ ଏହି ଶ୍ରେଣୀ ଅର୍ନ୍ତଭୁକ୍ତ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ପାଖାପାଖି ୯୦ ପ୍ରତିଶତ ପୁରୁଷ ଏବଂ ୬୦ ପ୍ରତିଶତ ମହିଳା ଧୂମପାନ ସହ ଜଡିତ। ଏହାବ୍ୟତୀତ ଧୂମପାନକାରୀ ଛାଡୁଥିବା ଧୂଆଁ ସୁସ୍ଥ ଲୋକଙ୍କର ଫୁସ୍‌ଫୁସ୍‌କୁ ପ୍ରବେଶ କରି ସେମାନଙ୍କଠାରେ ରୋଗ ଜାତ କରାଇଥାଏ। ତେବେ ଏ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅଗଷ୍ଟ ୧ ତାରିଖକୁ 'ବିଶ୍ୱ ଫୁସ୍‌ଫୁସ୍ ଦିବସ' (ୱାର୍ଲ୍ଡ ଲଙ୍ଗସ କ୍ୟାନ୍‌ସର ଡେ) ଭାବରେ ପାଳନ କରାଯାଇଆସୁଅଛି। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି-'ଦୃଢ଼ ଭାବରେ ଏକତ୍ରିତ ହେବା : ଫୁସ୍‌ଫୁସ କ୍ୟାନ୍‌ସର ସଚେତନତା ପାଇଁ ଏକାଠି ହେବା'। ଏ ବିଷୟରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, 'ଫୁସ୍‌ଫୁସ୍ କ୍ୟାନ୍‌ସର ଏବେ ବିଶେଷଭାବରେ ପାଶ୍ଚାତ୍ୟ ଦେଶଗୁଡିକରେ ଅଧିକ କାୟା ବିସ୍ତାର କରୁଛି। ଏକ ହିସାବ ଅନୁଯାୟୀ, ଯଦି ଗୋଟିଏ ପରିବାରର ଜଣେ ଦିନକୁ ୨୦ଟି ସିଗାରେଟ୍ ଟାଣୁଥାଆନ୍ତି, ତେବେ ସିଗାରେଟ୍ ଧାର ଧାରୁ ନ ଥିବା ପରିବାର ଅନ୍ୟମାନେ ବର୍ଷକୁ ୫୦ଟି ସିଗାରେଟ୍ ଟାଣିବାର କ୍ଷତି ସହନ୍ତି। ଏମାନଙ୍କୁ 'ପରୋକ୍ଷ ଧୂମପାନକାରୀ' କୁହାଯାଏ। ଏହି କ୍ୟାନ୍‌ସରର କେତୋଟି ପ୍ରମୁଖ ଲକ୍ଷଣ ରହିଛି। ସେଗୁଡିକ ହେଲା ଶୁଖିଲା କାଶ ହେବା, କାଶରେ ରକ୍ତ ପଡିବା, ଛାତିରେ ଯନ୍ତ୍ରଣା, ଦରଜ ଅନୁଭବ, ଭୋକ ମରିଯିବା, ଶରୀରର ଓଜନ ହ୍ରାସ ପାଇବା ଏବଂ ହଠାତ୍ ଦୁର୍ବଳ ଅନୁଭବ କରିବା। କିନ୍ତୁ କ୍ୟାନ୍‌ସର କୋଷିକାମାନ ଫୁସ୍‌ଫୁସ୍‌ରୁ ବାହାରି ଶରୀରର ଅନ୍ୟ ଅଂଶଗୁଡିକରେ ପହଞ୍ଚି ଯାଆନ୍ତି ଏବଂ ସେହି ଅଂଶଗୁଡିକୁ କ୍ୟାନସର ଆକ୍ରାନ୍ତ କରିଦିଅନ୍ତି। ଏହି ଉପାୟରେ ହାଡ, ମସ୍ତିଷ୍କ, ଯକୃତ, କିଡ୍‌ନୀ ଆଦି ପରୋକ୍ଷରେ ରୋଗଗ୍ରସ୍ତ ହୋଇପଡନ୍ତି। ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଫୁସ୍‌ଫୁସ୍ କ୍ୟାନ୍‌ସର ମହିଳାମାନଙ୍କ ତୁଳନାରେ ପୁରୁଷମାନଙ୍କୁ ଅଧିକ ହୋଇଥାଏ। ଏହି ରୋଗ ବିଶେଷଭାବରେ ୪୦ରୁ ୬୦ ବର୍ଷ ବୟସ ଭିତରେ ଦେଖାଯାଇଥାଏ। ଏହି ରୋଗକୁ ନିର୍ଣ୍ଣୟ କରିବା ପାଇଁ ଛାତିରେ ଏକ୍ସ-ରେ, କଫର କୋଷିକାଗୁଡ଼ିକର ପରୀକ୍ଷା , ସିଟି ସ୍କାନ୍, ଏମ୍‌ଆରଆଇ ଆଦି କରାଯାଏ। ତେବେ ଏହି ରୋଗଟିକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରାଯାଇ ପାରିଲେ ଶଲ୍ୟ ଚିକିତ୍ସା ମାଧ୍ୟମରେ ସେଥିରୁ କିଛି ଉପଶମ ମିଳିଥାଏ। ଏଭଳି ସମସ୍ୟା ଠାରୁ ନିଜକୁ ଦୂରେଇ ରଖିବା ପାଇଁ ଧୂମପାନ ଅଭ୍ୟାସ ବର୍ଜନ କରନ୍ତୁ। ତମାଖୁ ବା ଧୂଆଁପତ୍ରରେ ରହିଥିବା ନିକୋଟିନ୍ ନାମକ ବିଷାକ୍ତ ଉପାଦାନ ଅତି ମାରାତ୍ମକ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖି ପାରିଲେ ଜଣେ ସୁସ୍ଥ ଜୀବନ ଯାପନ କରିପାରିବ।''

# ୩ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୩୧।୭ (ଅନୁରାଧା ମହାରଣା)

ସାରା ରାଜ୍ୟରେ ଗୁରୁବାର ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ତେବେ ଶୁକ୍ରବାର ୩ ଜିଲା କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ୧୭ ଜିଲା ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର ଆଦି ଜିଲାକୁ ଘଡ଼ଘଡ଼ି ଓ ବିଜୁଳି ଭୟ ରହିଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ସଂଖ୍ୟାଲଘୁ ସମ୍ପ୍ରଦାୟ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଦୁର୍ଭାଗ୍ୟଜନକ: ବିଜେଡି

## ଯାଜପୁର ଜିଲାରେ କର୍ତ୍ତବ୍ୟରତ ମହିଳା ପୋଲିସ ବି ସୁରକ୍ଷିତ ନାହାନ୍ତି

ଭୁବନେଶ୍ୱର, ୩୧।୭(ସୁନୀତ ମିଶ୍ର)



ନାରୀ ନିର୍ଯାତନାକୁ ନେଇ ସମଗ୍ର ରାଜ୍ୟ ଉଦ୍‌ବିଗ୍ନ ଥିଲାବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଘଟଣାରେ ପୋଲିସ ଏତଲା ଗ୍ରହଣ ନ କରିବା ଉଦ୍‌ବେଗଜନକ ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଭାଜପା ସରକାରରେ ମହିଳା ଓ ଛାତ୍ରୀମାନେ ପ୍ରତିଦିନ ନିର୍ଯାତନାର ଶିକାର ହେଉଥିବା ବେଳେ ଯାଜପୁର ଜିଲାରେ ଏକ ଅଭାବନୀୟ ନିର୍ଯାତନାର ଖବର ସାମ୍ନାକୁ ଆସିଛି। ଭାଜପା ସଂଖ୍ୟାଲଘୁ ସେଲ୍‌ର ସଭାପତିଙ୍କ ସ୍ତ୍ରୀଙ୍କୁ ତାଙ୍କ ଝିଅ ସାମ୍ନାରେ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ନିର୍ଯାତନାର ଶିକାର ହେବାକୁ ପଡ଼ିଛି। ପୋଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଏତଲାକୁ ପୋଲିସ ଏ ପର୍ଯ୍ୟନ୍ତ ଗ୍ରହଣ କରୁନାହିଁ। ତାଙ୍କ ସ୍ୱାମୀଙ୍କୁ ଧର୍ମଶାଳାରେ ବ୍ୟବସାୟ କରିବା ପାଇଁ ହେଲେ ମାସିକ ଦାଦାବାଟି ଦେବାକୁ ପଡ଼ିବ ବୋଲି ବିଧାୟକ ଧମକ ଦେଉଛନ୍ତି ବୋଲି ସେ ତାଙ୍କ ଏତଲାରେ ଦର୍ଶାଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସେହିପରି ଯାଜପୁର ଜିଲାରେ ଜଣେ କର୍ତ୍ତବ୍ୟରତ ମହିଳା ଏଏସ୍‌ଆଇଙ୍କୁ ଥାନା ଭିତରେ ଭାଜପା ସମର୍ଥକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଅପମାନିତ କରିଥିଲେ। ଏହି ଘଟଣାକୁ ନେଇ ମହିଳା ଏଏସ୍‌ଆଇ ଯାଜପୁର ପୋଲିସ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରୁ ଜଣାପଡୁଛି ଧର୍ମଶାଳା ବିଧାୟକଙ୍କ ଧନବଳ ଆଗରେ ରାଜ୍ୟ ଭାଜପା ସଭାପତି ଓ ମୁଖ୍ୟମନ୍ତ୍ରୀ ଅସହାୟ ହୋଇପଡ଼ିଛନ୍ତି। ସେହିପରି ଦଳର ମୁଖପାତ୍ର ସୋଫିଆ ଆଲାମ କହିଛନ୍ତି, ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନେ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ।

# ଯୁବକଙ୍କୁ କାଠଫାଳିଆରେ ପିଟି ହତ୍ୟା, ୨ ଅଟକ

ପାଟଣା,୩୧।୭(ଟାରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅଙ୍କୁରା ଉପରସାହିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସାହିର ଗଙ୍ଗାଧର ନାୟକ(୨୮)। ଏ ନେଇ ଯୁବକଙ୍କ ବାପା ଭକ୍ତବନ୍ଧୁ ନାୟକ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାରେ ୨ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ଗଙ୍ଗାଧର ବୁଧବାର ସନ୍ଧ୍ୟାରେ ବୈତରଣୀ ନଦୀ ବଢ଼ି ଦେଖିବାକୁ ଯାଇଥିଲେ। ଏହି ସମୟରେ ଅଙ୍କୁରା ଝପାସାହିର ଦୀନବନ୍ଧୁ ପାତ୍ର, ତାଙ୍କ ସ୍ତ୍ରୀ ହାରାମଣି, ପୁଅ ସୌମ୍ୟରଞ୍ଜନ ଓ ବୋହୂ ବିଜୁଳି ଛିଡ଼ାହୋଇଥିଲେ। କୌଣସି କାରଣରୁ ଗଙ୍ଗାଧର ହାରାମଣିଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ସୌମ୍ୟରଞ୍ଜନ ଗଙ୍ଗାଧରଙ୍କୁ ଅଟକାଇ ଟେକିନେଇଥିଲେ। ସେଠାରେ ହାତଗୋଡ଼ ବାନ୍ଧି ସପରିବାରେ କାଠଫାଳିଆରେ ମାଡ଼ ମାରିଥିଲେ। ପରେ ସୌମ୍ୟରଞ୍ଜନ ଚଳାଉଥିବା ପାୱାର ଟିଲର ମାଲିକ ଲକି ନାୟକଙ୍କୁ ଫୋନ୍‌କରି ଭକ୍ତବନ୍ଧୁଙ୍କୁ ଘଟଣା ସମ୍ପର୍କରେ ଜଣାଇବାକୁ କହିଥିଲେ। ଭକ୍ତବନ୍ଧୁ ପୁତୁରାଙ୍କ ସହ ଘଟଣାସ୍ଥଳକୁ ଯିବା ବାଟରେ ଗଙ୍ଗାଧରଙ୍କୁ ଦେଖିଥିଲେ। ତେବେ ରାତି ହୋଇଯାଇଥିବାରୁ ତାଙ୍କୁ ହସ୍ପିଟାଲ ନ ନେଇ ଘରକୁ ଆଣିଥିଲେ। ଗୁରୁବାର ସକାଳେ ଗଙ୍ଗାଧରଙ୍କୁ ତାଙ୍କ ମା' ଚା' ପିଇବାକୁ ଉଠାଇବାକୁ ଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜାଣିଥିଲେ। ଏନେଇ ଭକ୍ତବନ୍ଧୁ ପାଟଣା ଥାନାରେ ଗଙ୍ଗାଧରଙ୍କୁ ଅତ୍ୟଧିକ ମାଡ଼ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ଗଙ୍ଗାଧରଙ୍କ ସାମାନ୍ୟ ମାନସିକ ବିସ୍ତୃତ ଥିଲା। ସେ ଚିକିତ୍ସା ହୋଇ ସୁସ୍ଥ ହୋଇଯାଇଥିଲେ ବୋଲି ଭକ୍ତ କହିଛନ୍ତି। ଘଟଣାସ୍ଥଳରେ ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ପାଟଣା ଥାନା ଅଧିକାରୀ ମାନସ କୁମାର ମହାନ୍ତ, ଏସ୍‌ଆଇ ଲକ୍ଷ୍ମଣ ମାଝୀ, ଏଏସ୍‌ଆଇ ସରୋଜ କୁମାର ରେଡୀ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଦୀନବନ୍ଧୁ ଓ ତାଙ୍କ ସ୍ତ୍ରୀ ହାରାମଣିଙ୍କୁ ଉଠାଇନେଇ ଥାନାରେ ପଚରାଉଚରା କରୁଛି। ଘଟଣାରେ ସମ୍ପୃକ୍ତ ସୌମ୍ୟରଞ୍ଜନ ଓ ବିଜୁଳି ଫେରାର ଅଛନ୍ତି। ଥାନା ଅଧିକାରୀ ମହାନ୍ତ କହିଛନ୍ତି, ଏକ ମାମଲା (ନଂ.୧୭୫/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟହେବ ବୋଲି ମହାନ୍ତ କହିଛନ୍ତି।

# ରାସ୍ତାକଡ଼ ବିଲରୁ ମିଳିଲା ଚାଷୀଙ୍କ ମୃତଦେହ: ହତ୍ୟା ସନ୍ଦେହ

ଭଦ୍ରକ,୩୧।୭(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲଟୁଆ ପଞ୍ଚାୟତର କୁଶଗଡ଼ିଆ ନିକଟସ୍ଥ ରାସ୍ତାକଡ଼ ବିଲରୁ ଜଣେ ଚାଷୀଙ୍କ ମୃତଦେହ ଗୁରୁବାର ସକାଳେ ପୋଲିସ ଜବତ କରିଛି। ମୃତକ ହେଲେ ଗେଲଟୁଆ ଗ୍ରାମର ସନ୍ତୋଷ ମଲ୍ଲିକ(୬୨)। ଘରୁ ବାହାରି ଆସିବାର ମାତ୍ର ଅଧଘଣ୍ଟା ପରେ ମୃତଦେହ ମିଳିଥିବା ବେଳେ ପରିବାର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏନେଇ ତାଙ୍କ ପୁଅ ଉଦୟ କୁମାର ମଲ୍ଲିକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛି।

ଉଦୟଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବାପା ପ୍ରାତଃ ସାଢ଼େ ୫ଟା ବେଳେ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ବାଇକ୍‌ରେ ପାଖ ଗାଁ ବଗମରା ଅଭିମୁଖେ ଯାଉଥିଲେ। ସକାଳ ୬ଟା ବେଳେ ଉକ୍ତ ସ୍ଥାନରେ ତାଙ୍କ ମୃତଦେହ ପଡ଼ିଥିବା ଘରକୁ ଖବର ଆସିଥିଲା। ତାଙ୍କ ଶାର୍ଟ ଚିରିଯାଇଥିବା ବେଳେ ମୁହଁରେ ମାଡ଼ ଦାଗ ସହ ରକ୍ତ ବାହାରୁଥିବା ଦେଖାଯାଉଛି। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ହେଉଥିବା ଉଦୟ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୮/୨୫) ରୁଜୁ ହୋଇଛି।


ମୃତଦେହ ପଡ଼ିଥିବା ସ୍ଥାନରେ ଲୋକଙ୍କ ଭିଡ଼।

# ଛାତ୍ରୀଙ୍କୁ ଅସଦାଚରଣ, ଟ୍ୟୁଶନ ସାର୍ ଗିରଫ

ପାତ୍ରପୁର,୩୧।୭ (ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡ଼ା ଥାନା ଅଧୀନସ୍ଥ ପଦାରିଗି ପଞ୍ଚାୟତ ଅଞ୍ଚଳର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଟ୍ୟୁଶନ ସାର୍ ଗୁରୁବାର ଗିରଫ ହୋଇଛନ୍ତି। ସେ ହେଲେ ଦାମୋଦରପଲ୍ଲୀର ଗଣେଶ ପ୍ରଧାନ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜରଡ଼ା ଥାନା ଅଧିକାରୀ ଚୁନା ସାସମଲ ସୂଚନା ଦେଇଛନ୍ତି। ଗଣେଶ ଗ୍ରାମରେ କେତେଜଣ ପିଲାଙ୍କୁ ପାଠ ପଢ଼ାଉଥିଲେ। ଷଷ୍ଠ ଶ୍ରେଣୀ ଛାତ୍ରୀ ଜଣଙ୍କ ସବୁଦିନ ଭଳି ବୁଧବାର ସନ୍ଧ୍ୟାରେ ତାଙ୍କ ପାଖକୁ ଟ୍ୟୁଶନ ଯାଇଥିଲେ। ଗଣେଶ ପାଠ ନ ପଢ଼ାଇ ତାଙ୍କୁ ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟକୁ ଡାକିନେଇ ଅସଦାଚରଣ କରିଥିଲେ। ନାବାଳିକା ଛାତ୍ରୀ ଜଣଙ୍କ ପାଟି କରିବାରୁ ସେ ଛାଡ଼ିଦେଇଥିଲେ। ନାବାଳିକା ଫେରିଆସି ପରିବାର ଲୋକଙ୍କୁ କହିବା ପରେ ଜରଡ଼ା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଗାଁରେ ପହଞ୍ଚି ଅଭିଯୁକ୍ତ ଗଣେଶଙ୍କୁ କାବୁ କରିଥିଲା। ଏ ନେଇ ନଂ. ୨୭୩/୨୫ରେ ମାମଲା ରୁଜୁ ହୋଇଛି।


ଗଣେଶ ପ୍ରଧାନ।

# ୬ ମାଓବାଦୀ ଗିରଫ



ମାଲକାନଗିରି,୩୧।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁର ଜିଲା ବାସାଗୁଡ଼ା ଅଞ୍ଚଳରୁ ୨ ମହିଳାଙ୍କ ସମେତ ୬ ମାଓବାଦୀଙ୍କୁ ସୁରକ୍ଷା କର୍ମୀ ଗିରଫ କରିଛନ୍ତି। ଡିଆରଜି ଓ କୋବ୍ରା ବାଟାଲିୟନ ସେହି ଗାଁ ନିକଟ ମାଲାପାଲି ଜଙ୍ଗଲ ଅଞ୍ଚଳରେ କୋମ୍ବିଂ କରୁଥିବା ସମୟରେ ଏମାନଙ୍କୁ ଗିରଫ କରିଥିଲେ। ସୂଚନା ମୁତାବକ ମାଲାପାଲି ଜଙ୍ଗଲରେ ମାଓବାଦୀମାନେ ଥିବା ଖବର ପାଇ ଯବାନମାନେ ସେହି ଜଙ୍ଗଲକୁ ଚତୁଃପାର୍ଶ୍ୱରୁ ଘେରି ୬ଜଣଙ୍କୁ ଧରିଥିଲେ। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ନାମରେ ୧ ଲକ୍ଷ ଲେଖାଏ ପୁରସ୍କାର ରାଶି ଥିବା ଜଣାପଡ଼ିଛି। ସେହି ଅଞ୍ଚଳରେ କୋମ୍ବିଂକୁ ଜୋର୍‌ଦାର କରାଯାଇଛି।

# ବିଧାୟକଙ୍କ ଭଡ଼ାଘରୁ ଚୋରି

ଝାରସୁଗୁଡ଼ା, ୩୧।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଟାଉନଥାନା ଅଧୀନ ସରବାହାଲ ନିକଟ ଶାନ୍ତି ଆପାର୍ଟମେଣ୍ଟର ୨୦୫ ନମ୍ବର ଫ୍ଲାଟ୍‌ରେ ଭଡ଼ାରେ ରହୁଥିବା ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବାସଭବନରୁ ଜୁଲାଇ ୨୯ ତାରିଖରେ ସିସିଟିଭିର ଡିଭିଆର୍ ଚୋରି ହୋଇଛି। ଉକ୍ତ ଫ୍ଲାଟ୍‌ରେ ରହୁଥିବା ପଡୋଶୀ ଗୋପାଲ ଲୋଧା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୦୪/୨୫) ରୁଜୁ କରିଛି। ହେଲେ ଚୋରି କରିଥିବା ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇପାରିନାହିଁ। ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ଜାଣିବା ପାଇଁ ଥାନାଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ। ଅଭିଯୋଗ ଅନୁଯାୟୀ, ବିଧାୟକ ତ୍ରିପାଠୀ ଉକ୍ତ ଫ୍ଲାଟ୍‌ରେ ରହୁଛନ୍ତି। ଗତ ୨୯ ତାରିଖରେ ତାଙ୍କ ଘରର ତାଲା ଭଙ୍ଗାଯାଇଥିବାବେଳେ ସିସିଟିଭିର ଡିଭିଆର୍ ଚୋରି ହୋଇଥିବା ପଡୋଶୀ ଗୋପାଳ ଦେଖିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# ମହିଳାଙ୍କୁ ଅପହରଣ ଉଦ୍ୟମ, ୫ ଗିରଫ

ଯୋଡ଼ା,୩୧।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ଓ ଅପହରଣ ଉଦ୍ୟମ ମାମଲାରେ ପୋଲିସ ଗୁରୁବାର ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଅଞ୍ଚଳର ଫର୍ତିକ ଶେଖ, ସାହିଦୁଲ ଶେଖ, ଦିଲଦାର୍ ହୁସେନ, ଜାମାଲ ଶେଖ ଓ ସାଫିକୁଲ ଶେଖ। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଯୋଡ଼ା ସହରରେ ରହି ଘର ମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ଏମାନଙ୍କ ସହ ସ୍ଥାନୀୟ ଅଞ୍ଚଳର (ଅଭିଯୋଗକାରିଣୀ) ମହିଳା କାର୍ଯ୍ୟ କରୁଥିଲେ। ତେବେ ମଙ୍ଗଳବାର ଅଭିଯୁକ୍ତମାନେ ମହିଳାଙ୍କୁ ବଳପୂର୍ବକ ଅପହରଣ ଉଦ୍ୟମ କରିବା ସହ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ମହିଳାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଯୋଡ଼ା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ଭୁବନେଶ୍ୱର ରେଳ ଷ୍ଟେଶନରେ ଅବକାରୀ, ଆର୍‌ପିଏଫ୍ ଚଢ଼ାଉ

ଭୁବନେଶ୍ୱର,୩୧।୭ (ସତ୍ୟଜିତ୍ ରାଉତ)

**୨ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ଗିରଫ**

ଭୁବନେଶ୍ୱର ରେଳ ଷ୍ଟେଶନରୁ ଗୁରୁବାର ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ଧରାପଡ଼ିଛନ୍ତି। ରେଲୱେ ପ୍ରୋଟେକ୍ସନ୍ ଫୋର୍ସ (ଆର୍‌ପିଏଫ୍) ଓ ଭୁବନେଶ୍ୱର ଅବକାରୀ ଟିମ୍ ମିଳିତ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହରେନ୍ଦ୍ର କୁମାର ଓ କୁଲଦୀପ କୁମାର। ସେମାନଙ୍କ ନିକଟରୁ ୩୦ କେଜିର ଗଞ୍ଜେଇ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସକାଳ ପ୍ରାୟ ୧୦ଟା ବେଳେ ଆର୍‌ପିଏଫ୍ ଓ ଅବକାରୀ ଟିମ୍ ମିଳିତ ଯାଞ୍ଚ କରୁଥିବାବେଳେ ଦୁଇ ସନ୍ଦିଗ୍ଧଙ୍କ ଉପରେ ନଜର ପଡ଼ିଥିଲା। ଉଭୟଙ୍କ ଲଗେଜ୍ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଉଭୟ ଓଡ଼ିଶାରୁ ରାଜସ୍ଥାନ ଗଞ୍ଜେଇ ଚାଲାଣ କରିବାକୁ ଯୋଜନା ରଖିଥିଲେ।

**OFFICE OF THE SUPERINTENDENT, CHC, SAKHIGOPAL, PURI**

Letter No.189 Date:30.07.2025

It is hereby informed that the tender call notice published on dated 13.07.2025 in regards supply of diet to CHC, Sakhigopal is cancelled due to unavoidable circumstance till further notification.

Sd./- Superintendent, CHC, Sakhigopal, Puri

**ODISHA PUBLIC SERVICE COMMISSION CUTTACK**

**NOTICE**

**No.5439/PSC, Dt.30.07.25**
**(1E-03-2025-26) (DR-II)**
**Website- http://www.opsc.gov.in**

No.D-150: It is for information of all concerned that, the Written Examination for recruitment to the post of **Assistant Professor (Broad Speciality)** in **22 Disciplines (except Radio-Therapy (MKCG) & Radiation Oncology)** under H & F.W.Department in pursuant to **Advertisement No.03 of 2025-26**, will be held on **17.08.2025 (Sunday).** The detailed programme along with venue will be notified later in the website of the Commission.

The candidates are advised to visit the website of OPSC (www.opsc.gov.in) regularly for further updates.

OIPR-12002/11/0285/2526 Sd./- Secretary

**Directorate of Ports & Inland Water Transport,**
**Zone-A, Ground Floor, Fortune Tower, Chandrasekharpur, Bhubaneswar-751023**

Phone: 0674-2300885, Email: - portsniwt.od@nic.in

No.2499 P & IWT, Date : 28.07.2025/

**NOTICE INVITING TENDER (NIT)**

**Request for Proposal (RFP) for Selection of an Agency/Firm for Up-gradation, Operation, Maintenance and Management of Crew Training Institute at Chandbali in Bhadrak District and Odisha Maritime Academy at Paradip in Jagatsinghpur District.**

**No.JJ-35** : The Government of Odisha is prioritizing skill development in the maritime sector through the establishment of two key institutions: the Odisha Maritime Academy (OMA) at Paradip and the Crew Training Institute (CTI) at Chandbali. These institutions aim to provide high-quality training to create a competent and well-equipped workforce that meets the growing demands of the maritime industry.

Located in Chandbali, the Crew Training Institute (CTI) is a premier center focused on equipping unemployed youth and crew members in Odisha with the skills necessary for operating and maintaining inland vessels.

Situated in Paradip, the Odisha Maritime Academy (OMA) is a renowned institution committed to producing skilled seafarers through comprehensive education and professional training. The academy is recognized and accredited by the Directorate General of Shipping (DGS), Government of India.

As a part of this endeavor, the Authority has decided to invite from eligible entities to undertake the **Up-gradation, Operation, Maintenance and Management of Crew Training Institute at Chandbali in Bhadrak District and Odisha Maritime Academy at Paradip in Jagatsinghpur District (the "Project")** in PPP Mode, and has, therefore, decided to carry out the bidding process for selection of an entity as the Bidder to whom the Project may be awarded. The involvement of the private sector partners would leverage the industry knowledge as well as the investments in terms of qualified trainers, multifaceted placement opportunities, etc. The Authority now intends to ensure quality interventions aligned with industry requirements. The proposed agency/firms would upgrade, operate, maintain and manage the institutes while focusing on imparting relevant training through their expertise in the concerned fields.

Interested experienced agencies/firms may download the RFP document online from the website of Government of Odisha **https://ct.odisha.gov.in/tenders-advertisement** or can be collected from the Directorate from **01.08.2025 to 20.08.2025 upto 03.00 P.M.** The Agency/ Firms who wish to participate shall deposit the non-refundable document cost for an amount of **Rs.1,000 (Rupees One Thousand) only** in shape of Demand Draft from any Scheduled/ Nationalized Bank & EMD for **Rs.50,000/- (Rupees Fifty Thousand) only in shape of Term Deposit** from any Nationalized/ Scheduled Bank/ National Savings Certificate (NSC) drawn in favour of Director, Ports and Inland Water Transport, Odisha, Bhubaneswar payable to Bhubaneswar.

**Query/Clarifications**

Queries/ Clarifications if any, on the above RFP can be obtained from the following address;

**Directorate of Ports & Inland Water Transport,**
**Zone-A, Ground Floor, Fortune Tower,**
**Chandrasekharpur, Bhubaneswar-751023**
**Phone -0674-2300885,**
**Email: - portsniwt.od@nic.in**

The Directorate of Ports and Inland Water Transport, Odisha reserves the rights to accept or reject any or all tender without assigning any reason and no correspondences shall be entertained in this regard.

OIPR-38035/11/0038/2526 Sd./- Director, Ports & IWT, Odisha

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR**

**(SHORT TENDER CALL NOTICE)**

**NO. DMC/NPCBVI/4376/2025-26 DATE: 29.07. 2025**

**No.E-273** : Sealed tenders are invited from registered Firms/ Suppliers/Manufacturers/ Authorized distributors for supply of Drugs and Medical Consumables under NPCBVI for the year 2025-26 & 2026-27 to the undersigned. Details regarding items with terms and condition may be downloaded from the district website www.sambalpur.odisha.gov.in. The tender should reach to the undersigned on or before 12.08.2025 up to 05.00 PM (On working days) through Speed Post/Registered Post/ Courier Service only. The tender will be opened on 13.08.2025 at 11.30 AM in the office chamber of the undersigned. The undersigned reserves the right to reject any or all the tenders without assigning any reason.

OIPR-10049/11/0018/2526 Sd./- Chief District Medical & Public Health Officer, Sambalpur

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, ANGUL**

(dhhstore.angul@gmail.com) Cell : 9439994973, WAP : 7894258019

**Tender Notice : CS-25-26/Tender/450/Date 28th JUL 2025**

**No.E-270** : Sealed Tenders in prescribed format are invited from the Registered Manufacturers/ Authorized Distributors/ Reputed Suppliers for supply of BCL, Lab. Chemicals & Drugs & Medical Consumables etc to the CDM&PHO Angul. The Bidders should submit two separate sealed packets i.e. one for "A" "Technical Bid" and another for "B" "Financial Bid" superscribing on the cover of the packets separately and to be kept in a single cover which should be superscribed as "CS/Tender for Drugs, BCL, Lab. Chemicals & Medical Consumables etc" Last Date of Receive:20 Aug 2025.

The sealed Tender will be received through Speed Post/ Reg. Post/ Couriers ONLY on or before **Dt.20.08.2025 till 5.00 P.M** at the office of the CDM&PHO, Angul and the said tender will be opened on **dt.21.08.2025 at 10.00 A.M** in presence or absence of Bidders or their Authorized Representatives at the office of CDM&PHO Angul. Tenders received incomplete or after the scheduled date & time shall be rejected.

The undersigned reserves the right to reject any or all tenders without assigning any reason thereof. All legal disputes if any relating to the tender are subject to Jurisdiction in the Court of Law situated at Angul, Odisha only. For details Terms and Conditions log on to **angul.odisha.gov.in**

OIPR-10142/11/0012/2526 Sd./- Chief District Medical & Public Health Officer, Angul

**GOVERNMENT OF ODISHA**

**"e" Procurement Notice**

**Bid Identification No. 01 of 2025-26**

No. O-509

| | | | |
|---|---|---|---|
| 1 | Number of Works | : | 1 No. of Road Work |
| 2 | Estimated Cost (Approx.) | : | Rs.92.63 lakh |
| 3 | Period of Completion | : | 6 (Six) Calendar Months |
| 4 | Date & Time of availability of Bid documents in the portal | : | 01.08.2025 at 11.00 hrs. |
| 5 | Last date & time for receipt of Bids in the portal | : | 16.08.2025 at 17.00 hrs. |
| 6 | Date of opening of Tender | : | 17.08.2025 at 11.00 hrs. |
| 7 | Name and address of the Officer Inviting Bid | : | O/o. The Superintending Engineer, Rural Works Division, Jagatsinghpur |

Further details can be seen from the Government website: **www.tendersorissa.gov.in**.

OIPR-25056/11/0015/2526 Sd./- Executive Engineer, Rural Works Division, Jagatsinghpur

**GOVERNMENT OF ODISHA**
**OFFICE OF THE PANCHAYAT SAMITI, RENGALI, SAMBALPUR**

No. i-

E-mail:- ori-rengali@nic.in

**TENDER CALL NOTICE**
**Bid Identification No.P.S/REN/SBP/DEV/01/2025-26**
**No. 3043 /Date. 29.07.2025**

**CORRIGENDUM**

**TENDER CALL NOTICE NO. 2711 Dtd.05.07.2025, OFFICE OF THE PANCHAYAT SAMITI, RENGALI, SAMBALPUR**

1. The last date and time for submission via the website and receipt of bids is extended to **17:00** hours on **08.08.2025**.
2. The date of tender opening is extended to **11:30** hours on 13th August 2025.
3. Original Bid Security & Demand Draft towards cost of bid document shall be submitted in the office of the undersigned on or before **11.15** hours on dated **13.08.2025** during the office hours on working days failing which the bid will be rejected.
4. Earlier, under the option "**EMD Exemption** " the value was marked as **"NO"** Now the said option has been changed to **YES** in Tender Web Portal.
5. In tender Notice Sl No.7 "The cost of bid documents has to be paid by each bidder in shape of demand draft drawn in favour of the Block Development Officer, Rengali, Sambalpur from any Nationalized scheduled bank **payable at Sambalpur Towards cost of tender paper including GST** read as "The cost of bid documents has to be paid by each bidder in shape of demand draft drawn in favour of the Block Development Officer, Rengali Sambalpur from any Nationalized scheduled bank **payable at Rengali, Sambalpur towards cost of tender paper**".
6. The Word **"District Project Coordinator"** in **SL No.7.2 & 15.1.A** of General Instruction of Procedure to participate in on-Line-bidding E-Procurement and **SL. No. 33,85,95,112(2.1.1)** of D.T.C.N. read as **"Block Development Officer, Rengali"**. However, all other terms and conditions remain unchanged.

Yours faithfully
Sd./- Block Development Officer, Rangali

OIPR-19315/11/0002/2526

**ODISHA CONSTRUCTION CORPORATION LIMITED, BHUBANESWAR, ODISHA**

PIN: 751012, Tel. No.: (0674) 2562020, e-Mail: theoccltd@odishaconstruction.com, GSTIN - 21AAACO2571K2ZM

No. CAD-1334 **e-Procurement Notice No. 30/OCCL/2025-26 (Online)**

Online request for Proposal is invited for the following works:

| Sl. No. | Name of Work | Bid Identification No. | Approx Value of Work | Bid Security (through Online transfer only) (In Rs.) | Period of Completion (in days) | Availability & submission of tender of tender (Online) |
|---|---|---|---|---|---|---|
| 1 | Request for Proposal (RfP) for engagement of Consultant for Documentation & Processing of Forest Diversion Proposal (Both Stage-I & Stage-II) for Mankada Irrigation Project under Angul District | OCCL-CDC/01/ 2025-26 | NA | Rs.2,00,000/- | 18 (Eighteen) Calendar Months | From 31.07.2025, 3.30 P.M. to 16.08.2025, 3.30 P.M. |

Procurement Officer : Managing Director, OCCL
Date of Opening of the Tender: 18.08.2025, 12.00 onwards
Further details can be seen from the e-procurement portal: **https://www.tendersodisha.gov.in, https://octdms.in, https://odishaconstruction.com**

OIPR-34120/11/0048/2526 Sd./- Managing Director

**ODISHA PUBLIC SERVICE COMMISSION CUTTACK**

**NOTICE**

**No. 5447 / P.S.C., Dt. 30.07.2025**
(1R-14-24/25) (DR-V)

**Assistant Professor (Stage-I) in Odia**
(Advertisement No.27 of 2023-24)

**No.D-** : It is for information of all concerned that, document verification of **154 (One Hundred Fifty-Four)** candidates having **PPSAN** mentioned below for the post of **Assistant Professor (Stage-I) in "Odia"**, pursuant to. Advertisement No.27of 2023/24 shall be held **from 08.08.2025 to 16.08.2025 (Except 09.08.2025,10.08.2025 & 15.08.2025)** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 08.08.2025 | 10.30 A.M. | P240304811, P240307675, P240306356, P240303415, P240302187, P240307696, P240303578, P240272147, P240306159, P240304134, P240311972, P240301346, P240304871, P240309503, P240291739 & P240304279 = 16 Candidates |
| | 2.30 P.M. | P240309016, P240305686, P240308886, P240309151, P240308935, P240304714, P240303754, P240306905, P240301311 & P240307521 = 10 Candidates |
| 11.08.2025 | 10.30 A.M. | P240307992, P230152234, P240307021, P220013475, P240309292, P240304581, P240306912, P240290613, P240304587, P230111746, P240306123, P220078102, P240306231, P240300824, P240306298 & P240305640 = 16 Candidates |
| | 2.30 P.M. | P240306288, P240307851, P240305442, P240310317, P240304679, P240292270, P240302387, P240310228, P240282112 & P230114899 = 10 Candidates |
| 12.08.2025 | 10.30 A.M. | P230141847, P240307410, P240308249, P240306979, P240306279, P240297623, P240307757, P240307191, P240308047, P240306160, P240307309, P240298106, P240305751, P240302653, P240312869, & P240309467 = 16 Candidates |
| | 2.30 P.M. | P240303301, P240266573, P240302594, P240242059, P240307338, P240302543, P240305317, P240266111, P240308510 & P240307818 = 10 Candidates |
| 13.08.2025 | 10.30 A.M. | P240260461, P240311384, P240303623, P240298290, P230122958, P240308177, P240305431, P230113873, P230110927, P240307216, P230160825, P240296696, P240304857, P240311650, P240309108 & P240301484 = 16 Candidates |
| | 2.30 P.M. | P240304645, P240244564, P240286820, P240309318, P240311001, P240307533, P240307432, P240304000, P240310435 & P240302646 = 10 Candidates |
| 14.08.2025 | 10.30 A.M. | P240305845, P240310900, P240250993, P240297289, P240268689, P240309321, P240311940, P240311403, P240302416, P240309791, P240308843, P240297210, P240302610, P240287060 & P230101199 = 15 Candidates |
| | 2.30 P.M. | P240311719, P230098482, P240298524, P230099442, P240304233, P240310899, P230135112, P240305517, P240304674 & P240304776 = 10 Candidates |
| 16.08.2025 | 10.30 A.M. | P240308005, P240307223, P230162620, P240253625, P240311155, P240298750, P240302914, P240307486, P240311274, P240303391, P240311901, P230121045, P240307492, P240289105 & P240311939 = 15 Candidates |
| | 2.30 P.M. | P240297546, P240288270, P230092141, P240297928, P230116140, P240303830, P240290431, P240308305, P240281942 & P240304315 = 10 Candidates |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0284/2526 Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ମାସରେ କୋଟିଏରୁ ଅଧିକ ନିବେଶକ ଆକାଉଣ୍ଟ

## ଏନ୍‌ଏସ୍‌ଇର ନୂଆ ମାଇଲ୍‌ଷ୍ଟୋନ୍

ଭୁବନେଶ୍ୱର,୩୧।୭

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ଚାହିଦା କ୍ରମାଗତ ଭାବେ ବୃଦ୍ଧିପାଉଛି। ଏପରିକି ଏହି ପ୍ଲାଟ୍‌ଫର୍ମର ପଞ୍ଜୀକୃତ ସଂଖ୍ୟା ଗତ ୩ ମାସ ମଧ୍ୟରେ ୧ କୋଟି ପାର ସହ ନୂଆ ମାଇଲ୍‌ଷ୍ଟୋନ୍ ହାସଲ କରିଛି । ଏହି ସମୟ ମଧ୍ୟରେ କୋଟିଏରୁ ଅଧିକ ନିବେଶକ ଆକାଉଣ୍ଟ ଖୋଲିଛନ୍ତି। ସେହିଭଳି ୨୦୨୫ ଜୁଲାଇ ମଧ୍ୟରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ ଆଉ ଏକ ବଡ ସଫଳତାରେ ପହଞ୍ଚିଛି। ବିଶେଷକରି ଏନ୍‌ଏସ୍‌ଇର ମୋଟ ୟୁନିକ୍ ଟ୍ରେଡିଂ ଆକାଉଣ୍ଟ ସଂଖ୍ୟା ୨୦୨୫ ଏପ୍ରିଲରେ ୨୨ କୋଟି ମାର୍କ ଅତିକ୍ରମ କରିଥିବାବେଳେ ୨୦୨୫ ଜୁଲାଇରେ ଏହା ୨୩ କୋଟି ଅତିକ୍ରମ କରିଛି। ଅପରପକ୍ଷରେ ଏହାର ସ୍ୱତନ୍ତ୍ର ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୨୦୨୫ ଜୁଲାଇ ୨୮ ସୁଦ୍ଧା ୧୧.୮ କୋଟି ରହିଛି। ସେହିପରି ଇକ୍ୱିଟି ବଜାର ଅଂଶଗ୍ରହଣ କ୍ଷେତ୍ରରେ ଓଡ଼ିଶା ବଜାର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଉଭାହୋଇଛି, ଯାହାକି ୨୦୨୫ ଜୁନ ୩୦ ସୁଦ୍ଧା ଏନ୍‌ଏସ୍‌ଇରେ ୨୫.୪ ଲକ୍ଷ ନିବେଶକ ପଞ୍ଜୀକରଣ ସହିତ ଦେଶରେ ୧୭ ତମ ସ୍ଥାନରେ ରହିଛି। ଏପରିକି ଓଡିଶା ୩୭% ର ଏକ ଆକର୍ଷଣୀୟ କମାଉଣ୍ଡ ଆନୁଆଲ ଗ୍ରୋଥ ରେଟ (ସିଏଜିଆର୍) ହାସଲ କରିଛି, ଯାହା ରାଜ୍ୟରେ ବଢୁଥିବା



ଆର୍ଥିକ ସଚେତନତା ଓ ପୁଞ୍ଜି ବଜାରରେ ବଢୁଥିବା ବିଶ୍ୱାସକୁ ପ୍ରତିଫଳନ କରୁଛି।

ଏ ସମ୍ପର୍କରେ ଏନ୍‌ଏସ୍‌ଇର ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ ଶ୍ରୀରାମ କ୍ରିଷ୍ଣନ କହିଛନ୍ତି, ୨୦୨୫ ଏପ୍ରିଲରେ ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମର ପଞ୍ଜୀକୃତ ସଂଖ୍ୟା ୨୨କୋଟି ମାର୍କ (୨୨୦ ମିଲିୟନ) ଅତିକ୍ରମ କରିବାର ମାତ୍ର ୩ ମାସ ମଧ୍ୟରେ ପ୍ଲାଟ୍‌ଫର୍ମ ଆଉ ୧ କୋଟି ନିବେଶକ ଆକାଉଣ୍ଟ ଯୋଡ଼ି ଏକ ବଡ ସଫଳତା ହାସଲ କରିଛି। ଏହି ସଫଳତା ଭାରତର ପୁଞ୍ଜି ବଜାରଗୁଡିକ ଉପରେ ରହିଥିବା ଗଭୀର ବିଶ୍ୱାସ ଏବଂ ଅନ୍ତର୍ଜାତୀୟ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ନିବେଶକଙ୍କ ଭାବନାର ସ୍ଥିରତାକୁ ପ୍ରତିଫଳନ କରୁଛି। ବିଶେଷକରି ଅଧିକରୁ ଅଧିକ ଲୋକ ଇକ୍ୱିଟି, ଇଟିଏଫ୍, ଆର୍‌ଇଆଇଟି, ଆଇଏନ୍‌ଭିଆଇଟି ଓ ଋଣ ଉତ୍ପାଦଗୁଡିକରେ ନିବେଶ କରୁଥିବାରୁ ଏହି ସଫଳତା ଟେକ୍ନୋଲୋଜି ମାଧ୍ୟମରେ ଏକ ଅଧିକ ବିବିଧ ଓ ସୁଗମ ନିବେଶ ପରିଦୃଶ୍ୟକୁ ସକ୍ଷମ କରିଛି।

ସେହିଭଳି ଏନ୍‌ଏସ୍‌ଇ ଗତ ୫ ବର୍ଷ ହେବ ଏହି କ୍ଷେତ୍ରରେ ନିଜର ପ୍ରୟାସ ଯଥେଷ୍ଟ ବୃଦ୍ଧି କରିଛି। ଏନ୍‌ଏସ୍‌ଇ ଦ୍ୱାରା ପରିଚାଳିତ ଇନ୍‌ଭେଷ୍ଟର ଆୱାରନେସ୍ ପ୍ରୋଗ୍ରାମ୍ (ଆଇଏପି) ର ସଂଖ୍ୟା ୪ ଗୁଣ ବୃଦ୍ଧି ହୋଇ ୨୦୧୯-୨୦ ଆର୍ଥିକ ବର୍ଷର ୩୫୦୪ରୁ ୨୦୨୪-୨୫ରେ ୧୪,୬୭୯ ରେ ପହଞ୍ଚିଛି। ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକରେ ପ୍ରାୟ ୮ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀଙ୍କ ନିକଟରେ ପହଞ୍ଚିଛି। ଏନ୍‌ଏସ୍‌ଇର ଇନଭେଷ୍ଟର ପ୍ରୋଟେକ୍ସନ ଫଣ୍ଡ (ଆଇପିଏଫ୍) ୨୦୨୫ ଜୁନ ୩୦ ସୁଦ୍ଧା ବାର୍ଷିକ ଆଧାରରେ ୨୨% ବୃଦ୍ଧି ହୋଇ ୨୫୭୩ କୋଟି ଟଙ୍କାରେ ପହଞ୍ଚିଛି। ଗତ ୫ ବର୍ଷରେ ନିଫ୍ଟି ୫୦ ଓ ନିଫ୍ଟି ୫୦୦ ଯଥାକ୍ରମେ ୧୭% ଓ ୨୦%ରୁ ଅଧିକ ମଜଭୁତ ବାର୍ଷିକ ରିଟର୍ନ ପ୍ରଦାନ କରିଛନ୍ତି।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୩୧।୭

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୯୬ (୨୯୬.୨୮) ପଏଣ୍ଟ ହ୍ରାସ ଘଟି ୮୧,୧୮୬ (୮୧,୧୮୫.୫୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୭ (୮୬.୭୦) ପଏଣ୍ଟ କମି ୨୪,୭୬୮ (୨୪,୭୬୮.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୩୧।୭

ବ୍ୟାଙ୍କ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର କାରବାର ସମେତ ଆଗାମୀ କାର୍ଯ୍ୟାନ୍ତାଗୁଡିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ବ୍ୟାଙ୍କ ଏଥିରେ ୩୨% ଅଭିବୃଦ୍ଧିହାର ହାସଲକରି ୨,୨୫୨ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି। ବ୍ୟାଙ୍କର ପରିଚାଳନାଗତ ଲାଭର ପରିମାଣ ୯% କୁ ବୃଦ୍ଧି ପାଇ ୪,୦୦୯ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଆର୍‌ଓଏ ୦.୮୨% ଏବଂ ଆର୍‌ଓଇ ୧୩.୫୫% ରହିଛି। ବ୍ୟାଙ୍କର ନେଟ୍ ଇଣ୍ଟରେଷ୍ଟ ମାର୍ଜିନ୍ (ଏନ୍‌ଆଇଏମ୍) ଗ୍ଲୋବାଲ ସେକ୍ଟରରେ ୨.୫୫% ଏବଂ ଘରୋଇ କ୍ଷେତ୍ରରେ ୨.୮୨% ରହିଛି। ବ୍ୟାଙ୍କର ଗ୍ଲୋବାଲ ଅଗ୍ରୀମ ୧୨.୦୨%କୁ ବୃଦ୍ଧି ପାଇଥିବାବେଳେ ଘରୋଇ ଅଗ୍ରିମ ୧୧.୨୪%କୁ ବୃଦ୍ଧି ପାଇଛି। ବ୍ୟାଙ୍କର ଖୁଚୁରା ଅଗ୍ରିମରେ ୨୦% ବୃଦ୍ଧି ଘଟିଛି ଏବଂ ଏମ୍‌ଏସ୍‌ଏମ୍‌ଇ ଏବଂ କୃଷି ଅଗ୍ରିମ କ୍ଷେତ୍ରରେ ଯଥାକ୍ରମେ ୧୭ ଏବଂ ୧୨% ବୃଦ୍ଧି ଘଟିଛି। ବ୍ୟାଙ୍କର ଜମା ୯.୦୭% ବୃଦ୍ଧି ପାଇଥିବାବେଳେ ଘରୋଇ ଜମା ୯.୬୨% ବୃଦ୍ଧି ପାଇଛି। ବ୍ୟାଙ୍କର କାସା ଜମା ଏବଂ କାସା ଅନୁପାତ ଯଥାକ୍ରମେ ୨.୫୦% ଏବଂ ୩୯.୮୮% ରହିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୨୪ ବିପିଏସ୍ ବୃଦ୍ଧି ପାଇ ୦.୭୫% ରେ ପହଞ୍ଚିଛି। ସେହିଭଳି ବ୍ୟାଙ୍କର ପ୍ରୋଭିଜନ କଭରେଜ ରେସିଓ ୮୩ ବିପିଏସ୍ ବୃଦ୍ଧି ପାଇ ୯୨.୯୪% ରହିଛି।

## ମନେ ପଡ଼ନ୍ତି

### ଦ୍ୱାଦଶ କର୍ମ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂସୁଧାଙ୍ଗନା ପତି
ଗ୍ରାମ: ସୋଧ, ଦୋବଲ, ଧାମନଗର
ଆବିର୍ଭାବ: ୧୭।୦୮।୧୯୫୩
ତିରୋଧାନ: ୨୧।୦୭।୨୦୨୫
ତୁମ ଅବର୍ତ୍ତମାନରେ ଚାହୁଁ ଚାହୁଁ ଆଜିକୁ ବାର ଦିନ ହୋଇଗଲା। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ୍ଭେମାନେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ସବୁ ସମୟରେ ମନେ ପଡୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସଦାସର୍ବଦା ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମାର ସଦଗତି ହେଉ।
"ଇତି" ଆପଣଙ୍କର ରମାକାନ୍ତ ପତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପତି ପରିବାରବର୍ଗ।
ଧ-୧୫୦୬

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଓଜିବି ପକ୍ଷରୁ ଗ୍ରାମପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ

ଭୁବନେଶ୍ୱର,୩୧।୭

ଜନସୁରକ୍ଷା ଯୋଜନା ଅଧୀନରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଓଜିବି) ପକ୍ଷରୁ ଗ୍ରାମପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଭାରତ ସରକାରଙ୍କର ଅର୍ଥ ମନ୍ତ୍ରଣାଳୟ ଅଧୀନ ବିତ୍ତୀୟ ସେବା ବିଭାଗ ଦ୍ୱାରା ଦେଶବ୍ୟାପୀ ଗ୍ରାମପଞ୍ଚାୟତସ୍ତରୀୟ ଏକ ତ୍ରୈୟମାସିକ ପରିପୂର୍ତ୍ତି ଅଭିଯାନ ବ୍ୟାଙ୍କ ମାଧ୍ୟମରେ ଆରମ୍ଭ କରାଯାଇଛି। ଏହି ଅଭିଯାନ ୨୦୨୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ। ଯାହାର ଉଦ୍ଦେଶ୍ୟ ହେଉଛି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା ଭଳି ମୁଖ୍ୟ ଯୋଜନାଗୁଡ଼ିକର ଗ୍ରାମାଞ୍ଚଳରେ ପ୍ରସାର କରିବା। ସେହିଭଳି ସରକାରଙ୍କ ଏହି ମହାନ ଉଦ୍ଦେଶ୍ୟର ଏକ ଅଂଶୀଦାର ହିସାବରେ ଓଜିବି ପକ୍ଷରୁ ସାକ୍ଷୀଗୋପାଳ ଶାଖା ମାଧ୍ୟମରେ ପୁରୀ ଜିଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକ୍‌ର ଦାଶବିଦ୍ୟାଧରପୁର




ଗ୍ରାମରେ ଏକ ବିଶେଷ ଶିବିର ଆୟୋଜନ କରାଯାଇଥିଲା। ଯେଉଁଥିରେ ୧୦୦ରୁ ଅଧିକ ବିଭିନ୍ନ ବୟସର ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଉକ୍ତ ଶିବିରରେ ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡା. ସାରଦା ପ୍ରସନ ମହାନ୍ତି ଓ ଏସ୍‌ଏଲ୍‌ବିସି ଓଡ଼ିଶାର ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢାଇଥିଲେ। ଏସ୍‌ଏଲ୍‌ବିସି ଇନଚାର୍ଜ ନାୟକ ମଧ୍ୟ ଗ୍ରାମବାସୀଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଓ ସଚେତନତା ସୃଷ୍ଟିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ଓ ଜନସୁରକ୍ଷା ଯୋଜନାଗୁଡ଼ିକର ଲାଭ ବିଷୟରେ ସ୍ପଷ୍ଟ ବ୍ୟାଖ୍ୟା କରିଥିଲେ। ପରିଶେଷରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସୌମ୍ୟଦର୍ଶନ କର ମୁଖ୍ୟ ଅତିଥିମାନଙ୍କୁ ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଦେବା ସହିତ ଅଭିଯାନକୁ ସଫଳ କରିବାରେ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।

# ଡ. ବି. କେ. ମିଶ୍ର ଇମ୍ଫାର ଅଣ କାର୍ଯ୍ୟକାରୀ ଅଧ୍ୟକ୍ଷ

ଭୁବନେଶ୍ୱର,୩୧।୭ (ଅଭୟ ଦାଶ)

ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା)ର ନୂତନ ଅଣ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଡ. ବି.କେ. ମିଶ୍ର ନିକଟରେ ନିଯୁକ୍ତ ହୋଇଛନ୍ତି। ଡ. ମିଶ୍ର ଏନ୍‌ଆଇଟି ରାଉରକେଲାରୁ ମେଟାଲର୍ଜିକାଲ ଇଞ୍ଜିନିୟରିଂ ଏବଂ ଯୁକ୍ତରାଷ୍ଟ୍ରର ଉଟାହ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି।

ଅପରପକ୍ଷରେ ଡ. ମିଶ୍ରଙ୍କୁ ନିଯୁକ୍ତି ପଦ୍ମଶ୍ରୀ ଏନ୍. ଆର୍. ମହାନ୍ତିଙ୍କ ଅବସର ପରେ ମିଳିଛି। ୨୦୦୫ରେ ପଦ୍ମଶ୍ରୀ ମହାନ୍ତି ସ୍ୱାଧୀନ ନିର୍ଦ୍ଦେଶକ ଭାବେ ବୋର୍ଡରେ ଯୋଗ ଦେଇଥିଲେ ଏବଂ ୨୦୨୧ ଜୁଲାଇରେ ସେ ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ।

ଏ ସମ୍ପର୍କରେ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ମୁଁ ପରିଚାଳନା ପକ୍ଷରୁ ଡ. ମିଶ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। କମ୍ପାନୀର ମୂଳ ବ୍ୟବସାୟ ସମ୍ପର୍କରେ ତାଙ୍କର ଅସାଧାରଣ ଜ୍ଞାନ ଅଛି। ଆମେ ଏହି କ୍ଷେତ୍ରରେ ସ୍ପଷ୍ଟ ନେତା ଭାବେ


ଡ଼. ବି କେ ମିଶ୍ର

ଉଭାହେବା ପାଇଁ ସମ୍ପ୍ରସାରଣ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ତାଙ୍କ ମାର୍ଗଦର୍ଶନ ପାଇଁ ମୁଁ ଅପେକ୍ଷା କରିଛି। ସେହିଭଳି ମୁଁ ଏନ୍. ଆର୍. ମହାନ୍ତିଙ୍କ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପାଇଁ କୃତଜ୍ଞତା ପ୍ରକାଶ କରିବାକୁ ଚାହୁଁଛି। ଯାହା ବର୍ଷ ବର୍ଷ ଧରି ଆମକୁ ବ୍ୟବସାୟ ଚକ୍ର ମାଧ୍ୟମରେ ଗତି କରିବାରେ ଏବଂ ଅଂଶୀଦାରମାନଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବାରେ ଧ୍ୟାନ ଦେବାରେ ସାହାଯ୍ୟ କରିଛି। ମୋ ସହକର୍ମୀଙ୍କ ପକ୍ଷରୁ ମୁଁ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ କାମନା କରୁଛି।

# Classified Everyday

0674-2580101, 9692975378



## REAL ESTATE SALE

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296

A Commercial Plot 10000sqft. Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452 D-76477

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

A commercial hall at main road facing around 1000 SFT. At- Gajapati Nagar near Kaling Hospital Square, Bhubaneswar for sale. Contact- 7008283108 D-1444

A gharabari corner plot at Brahmanjharilo near Phulanakhara, Cuttack, 1560sft. 20lakhs including registration & compoundwall. 7809525452. D-76478

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492. D-1376


Nearest Grand Bazar Project 30 Feet Wide Road Gharabari Plot with Boundarywall 1.5Km. Distance from NH-16 Price-1800/- Per Square Feet. Contact- 9337493150. D-1485




Full body massage experience, good looking therapist @999 (Bhubaneswar). 9078484455. D-1325

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly open health benefits SPA special Offer @ 799 Bapujinagar. 7327058897. D-76931




Ground Floor, 02 Bed Rooms, Drawing, Dining, Kitchen, Puja Room, Washing space, 02 Toilet, Portico, entire marble flooringis readily available for Family on rent @ 12,000/- PM at 1st lane, Pandav Nagar, Tankapani Road, Bhubaneswar. Contact- 8895353910, 9439263861. D-76069

## AFFIDAVIT

By an affidavit before the Notary Public Bhubaneswar, I Kamala Kanta Mallik, S/o- Sanjay Kumar Mallik of Kanpur, Garudagaon, Tangi, Cuttack as mentioned in H.S.C. Certificate but in Aadhaar No.- XXXX XXXX 4994 it shows Kamalakanta Mallik. Henceforth, Kamala Kanta Mallik & Kamalakanta Mallik is one and same person. D-1499

By this affidavit No.-9, date 30.07.25 before the Executive Magistrate, Bhawanipatna, Kalahandi, I, Damayanti Sureh Durga, D/o- Ransai Naik, W/o- Late Suresh Ramu Durga, R/o. At/P.O.- Majhiguda, P.S.- Koksara, Dist.- Kalahandi, Odisha declare that before marriage my name is Damayanti Naik which is mentioned all my Educational Documents. After marriage I have changed my name to Damayanti Suresh Durga which is mentioned in my Aadhaar Card, PAN Card and Bank Passbook. So that both the names belongs to one and same person. D-1500

By virtue of an affidavit sworn before Executive Magistrate, Bhubaneswar, C.F. No.- 25, dated 30.07.2025, I SK ABDULLAH, S/o- LATE SK ABUJAFAR, At-RAHAMAT NAGAR, RAGHUNATH NAGAR, P.O.- DUMUDUMA, P.S.- KHANDAGIRI, BHUBANESWAR, DIST.- KHORDHA, PIN-751019, ODISHA declare that I have changed my name from ABDULLAH LAIK to SK ABDULLAH. Henceforth, I shall be known as SK ABDULLAH for all future purposes. D-1498

I, Kshira Sagara Behera, S/o- Late Siddheswar Behera, resident of Ward No.- 43, Niladri Vihar, P.O.- Nayabazar, P.S.- Chauliaganj, Dist.- Cuttack, PIN- 753004, Odisha declare by this affidavit No.- 8495, dtd. 30.07.2025. That now onwards I shall be known as KSHIRA SAGAR BEHERA for all future purposes. D-1501

By virtue of an affidavit sworn before Executive Magistrate, Chhendipada Vide No.- 1315, dated 31.07.2025, I, Dali Jena, resident of Village- Jhintipal, P.O.- Korada, P.S.-Nisha, Dist.- Angul (Odisha), India declare that I have changed my name from Dali Sahu to Dali Jena. Henceforth, I shall be known as Dali Jena for all purpose. D-1504

ମୁଁ ବିଜୟିନୀ ପାଣି, ପିତା- ସ୍ୱର୍ଗତ ବିଶ୍ୱନାଥ ଜେନା, ରଘୁନାଥପୁର, ଉକୁନ୍ଦରା, ଜଗତ୍‌ସିଂହପୁର ଘୋଷଣା କରୁଅଛି କି ମୋର ବିବାହର କିଛି ବର୍ଷ ପରେ ସ୍ୱାମୀ ଅରୁଣ ପାଣି, ପିତା- ସ୍ୱର୍ଗତ କୃଷ୍ଣ ପାଣି, କୂଳକଇଜଙ୍ଗା, ଜଗତ୍‌ସିଂହପୁରଙ୍କର ଦେହାନ୍ତ ହେଲା। ତେଣୁ ମୁଁ ମୋ ବାପଘରେ ରହି ଆସୁଅଛି। ମୁଁ ମୋର ବାପଘର ସଂଜ୍ଞା ଅନୁସାରେ ଜମିଜମା ରେକର୍ଡ ରଖିବାକୁ ଚାହୁଁଛି। ଧ-୧୫୦୪

## LEGAL NOTICE

Letter No.- 1370, Date-19.07.2025

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ-୪, ସ୍ଥାନ ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲା-ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.-୨୫୨/ ୨୦୨୪

ନିରଞ୍ଜନ ପାଣିଗ୍ରାହୀ ....ବାଦୀ

ବନାମ

ସଞ୍ଜୟ ଦାସ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

୨। ବାସନ୍ତୀ ଦାସ, ସ୍ୱାମୀ- ସ୍ୱର୍ଗତ ଧୋବେଇ ଦାସ, ୪। ଟୁନା ଦାସ, ୫। ଶଙ୍କର ଦାସ ଉଭୟଙ୍କର ପିତା ସ୍ୱର୍ଗତ ହରି ଦାସ, ସମସ୍ତଙ୍କର ବାସସ୍ଥାନ ସା- ରଙ୍ଗମାଟିଆ, ପୋଷ୍ଟ/ଥାନା-ମଞ୍ଚେଶ୍ୱର, ଜିଲା-ଖୋର୍ଦ୍ଧା, ୭। ସଞ୍ଜୟ କୁମାର ସାହୁ, ପିତା ନିତ୍ୟାନନ୍ଦ ସାହୁ, ୮। ସୁପ୍ରଭାମୟୀ ରାଉତରାୟ, ସ୍ୱାମୀ ସଞ୍ଜୟ କୁମାର ସାହୁ, ଉଭୟଙ୍କର ବାସସ୍ଥାନ ସା-ଏସ୍.ଡି.-୨, ଭି.ଏସ୍.ଏସ୍. ନଗର, ପୋଷ୍ଟ- ବାଣୀବିହାର, ଥାନା-ସହିଦନଗର, ଭୁବନେଶ୍ୱର, ଜିଲା-ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ କେସ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.୨,୪ ଏବଂ ୫ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୭ ଓ ୮ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.୪ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୧।୦୯।୨୦୨୫ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଗାଡ଼କଣ ୟୁନିଟ୍-୩୯, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ସାବକ ଖାତା ନଂ.- ୨୮୮, ସାବକ ପ୍ଲଟ୍ ନଂ.- ୧୧୩୭, ଏରିଆ- ଏ.୦.୦୮୫ଡି., ହାଲ୍ ଖାତା ନଂ.- ୧୧୧୩, ହାଲ୍ ପ୍ଲଟ୍ ନଂ.- ୩୯୦୯, ଏରିଆ- ଏ.୦.୦୮୫ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୪ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୧୪୯୭

# ପୋଗାକାର ଅପ୍ରତିଦ୍ୱନ୍ଦ୍ୱୀ



ଟାଡେଜ ପୋଗାକାର

ସମ୍ମାନଜନକ ଟୁର ଡି' ଫ୍ରାନ୍ସ ସାଇକେଲ ରେସ୍‌ରେ ସ୍ଲୋଭେନିଆର ଟାଡେଜ ପୋଗାକାର ଚାମ୍ପିୟନ ହୋଇଛନ୍ତି। ଭିଶ୍ମା-ଲିଜ୍ ଏ ବାଇକ୍ ଟିମ୍‌ର ବେଲଜିଆନ ରାଇଡର ଆଉଟ୍ ଭାନ ଆର୍ଟ ୨୧ତମ ତଥା ଅନ୍ତିମ ଷ୍ଟେଜରେ ବିଜେତା ହୋଇଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ରହି ଶେଷ ଷ୍ଟେଜ ଫିନିଶ କରିଥିବା ପୋଗାକାର ଓଭରଅଲ୍ ପ୍ରଥମ ସ୍ଥାନରେ ରହି ଟାଇଟଲ ଜିତିଛନ୍ତି...

ଚଳିତ ବର୍ଷ ସବୁଠୁ ସମ୍ମାନଜନକ ସାଇକେଲ ରେସ ଇଭେଣ୍ଟ ଟୁର ଡି ଫ୍ରାନ୍ସରେ ସ୍ଲୋଭେନିଆର ଟାଡେଜ ପୋଗାକାର ଚାମ୍ପିୟନ ହୋଇଛନ୍ତି। ବେଲଜିୟମର ଆଉଟ୍ ଭାନ ଆର୍ଟ ଭିଶ୍ମା-ଲିଜ୍ ଏ ବାଇକ୍, ଯାହାକି ଟୁର ଡି' ଫ୍ରାନ୍ସ ସାଇକେଲ ଇଭେଣ୍ଟର ୨୧ତମ ତଥା ଅନ୍ତିମ ଷ୍ଟେଜରେ ଚାମ୍ପିୟନ ହୋଇଥିଲେ। କିନ୍ତୁ ଚତୁର୍ଥ ସ୍ଥାନରେ ରହି ଅନ୍ତିମ ଷ୍ଟେଜ ଫିନିଶ କରିଥିବା ପୋଗାକାର ଓଭରଅଲ୍ ଚାମ୍ପିୟନ ହୋଇଥିଲେ। ଏହା ପୋଗାକାରଙ୍କ ଲାଗି ଚତୁର୍ଥ ଟୁର ଡି' ଫ୍ରାନ୍ସ ଟାଇଟଲ। ଗତ ୬ ବର୍ଷରେ ସେ ୪ ଥର ଟୁର ଡି' ଫ୍ରାନ୍ସ ଜିତିଥିବା ବେଳେ ଦୁଇ ଥର ରନରଅପ୍ ରହିଛନ୍ତି। ଏହାର ଅର୍ଥ ସେ ଲଗାତର ୬ ବର୍ଷ ହେଲା ପୋଡିୟମ ଫିନିଶ୍ କରୁଛନ୍ତି। ଏହା ଟୁର ଡି ଫ୍ରାନ୍ସ ରେସ୍‌ରେ ତାଙ୍କ ପ୍ରାଧାନ୍ୟକୁ ଦର୍ଶାଉଛି। ପୂର୍ବରୁ ସେ ୨୦୨୦, ୨୦୨୧ ଓ ୨୦୨୪ ସଂସ୍କରଣରେ ଚାମ୍ପିୟନ ହୋଇଥିଲେ। ଏଥର ସେ ସଫଳତାର ସହିତ ନିଜ ଟାଇଟଲକୁ ଡିଫେଣ୍ଡ କରିଛନ୍ତି। ଏହା ତାଙ୍କୁ ବିଶ୍ୱର ମହାନ ବାଇକ୍ ରାଇଡରଙ୍କ ମଧ୍ୟରେ ପରିଗଣିତ କରୁଛି। ତାଙ୍କଠାରୁ କେବଳ ଜ୍ୟାକକୁଇଜ ଆନକୁଏଟିଲ, ଏଡି ମର୍କକ୍ସ, ବର୍ନାର୍ଡ ହିନଲ୍ଟ ଓ ମିଗୁଏଲ ଇଣ୍ଡୁରେନ ଅଧିକ ଥର ଟୁର ଡେ ଫ୍ରାନ୍ସ ରେସ ଜିତିଛନ୍ତି। ଏମାନେ ସମସ୍ତେ ୫ ଥର ଲେଖାଏ ଚାମ୍ପିୟନ ହୋଇଥିଲେ। ଏମାନଙ୍କ ମଧ୍ୟରୁ କେବଳ ଇଣ୍ଡୁରେନ ଏକମାତ୍ର ପୁରୁଷ ଭାବେ ଲଗାତର ୫ ବର୍ଷ ଚାମ୍ପିୟନ ହୋଇଥିଲେ। ୧୯୯୮ ସେପ୍ଟେମ୍ବର ୨୧ ତାରିଖରେ ସ୍ଲୋଭେନିଆର ରାଜଧାନୀ ଲୁବ୍ଲାନାଠାରେ ପୋଗାକାରଙ୍କ ଜନ୍ମ। ପୋଗାକାରଙ୍କ ବଡ଼ ଭାଇ ଟିଲେନ ମଧ୍ୟ ଜଣେ ରାଇଡର ଥିଲେ। ଟାଡେଜ ତାଙ୍କ ବଡ଼ ଭାଇଙ୍କ ଦ୍ୱାରା ପ୍ରଭାବିତ ହୋଇ ୯ ବର୍ଷ ବୟସରେ ରଗ ଲୁବ୍ଲାନା କ୍ଲବରେ ଯୋଗ ଦେଇଥିଲେ। ୨୦୧୧ରେ ପୋଗାକାରଙ୍କ ଉପରେ ରୋଡ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ମେଡାଲିଷ୍ଟ ଆନ୍ଦ୍ରେଜ ହପ୍ଟମ୍ୟାନଙ୍କ ନଜର ପଡ଼ିଥିଲା। ହପ୍ଟମ୍ୟାନ ତାଙ୍କୁ ପ୍ରାରମ୍ଭିକ କୋଚିଂ ଦେଇଥିଲେ। ହପ୍ଟମ୍ୟାନ ସ୍ଲୋଭେନିଆନ ଜାତୀୟ ସାଇକ୍ଲିଂ ଦଳର ମୁଖ୍ୟ କୋଚ୍ ଓ ଚୟନକର୍ତ୍ତା ମଧ୍ୟ ଥିଲେ। ଏକ ରେସରେ ପୋଗାକାର ତାଙ୍କଠାରୁ ବୟସରେ ବଡ଼ ଥିବା ରାଇଡରଙ୍କଠାରୁ ୧୦୦ ମିଟର ପଛରେ ପଡ଼ିଯାଇଥିବା ଚିନ୍ତା କରି କୋଚ୍ ହପ୍ଟମ୍ୟାନ ଆୟୋଜକଙ୍କୁ ପୋଗାକାରଙ୍କୁ କିଛି ସହାୟତା ପ୍ରଦାନ କରିବାକୁ କହିଥିଲେ। ହେଲେ ଯୁବ ରାଇଡର ପୋଗାକାର ଅନ୍ୟ ରାଇଡରଙ୍କଠାରୁ ଗୋଟିଏ ଲ୍ୟାପ ଆଗରେ ଚାଲିଥିବା ଆୟୋଜକମାନେ କହିଥିଲେ। ଏହାପରେ ୨୩ ବର୍ଷରୁ କମ୍ ରଗ୍ ଲୁବ୍ଲାନା ଦଳରେ ପୋଗାକାରଙ୍କୁ ସାମିଲ କରାଯାଇଥିଲା। ୨୦୧୮ରେ ସେ ସ୍ଲୋଭେନିଆନ ଜାତୀୟ ଦଳ ପକ୍ଷରୁ ଟୁର ଡି ଆଇ' ଆଭେନିର ଜିତିଥିଲେ। ସିନିୟର ସ୍ତରରେ ପଦାର୍ପଣ କରିବା ପୂର୍ବରୁ ସେ ଜୁନିୟର ସ୍ତରରେ ସଫଳ ରାଇଡର ଥିଲେ। ୨୦୧୮ ଅଗଷ୍ଟରେ ୟୁଏଇ ଟିମ୍ ଏମିରେଟ୍ସ ପୋଗାକାରଙ୍କ ସହ ଚୁକ୍ତି କରିଥିଲା। ୨୦ ବର୍ଷ ବୟସରେ ୨୦୧୯ରେ ସେ ସର୍ବକନିଷ୍ଠ ସାଇକ୍ଲିଷ୍ଟ ଭାବେ ଟୁର ଅଫ୍ କାଲିଫର୍ନିଆରେ ୟୁସିଆଇ ୱାର୍ଲ୍ଡ ଟୁର ରେସ ଜିତିଥିଲେ। ଏଥିସହିତ ଭୁଏଲ୍ଟା ଏ ଏସ୍ପାନାର ୩ଟି ଷ୍ଟେଜରେ ଜିତିବା ସହ ଓଭରଅଲ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ ଏବଂ ୟଙ୍ଗ ରାଇଡର ଟାଇଟଲ ଜିତିଥିଲେ। ସେ ଟୁର ଅଫ୍ କାଲିଫର୍ନିଆ ଜିତିବା ସହ ସର୍ବକନିଷ୍ଠ ରାଇଡର ଭାବେ ୟୁସିଆଇ ୱାର୍ଲ୍ଡଟୁର ଷ୍ଟେଜ ରେସ ଜିତିଥିଲେ। ୨୦୨୦ରେ ଟୁର ଡେ ଫ୍ରାନ୍ସରେ ସେ ପଦାର୍ପଣ କରିଥିଲେ। ସେ ସପ୍ତମ ଷ୍ଟେଜ ଦୁଇ ମିନିଟ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ, ଯାହା କି ଅତ୍ୟଧିକ ପବନ ଯୋଗୁ ହୋଇଥିଲା। ଏହାର ପରଦିନ ସେ ଆଟାକିଂ ରାଇଡିଂ କରି ଅନ୍ୟ ସମସ୍ତ ରାଇଡରଙ୍କଠାରୁ ୩୮ ସେକେଣ୍ଡ ଆଗରେ ପହଞ୍ଚିଥିଲେ। ତାଙ୍କ ଦେଶର ଫାବିଓ ଆରୁ ନବମ ଷ୍ଟେଜରୁ ଓହରିବା ପରେ ପୋଗାକାର ସେହି ଷ୍ଟେଜକୁ ଜିତିଥିଲେ, ଯାହାକି ତାଙ୍କର ପ୍ରଥମ ଟୁର ଷ୍ଟେଜ ବିଜୟ ଥିଲା। ସେ ୧୯୮୩ ପରେ ପ୍ରଥମ ଓ ମୋଟ ଉପରେ ୧୨ତମ ରାଇଡର ଭାବେ ପ୍ରଥମ ଉଦ୍ୟମରେ ଟୁର ଡି ଫ୍ରାନ୍ସରେ ଚାମ୍ପିୟନ ହୋଇଥିଲେ। ଏହାର ପର ସିଜନରେ ୟୁଏଇ ଟୁର, ଟିରେନୋ-ଆଡ୍ରିଆଟିକୋ, ଲିଜ-ବାଷ୍ଟୋଗ୍ନେ-ଲିଜ ଓ ଟୁର ଅଫ୍ ସ୍ଲୋଭେନିଆ ଜିତିଥିଲେ। ୨୦୨୧ ଟୁର ଡି' ଫ୍ରାନ୍ସରେ ସେ ଜେନେରାଲ କ୍ଲାସିଫିକେଶନ, ମାଉଣ୍ଟେନ୍ସ କ୍ଲାସିଫିକେଶନ, ୟଙ୍ଗ ରାଇଡର କ୍ଲାସିଫିକେଶନରେ ଚାମ୍ପିୟନ ହୋଇଥିଲେ। ଏଥିସହିତ ସେ ଗିରୋ ଡି ଲମ୍ବାର୍ଡିଆ ଓ ଲିଜ-ବାଷ୍ଟୋଗ୍ନେ-ଲିଜ ଆଦି ଦିନିକିଆ ରେସ ଜିତିଥିଲେ। ୨୦୨୨ରେ ପୋଗାକାର ୟୁଏଇ ଟୁରରେ ତାଙ୍କ ଟାଇଟଲ ଡିଫେଣ୍ଡ କରିଥିଲେ। ଷ୍ଟ୍ରାଡେ ବିଆଞ୍ଚେ ରେସରେ ଫିନିଶିଂ ଲାଇନ୍‌ଠାରୁ ୧୦୦ କିମି ଦୂରରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏହାସତ୍ତ୍ୱେ ସେ ପ୍ରଥମେ ଫିନିଶିଂ ଲାଇନ ଟଚ୍ କରିଥିଲେ। ଏହି ବର୍ଷ ସେ ଟୁର ଅଫ୍ ସ୍ଲୋଭେନିଆ, ଗିରୋ ଡି ଲମ୍ବାର୍ଡିଆ, ଜିପି ଡେ ମଣ୍ଟ୍ରିଲ, ଟ୍ରେ ଭାଲି ଭାରେଶାଇନରେ ଜିତିଥିଲେ। ୨୦୨୩ ସିଜନ ଆରମ୍ଭରୁ ସେ ଟୁର ଅଫ୍ ଫ୍ଲାଣ୍ଡର୍ସ ଜିତିଥିଲେ। ଟୁର ଡି' ଫ୍ରାନ୍ସରେ ୟଙ୍ଗ ରାଇଡର କ୍ଲାସିଫିକେଶନ ସହ ପ୍ୟାରିସ-ନାଇସ, ଭୁଏଲ୍ଟା ଏ ଆଣ୍ଡୁଲୁସିଆରେ ବିଜୟୀ ହୋଇଥିଲେ। ୨୦୨୪ ତାଙ୍କ କ୍ୟାରିୟର ଲାଗି ସ୍ୱର୍ଣ୍ଣିମ ବର୍ଷ ଥିଲା। ଏହି ବର୍ଷ ସେ ଟୁର ଡି ଫ୍ରାନ୍ସ ଓ ଗିରୋ ଡି ଇଟାଲିଆରେ ଚାମ୍ପିୟନ ହୋଇଥିଲେ। ଉଭୟ ଗ୍ରାଣ୍ଡ ଟୁରର ସେ ମୋଟ ୧୨ ଷ୍ଟେଜରେ ଚାମ୍ପିୟନ ହୋଇଥିଲେ। ଏଥିସହିତ ସେ ଭଲ୍ଟା ଏ କାଟାଲୁନ୍ୟା, ୱାର୍ଲ୍ଡ ରୋଡ୍ ରେସ ଚାମ୍ପିୟନଶିପ୍ସ, ଲିଜ-ବାଷ୍ଟୋଗ୍ନେ-ଲିଜ, ଷ୍ଟ୍ରାଡେ ବିଆଞ୍ଚେ, ଜିପି ଡି ମଣ୍ଟ୍ରିଲ ଓ ଗିରୋ ଡେଲ ଏମିଲାରେ ସେ ବିଜୟୀ ହୋଇଥିଲେ। ସେ ଅଗଷ୍ଟରେ ହେବାକୁ ଥିବା ଭୁଏଲ୍ଟା ଏ ଏସ୍ପାନା ଭାଗ ନ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ବଦଳରେ ସେ ନିଜ ଶରୀରକୁ ରିକଭର କରିବାକୁ ସମୟ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ରେସରେ ଏଭଳି ସଫଳତା ଯୋଗୁ ପୋଗାକାର ୟୁସିଆଇ ରୋଡ ରେସିଂରେ ୱାର୍ଲ୍ଡ ନଂ-୧ ହୋଇ ରହିଛନ୍ତି। ଏପରି କି ତାଙ୍କ ନାମରେ ସର୍ବାଧିକ ସଂଖ୍ୟକ ସପ୍ତାହ ଧରି ୱାର୍ଲ୍ଡ ନଂ-୧ ହୋଇ ରହିବାର ରେକର୍ଡ ରହିଛି। ଏଥିସହିତ ଲଗାତର ସର୍ବାଧିକ ସଂଖ୍ୟକ ସପ୍ତାହ ଧରି ୱାର୍ଲ୍ଡ ନଂ-୧ ହୋଇ ରହିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି।

# ଅପରାଜିତାଙ୍କ ପାଇଁ ନୂଆ ଉପଲବ୍ଧି

## ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଲାଗି ଏଫ୍‌ପିଓ ନିଯୁକ୍ତ



ଭାରତର ପ୍ରଥମ ମହିଳା ଭାବେ ଫେୟାର ପ୍ଲେ ଏକ୍ସପର୍ଟ (ଏଫ୍‌ପିଇ) ଟାଇଟଲ୍ ପାଇଥିବା ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅପରାଜିତା ଗୋଚ୍ଛିକାର ଏବେ ଏକ ନୂଆ ଉପଲବ୍ଧି ହାସଲ କରିବାକୁ ଯାଉଛନ୍ତି। ଆମେରିକାର ୱାଶିଂଟନଠାରେ ଆସନ୍ତା ୨୦୨୫ ଅଗଷ୍ଟ ୨ରୁ ୭ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ତଦାରଖ ପାଇଁ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ (ଫିଡେ) ପକ୍ଷରୁ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସେଠାରେ ଅପରାଜିତା ଜର୍ମାନୀର ଜୁଏର୍ଗେନ୍ କ୍ଲୁଏନର୍ସଙ୍କ ସହ ଇଭେଣ୍ଟର ଫେୟାର ପ୍ଲେ ଅଫିସର (ଏଫ୍‌ପିଓ) ଦାୟିତ୍ୱ ତୁଲାଇବେ। ଅନ୍ତର୍ଜାତୀୟ ଚେସ୍ ଫେଡେରେଶନର ସଭାପତି ଆର୍କାଡି ଡଭୋରକୋଭିଚ୍ ତାଙ୍କୁ ଏହି ପଦବୀରେ ନିଯୁକ୍ତ କରିଥିବା ଅପରାଜିତା ପ୍ରକାଶ କରିଛନ୍ତି। ଏହି ଇଭେଣ୍ଟରେ ଭାରତ ସମେତ ୪୮ ଦେଶର ୫୫ଟି ଦଳ ଅଂଶଗ୍ରହଣ କରିବେ। ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଫେୟାର ପ୍ଲେ ଅଫିସର ଦାୟିତ୍ୱ ତୁଲାଇବାକୁ ଯାଉଥିବାରୁ ସ୍ୱାଭାବିକ ଭାବେ ଖୁସି ଅଛନ୍ତି ଅପରାଜିତା। ତାଙ୍କ ଉପରେ ଆସ୍ଥା ରଖିଥିବାରୁ ସେ ଫିଡେକୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଏହା ତାଙ୍କ ପାଇଁ ଏକ ନୂଆ ଉପଲବ୍ଧି ହେବ ବୋଲି ସେ କହିଛନ୍ତି।

## ଅଭିଲେଖ



ଫିଡେ ମହିଳା ବିଶ୍ୱକପ ଟ୍ରଫି ସହ ଦିବ୍ୟା ଦେଶମୁଖ।

ସେଣ୍ଟ ଆଲୋୟସିଅସ
ୟୁନିଭର୍ସିଟିର
ରେମୋନା ଡ୍ୟାନ୍ସରେ ସ୍ତବ୍ଧ
ଶହେ ସତୁରି ଘଣ୍ଟା ତା ଭାରତ
ନାଟ୍ୟମ
ନୃତ୍ୟ କଳା ମନ୍ତ୍ର ମୁଗ୍ଧ
ନୂଆ କୀର୍ତ୍ତି ଉପଲବ୍ଧ
ଗୋଲଡେନ ବୁକ ଅଫ ୱାର୍ଲ୍ଡ
ରେକର୍ଡ୍ସରେ
ନାମ ହେଲା ଲିପିବଦ୍ଧ।
ଆଇସିସି ଟେଷ୍ଟ ଖେଳାଳି ର୍ୟାଙ୍କିଂ
ହୋଇ ଅଛି ପ୍ରକାଶିତ
ନମ୍ବର ୱାନ ଅଲରାଉଣ୍ଡର ଟିମ
ଜାଡେଜା ଗାଉଛି ଗୀତ
ଟେଷ୍ଟ କ୍ରିକେଟରେ ମିତ
ଟି ଟ୍ୱେଣ୍ଟି ବ୍ୟାଟରଙ୍କ ଟପରେ
ଅଭିଷେକ ଶର୍ମା ସତ।
ପଚିଶ ଶହ ରେଟିଂର ନର୍ମ ନ ଥାଇ
ଆମ ଦିବ୍ୟା ଦେଶମୁଖ
ଭାରତର ନୂଆ
ଗ୍ରାଣ୍ଡ ମାଷ୍ଟର ଏବେ
ଏକଜାମ୍ପୁଲ ହେଲେ ଦେଖ
ଏ ନିଉ ହିଷ୍ଟୋରୀ ଲେଖ
ନିଷ୍ଠା ପାଇଁ ବ୍ୟକ୍ତି ରେକର୍ଡ୍ସ ବନଇ
ନୂଆ ନୂଆ ଅଭିଲେଖ।

-ସୁବାସ ଚନ୍ଦ୍ର ପ୍ରଧାନ

# ଟୁର୍ ଡି ଫ୍ରାନ୍ସ

ଟୁର ଡି ଫ୍ରାନ୍ସ ରେସ ସାଧାରଣତଃ ୩,୫୦୦ କିମି ବିଶିଷ୍ଟ ହୋଇଥାଏ। ଏହା ଫ୍ରାନ୍ସ ଓ ଏହାର ପଡ଼ୋଶୀ ଦେଶ ବେଲଜିୟମରେ ଆୟୋଜିତ ହୁଏ। ପ୍ରତ୍ୟେକ ବର୍ଷ ପ୍ୟାରିସରେ ଏହି ରେସ ଶେଷ ହେଉଥିବାବେଳେ କେବଳ ୨୦୨୪ରେ ପ୍ୟାରିସ ଅଲିମ୍ପିକ୍ସ କାରଣରୁ ବ୍ୟତିକ୍ରମ ଘଟିଥିଲା...



ଟୁର ଡି ଫ୍ରାନ୍ସ ହେଉଛି ଏକ ବାର୍ଷିକ ରୋଡ୍ ସାଇକେଲ ରେସ। ଏହା ପ୍ରତ୍ୟେକ ବର୍ଷ ଜୁଲାଇ ମାସରେ ୨୩ ଦିନ ଧରି ଅନୁଷ୍ଠିତ ହୁଏ। ୧୯୦୩ରେ ଏକ ଖବରକାଗଜ ଏଲ' ଅଟୋ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ସାଇକେଲ ରେସ 'ଗ୍ରାଣ୍ଡ ଟୁର୍ସ'ର ଅନ୍ୟତମ ସମ୍ମାନଜନକ ଟୁର୍ନାମେଣ୍ଟ। ଗ୍ରାଣ୍ଡ ଟୁର୍ସରେ ଗିରୋ ଡି' ଇଟାଲିଆ ଓ ଭୁଏଲଟା ଏ ଏସ୍ପାନା ଭଳି ସମ୍ମାନଜନକ ଟୁର୍ନାମେଣ୍ଟ ରହିଛି। ଟୁର ଡି ଫ୍ରାନ୍ସ ରେସ ସାଧାରଣତଃ ୩,୫୦୦ କିମି ବିଶିଷ୍ଟ ହୋଇଥାଏ। ଏହା ଫ୍ରାନ୍ସ ଓ ଏହାର ପଡ଼ୋଶୀ ଦେଶ ବେଲଜିୟମରେ ଆୟୋଜିତ ହୁଏ। ଏହି ରେସକୁ ବିଭିନ୍ନ ଦିନିକିଆ ଷ୍ଟେଜରେ ଭାଗ ଭାଗ କରାଯାଇଛି। ରେସ ଶେଷ ହେବା ପରେ ପ୍ରତ୍ୟେକ ପର୍ଯ୍ୟାୟକୁ ଶେଷ କରିବା ପାଇଁ ରାଇଡରଙ୍କୁ ଲାଗିଥିବା ସମୟକୁ ହିସାବକୁ ନେଇ ବିଜେତା ନିର୍ଦ୍ଧାରଣ କରାଯାଏ। ପ୍ରତ୍ୟେକ ବର୍ଷ ରେସର ବିଭିନ୍ନ ପର୍ଯ୍ୟାୟରେ ପରିବର୍ତ୍ତନ କରାଯାଏ। କିନ୍ତୁ ପ୍ରତ୍ୟେକ ବର୍ଷ ପ୍ୟାରିସରେ ଏହି ରେସ ଶେଷ ହୁଏ। କେବଳ ୨୦୨୪ରେ ପ୍ୟାରିସ ଅଲିମ୍ପିକ୍ସ କାରଣରୁ ଏହି ରେସ୍ ନାଇସ୍ ସହରରେ ଶେଷ ହୋଇଥିଲା। ୧୯୭୫ଠାରୁ ଏହି ରେସ ଚାମ୍ପ ଏଲିସିସଠାରେ ଶେଷ ହୋଇଆସୁଛି। ପ୍ରତ୍ୟେକ ଷ୍ଟେଜର ରେସ ଶେଷ ହେବା ପରେ ସବୁଠୁ କମ୍ ସମୟ ନେଇଥିବା ରାଇଡର ହଳଦିଆ ଜର୍ସି ପିନ୍ଧନ୍ତି, ଯାହାକି ଜେନେରାଲ କ୍ଲାସିଫିକେଶନର ଅଗ୍ରଣୀ ରାଇଡରଙ୍କୁ ପ୍ରତିନିଧିତ୍ୱ କରେ। ସେହିଭଳି ପଏଣ୍ଟ କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ସବୁଜ, ମାଉଣ୍ଟେନ୍ସ କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ପଲକା ଡଟ୍ ଜର୍ସି ଓ ଯୁବ ରାଇଡର କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ଧଳା ଜର୍ସି ପିନ୍ଧନ୍ତି।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧/୨୦୨୫ Bhubaneswar, Friday, August 1/ 2025

# ଓଭାଲ ଟେଷ୍ଟରେ ବର୍ଷା ବାଧା

**ଲଣ୍ଡନ, ୩୧।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ୫ମ ତଥା ଅନ୍ତିମ କ୍ରିକେଟ ମ୍ୟାଚ ଗୁରୁବାର ଓଭାଲରେ ଆରମ୍ଭ ହୋଇଛି। ବର୍ଷା ଯୋଗୁ ଖେଳ ଦୁଇଥର ବାଧାପ୍ରାପ୍ତ ହୋଇଛି। ରିପୋର୍ଟ ପ୍ରସ୍ତୁତ ବେଳକୁ ଭାରତ ୩ ଉଇକେଟ ହରାଇ ୮୫ ରନ କରିଛି।

ଟସ୍ ଜିତି ଇଂଲଣ୍ଡର କାମଚଳା ଅଧିନାୟକ ଓଲି ପୋପ୍ ଭାରତକୁ ବ୍ୟାଟିଂପାଇଁ ଆମନ୍ତ୍ରଣ କରିଥିଲେ। ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ୪ର୍ଥ ଓଭରରେ ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ୟାଭିଲିୟନ ପଠାଇଥିଲେ ଗସ ଆଟକିନସନ। ପରେ ଲୋକେଶ ରାହୁଲଙ୍କୁ କ୍ରିସ୍ ୱୋକ୍ସ ଆଉଟ କରିବାରୁ ୧୫.୧ ଓଭର ବେଳକୁ ଭାରତ ସ୍କୋର ୩୮/୨ ହୋଇ ଯାଇଥିଲା। ଅଧିନାୟକ ଶୁବମନ ଗିଲ୍ ଓ ସାଇ ସୁଦର୍ଶନ ଇନିଂସ ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ତେବେ ତୃତୀୟ ଉଇକେଟରେ ୪୫ ରନର ଭାଗୀଦାରି ପରେ ଗିଲଙ୍କ ରନ୍‌ଆଉଟ ଭାରତ ପାଇଁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। ୨୮ତମ ଓଭର ବୋଲିଂ କରିଥିବା ଗସ୍ ଆଟକିନସନଙ୍କ ଦ୍ୱିତୀୟ ବଲ୍‌କୁ ଖେଳି ଗିଲ୍ ଏକ ସିଙ୍ଗଲ ନେବାକୁ ଉଦ୍ୟମ କରିଥିଲେ। ମାତ୍ର ନିଜ ଫଲୋ ଥ୍ରୁରେ ଆଟକିନସନ ଫିଲ୍ଡିଂ କରି ଡାଇରେକ୍ଟ ଥ୍ରୋରେ ଷ୍ଟମ୍ପ ଭାଙ୍ଗି ଦେଇଥିଲେ। ଜୟସ୍ୱାଲ ୨, ରାହୁଲ ୧୪ ଓ ଗିଲ୍ ୨୧ ରନ କରିବାକୁ ସକ୍ଷମ ହୋଇଥିଲେ। ୨୩ ଓଭରରେ ସ୍କୋର ୭୨/୨ ଥିବାବେଳେ ବର୍ଷା ଯୋଗୁ ପ୍ରଥମେ ଖେଳ ବନ୍ଦ ହୋଇଥିଲା। ସେହିପରି ୨୯ ଓଭରରେ ୩ ଉଇକେଟ ହରାଇ ଭାରତ ୮୫ ରନ କରିଥିବାବେଳେ ପୁଣି ବର୍ଷା ଯୋଗୁ ଖେଳକୁ ବନ୍ଦ ରଖିବାକୁ ପଡ଼ିଥିଲା। ସେତେବେଳେ ସାଇ ସୁଦର୍ଶନ ୨୮ ଓ କରୁଣ ନାୟାର କୌଣସି ରନ ନ କରି ଅପରାଜିତ ରହିଥିଲେ। ୧୯୭୮/୭୯ରେ ଭାରତ ଗସ୍ତରେ ୱେଷ୍ଟଇଣ୍ଡିଜ ଆସିଥିବାବେଳେ ୩୨୭୦ ରନ ସଂଗ୍ରହ ହୋଇଥିଲା। ଭାରତ ସାମିଲ ଥିବା କୌଣସି ଏକ ସିରିଜରେ ଏହା ସର୍ବାଧିକ ରନ ଥିଲା। ମାତ୍ର ଚଳିତ ଭାରତ-ଇଂଲଣ୍ଡ ସିରିଜରେ ଏହି ରେକର୍ଡ ଭାଙ୍ଗିଛି। ୩୨୭୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ ହୋଇଛି।



ଉଇକେଟ ନେବାପରେ ଗସ୍ ଆଟକିନସନଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ଗୋଟିଏ ସିରିଜରେ ଭାରତର ସର୍ବାଧିକ ସ୍କୋର

୩୨୭୧ରୁ ଊର୍ଦ୍ଧ୍ୱ (ଅସମାପ୍ତ): ଇଂଲଣ୍ଡ ଗସ୍ତରେ ଭାରତ, ୨୦୨୫
୩୨୭୦: ଭାରତ ଗସ୍ତରେ ୱେଷ୍ଟଇଣ୍ଡିଜ, ୧୯୭୮/୭୯
୩୨୩୦: ଭାରତ ଗସ୍ତରେ ଇଂଲଣ୍ଡ, ୨୦୧୬/୧୭
୩୧୪୦: ଭାରତ ଗସ୍ତରେ ଇଂଲଣ୍ଡ,୨୦୨୪
୩୧୧୯: ଭାରତ ଗସ୍ତରେ ଇଂଲଣ୍ଡ, ୧୯୬୩/୬୪

## ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍

ଜବରଦସ୍ତ ଫର୍ମରେ ଥିବା ଶୁବମନ ଗିଲ୍ ଗୁରୁବାର ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟେଷ୍ଟରେ ଭାରତୀୟ ଅଧିନାୟକ ଭାବେ ଏକ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି। ଦି ଓଭାଲଠାରେ ଖେଳାଯାଉଥିବା ପଞ୍ଚମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ସେ ମାତ୍ର ୨୧ ରନ କରିବାକୁ ସକ୍ଷମ ହୋଇଥିଲେ। ଏଥିଯୋଗୁ ଚଳିତ ସିରିଜ୍‌ର ୯ଟି ଇନିଂସରେ ତାଙ୍କ ରନ୍ ସଂଖ୍ୟା ୭୪୩ରେ ପହଞ୍ଚିଛି। ପୂର୍ବରୁ ଏହି ରେକର୍ଡ କିମ୍ବଦନ୍ତୀ ଭାରତୀୟ ବ୍ୟାଟର ସୁନୀଲ ଗାଭାସ୍କରଙ୍କ ନାମରେ ଥିଲା। ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୧୯୭୮/୭୯ ସିରିଜ୍‌ରେ ୭୩୨ ରନ କରିଥିଲେ। ତେବେ ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ କରିବାର ରେକର୍ଡ ଅଷ୍ଟ୍ରେଲିଆର ଡନ ବ୍ରାଡମ୍ୟାନଙ୍କ ନାମରେ ରହିଛି। ସେ ୧୯୩୬/୩୭ରେ ଏକ ଟେଷ୍ଟ ସିରିଜ୍‌ରେ ୮୧୦ ରନ କରିଥିଲେ। ଏହି ତାଲିକାରେ ଇଂଲଣ୍ଡର ଗ୍ରାହାମ ଗୁଚ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ୧୯୯୦ରେ ୭୫୨ ରନ କରିଥିଲେ। ଚଳିତ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଆଉ ଏକ ଇନିଂସ ବାକି ଥିବାରୁ ଗିଲ୍‌ଙ୍କ ନିକଟରେ ଗୁଚଙ୍କୁ ଅତିକ୍ରମ କରିବାର ସୁଯୋଗ ରହିଛି।

# ପ୍ଲିଜାଲିନଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**

ଭିଏତ୍‌ନାମରେ ଅନୁଷ୍ଠିତ ୯ମ ଏସିଆନ ପେନ୍‌ଚାକ୍ ସିଲାଟ ଚାମ୍ପିୟନଶିପରେ ରୌପ୍ୟ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି ପ୍ଲିଜାଲିନ ତରାଇ। ଜୁଲାଇ ୨୪ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଏସୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ୨ ଖେଳାଳି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହି ଖେଳାଳିଦ୍ୱୟ ହେଲେ ପ୍ଲିଜାଲିନ ଓ ରଞ୍ଜିତ ନାୟକ। ପ୍ଲିଜାଲିନ ରୌପ୍ୟ ପଦକ ଆଣିଥିବା ବେଳେ ରଞ୍ଜିତ ନାୟକ ଉଚ୍ଚକୋଟୀର ପ୍ରଦର୍ଶନ ସତ୍ତ୍ୱେ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ପଦକ ହାସଲ ପାଇଁ ପ୍ଲିଜାଲିନଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗ ସମେତ ଖୋର୍ଦ୍ଧା ପେନ୍‌ଚାକ ସିଲାଟ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



ପଦକ ସହ ପ୍ଲିଜାଲିନ ତରାଇ।

# ଜାତୀୟ ଜୁନିୟର ମହିଳା ହକି ଆଜିଠାରୁ

**କାକିନାଡ଼ା, ୩୧।୭ (ପି.ଟି.)**

ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍ କାକିନାଡ଼ାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିରେ ୩୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଅଗଷ୍ଟ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ନାମେଣ୍ଟ ନୂତନ ଭାବେ ପ୍ରଚଳିତ ଡିଭିଜନଭିତ୍ତିକ ଫର୍ମାଟରେ ଖେଳାଯିବ। ଦଳଗୁଡ଼ିକୁ ୩ଟି ସେଗ୍‌ମେଣ୍ଟରେ ବିଭକ୍ତ କରାଯାଇଛି। 'ଏ' ଓ 'ବି' ଡିଭିଜନରେ ଶେଷ ଦୁଇ ସ୍ଥାନ ଅଧିକାର କରିଥିବା ଦଳ ତଳକୁ ଖସି ଟୁର୍ନାମେଣ୍ଟର ଆସନ୍ତା ସଂସ୍କରଣରେ ଯଥାକ୍ରମେ 'ବି' ଓ 'ସି' ଗ୍ରୁପ୍‌ରେ ଖେଳିବେ। ଅନ୍ୟପକ୍ଷରେ 'ବି' ଓ 'ସି' ଡିଭିଜନର ଶ୍ରେଷ୍ଠ ଦୁଇ ଦଳ ଯଥାକ୍ରମେ 'ଏ' ଓ 'ବି' କ୍ଲଷ୍ଟରକୁ ପଦୋନ୍ନତି ପାଇବେ। ଡିଭିଜନ 'ଏ'ରେ ଦେଶର ଶ୍ରେଷ୍ଠ ୧୨ଟି ଦଳ ସ୍ଥାନ ପାଇଛନ୍ତି। ଏଥିରେ ଗତଥରର ପୁଲ 'ଏ' ଚାମ୍ପିୟନ ହକି ଝାଡ଼ଖଣ୍ଡ ସ୍ଥାନ ପାଇଥିବା ବେଳେ ପୁଲ୍ 'ବି'ରେ ଗତବର୍ଷର ରନରଅପ୍ ହକି ମଧ୍ୟପ୍ରଦେଶ ପୁଲ୍ 'ବି' ଏବଂ ଦ୍ୱିତୀୟ ରନର-ଅପ୍ ହକି ହରିୟାଣା ପୁଲ'ସି'ରେ ସ୍ଥାନ ପାଇଛି। ଅନ୍ୟପକ୍ଷରେ ଡିଭିଜନ 'ବି' ଓ ଡିଭିଜନ 'ସି' ଜାତୀୟ ର୍‌ୟାଙ୍କିଙ୍ଗର ଶ୍ରେଷ୍ଠ ୧୨ ମଧ୍ୟରେ ନ ଥିବା ଦଳଗୁଡ଼ିକ ରହିଛନ୍ତି। ସେମାନେ ର୍‌ୟାଙ୍କିଙ୍ଗରେ ଉନ୍ନତି ଆଣିବା ଲାଗି ଚେଷ୍ଟା କରିବେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ଜାତୀୟ ସିନିୟର ଓ ଜାତୀୟ ସବ୍ ଜୁନିୟର ପରେ ନୂଆ ଫର୍ମାଟ ବର୍ତ୍ତମାନ ଜାତୀୟ ଜୁନିୟର ଟୁର୍ନାମେଣ୍ଟରେ ପ୍ରଚଳିତ ହେବାକୁ ଯାଉଛି। ଏଥରୁ ସୁଫଳ ମିଳିବ ବୋଲି ଆଶା କରାଯାଉଛି।

**ଡିଭିଜନ 'ଏ'**
ପୁଲ୍ 'ଏ': ହକି ଝାଡ଼ଖଣ୍ଡ, ଛତିଶଗଡ଼ ହକି, ହକି କର୍ନାଟକ।
ପୁଲ୍'ବି': ହକି ମଧ୍ୟପ୍ରଦେଶ, ହକି ପଞ୍ଜାବ, ହକି ଛତିଶଗଡ଼।
ପୁଲ୍ 'ସି': ହକି ହରିୟାଣା, ଉତ୍ତର ପ୍ରଦେଶ ହକି, ହକି ବେଙ୍ଗଲ।
ପୁଲ୍ 'ଡି': ହକି ଆସୋସିଏଶନ ଓଡ଼ିଶା, ହକି ମହାରାଷ୍ଟ୍ର, ହକି ଆନ୍ଧ୍ରପ୍ରଦେଶ।

**ଡିଭିଜନ 'ବି'**
ପୁଲ୍ 'ଏ': ମଣିପୁର ହକି, ପୁଡୁଚେରୀ ହକି, ହକି ଉତ୍ତରାଖଣ୍ଡ, କେରଳ ହକି, ଆସାମ ହକି।
ପୁଲ୍ 'ବି': ହକି ହିମାଚଳ, ଦିଲ୍ଲୀ, ହକି ୟୁନିଟ୍ ଅଫ୍ ତାମିଲନାଡୁ, ହକି ଅରୁଣାଚଳ, ହକି ଆସୋସିଶନ ଅଫ୍ ବିହାର।

**ଡିଭିଜନ 'ସି'**
ପୁଲ୍ 'ଏ': ଦାଦ୍ରା ଓ ନଗର ହାବେଳୀ ଏବଂ ଡାମନ ଡିଉ ହକି, ଜମ୍ମୁ କଶ୍ମୀର, ଗୋଆ ହକି, ତ୍ରିପୁରା।
ପୁଲ୍'ବି' : ହକି ଗୁଜରାଟ, ରାଜସ୍ଥାନ, ହକି ମିଜୋରାମ, ତେଲେଙ୍ଗାନା ହକି।

## ବୋଡୋଲାଣ୍ଡ ଏଫ୍‌ସିର ପ୍ରଥମ ବିଜୟ

**କୋକ୍ରାଝର, ୩୧।୭ (ପି.ଟି.):** ସ୍ଥାନୀୟ ଫୁଟ୍‌ବଲ ଦଳ ବୋଡୋଲାଣ୍ଡ ଏଫ୍‌ସି ଚଳିତ ୧୩୪ତମ ଡୁରାଣ୍ଡ କପ୍ ଟୁର୍ନାମେଣ୍ଟରେ ଏହାର ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ଗ୍ରୁପ୍ 'ଡି'ର ଏକ ମ୍ୟାଚରେ ସେମାନେ ନବାଗତ କର୍‌ବି ଆଙ୍ଗଲଙ୍ଗ ମର୍ନିଂଷ୍ଟାରକୁ ୨-୧ ଗୋଲରେ ପରାସ୍ତ କରିଛି। କର୍‌ବି ଆଙ୍ଗ୍‌ଲଙ୍ଗ୍ ମ୍ୟାଚର ପ୍ରଥମ ଗୋଲ୍ ନାଇଜେରିଆନ ଫରୱାର୍ଡ ଯୋଶେଫ୍ ମାୟୋୱା ଓଲାଲେ (୨୫ତମ ମିନିଟ)ଙ୍କ ଜରିଆରେ ସ୍କୋର କରିଥିଲେ। କିନ୍ତୁ ୩୯ତମ ମିନିଟରେ ଗଙ୍ଗମସାର୍ ଗୋଆରିଙ୍କ ଗୋଲ୍‌ରେ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ନେଇ ଆସିଥିଲା ବୋଡୋଲାଣ୍ଡ। ସାଇ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ କଲମ୍ବିଆନ ଷ୍ଟ୍ରାଇକର ରବିନ୍‌ସନ (୬୦ତମ)ଙ୍କ ଗୋଲରେ ଦଳ ୨-୧ରେ ମ୍ୟାଚ ଜିତିବା ସହ ୩ ପଏଣ୍ଟ ଅର୍ଜନ କରିପାରିଛି।





ଚାଇନାରେ ଅନୁଷ୍ଠିତ ୧୨ଶ ଏସିଆନ୍ ଜୁନିୟର ଉଷୁ ଚାମ୍ପିୟନଶିପରେ ଓଡ଼ିଶାର ଶ୍ୱେତାରାଣୀ ମହନ୍ତ (ବାମ) ୪୮ କେଜି ସାଣ୍ଡା ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ସିଟ୍‌ସିପାସଙ୍କ କୋଚିଂ ଟିମ୍‌ରେ ବାପା ଆପୋଷ୍ଟୋଲସ

**ଏଥେନ୍ସ,୩୧।୭**

ପୂର୍ବତନ ୱାର୍ଲ୍ଡ ନଂ-୩ ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି ଷ୍ଟେଫାନସ ସିଟ୍‌ସିପାସ ତାଙ୍କ କୋଚିଂ ଟିମରେ ବାପା ଆପୋଷ୍ଟୋଲସଙ୍କୁ ସାମିଲ କରିଛନ୍ତି। ଏ ନେଇ ସିଟ୍‌ସିପାସ ଗୁରୁବାର ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଏହି ଗ୍ରୀସ ଖେଳାଳି କୋଚ୍ ଗୋରାନ ଇଭାନିସେଭିକ୍‌ଙ୍କ ସହ ସମ୍ପର୍କ ଛିନ୍ନ କରିଥିଲେ। ଇଭାନିସେଭିକ୍ ପୂର୍ବରୁ ସର୍ବିଆର କିମ୍ବଦନ୍ତୀ ନୋଭାକ ଜୋକୋଭିଚ୍‌ଙ୍କ ସହ କାର୍ଯ୍ୟ କରିଥିଲେ। ଇଭାନିସେଭିକ୍ କୋଚ୍ ଥିବା ବେଳେ ଜୋକୋଭିଚ୍ ୯ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ।

୨୦୨୧ ଫ୍ରେଞ୍ଚ ଓପନ ଓ ୨୦୨୩ ଅଷ୍ଟ୍ରେଲିଆନ ଓପନ ରନରଅପ୍ ସିଟ୍‌ସିପାସ ଚଳିତ ସିଜନରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୩ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲେ। ଏଥିଯୋଗୁ ୱାର୍ଲ୍ଡ ର୍‌ୟାଙ୍କିଙ୍ଗରେ ତାଙ୍କ ମାନ୍ୟତା ୩୦ତମ ସ୍ଥାନକୁ ଖସି ଆସିଛି। ୱିମ୍ବଲଡନର ପ୍ରଥମ ରାଉଣ୍ଡରେ ସିଟ୍‌ସିପାସଙ୍କ ପରାଜୟ ପରେ କୋଚ୍ ଇଭାନିସେଭିକ୍ କହିଥିଲେ ଯେ, ବିନା ପ୍ରସ୍ତୁତିରେ କୌଣସି ଖେଳାଳି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଭାଗ ନେଇଥିବା ମୁଁ କଦାପି ଦେଖି ନାହିଁ। ସିଟ୍‌ସିପାସ ଚଳିତ ବର୍ଷ ଫେବୃଆରୀରେ ଦୁବାଇରେ ଟାଇଟଲ ହାତେଇଥିଲେ, ଯାହାକି ଚଳିତବର୍ଷ ତାଙ୍କର ଏକମାତ୍ର ଫାଇନାଲ ଥିଲା।

# କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**

**ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର**

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ରାକେଶ ରୋଶନ ପ୍ରଧାନ ଓ କୁନାଲ ଅଗ୍ରୱାଲଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଚିରାଗ ଆରୋରାଙ୍କୁ ଭେଟିବେ ସୁବ୍ରତ ଦାସ। ତୃତୀୟ କ୍ୱାର୍ଟର ଫାଇନାଲ ଆକାଶ ମହାପାତ୍ର ଓ ଆଶୁତୋଷ ପାଢ଼ୀ ଏବଂ ଚତୁର୍ଥ କ୍ୱାର୍ଟର ସିଦ୍ଧାର୍ଥ ସେନ୍ ଓ ଅବିନାଶ ମହାପାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହେବ।

ଗୁରୁବାର ଅବଶିଷ୍ଟ ୩ଟି ଲିଗ୍ ମ୍ୟାଚ ପରେ ପ୍ରି-କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଥିଲା। ଏହି ୩ଟି ଯାକ ମ୍ୟାଚରେ ଆଶୁତୋଷ ପାଢ଼ୀ ଯଥାକ୍ରମେ ୩-୦ରେ ଅସିତ ଚୌଧୁରୀ, ୩-୧ରେ ସତ୍ୟଦୀପ ଦାସ ଓ ୩-୦ରେ ବରୁନ ପୂର୍ବାଙ୍କୁ ପରାସ୍ତ କରିଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ଅଲତାଫ ଅଲୀଙ୍କୁ ୪-୦ରେ ସିଦ୍ଧାର୍ଥ ସେନ୍, ବରୁନ ପୂର୍ବାଙ୍କୁ ୪-୦ରେ ରାକେଶ ରୋଶନ ପ୍ରଧାନ, ନିଶାନ୍ତ ବିଶ୍ୱାଳଙ୍କୁ ୪-୩ରେ କୁନାଲ ଅଗ୍ରୱାଲ, ଚେତନ ଆନନ୍ଦଙ୍କୁ ୪-୦ରେ ଅବିନାଶ ମହାପାତ୍ର, ଶାରଦା ବେହେରାଙ୍କୁ ୪-୦ରେ ଆକାଶ ମହାପାତ୍ର, ଜ୍ଞାନ ଦାସଙ୍କୁ ୪-୨ରେ ସୁବ୍ରତ ଦାସ ଓ ରଞ୍ଜିତ ପତିଙ୍କୁ ୪-୦ (ଅନ୍ତିମ ଫ୍ରେମ୍‌ରେ ୬୫ ବ୍ରେକ୍)ରେ ଆଶୁତୋଷ ପାଢ଼ୀ ଓ ସୁଦୀପ୍ତ ଦାଶଙ୍କୁ ୪-୨ରେ ଚିରାଗ ଆରୋରା ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ନିଶାନ୍ତ ବିଶ୍ୱାଳ ଓ କୁନାଲ ଅଗ୍ରୱାଲଙ୍କ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ସେହିପରି ସୁବ୍ରତ ଦାସଙ୍କୁ ଟକ୍କର ଦେଇଥିଲେ ଜ୍ଞାନ ଦାସ।





ଶଟ୍ ଖେଳିବା ଅବସରରେ ଆଶୁତୋଷ ପାଢ଼ୀ।

## ଅଗଷ୍ଟ ୨୯ରୁ ପ୍ରୋ-କବାଡ଼ି ଲିଗ୍

**ମୁମ୍ବାଇ, ୩୧।୭ (ପି.ଟି.)**

ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଅଗଷ୍ଟ ୨୯ରୁ ଖେଳାଯିବ। ଏହା ୪ଟି ସହର ବିଶାଖାପାଟଣା, ଜୟପୁର, ଚେନ୍ନାଇ ଓ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ବିଶାଖାପାଟଣାସ୍ଥିତ ରାଜୀବଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ନୂଆ ଜିନର ଉଦ୍‌ଘାଟନୀ ଖେଳାଯିବ। ପ୍ରଥମ ଦିବସର ଗୋଟିଏ ମ୍ୟାଚ ତେଲୁଗୁ ଟାଇଟନ୍ସ ବନାମ ତାମିଲ ଥଲାଇଭାସ ମଧ୍ୟରେ ଅନ୍ୟଟି ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପଲ୍‌ଟନ ମଧ୍ୟରେ ଖେଳାଯିବ। ଆୟୋଜକଙ୍କ ତରଫରୁ ଏ ବିଷୟରେ ସୂଚନା ଦିଆଯାଇଛି। ଉପକୂଳ ସହର ବିଶାଖାପାଟଣାକୁ ୭ ବର୍ଷ ପରେ ପିକେଏଲ୍ ଫେରିଛି। ଆନ୍ଧ୍ର ପ୍ରଦେଶରେ ଏହା ପୂର୍ବରୁ ୬ ବର୍ଷ ତଳେ ପିକେଏଲ୍ ମ୍ୟାଚ ଖେଳାଯାଇଥିଲା। ପିକେଏଲ୍‌ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୧୨ରୁ ସାୱାଇ ମାନ୍‌ସିଂ ଷ୍ଟାଡିୟମସ୍ଥିତ ଜୟପୁର ଇନ୍‌ଡୋର ହଲ୍‌ରେ ଖେଳାଯିବ।

## ସିଙ୍ଗଲ୍ସ ଟେନିସ୍‌ରୁ ବୌଚାର୍ଡଙ୍କ ଅବସର

**ମଣ୍ଟ୍ରିଲ,୩୧।୭**

କାନାଡାର ପ୍ରଫେଶନାଲ ମହିଳା ଟେନିସ ଖେଳାଳି ୟୁଜିନ ବୌଚାର୍ଡ ଗୁରୁବାର ଘରୋଇ ଦର୍ଶକଙ୍କ ସମ୍ମୁଖରେ ସିଙ୍ଗଲ୍ସ କ୍ୟାରିୟରରୁ ଅବସର ଘୋଷଣା କରିଛନ୍ତି। ପୂର୍ବତନ ୱିମ୍ବଲଡନ ରନରଅପ୍ ବୌଚାର୍ଡ ତାଙ୍କ କ୍ୟାରିୟରର ଅନ୍ତିମ ସିଙ୍ଗଲ୍ସ ମ୍ୟାଚ୍‌ରେ ୨-୬, ୬-୩, ୪-୬ ସେଟ୍‌ରେ ସୁଇଜରଲାଣ୍ଡର ବେଲିନ୍ଦା ବେନକିକ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ୩୧ ବର୍ଷୀୟା ବୌଚାର୍ଡ ଏକଦା ୱାର୍ଲ୍ଡ ନଂ-୫ ର୍‌ୟାଙ୍କ ହାସଲ କରିଥିଲେ। ଟପ୍-୫ ର୍‌ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇବାରେ ଓ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲ ମ୍ୟାଚ୍ ଖେଳିବାରେ ସେ ତାଙ୍କ ଦେଶର ପ୍ରଥମ ମହିଳା ଥିଲେ। ଚଳିତ ନ୍ୟାଶନାଲ ବ୍ୟାଙ୍କ ଓପନ ତାଙ୍କ ସିଙ୍ଗଲ୍ସ କ୍ୟାରିୟରର ଅନ୍ତିମ ଟୁର୍ନାମେଣ୍ଟ ହେବ ବୋଲି ପୂର୍ବରୁ ଘୋଷଣା କରିଥିଲେ। ବେନକିକ୍‌ଙ୍କଠାରୁ ପରାସ୍ତ ହେବା ପରେ ଲୁହ ଭରା ଆଖିରେ ବୌଚାର୍ଡ କହିଥିଲେ, କ୍ୟାରିୟର ଯେଉଁଠାରେ ଆରମ୍ଭ କରିଥିଲି, ସେଠାରେ ଅନ୍ତିମ ମ୍ୟାଚ୍ ଖେଳିବା ଖୁବ ସ୍ୱତନ୍ତ୍ର ଅନୁଭୂତି। ମୋର ମନେ ଅଛି, ମୁଁ ଛୋଟ ଥିଲା ବେଳେ ଏହି ଷ୍ଟାଣ୍ଡରେ ବସି ଦିନେ ଏଠାରେ ଖେଳିବି ବୋଲି ସ୍ୱପ୍ନ ଦେଖିଥିଲି। ବର୍ତ୍ତମାନ ଏହା ପୂର୍ଣ୍ଣାଙ୍ଗ ଚକ୍ର ଭଳି ଅନୁଭବ ହେଉଛି।









4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ